# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୯/୨୦୨୫ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, March 9/2025 | Page 16 | ₹ 7.00 | DHENKANAL

୫୧ଶ ଭାଗ ୧୦୫ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 51 ISSUE 105 | ମୂଲ୍ୟ ₹୭/-




**ଆହାନଙ୍କୁ ଆଇଟିଏଫ୍ ଟାଇଟଲ**

ଓଡ଼ିଶାର ଉଦୀୟମାନ ମହିଳା ଟେନିସ ଷ୍ଟାର ଆହାନ ତାଙ୍କର ପ୍ରଥମ ଆଇଟିଏଫ୍ ଜୁନିୟର ଟାଇଟଲ ହାସଲ କରିଛନ୍ତି।

୧୪

୦୭

**ଆୟୁଶ୍ରୀ ମଲିକ 'ମିସ୍ ସୁପରନ୍ୟାଶନାଲ'**

'ଲିଭା ମିସ୍ ଡିଭା'ର ଗ୍ରାଣ୍ଡ ଫିନାଲେରେ ମଡେଲ ଆୟୁଶ୍ରୀ ମଲିକ 'ଲିଭା ମିସ୍ ଡିଭା ସୁପର ନ୍ୟାଶନାଲ ୨୦୨୪' ଭାବେ କ୍ରାଉନ୍ ହାତେଇଛନ୍ତି।





ବ୍ରହ୍ମପୁର ବିବେକ ବିହାର ପଡ଼ିଆରେ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହିତାଧିକାରୀଙ୍କୁ ସୁଭଦ୍ରା ଦ୍ୱିତୀୟ କିସ୍ତି ଟଙ୍କା ପ୍ରଦାନ କରୁଛନ୍ତି। ନିକଟରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ କନକବର୍ଦ୍ଧନ ସିଂଦେଓ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ଏମ୍‌ପି ପ୍ରଦୀପ ପାଣିଗ୍ରାହୀ ।

# ଇସ୍ରାଏଲୀଙ୍କ ସମେତ ୨ ମହିଳାଙ୍କୁ ଗଣବଳାତ୍କାର

ଅନ୍ତର୍ଜାତୀୟ ମହିଳା ଦିବସରେ ସଭ୍ୟ ସମାଜର ମୁହଁ ତଳକୁ କରିଦେବା ଭଳି ଏକ ଖବର କର୍ଣ୍ଣାଟକର ହାମ୍ପିରୁ ଆସିଛି । ଇସ୍ରାଏଲ୍‌ର ଜଣେ ୨୭ ବର୍ଷୀୟା ପର୍ଯ୍ୟଟକ ଓ ତାଙ୍କ ହୋମ୍‌ଷ୍ଟେ ଓନର(୨୯)ଙ୍କୁ ଦୁର୍ବୃତ୍ତମାନେ ଗଣବଳାତ୍କାର କରିଛନ୍ତି। ଏହାକୁ ବିରୋଧ କରିବାରୁ ସେମାନଙ୍କ ସହଯାତ୍ରୀ ଜଣେ ଓଡ଼ିଆ ଯୁବକଙ୍କୁ କେନାଲକୁ ଠେଲି ହତ୍ୟା କରିଛନ୍ତି। ଅଭିଯୋଗ ଅନୁଯାୟୀ, ଇସ୍ରାଏଲୀ ପର୍ଯ୍ୟଟକ ଓ ତାଙ୍କ ଘର ମାଲିକାଣିଙ୍କ ସହ ୩ ସହଯାତ୍ରୀ ଗୁରୁବାର ରାତିରେ ବେଙ୍ଗାଲୁରୁରୁ ୩୫୦ କି.ମି. ଦୂର ହାମ୍ପିସ୍ଥିତ କୋପ୍ପାଲ କେନାଲକୁ ବୁଲିଯାଇଥିଲେ। ପ୍ରାକୃତିକ ଦୃଶ୍ୟ ଉପଭୋଗ କରୁଥିବାବେଳେ ୩ ଅଚିହ୍ନା ବ୍ୟକ୍ତି ବାଇକ୍‌ରେ ଆସି ସେମାନଙ୍କୁ ପେଟ୍ରୋଲ କେଉଁଠି ମିଳିବ ବୋଲି ପଚାରିଥିଲେ। ଏପରି କି ସେମାନଙ୍କୁ ୧୦୦ ଟଙ୍କା ମାଗିଥିଲେ। ଟଙ୍କା ଦେବାକୁ ମନା କରିବାରୁ ସହଯାତ୍ରୀ ଆମେରିକା ନାଗରିକ ଡାନିଏଲ୍, ମହାରାଷ୍ଟ୍ରର ପଙ୍କଜ ଏବଂ କନ୍ଧମାଳ ଜିଲା ଦାରିଙ୍ଗବାଡ଼ିର ବିଭାସ ନାଏକଙ୍କୁ କେନାଲକୁ ଠେଲିଦେଇଥିଲେ। ପରେ ସେମାନେ ୨ ମହିଳାଙ୍କୁ ଗଣବଳାତ୍କାର କରିଥିଲେ। ଏତିକିରେ ସରି ନ ଥିଲା ସେମାନଙ୍କ ବର୍ବରତା। ଉଭୟଙ୍କୁ ମାଡ଼ ମାରିବା ସହ ୯,୫୦୦ ଟଙ୍କା ଓ ମୋବାଇଲ ମଧ୍ୟ ଲୁଟି ନେଇଥିଲେ। ଡାନିଏଲ ଓ ପଙ୍କଜ ପହଁରି ନିଜ ଜୀବନ ବଞ୍ଚାଇବାରେ ସକ୍ଷମ ହୋଇଥିବାବେଳେ ବିଭାସ ପାଣିରେ ଭାସିଯାଇଥିଲେ। ସନ୍ଧାନୀ କୁକୁର ସହାୟତାରେ ଅଗ୍ନିଶମ ବାହିନୀ ବିବଶଙ୍କ ଗଳିତ ମୃତଦେହକୁ ଶନିବାର ସକାଳେ ଠାବ କରିଛି।

## ବିରୋଧ କରିବାରୁ ଓଡ଼ିଆ ଯୁବକଙ୍କୁ ହତ୍ୟା

କୋପ୍ପାଲ (କର୍ଣ୍ଣାଟକ),୮।୩

କର୍ଣ୍ଣାଟକର ହାମ୍ପି ନିକଟରେ ଜଣେ ୨୭ ବର୍ଷୀୟା ଇସ୍ରାଏଲୀ ମହିଳା ପର୍ଯ୍ୟଟକଙ୍କ ସମେତ ୨ ମହିଳାଙ୍କୁ ଦୁର୍ବୃତ୍ତମାନେ ଗଣବଳାତ୍କାର କରିବା ସହ ସେମାନଙ୍କ ସାଙ୍ଗରେ ଥିବା ୩ ପୁରୁଷ ପର୍ଯ୍ୟଟକଙ୍କୁ ମାଡ଼ମାରି ନିକଟସ୍ଥ କେନାଲକୁ ଫିଙ୍ଗିଦେଇଥିଲେ। ସେମାନଙ୍କ ମଧ୍ୟରୁ ଆମେରିକା ପର୍ଯ୍ୟଟକ ଡାନଆଲ୍ ଏବଂ ମହାରାଷ୍ଟ୍ରର ପଙ୍କଜ ପହଁରି ପଳାଇଆସିଥିବାବେଳେ ବିଭାଷ ନାଏକ ନାମକ ଓଡ଼ିଆ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଛି। ପୋଲିସ ୩ ଅଭିଯୁକ୍ତଙ୍କ ମଧ୍ୟରୁ ୨ ଜଣଙ୍କୁ ଗିରଫ କରିଥିବାବେଳେ ଅନ୍ୟ ଜଣଙ୍କୁ ଖୁବ୍‌ଶୀଘ୍ର ଧରିବା ପାଇଁ ତନାଘନା ଚଳାଇଛି। ଗିରଫ ଅଭିଯୁକ୍ତ ୨୧ ବର୍ଷୀୟ ମଲେଶ ଏବଂ ଚେତନ ସାଇ। ସେମାନଙ୍କ ☞ପୃଷ୍ଠା-୪

# ସ୍ଲୋଗାନରେ ସୀମିତ ଥିଲା ମହିଳା ସଶକ୍ତୀକରଣ: ମୁଖ୍ୟମନ୍ତ୍ରୀ

## କୋଟିଏରୁ ଊର୍ଦ୍ଧ୍ୱ ମହିଳା ପାଇଲେ ସୁଭଦ୍ରା ଦ୍ୱିତୀୟ କିସ୍ତି

ବ୍ରହ୍ମପୁର,୮।୩
(ସ୍ମୃତି ରଞ୍ଜନ ମହାଲିକ)

ପୂର୍ବ ବିଜେଡି ସରକାର ୨୪ ବର୍ଷ ଭିତରେ ମହିଳା ସଶକ୍ତୀକରଣକୁ କେବଳ ସ୍ଲୋଗାନରେ ସୀମିତ ରଖିଥିଲେ। ମହିଳାଙ୍କୁ ଉପେକ୍ଷା କରୁଥିଲେ। କିନ୍ତୁ ବର୍ତ୍ତମାନର ସରକାର ମହିଳା ସଶକ୍ତୀକରଣ କ୍ଷେତ୍ରରେ ପଦକ୍ଷେପ ନେଇଛି। ଡବଲ ଇଞ୍ଜିନ ସରକାର ୩ ମାସରେ ସୁଭଦ୍ରା ଯୋଜନା କାର୍ଯ୍ୟ ଆରମ୍ଭ କରିବା ସହ ୯ ମାସ ମଧ୍ୟରେ ସୁଭଦ୍ରା ଟଙ୍କା ମହିଳାଙ୍କୁ ପ୍ରଦାନ କରିଛି। ଏହା ହେଉଛି ଡବଲ ଇଞ୍ଜିନ ସରକାରର କମାଲ୍ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ବ୍ରହ୍ମପୁର ବିବେକ ବିହାର ପଡିଆଠାରେ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଆୟୋଜିତ ସୁଭଦ୍ରା ୨ୟ କିସ୍ତି ଟଙ୍କା ପ୍ରଦାନର ଶୁଭାରମ୍ଭ ଅବସରରେ ଉଦ୍‌ବୋଧନ ଦେଇ କହିଛନ୍ତି। ଏହି ଅବସରରେ ରାଜ୍ୟର ୧ କୋଟିରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ପ୍ରାୟ ୫ ହଜାର କୋଟି ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏଥିରେ ଗଞ୍ଜାମର ୯ ଲକ୍ଷ ହିତାଧିକାରୀ ରହିଛନ୍ତି। ଗଞ୍ଜାମରୁ ରୁନୁ ବାରିକ, ଦିଗପହଣ୍ଡି ଅଞ୍ଚଳର ବି.ଈଶ୍ୱରୀ ରେଡ୍ଡୀ ଓ ଛତ୍ରପୁର ଅଞ୍ଚଳର ରଜନୀ ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କଠାରୁ ଚେକ୍ ଗ୍ରହଣ କରିଛନ୍ତି।

ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ ପୂର୍ବର ବିଜେଡି ସରକାରକୁ ଟାର୍ଗେଟ କରି କହିଛନ୍ତି, ବର୍ତ୍ତମାନ ରାଜ୍ୟରେ ମହିଳା ସଶକ୍ତୀକରଣ କ୍ଷେତ୍ରରେ ଓଡ଼ିଶା ଭାରତର ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

ସମସ୍ୟା ସୃଷ୍ଟି କରାଯାଉଛି

**ଆଜିର ମନ୍ତବ୍ୟ**

❝ ଶ୍ରମଶକ୍ତିରେ ମହିଳାଙ୍କ ଭାଗୀଦାରି ବଢ଼ିଲେ ଯାଇ ଭାରତ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି ହେବା ଦିଗରେ ଅଗ୍ରସର ହେବ। –ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି

**କୋରାପୁଟରେ ଏସ୍.ଏସ୍. ରାଜାମୌଳୀ**



ପୃଷ୍ଠା-୫







# 'ଛାବା' ଦେଖି ରାତିରେ ସୁନା ଖୋଳିବାକୁ ଗଲେ



ଭୋପାଳ, ୮।୩

ମଧ୍ୟପ୍ରଦେଶର ବୁରାହନ୍‌ପୁର ଜିଲା ଅସିରଗଡ଼ ଦୁର୍ଗ ନିକଟସ୍ଥ କ୍ଷେତଗୁଡ଼ିକରେ ଶୁକ୍ରବାର ରାତିସାରା ଅନ୍ଧକାର ମଧ୍ୟରେ ସ୍ଥାନୀୟ ଲୋକେ ସୁନା ମୁଦ୍ରା ତଲାସିବା ଆରମ୍ଭ କରିଥିଲେ। ବିଭିନ୍ନ ରିପୋର୍ଟ ଅନୁଯାୟୀ, ଶୁକ୍ରବାର ଅଭିନେତା ଭିକି କୌଶଲଙ୍କ 'ଛାବା' ଫିଲ୍ମ ଦେଖିବା ପରେ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ଅସିରଗଡ଼ ☞ପୃଷ୍ଠା-୪



# ଭାରତ-ନ୍ୟୁଜିଲାଣ୍ଡ ଫାଇନାଲ ଆଜି



**ଚାମ୍ପିୟନ୍ସ ଟ୍ରଫି**

ଦୁବାଇ, ୮।୩(ପି.ଟି.)

ଆଇସିସି ଚାମ୍ପିୟନ୍ସ ଟ୍ରଫିର ଫାଇନାଲ ମୁକାବିଲା ରବିବାର ହେବ। ଏଥିରେ ଭାରତ ଓ ନ୍ୟୁଜିଲାଣ୍ଡ ପରସ୍ପରକୁ ଭେଟିବେ। ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ହେବ ବୋଲି ଆଶା କରାଯାଉଛି। ଟୁର୍ଣ୍ଣାମେଣ୍ଟରେ ଭାରତ ଏପର୍ଯ୍ୟନ୍ତ ଅପରାଜିତ ରହିଥିବା ବେଳେ ନ୍ୟୁଜିଲାଣ୍ଡ କେବଳ ଭାରତଠାରୁ ପରାଜିତ ହୋଇଛି। ☞ପୃଷ୍ଠା-୪




## ସଂକ୍ଷେପରେ

### ଚାଟ୍ ହଟାଇବାରୁ ହ୍ୱାଟ୍ସଆପ୍ ଗ୍ରୁପ୍ ଆଡ୍‌ମିନ୍‌ଙ୍କୁ ହତ୍ୟା

ପେଶାୱର,୮।୩

ଏକ ହ୍ୱାଟ୍ସଆପ୍ ଗ୍ରୁପ୍‌ରୁ ଚାଟ୍ ହଟାଯିବାରୁ ଏଥିରେ କ୍ଷୁବ୍ଧ ଜଣେ ଯୁବକ ଗ୍ରୁପ୍‌ର ଆଡମିନ୍‌ଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ପାକିସ୍ତାନର ଖାଇବର ପାଖତୁନ୍‌ଖ୍ୱା ପ୍ରଦେଶର ପେଶାୱାର ନିକଟ ରେଗିଠାରେ ଗୁରୁବାର ସନ୍ଧ୍ୟାରେ ଏହି ହତ୍ୟାକାଣ୍ଡ ଘଟିଛି। ଗ୍ରୁପ୍ ଆଡ୍‌ମିନ ମୁସ୍ତାକ ଅହମଦଙ୍କୁ ଗୁଳି ଚଳାଇଥିବା ଆଶଫାକ୍ ଖାନ୍‌ଙ୍କୁ ଚିହ୍ନଟ କରାଯାଇଥିବା ପୋଲିସ କହିଛି। ପୋଲିସ ସୂଚନା ଅନୁଯାୟୀ, ଉଭୟଙ୍କ ମଧ୍ୟରେ କୌଣସି କାରଣରୁ ବଚସା ପରେ ମୁସ୍ତାକ ହ୍ୱାଟ୍ସଆପ୍ ଗ୍ରୁପ୍‌ରୁ ଆଶଫାକ୍‌ଙ୍କୁ ହଟାଇ ଦେଇଥିଲେ। ଉଭୟ ଏକାଠି ଆଲୋଚନା କରି ଘଟଣାର ସମାଧାନ କରିବାକୁ ରାଜି ହୋଇଥିଲେ। ତେବେ ଆଶଫାକ୍ ସାଙ୍ଗରେ ବନ୍ଧୁକ ଆଣି ବୈଠକ ବେଳେ ମୁସ୍ତାକ୍‌ଙ୍କ ଉପରକୁ ଗୁଳି ଚଳାଇବାରୁ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା।

# ପୋଲିସ ଗୁଳିରେ ବିକ୍ଷୋଭକାରୀ ମୃତ

### ମଣିପୁରରେ ପୁଣି ହିଂସା
### ସଂଘର୍ଷରେ ୨୫ ଆହତ

ଇମ୍ଫାଲ,୮।୩

ମଣିପୁରର କାଙ୍ଗ୍‌ପୋକ୍‌ପି ଜିଲାରେ ଶନିବାର ବିଭିନ୍ନ ସ୍ଥାନରେ କୁକି ବିକ୍ଷୋଭକାରୀ ଏବଂ ସୁରକ୍ଷା କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟିଛି। ପୋଲିସ ଗୁଳିରେ ଜଣେ ବିକ୍ଷୋଭକାରୀ ନିହତ ହୋଇଥିବାବେଳେ ୨୫ ଜଣ ଆହତ ହୋଇଛନ୍ତି। କୈଥେଲମାନ୍ବିଠାରେ ସଂଘର୍ଷ ବେଳେ ୩୦ ବର୍ଷୀୟ ଲାଲ୍‌ଗୌଥାଙ୍ଗ ସିଙ୍ଗସିଟ୍‌ଙ୍କଠାରେ ଗୁଳି ବାଜିଥିଲା। ହସ୍ପିଟାଲରେ ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ କହିଛି। ଆହତମାନଙ୍କୁ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା କରାଯାଉଛି।

ଶନିବାରଠାରୁ ମଣିପୁରରେ ଅବାଧ ଗମନାଗମନକୁ ଅନୁମତି ଦେବା ନିମନ୍ତେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ନିର୍ଦ୍ଦେଶକୁ


ବିକ୍ଷୋଭକାରୀମାନେ ଏକ ଗାଡ଼ିରେ ନିଆଁ ଲଗାଇ ଦେଇଛନ୍ତି।

କୁକି ସମ୍ପ୍ରଦାୟ ବିରୋଧ କରିଛି। କୁକି ବହୁଳ ଜିଲା କାଙ୍ଗ୍‌ପୋକ୍‌ପିରେ ଶାହାଙ୍କ ନିର୍ଦ୍ଦେଶକୁ ବିରୋଧକରି ବିକ୍ଷୋଭକାରୀମାନେ ରାସ୍ତାକୁ ଓହ୍ଲାଇଥିବାବେଳେ ସେମାନଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ଫଳରେ ସୁରକ୍ଷା କର୍ମୀ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ବିକ୍ଷୋଭକାରୀମାନେ କେତେକ ଘରୋଇ ଗାଡ଼ି ପୋଡ଼ିଦେବା ସହ ଇମ୍ଫାଲରୁ ସେନାପତି ଜିଲାକୁ ଯାଉଥିବା ରାଜ୍ୟ ପରିବହନ ବିଭାଗର ଏକ ବସ୍‌କୁ ଅଟକାଇଥିଲେ। ଏଥିସହ ସେମାନେ ଟାୟାର ଜାଳି ୨ ନମ୍ବର ଜାତୀୟ ରାଜପଥ (ଇମ୍ଫାଲରୁ ଡିମାପୁର)କୁ ଅବରୋଧ କରିବା ସହ ସରକାରୀ ଗାଡ଼ିଗୁଡ଼ିକୁ ଅଟକାଇଥିଲେ। ମେଇତି ସଂଗଠନ ଫେଡେରେଶନ ଅଫ୍ ସିଭିଲ୍ ସୋସାଇଟି (ଏଫ୍‌ଓସିଏସ୍) ପକ୍ଷରୁ ଏକ ଶାନ୍ତି ଶୋଭାଯାତ୍ରା ବାହାରିଥିବାବେଳେ ଏହାକୁ ବିକ୍ଷୋଭକାରୀ ବିରୋଧ କରିଥିଲେ। ଉତ୍ତେଜନା ବଢ଼ିବା ଆଶଙ୍କାରେ ଶୋଭାଯାତ୍ରାରେ ଥିବା ୧୦ରୁ ଊର୍ଦ୍ଧ୍ୱ ଗାଡ଼ି କାଙ୍ଗ୍‌ପୋକ୍‌ପିରେ ପହଞ୍ଚିବା ପୂର୍ବରୁ ସୁରକ୍ଷା ବଳ ସେଗୁଡ଼ିକୁ ଅଟକାଇଥିଲା। ଶୋଭାଯାତ୍ରାକୁ ଅନୁମତି ନ ଥିବାରୁ ତାହାକୁ ଅଟକାଯାଇଥିବା ପୋଲିସ କହିଛି। ଅନ୍ୟପକ୍ଷରେ ସେମାନେ ଶାହାଙ୍କ ମୁକ୍ତ ଗମନାଗମନ ନିର୍ଦ୍ଦେଶକୁ ଅନୁପାଳନ କରୁଥିଲେ ବୋଲି ଏଫ୍‌ଓସିଏସ୍ ସଦସ୍ୟମାନେ କହିଛନ୍ତି।

କୁକି-ଜୋ ଗ୍ରାମର ସ୍ୱେଚ୍ଛାସେବୀମାନେ ଛାଡ଼ିଥିବା ଏକ ଭିଡିଓରେ କୁହାଯାଇଛି, ସେମାନେ ଭାରତ ସରକାରଙ୍କ ମୁକ୍ତ ଗମନାଗମନ ନିଷ୍ପତ୍ତିକୁ ବିରୋଧ କରୁଛନ୍ତି। ଏଥିସହିତ ସେମାନେ ଏକ ସ୍ୱତନ୍ତ୍ର ପ୍ରଶାସନ ଦାବି କରିଛନ୍ତି। ଆମ ଅଞ୍ଚଳକୁ ପ୍ରବେଶ ଉଦ୍ୟମ କଲେ ଦୃଢ଼ ପ୍ରତିରୋଧ କରାଯିବ। ଅଲଗା ପ୍ରଶାସନ ନ ହେବା ପର୍ଯ୍ୟନ୍ତ ମୁକ୍ତ ଗମନାଗମନ ହୋଇପାରିବ ନାହିଁ ବୋଲି ସ୍ୱେଚ୍ଛାସେବୀମାନେ କହିଥିବା ଭିଡିଓରୁ ଶୁଣିବାକୁ ମିଳିଛି।

### ୟୁକ୍ରେନ୍‌ରେ ରୁଷିଆର ମିଶାଇଲ ମାଡ଼, ୧୪ ମୃତ

କିଭ୍, ୮।୩

ରୁଷିଆ ଏବଂ ୟୁକ୍ରେନ୍ ମଧ୍ୟରେ ଶାନ୍ତି ବୁଝାମଣା ନେଇ ଆଲୋଚନା ଚାଲିଥିବାବେଳେ ଶନିବାର ରୁଷିଆ ୟୁକ୍ରେନ୍ ଉପରେ ମିଶାଇଲ ଏବଂ ଡ୍ରୋନ୍ ଯୋଗେ ଆକ୍ରମଣ କରିଛି। ୟୁକ୍ରେନ୍‌ର ଡୋବ୍ରୋପିଲିଆ ସହରରେ ରୁଷିଆ ସେନା କରିଥିବା ଆକ୍ରମଣରେ ୧୪ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩୭ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୫ ଶିଶୁ ରହିଛନ୍ତି। ଏହି ଆକ୍ରମଣରେ ଏକ ୮ ମହଲାବିଶିଷ୍ଟ ଅଟ୍ଟାଳିକା ଭାଙ୍ଗି ଯାଇଥିବାବେଳେ ୩୦ରୁ ଅଧିକ ଯାନବାହନ ନଷ୍ଟ ହୋଇଯାଇଛି। ସେହିପରି ଶୁକ୍ରବାର ୟୁକ୍ରେନ୍‌ର ଖାର୍କିବ ସହରରେ ରୁଷିଆର ଅନ୍ୟ ଏକ ଆକ୍ରମଣରେ ୩ ଜଣଙ୍କର ମୃତ୍ୟୁ ହୋଇଥିବା ନେଇ ସ୍ଥାନୀୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଯୁଦ୍ଧ ନେଇ ରୁଷିଆର ଉଦ୍ଦେଶ୍ୟ ବଦଳିନାହିଁ ବୋଲି ଏହି ଏୟାର ଷ୍ଟ୍ରାଇକ୍ ଦର୍ଶାଉଥିବା ନେଇ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କୀ ଏକ ଫେସ୍‌ବୁକ୍ ପୋଷ୍ଟ କରି କହିଛନ୍ତି।

### ଏନ୍‌ଟିପିସି ଡିଜିଏମ୍‌ଙ୍କୁ ଗୁଳିକରି ହତ୍ୟା

ରାଞ୍ଚି, ୮।୩

ଝାଡ଼ଖଣ୍ଡର ହଜାରିବାଗ ଜିଲା କଟକମ୍‌ଦାଗ ଥାନା ଫତହ ଅଞ୍ଚଳରେ ନ୍ୟାଶନାଲ ଥର୍ମାଲ ପାୱାର କୋଅପରେଶନ (ଏନ୍‌ଟିପିସି)ର ଡେପୁଟି ଜେନେରାଲ ମ୍ୟାନେଜର (ଡିଜିଏମ୍) କୁମାର ଗୌରବଙ୍କୁ କେତେଜଣ ଅଚିହ୍ନା ଅପରାଧୀ ଗୁଳିକରି ହତ୍ୟା କରିଛନ୍ତି। ହତ୍ୟା ଘଟାଇବା ପରେ ଘଟଣାସ୍ଥଳରୁ ଅପରାଧୀମାନେ ଫେରାର ହୋଇଯାଇଛନ୍ତି। ଘଟଣାକୁ ନେଇ ତଦନ୍ତ ଜାରି ରହିଥିବା ବେଳେ ଅପରାଧୀଙ୍କୁ ଧରିବା ପାଇଁ ପୋଲିସ ସର୍ଚ୍ଚ ଅପରେଶନ ଚଳାଇଛି ବୋଲି ହଜାରିବାଗ ଜିଲା ଆରକ୍ଷୀ ଅଧୀକ୍ଷକ (ଏସ୍‌ପି) ଅରବିନ୍ଦ କୁମାର ସିଂ କହିଛନ୍ତି। କୁମାର ଗୌରବଙ୍କର ଏନ୍‌ଟିପିସିର କରେଡାରୀ କାର୍ଯ୍ୟାଳୟରେ ପୋଷ୍ଟିଂ ହୋଇଥିଲା। ସେ ଶନିବାର ସକାଳେ ଅଫିସ ଯାଉଥିବା ସମୟରେ ତାଙ୍କ ଉପରକୁ ଗୁଳିଚାଳନା ହୋଇଥିଲା।

## ଟ୍ରମ୍ପ୍‌ଙ୍କ ଗାଜା ଖାଲି କରିବା ଆହ୍ୱାନକୁ ମୁସଲମାନ ରାଷ୍ଟ୍ରର ପ୍ରତ୍ୟାଖ୍ୟାନ

ଡେଇର୍ ଅଲ୍-ବଲାହ,୮।୩

ଗାଜା ଷ୍ଟ୍ରିପ୍‌ରୁ ପାଲେଷ୍ଟିନୀୟମାନଙ୍କୁ ଖାଲି କରିବା ଲାଗି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଆହ୍ୱାନକୁ ଶନିବାର ମୁସଲମାନ ରାଷ୍ଟ୍ରଗୁଡ଼ିକର ବହିର୍ବ୍ୟାପାର ମନ୍ତ୍ରୀମାନେ ପ୍ରତ୍ୟାଖ୍ୟାନ କରିଛନ୍ତି। ଗାଜା ଶାସନ ଏବଂ ପୁନଃନିର୍ମାଣ ପାଇଁ ଏକ ପ୍ରଶାସନିକ କମିଟି ଗଠନ ଯୋଜନାକୁ ସେମାନେ ସମର୍ଥନ ଜଣାଇନ୍ତି। ଯୁଦ୍ଧବିରତି ଚୁକ୍ତିନାମା ଅଟକି ରହିଥିବାବେଳେ ଗାଜା ସମସ୍ୟାର ସମାଧାନ ପାଇଁ ଇସ୍‌ଲାମୀୟ ସହଯୋଗ ସଂଗଠନ (ଓଆଇସି)ର ଏକ ସ୍ୱତନ୍ତ୍ର ଅଧିବେଶନ ସାଉଦିର ଜେଦ୍ଦାଠାରେ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ବହିର୍ବ୍ୟାପାର ମନ୍ତ୍ରୀମାନେ ଏକାଠି ହୋଇଥିଲେ। ଉକ୍ତ ବୈଠକରେ ଇଜିପ୍ଟ ଉପସ୍ଥାପନ କରିଥିବା ଗାଜା ପୁନଃନିର୍ମାଣ ପ୍ରସ୍ତାବକୁ ସମର୍ଥନ କରାଯାଇଛି।


ଡୋନାଲ୍ଡ ଟ୍ରମ୍ପ୍

ଓଆଇସିରେ ୫୭ଟି ମୁସଲମାନବହୁଳ ଦେଶ ରହିଛନ୍ତି। ଟ୍ରମ୍ପ୍‌ଙ୍କ ନାଁ ଉଲ୍ଲେଖ ନ କରି ମନ୍ତ୍ରୀମାନେ କହିଛନ୍ତି, ପାଲେଷ୍ଟିନୀୟମାନଙ୍କୁ ବ୍ୟକ୍ତିଗତ କିମ୍ବା ସମୂହ ଭାବେ ବିସ୍ଥାପିତ କରିବା ଯୋଜନାକୁ ଆମେ ପ୍ରତ୍ୟାଖ୍ୟାନ କରୁଛୁ। ଏହା ଅନ୍ତର୍ଜାତୀୟ ଆଇନର ଉଲ୍ଲଂଘନ ଏବଂ ମାନବତା ବିରୋଧରେ ଅପରାଧ ବୋଲି ସେମାନେ କହିଛନ୍ତି। ପାଲେଷ୍ଟିନୀୟଙ୍କୁ ଦେଶ ଛାଡ଼ିବା ପାଇଁ ବାଧ କରିବା ନିମନ୍ତେ ନିଆଯାଉଥିବା 'କ୍ଷୁଧା ନୀତି'କୁ ମୁସ୍‌ଲିମ୍ ରାଷ୍ଟ୍ରଗୁଡ଼ିକ ନିନ୍ଦା କରିଛନ୍ତି।

### ପାନ୍ ମସଲା ବିଜ୍ଞାପନ ପାଇଁ ଶାହରୁଖ, ଅଜୟ, ଟାଇଗରଙ୍କୁ ସମନ

ଜୟପୁର, ୮।୩

ନ୍‌ପାନ ମସଲା ବିଜ୍ଞାପନ କରୁଥିବାରୁ ଶନିବାର ଅଭିନେତା ଶାହରୁଖ୍ ଖାନ୍, ଅଜୟ ଦେବଗନ୍, ଟାଇଗର ଶ୍ରଫ୍‌ଙ୍କୁ ଜୟପୁରସ୍ଥିତ ଜିଲା ଉପଭୋକ୍ତା ବିବାଦ ସମାଧାନ ଫୋରମ୍ ନୋଟିସ ଜାରି କରିଛି। ଯୋଗେନ୍ଦ୍ର ସିଂ ନାମକ ଜଣେ ବ୍ୟକ୍ତିଙ୍କ ଅଭିଯୋଗ ଆଧାରରେ ଏହି ନୋଟିସ ଜାରି ହୋଇଛି। ଏହି ୩ ଅଭିନେତା ବିମଲ ପାନ ମସଲା ପାଇଁ ବିଭ୍ରାନ୍ତିକର ବିଜ୍ଞାପନ କରୁଥିବା ନେଇ ସେ ଜୟପୁରସ୍ଥିତ ଜିଲା ଉପଭୋକ୍ତା ବିବାଦ ସମାଧାନ ଫୋରମ୍ ନିକଟରେ ଅଭିଯୋଗ କରିଥିଲେ। ବିମଲ ପାନ ମସଲାର ବିଭ୍ରାନ୍ତିକର ବିଜ୍ଞାପନ ବିରୋଧରେ ପ୍ରତିବନ୍ଧକ ଲଗାଯାଉ। ଏହି ୩ ଅଭିନେତାଙ୍କୁ ଯୁବପିଢ଼ି ରୋଲ୍ ମଡେଲ ମାନୁଥିବାରୁ ତାଙ୍କ ଦ୍ୱାରା କରାଯାଉଥିବା ବିଭ୍ରାନ୍ତିକର ବିଜ୍ଞାପନର ନକାରାତ୍ମକ ପ୍ରଭାବ ପଡୁଥିବା ଯୋଗେନ୍ଦ୍ର କହିଛନ୍ତି।



ରାଜସ୍ଥାନର ଜୟପୁରରେ ଆଇଆଇଏଫ୍‌ଏ ଆୱାର୍ଡ୍ସ ୨୦୨୫ ଶନିବାର ଆରମ୍ଭ ହୋଇଛି। ଏହି ଅବସରରେ (ବାମରୁ) ଅଭିନେତା ବବି ଦେଓଲ, ଫିଲ୍ମ ନିର୍ମାତା କରନ୍ ଜୋହର, ଅଭିନେତା ଶାହିଦ କପୁର, ଅଭିନେତ୍ରୀ କରୀନା କପୁର ଖାନ୍, ଅଭିନେତା କାର୍ତ୍ତିକ ଆର୍ଯ୍ୟନ, ଅଭିନେତ୍ରୀ କ୍ରିତି ସାନୋନ ଓ ମାଧୁରୀ ଦୀକ୍ଷିତ ଏକ ଖବରଦାତା ସମ୍ମିଳନୀ ପୂର୍ବରୁ ଫଟୋପୋଜ୍ ଦେଉଛନ୍ତି।

## ୮୫୦ କୋଟିର ଚିଟ୍‌ଫଣ୍ଡ ଦୁର୍ନୀତି
## ବିମାନ ଜବତ କଲା ଇଡି

ହାଇଦ୍ରାବାଦ,୮।୩(ପି.ଟି.)

ହାଇଦ୍ରାବାଦର ଏକ କମ୍ପାନୀ ଓ ଏହାର ମାଲିକଙ୍କ ବିରୋଧରେ ମନିଲଣ୍ଡରିଂ ମାମଲାର ତଦନ୍ତ ଚଳାଇଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶନିବାର ଉକ୍ତ କମ୍ପାନୀର ଏକ ବିମାନକୁ ଜବତ କରିଛି। ଫାଲ୍‌କନ୍ ଗ୍ରୁପ୍ (କ୍ୟାପିଟାଲ ପ୍ରୋଟେକ୍ସନ ଫୋର୍ସ ପ୍ରା.ଲିଃ) ଏବଂ ଏହାର ସିଏମ୍‌ଡି ଅମରଦୀପ୍ କୁମାର ଓ ଅନ୍ୟମାନେ ଚିଟ୍‌ଫଣ୍ଡ ଦୁର୍ନୀତିରେ ଜମାକାରୀମାନଙ୍କଠାରୁ ୮୫୦ କୋଟି ଟଙ୍କା ଠକିନେଇଥିବା ଅଭିଯୋଗ ହୋଇଥିଲା। ସାଇବରାବାଦ ପୋଲିସ ଏନେଇ ମାମଲା ରୁଜୁ କରିଥିବାବେଳେ ଇଡି ଏହାର ମନିଲଣ୍ଡରିଂ ଦିଗ ଉପରେ ତଦନ୍ତ କରୁଛି। ଏକ ନିବେଶ




ଯୋଜନାରେ ଅଧିକ ସୁଧ ଦେବାର ପ୍ରଲୋଭନ ଦେଖାଇ ଫାଲ୍‌କନ ଗ୍ରୁପ୍ ଜମାକାରୀଙ୍କଠାରୁ ୧,୭୦୦ କୋଟି ଟଙ୍କା ସଂଗ୍ରହ କରିଥିଲା। ସେଥିରୁ ୮୫୦ କୋଟି ଟଙ୍କା ଜମାକାରୀଙ୍କୁ ଫେରାଯାଇ ନ ଥିଲା। କମ୍ପାନୀର ୮ ସିଟ୍ ବିଶିଷ୍ଟ ଉକ୍ତ ଏନ୍‌୯୩୫ଏଚ୍ ହକରର ୮୦୦ଏ ବିମାନ ଶୁକ୍ରବାର ହାଇଦ୍ରବାଦର ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ଅବତରଣ କରିଥିବାବେଳେ ଇଡି କର୍ତ୍ତୃପକ୍ଷ ଏହାକୁ ଜବତ କରିଛନ୍ତି। ଗତବର୍ଷ କିଣାଯାଇଥିବା ଉକ୍ତ ବିମାନର ମୂଲ୍ୟ ପ୍ରାୟ ୧୪ କୋଟି ଟଙ୍କା ବୋଲି ଇଡି ତଲାସିରୁ ଜଣାପଡ଼ିଛି।

## ରକ୍ତସ୍ରାବ, ଉଚ୍ଚ ରକ୍ତଚାପ ଯୋଗୁ ଗର୍ଭାବସ୍ଥାରେ ଯାଉଛି ଲକ୍ଷାଧିକ ଜୀବନ

ନୂଆଦିଲ୍ଲୀ,୮।୩

### ଡବ୍ଲ୍ୟୁଏଚ୍‌ଓ ରିପୋର୍ଟ

ଅତ୍ୟଧିକ ରକ୍ତସ୍ରାବ, ଉଚ୍ଚ ରକ୍ତଚାପ ଆଦି କାରଣରୁ ବିଶ୍ୱବ୍ୟାପୀ ୧ ଲକ୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କର ଗର୍ଭାବସ୍ଥା ସମୟରେ ମୃତ୍ୟୁ ଘଟୁଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ଶନିବାର ପ୍ରକାଶିତ ରିପୋର୍ଟରୁ ଏହା ଜଣାପଡ଼ିଛି। ୨୦୨୦ରେ ମୋଟ ୨,୮୭,୦୦୦ ମାତୃମୃତ୍ୟୁ ହୋଇଥିବା ଆକଳନ କରାଯାଇଛି। ଅର୍ଥାତ୍ ପ୍ରତି ୨ ମିନିଟ୍‌ରେ ଗୋଟିଏ ଜୀବନ ଯାଇଛି। ଅଧିକ ଜଟିଳ ସ୍ଥିତି ନ ହେବା ପର୍ଯ୍ୟନ୍ତ ଏହିସବୁ ସମସ୍ୟାକୁ ଚିହ୍ନଟ କିମ୍ବା ଚିକିତ୍ସା କରାଯାଇ ନ ଥାଏ। ଫଳରେ ଗର୍ଭଧାରଣ ସମୟରେ ଏହା ବିପଦ ସୃଷ୍ଟି କରିଥାଏ ବୋଲି ଗବେଷକ କହିଛନ୍ତି।

ଲାନ୍‌ସେଟ୍ ଗ୍ଲୋବାଲ ହେଲ୍‌ଥ ପତ୍ରିକାରେ ପ୍ରକାଶିତ ଉକ୍ତ ରିପୋର୍ଟ ଅନୁଯାୟୀ, ପ୍ରସବ ପରବର୍ତ୍ତୀ ଅତ୍ୟଧିକ ରକ୍ତସ୍ରାବ ଯୋଗୁ ଏକ ତୃତୀୟାଂଶ ବା ୨୭ ପ୍ରତିଶତ (୮୦ ହଜାର) ମାତୃମୃତ୍ୟୁ ଘଟିଛି। ସେହିପରି ପ୍ରିକ୍ଲାମ୍ପସିଆ ବା ଉଚ୍ଚ ରକ୍ତଚାପଜନିତ ସମସ୍ୟାରୁ ଅଧିକ ୧୬ ପ୍ରତିଶତ ବା ୫୦ ହଜାର ମୃତ୍ୟୁ ହୋଇଛି। ପ୍ରିକ୍ଲାମ୍ପସିଆକୁ ଯଦି ପୂର୍ବରୁ ଚିକିତ୍ସା କରା ନ ଯାଏ ତେବେ ଏହା କାରଣରୁ ଅତ୍ୟଧିକ ରକ୍ତସ୍ରାବ, ହୃଦ୍‌ଘାତ, ଅଙ୍ଗ ଅକାମୀ ହେବା ଆଦି ସମସ୍ୟା ଦେଖାଦେଇଥାଏ। ଏଚ୍‌ଆଇଭି/ଏଡ୍‌ସ, ମ୍ୟାଲେରିଆ, ରକ୍ତହୀନତା, ମଧୁମେହ ଆଦି ସଂକ୍ରମଣ ଓ ଦୀର୍ଘସ୍ଥାୟୀ ରୋଗ କାରଣରୁ ଗର୍ଭାବସ୍ଥା ଏବଂ ପିଲା ଜନ୍ମ ସମୟରେ ୨୩ ପ୍ରତିଶତ ପ୍ରାଣ ହରାଉଛନ୍ତି।

ଦୀର୍ଘବର୍ଷ ହେଲା ମାତୃମୃତ୍ୟୁ ସଙ୍କଟ ଲାଗି ରହିଥିବାବେଳେ ଗର୍ଭବତୀ ମହିଳା ଓ ମାଆମାନେ କାହିଁକି ଗୁରୁତର ହୋଇପଡ଼ନ୍ତି ଓ ପ୍ରସବ ସମୟରେ ସେମାନଙ୍କୁ ବଞ୍ଚାଇବାର ସମ୍ଭାବ୍ୟ ସୁଯୋଗ ସମ୍ପର୍କରେ ଜାଣିବା ପାଇଁ ଅଧ୍ୟୟନ କରାଯାଇଥିଲା ବୋଲି ଡବ୍ଲ୍ୟୁଏଚ୍‌ଓର ଯୌନ ଓ ପ୍ରଜନନ ସ୍ୱାସ୍ଥ୍ୟ ଏବଂ ଗବେଷଣା ନିର୍ଦ୍ଦେଶକ ଡ. ପାସ୍କାଲ୍ ଆଲଟି କହିଛନ୍ତି। ବିଶ୍ୱବ୍ୟାପୀ ଏହା ଏକ ବଡ଼ ସମସ୍ୟା। ସବୁଠାରେ ମହିଳାମାନଙ୍କୁ ପ୍ରସବ ପୂର୍ବରୁ, ପ୍ରସବ ସମୟରେ ଓ ପରେ ଉଚ୍ଚମାନର ପ୍ରମାଣଭିତ୍ତିକ ସ୍ୱାସ୍ଥ୍ୟସେବା ଆବଶ୍ୟକ। ଏଥିସହିତ ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ହୋଇଥିବା ଅନ୍ୟାନ୍ୟ ସ୍ଥିତିଗୁଡ଼ିକରୁ ସୁରକ୍ଷା ଓ ଚିକିତ୍ସା ଉଦ୍ୟମ ହେବା ଆବଶ୍ୟକ ବୋଲି ଆଲଟି କହିଛନ୍ତି। ଉଲ୍ଲେଖଯୋଗ୍ୟ, ନିମ୍ନ ଆୟକାରୀ ଦେଶଗୁଡ଼ିକରେ ପ୍ରସବ ପରବର୍ତ୍ତୀ ପ୍ରଥମ ଦିନରୁ ମହିଳାମାନଙ୍କୁ ଆବଶ୍ୟକ ଚିକିତ୍ସା ସୁବିଧା ମିଳି ନ ଥାଏ। ଗର୍ଭଧାରଣ ଆରମ୍ଭରୁ ସମସ୍ୟାଗୁଡ଼ିକୁ ଚିହ୍ନଟକରି ଜଟିଳ ସ୍ଥିତିରୁ ବର୍ତ୍ତିବା ନିମନ୍ତେ ମାତୃତ୍ୱ ଯତ୍ନର ମୁଖ୍ୟ ଦିଗଗୁଡ଼ିକୁ ସୁଦୃଢ଼ କରାଯିବା ଆବଶ୍ୟକ ବୋଲି ଅଧ୍ୟୟନରେ କୁହାଯାଇଛି।

## ଫୁରସତ୍

## ଫଟୋଗ୍ରାଫି ଛାଡ଼ି ଅଳିଆରୁ ସଂଗ୍ରହ କରୁଛନ୍ତି ବ୍ୟବହାରଯୋଗ୍ୟ ସାମଗ୍ରୀ

ୱାଶିଂଟନ

ସାଧାରଣତଃ ସମାଜରେ ଅଳିଆ ଗୋଟାଳିଙ୍କ କାର୍ଯ୍ୟକୁ ସବୁଠାରୁ ନିମ୍ନ ସ୍ତରର କାର୍ଯ୍ୟ ଭାବେ ବିବେଚନା କରାଯାଇଥାଏ। ତେବେ ନିକଟରେ ଆମେରିକାରୁ ଏକ ଅଜବ ଘଟଣା ସାମ୍ନାକୁ ଆସିଛି। ନ୍ୟୁୟର୍କ ପୋଷ୍ଟର ରିପୋର୍ଟ ଅନୁଯାୟୀ, ଆମେରିକାର ଫ୍ଲୋରିଡା ରାଜ୍ୟ ଟେମ୍ପା ସହରରେ ରହୁଥିବା ମେଲାନୀ ଡିଏଜ୍ (୨୨) ଫଟୋଗ୍ରାଫର ଭାବେ ନିଜ ପୂର୍ଣ୍ଣକାଳୀନ ଚାକିରିକୁ ଛାଡ଼ି ଗତ ୨ ବର୍ଷ ହେବ ଅଳିଆ ମଧ୍ୟରୁ ବିଭିନ୍ନ ବ୍ୟବହାରଯୋଗ୍ୟ ସାମଗ୍ରୀକୁ ଖୋଜି ବାହାର କରୁଛନ୍ତି। ଏପରି କରି ସେ ୪୩ ଲକ୍ଷ ଟଙ୍କା ସଞ୍ଚୟ କରିଛନ୍ତି।

ମେଲାନୀ କହିଛନ୍ତି, ସେ ପୂର୍ବରୁ ସୋସିଆଲ ମିଡିଆରେ ଏପରି ଅନେକ ଭିଡିଓ ଦେଖିଥିଲେ, ଯେଉଁଥିରେ ଲୋକମାନେ ନିଜ ଦୈନନ୍ଦିନ ଜୀବନରେ


ମେଲାନୀ ଡିଏଜ୍

ବ୍ୟବହାର ପାଇଁ ଅଳିଆ ମଧ୍ୟରୁ ଜରୁରୀ ସାମଗ୍ରୀ ସଂଗ୍ରହ କରୁଥିଲେ। ଅଳିଆରୁ ବିଭିନ୍ନ ବ୍ୟବହାରଯୋଗ୍ୟ ସରଞ୍ଜାମ ଖୋଜିବା ପାଇଁ ଉକ୍ତ ଭିଡିଓଗୁଡ଼ିକ ତାଙ୍କୁ ପ୍ରେରଣା ଯୋଗାଇଥିଲା। ସେ

### ୨ ବର୍ଷରେ ସଞ୍ଚୟ କରିଛନ୍ତି ୪୩ ଲକ୍ଷ ଟଙ୍କା

ଯେତେବେଳେ ପ୍ରଥମଥର ପାଇଁ ଏପରି କରିଥିଲେ, ସେତେବେଳେ ତାଙ୍କୁ ଅଳିଆ ମଧ୍ୟରୁ ବହି, ଖେଳନା ଏବଂ ଅନ୍ୟାନ୍ୟ ଉପଯୋଗୀ ଜିନିଷ ଆଦି ମିଳିଥିଲା। ଏହାପରେ ମେଲାନୀ ଆଉ ପଛକୁ ଫେରି ନ ଥିବା କହିଛନ୍ତି। ସେ ନିଜ ଫଟୋଗ୍ରାଫି ଚାକିରି ଛାଡ଼ିଥିଲେ ଏବଂ ଅଳିଆ ମଧ୍ୟରୁ ବିଭିନ୍ନ ବ୍ୟବହାରଯୋଗ୍ୟ ସାମଗ୍ରୀଗୁଡ଼ିକୁ ଖୋଜି ବାହାର କରିବା ଆରମ୍ଭ କରିଥିଲେ। ୨ ବର୍ଷ ମଧ୍ୟରେ ସେ ପୋଷାକଠାରୁ ଆରମ୍ଭ କରି ବିଭିନ୍ନ ଘରକରଣା ସାମଗ୍ରୀ, ପୋଷା କୁକୁର ପାଇଁ ଖାଦ୍ୟ ଏବଂ ଅନ୍ୟାନ୍ୟ ଦୈନନ୍ଦିନ ଜିନିଷଗୁଡ଼ିକୁ ଅଳିଆ ଗଦା ମଧ୍ୟରୁ ଖୋଜି ବାହାର କରିଛନ୍ତି। ଏହାସହ ସେ ଅନେକଥର ବଡ଼ ଦୋକାନଗୁଡ଼ିକ ଦ୍ୱାରା ପକାଯାଉଥିବା ଆବର୍ଜନା ମଧ୍ୟରୁ ବିଭିନ୍ନ ବ୍ୟବହାରଯୋଗ୍ୟ ସାମଗ୍ରୀ ଖୋଜି ପାଇଥିବା ମେଲାନୀ କହିଛନ୍ତି। ସେ ଦୈନିକ ପ୍ରାୟ ୪ରୁ ୫ ଘଣ୍ଟା ଏହି କାର୍ଯ୍ୟରେ ନିଜକୁ ନିୟୋଜନ କରନ୍ତି। ମେଲାନୀ ଆହୁରି କହିଛନ୍ତି, ଗତ ୨ ବର୍ଷ ମଧ୍ୟରେ ଅଳିଆ ମଧ୍ୟରୁ ବିଭିନ୍ନ ବ୍ୟବହାରଯୋଗ୍ୟ ଜିନିଷ ଖୋଜି ସେ ପ୍ରାୟ ୪୩ ଲକ୍ଷ ଟଙ୍କା ସଞ୍ଚୟ କରିଛନ୍ତି। ତେଣୁ ସମ୍ପ୍ରତି ତାଙ୍କୁ ନିଜ ପାଇଁ ପୋଷାକ କିମ୍ବା ଅନ୍ୟାନ୍ୟ ଦୈନନ୍ଦିନ ଆବଶ୍ୟକତା ମେଣ୍ଟାଇବାକୁ ଖର୍ଚ୍ଚ କରିବାକୁ ପଡୁନାହିଁ । ଆଗାମୀ ଦିନରେ ମେଲାନୀ ନିଜ ସଞ୍ଚିତ ଟଙ୍କାରେ ବିଶ୍ୱ ଭ୍ରମଣ କରିବାକୁ ସ୍ଥିର କରିଛନ୍ତି।

## ଫିଲ୍ମରେ ହାସ୍ୟରସ ଭରିବା କଷ୍ଟକର: ଆମିର

ମୁମ୍ବାଇ

ବଲିଉଡ୍ ଅଭିନେତା ଆମିର ଖାନ୍ ଶନିବାର ଏକ ଜାତୀୟ ଗଣମାଧ୍ୟମରେ ସାକ୍ଷାତ୍‌କାର ଦେଇ କହିଛନ୍ତି, ଅଭିନେତାଠାରୁ ଫିଲ୍ମ ନିର୍ମାତା ତଥା ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିବା ନିହାତି କଷ୍ଟକର। ସେ ଯେଉଁ ଅଳ୍ପ କିଛି ଫିଲ୍ମରେ ଫିଲ୍ମ ନିର୍ମାତା ଭାବେ କାର୍ଯ୍ୟ କରିଛନ୍ତି, ତାଙ୍କୁ ଖୁବ୍ ପରିଶ୍ରମ କରିବାକୁ ପଡ଼ିଛି। ଖାସ୍‌କରି ଫିଲ୍ମରେ ହାସ୍ୟରସ ଭରିବା ଫିଲ୍ମ ନିର୍ମାତା ତଥା ନିର୍ଦ୍ଦେଶକଙ୍କ ପାଇଁ ଏକ ଚ୍ୟାଲେଞ୍ଜ ସଦୃଶ ବୋଲି ସେ କହିଛନ୍ତି। ସେହିପରି ଜଣେ ଅଭିନେତା ଭାବେ କମେଡି କରିବା ତାଙ୍କ ପାଇଁ ସବୁଠାରୁ କଷ୍ଟସାଧ ଥିଲା ବୋଲି ଆମିର କହିଛନ୍ତି। ତେବେ କମେଡିରେ ରହୁଥିବା ବିଭିନ୍ନ ଅପଶବ୍ଦ ଏବଂ ଆଡଲ୍ଟ କଣ୍ଟେଣ୍ଟକୁ ନେଇ ଆମିର କହିଛନ୍ତି, ଯଦି କୌଣସି ଚଳଚ୍ଚିତ୍ରରେ ଏପରି ଦୃଶ୍ୟ ରହୁଛି, ଯାହାକୁ ପୂରା ପରିବାର ଏକାଠି ବସି ଦେଖିପାରିବେ ନାହିଁ ସେପରି ସ୍ଥଳେ ଫିଲ୍ମ ରିଲିଜ୍ ପୂର୍ବରୁ ଏହା ଏକ ଆଡଲ୍ଟ ରେଟେଡ୍ ଫିଲ୍ମ ବୋଲି ବ୍ୟାପକ ପ୍ରଚାର ପ୍ରସାର କରାଯିବାର ଆବଶ୍ୟକତା ରହିଛି। ତାଙ୍କ ଦ୍ୱାରା ନିର୍ମିତ 'ଡେଲି ବେଲି' ଫିଲ୍ମରେ ମଧ୍ୟ ଅନେକ ଆଡଲ୍ଟ କଣ୍ଟେଣ୍ଟ ରହିଥିଲା, ଯାହାକୁ ଦେଖିଲେ ତାଙ୍କ ଫ୍ୟାମିଲି ଅଡିଆନ୍ସ ଅସହଜ ମନେ କରିବେ ବୋଲି ସେ ଅନୁଭବ କରିଥିବା ଆମିର କହିଛନ୍ତି।






# ରାଜା ଚକ୍ରଙ୍କ ଘରେ ପୁଣି ଇଓଡବ୍ଲ୍ୟୁ ଚଢ଼ାଉ

ଯୋଡ଼ା,(ମାନସ ମହାନ୍ତି)/ ଭୁବନେଶ୍ୱର,୮।୩(ସତ୍ୟଜିତ୍ ରାଉତ)

### ୫୦ କୋଟି ହେରଫେର ମାମଲା

ଓଡ଼ିଶା ଖଣି ନିଗମ ସହ ସହବନ୍ଧିତ ଥିବା କେନ୍ଦୁଝର ଶୁଆକାଟିସ୍ଥିତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରେ ପ୍ରାୟ ୫୦କୋଟି ଟଙ୍କା ହେରଫେର୍ ଘଟଣାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଅଧିକ ଖୋଳତାଡ଼ କରୁଛି। ୨ଦିନର ବ୍ୟବଧାନରେ ରାଜାଙ୍କ ଘରେ ଶନିବାର ପୁଣି ଇଓଡବ୍ଲ୍ୟୁ ପକ୍ଷରୁ ଚଢ଼ାଉ ହୋଇଛି। କେନ୍ଦୁଝର ଜଗନ୍ନାଥପୁରସ୍ଥିତ ରାଜାଙ୍କ ବାସଭବନରେ ଜଣେ ଅତିରିକ୍ତ ଏସ୍‌ପିଙ୍କ ନେତୃତ୍ୱରେ ଇଓଡବ୍ଲ୍ୟୁ ୫ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଯାଞ୍ଚ କରି ଏକାଧିକ ଲୋକଙ୍କୁ ପଚରାଉଚରା କରିଛି। ଏଥିସହ ମାମଲା ସଂକ୍ରାନ୍ତୀୟ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଆଦି ଜବତ କରିଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ରାଜାଙ୍କ ଲିଙ୍କ୍‌ରେ କେନ୍ଦୁଝର ଜିଲା ଯୋଡ଼ା ଖଣିମଣ୍ଡଳସ୍ଥିତ ଗୁଆଲି ଅଞ୍ଚଳରେ ଥିବା ଏକ ଘରୋଇ ଖଣି ସମେତ ଏକାଧିକ ସ୍ଥାନରେ ମଧ୍ୟ



ଇଓଡବ୍ଲ୍ୟୁ ଟିମ୍ ଯାଞ୍ଚ କରୁଛି। ଏହି ଖଣିରେ ରାଜାଙ୍କ ବିଭିନ୍ନ ମେଶିନ, ମାଲବାହୀ ଟ୍ରକ ନିୟୋଜିତ ଥିବା ଜଣାପଡ଼ିବା ପରେ ଇଓଡବ୍ଲ୍ୟୁ ଟିମ୍ ଛାନ୍‌ଭିନ୍ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛି। ତେବେ ଆଗକୁ ଏହି ଘଟଣାରେ ଇଓଡବ୍ଲ୍ୟୁ ରାଜାଙ୍କ ବିରୋଧରେ ବଡ଼ କାର୍ଯ୍ୟାନୁଷ୍ଠାନ ନେଇପାରେ ବୋଲି ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ, ଏହି ମାମଲାରେ ଇଓଡବ୍ଲ୍ୟୁ ଫେବୃଆରୀ ୮ରେ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିର ପୂର୍ବତନ ସଭାପତି ମାନସ ରଞ୍ଜନ ବାରିକ ଓ ସମ୍ପାଦକ ଉତ୍କଳ ଦାଶଙ୍କୁ ଗିରଫ କରିଥିଲା। ପରେ ଏହି ଠକେଇ ଲିଙ୍କ୍‌ରେ ରାଜାଙ୍କ ସମେତ ଅନ୍ୟକେତେଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଥିଲା। ଗତ ସୋମବାର ରାଜାଙ୍କୁ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟକୁ ଡାକି ଇଓଡବ୍ଲ୍ୟୁ ପ୍ରାୟ ୧୨ ଘଣ୍ଟା ଜେରା କରିଥିଲା। ସେପଟେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଓ ଆୟକର ଟିମ୍ ମଧ୍ୟ ଏହି ଘଟଣାରେ ଯାଞ୍ଚ କରୁଛି।

# ଜବରଦଖଲରେ ଗ୍ରାମାଞ୍ଚଳ ମନ୍ଦିରର ଜମି

ଯାଜପୁର,୮।୩ (ହର୍ଷବର୍ଦ୍ଧନ ବେହେରା)

ଅଷ୍ଟମ ଶତାବ୍ଦୀ ଓ ପରବର୍ତ୍ତୀ ସମୟରେ ଓଡ଼ିଶାର ପୁରପଲ୍ଲୀରେ ଅନେକ ଶିବ, ଶକ୍ତି ଓ ହନୁମାନ ମନ୍ଦିର ପ୍ରତିଷ୍ଠା କରାଯାଇ ସନାତନ ଶୈବ-ଶାକ୍ତ ରୀତିନୀତିକୁ ଗୁରୁତ୍ୱ ଦିଆଯାଇଥିଲା। ସେତେବେଳେ ରାଜା ଓ ଜମିଦାରମାନେ ଶିବ, ଶକ୍ତି ମନ୍ଦିରଗୁଡ଼ିକର ସଂରକ୍ଷଣ ଓ ପୂଜାର୍ଚ୍ଚନା ପାଇଁ ମାଳୀ ସମାଜକୁ ସ୍ୱୀକୃତି ଦେଇଥିଲେ। ଏହାସହ ଦୈନନ୍ଦିନ ନୀତିକାନ୍ତି, ସେବା ପୂଜା ଓ ପର୍ବପର୍ବାଣି ପାଇଁ ମାଳୀ ପୂଜକମାନଙ୍କୁ ଜାଗିରି ଜମି ପ୍ରଦାନ କରିଥିଲେ। ବାରମ୍ବାର ରାଜବଂଶ ଓ ଶାସନ ପରିବର୍ତ୍ତନ ହୋଇଥିଲେ ମଧ୍ୟ ସାମାଜିକ ଓ ଧାର୍ମିକ ଭାବନା କାରଣରୁ କେହି ଏଥିରେ ହସ୍ତକ୍ଷେପ କରିନାହାନ୍ତି। ମାତ୍ର ସ୍ୱାଧୀନୋତ୍ତର ଶାସନ କାଳରେ ଏହି ଗ୍ରାମ୍ୟ ମନ୍ଦିରଗୁଡ଼ିକର ରକ୍ଷଣାବେକ୍ଷଣ, ସେବାପୂଜା, ପର୍ବପର୍ବାଣି, ଉନ୍ନତୀକରଣ ଓ ଭୂସମ୍ପତ୍ତିର ସୁରକ୍ଷା ପାଇଁ ଓଡ଼ିଶାରେ କୌଣସି ଧ୍ୟାନ ଦିଆଗଲା ନାହିଁ। ଫଳରେ ଗ୍ରାମ୍ୟ



ଯାଜପୁର ଜିଲା ରସୁଲପୁର ବ୍ଲକ ମଧୁବନ ନିକଟ ଚନ୍ଦନେଶ୍ୱର ମନ୍ଦିର।

ମନ୍ଦିରଗୁଡ଼ିକର ଅଧିକାଂଶ ଜମି ଜବରଦଖଲକାରୀଙ୍କ କବ୍‌ଜାକୁ ଚାଲିଗଲା। ସେବାୟତମାନଙ୍କର ଜମି ମଧ୍ୟ ଏଥିରୁ ବାଦ୍ ପଡ଼ିଲା ନାହିଁ। ତଥାପି ପାରମ୍ପରିକ ମାଳୀ ପୂଜକମାନେ ପୁରୁଷାନୁକ୍ରମେ ପୂର୍ବଭଳି ବହୁ ଦୁଃଖକଷ୍ଟ ସହି ସେବାପୂଜା କରି ଆସୁଛନ୍ତି। ତେଣୁ ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୋଗଙ୍କ ଦ୍ୱାରା ପଞ୍ଜୀକୃତ ଗ୍ରାମାଞ୍ଚଳରେ ଅବସ୍ଥାପିତ ପ୍ରାଚୀନ ଶିବ, ଶକ୍ତି, ଗ୍ରାମଦେବତା ଓ ହନୁମାନ ମନ୍ଦିରଗୁଡ଼ିକର ଆର୍ଥିକ ସ୍ଥିତି, ଭୂସମ୍ପତ୍ତି ଇତ୍ୟାଦି ସର୍ବେକ୍ଷଣ କରାଯାଇ ରିପୋର୍ଟ ସାର୍ବଜନୀନ କରିବାକୁ ଶିବ-ଶକ୍ତି ପୂଜକ ବିକାଶ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବି ପତ୍ରକୁ ଆଧାରକରି ରାଜ୍ୟ ସରକାରଙ୍କ ଆଇନ ବିଭାଗ ପକ୍ଷରୁ ଉପସଚିବ ବି.ଆର୍. ଟପ୍ପୋ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ବିଭାଗକୁ ରିପୋର୍ଟ ଦେବାକୁ ସଂସ୍କୃତି ଓ ନିର୍ମାଣ ବିଭାଗକୁ ନିର୍ଦ୍ଦେଶ ଜାରି କରିଛନ୍ତି।

ମଞ୍ଚ ପକ୍ଷରୁ ଦାବିପତ୍ରରେ ଆହୁରି ଦର୍ଶାଯାଇଛି ଯେ, ରାଜ୍ୟର ଗ୍ରାମ୍ୟ ମନ୍ଦିରଗୁଡ଼ିକର ଆୟକୁ ଦୃଷ୍ଟିରେ ରଖି ଶ୍ରେଣୀଭୁକ୍ତ କରି ଅନ୍ତତଃ ଦୁଇ ଲକ୍ଷରୁ କମ୍ ଆୟ ଥିବା ମନ୍ଦିର ସବୁକୁ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବା ଆବଶ୍ୟକ। ଆନ୍ଧ୍ରପ୍ରଦେଶ ଚାରିଟେବୁଲ ଆଣ୍ଡ୍ ହିନ୍ଦୁ ରିଲିଜିୟସ ଇନ୍‌ଷ୍ଟିଚ୍ୟୁଶନ ଆଣ୍ଡ୍ ଏଣ୍ଡାଓମେଣ୍ଟସ ଆକ୍ଟ ୧୯୮୭

### ଦୁର୍ଦ୍ଦିନରେ ମାଳୀ ପୂଜକ ସମାଜ

### ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ଆଇନ ବିଭାଗର ନିର୍ଦ୍ଦେଶ

ସେକ୍ସନ ୧୫(୨)ରେ ଜଣେ ପୂଜକ ଟ୍ରଷ୍ଟବୋର୍ଡରେ ଏକ୍ସ ଅଫିସିଓ ସଭ୍ୟ ରହିବାର ପ୍ରାବଧାନ ଅଛି। ଅନୁରୂପ ଭାବେ ଓଡ଼ିଶା ହିନ୍ଦୁ ରିଲିଜିୟସ ଏଣ୍ଡାଓମେଣ୍ଟସ ଆକ୍ଟ ୧୯୫୧ ସେକ୍ସନ ୨୭(୧)ରେ ଆବଶ୍ୟକ ସଂଶୋଧନ କରାଯାଇ ଜଣେ ପୂଜକ ପ୍ରତିନିଧିଙ୍କୁ ଟ୍ରଷ୍ଟ ବୋର୍ଡରେ ଏକ୍ସ ଅଫିସିଓ ସଭ୍ୟ ରଖାଗଲେ ଗ୍ରାମ୍ୟ ମନ୍ଦିରଗୁଡ଼ିକର ସୁପରିଚାଳନା ହୋଇପାରିବ। ଏଠାରେ କେବଳ ପୁରୀ ଓ ଲିଙ୍ଗରାଜ ମନ୍ଦିରରେ ଏଭଳି ବ୍ୟବସ୍ଥା ରହିଛି। ସରକାରଙ୍କ ପରିଚାଳନାଗତ ତ୍ରୁଟି ଯୋଗୁ ଗ୍ରାମାଞ୍ଚଳ ଦେବୋତ୍ତର ଜମିସବୁ ଜବରଦଖଲକାରୀଙ୍କ କବ୍‌ଜାକୁ ଚାଲିଯାଇଛି। ସରକାର ସେସବୁର ପୁନରୁଦ୍ଧାର ପାଇଁ ସ୍ୱତନ୍ତ୍ର କମିଟି ଗଠନ କରିବାର ଆବଶ୍ୟକତା ରହିଛି। ଶୈବ ତତ୍ତ୍ୱ ପ୍ରାକ୍ ବୈଦିକ ଓ ଐତିହାସିକ। ତେଣୁ ଏହାର ପୁନରୁଦ୍ଧାର, ସଂରକ୍ଷଣ ନିମନ୍ତେ ମାଳୀ ସମାଜ ପୂଜକମାନଙ୍କୁ ପ୍ରଶିକ୍ଷଣ ଦେବା, ଆଲୋଚନାଚକ୍ର, ଏକ ପୁସ୍ତକାଳୟ ସ୍ଥାପନ ଏବଂ ଶିବ-ଶକ୍ତି ପୂଜକ ବିକାଶ ମଞ୍ଚ ପାଇଁ ଭୁବନେଶ୍ୱରରେ ଜମି ସହିତ ଗୃହ ନିର୍ମାଣ କରି ଯୋଗାଇଦେବାର ବ୍ୟବସ୍ଥା ଆଦି ଦାବି ହୋଇଛି। ଏହାବାଦ ଆର୍ଥିକ, ସାମାଜିକ ଓ ଶୈକ୍ଷିକସ୍ତରରେ ପଛରେ ପଡ଼ିଥିବା ମାଳୀ, ଗନ୍ଧମାଳୀ, ଥନାପତି ମାଳୀ, ବଡ଼ମାଳୀ, ମୁନି, ରାଉଳ ଓ ଭୋପା ଆଦିଙ୍କ ବିକାଶ କରିବାକୁ ପଦକ୍ଷେପ ନେବା, ସେବାୟତ କଲ୍ୟାଣ ପାଣ୍ଠି, ପୁରୁଷାନୁକ୍ରମେ ସେବାୟତମାନେ ରହୁଥିବା ବାସଗୃହକୁ ରୟତି ସ୍ୱତ୍ୱ ପ୍ରଦାନ, ମାଳୀ ସେବାୟତମାନଙ୍କ ପାଇଁ ଭତ୍ତା ସହିତ ଜୀବନବୀମାର ବ୍ୟବସ୍ଥା କରିବାକୁ ମଞ୍ଚ ପକ୍ଷରୁ ଦାବି ହୋଇଛି।

# ମହିଳା ସଶକ୍ତୀକରଣର ପ୍ରକୃତ ଅର୍ଥ ସେମାନଙ୍କୁ ନିଷ୍ପତ୍ତି ନେବାର ଅଧିକାର ମିଳିବା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୮।୩(ସୁନିତ୍ ମିଶ୍ର)

- ପୂର୍ବ ସରକାର ମହିଳାଙ୍କୁ ୨୪ ବର୍ଷରେ ୨୪ ପଇସା ଦେଇନି
- ଓଡ଼ିଶା ରାଜ୍ୟ ରଣନୀତିକ କାର୍ଯ୍ୟ ଯୋଜନାର ଶୁଭାରମ୍ଭ
- ସରକାର ବଦଳିଛି, ମହିଳାଙ୍କ ପାଇଁ ନୂଆ ଦୁନିଆ ଦେବା କାମ କରୁଛୁ: ପ୍ରଭାତୀ

ସଶକ୍ତୀକରଣର ପ୍ରକୃତ ଅର୍ଥ ମହିଳାଙ୍କୁ ଆର୍ଥିକ ସାହାଯ୍ୟ ଦେବା ନୁହେଁ, ବରଂ ପରିବାର ତଥା ସାମାଜିକ ସ୍ତରରେ ମହିଳାଙ୍କୁ ନିଷ୍ପତ୍ତି ନେବାର ଅଧିକାର ମିଳିବା। ଆମ ସରକାର ସଶକ୍ତୀକରଣର ଏହି ବ୍ୟାପକ ଲକ୍ଷ୍ୟ ହାସଲ କରିବା ପାଇଁ ଚେଷ୍ଟା ଜାରି ରଖିଛନ୍ତି। ଆମେ ଓଡ଼ିଶାର ଅଧା ଜନସଂଖ୍ୟା ଅର୍ଥାତ୍ ସମଗ୍ର ମହିଳା ସମାଜକୁ ଅର୍ଥନୈତିକ, ସାମାଜିକ ତଥା ରାଜନୈତିକ ସ୍ତରରେ ସଶକ୍ତ କରିବୁ, ଯାହାଦ୍ୱାରା ମହିଳାମାନେ ସବୁ କ୍ଷେତ୍ରରେ ବ୍ୟକ୍ତିଗତ ଭାବେ ନିଷ୍ପତ୍ତି ନେବାରେ ସମର୍ଥ ହୋଇପାରିବେ। ଆମ ସରକାର ମହିଳା ସଶକ୍ତୀକରଣ ପାଇଁ ଏକ ଐତିହାସିକ ଏବଂ ପଥପ୍ରଦର୍ଶନକାରୀ ସୁଭଦ୍ରା ଯୋଜନାକୁ ସଫଳତାର ସହ କାର୍ଯ୍ୟକାରୀ କରିଛନ୍ତି। ଏହା ଓଡ଼ିଶା ଇତିହାସରେ ସବୁଠାରୁ ବଡ଼ ଯୋଜନା ଏବଂ ଓଡ଼ିଶାର ବିକାଶ କାହାଣୀକୁ ପୁନର୍ଲିଖନ କରିବା ପାଇଁ ଆମର ପ୍ରତିବଦ୍ଧତାର ପ୍ରମାଣ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଲୋକସେବା ଭବନସ୍ଥିତ କନଭେନସନ୍ ହଲ୍‌ଠାରେ ଶନିବାର ରାଜ୍ୟସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ପୂର୍ବ ସରକାରଙ୍କୁ ସମାଲୋଚନାକରି କହିଛନ୍ତି, ସେମାନେ କହୁଛନ୍ତି ସୁଭଦ୍ରା ଯୋଜନାରେ ଦିନକୁ ୨୭ ଟଙ୍କା ଦେଇ ବାହାବା ନେଉଛନ୍ତି। ସେମାନେ କହିପାରିବେ, ମହିଳାମାନଙ୍କୁ ଆଗକୁ ଆଣିବା ପାଇଁ ୨୪ ବର୍ଷରେ ୨୪ ପଇସା ସେମାନେ ଦେଇଛନ୍ତି। ଆମେ ବର୍ଷକୁ ୧୦ ହଜାର କରି ୫ ବର୍ଷରେ ୫୦ ହଜାର ଟଙ୍କା ଦେବୁ। ସରକାର ଆସିବେ ଯିବେ, କିନ୍ତୁ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ଆମ ସମସ୍ତଙ୍କୁ ମହିଳାମାନଙ୍କ ପାଇଁ କାମ କରିବାକୁ ପଡ଼ିବ। ମହିଳାଙ୍କ ନେତୃତ୍ୱାଧୀନ ସଶକ୍ତୀକରଣ ଲକ୍ଷ୍ୟକୁ ଦୃଷ୍ଟିରେ ରଖି 'କିଶୋରୀ ସୁଭଦ୍ରା', 'ସୁଭଦ୍ରା ସଞ୍ଚୟ', 'ସୁଭଦ୍ରା ସଖୀ', 'ସୁଭଦ୍ରା ଯାତ୍ରୀ', 'ସୁଭଦ୍ରା ସଂଘ (ସୁଭଦ୍ରା କ୍ଲବ), ସୁଭଦ୍ରା' 'କୁହ ସୁଭଦ୍ରା (କଲ୍ ସେଣ୍ଟର)', 'ସୁଭଦ୍ରା ସହଯୋଗୀ', 'ସୁଭଦ୍ରା ପଣ୍ଡିତ' ଓ 'ସୁଯୋଗ୍ୟ ସୁଭଦ୍ରା' ଭଳି ନୂତନ ଯୋଜନା ପାଇଁ ପଦକ୍ଷେପ ଗ୍ରହଣ କରାଯିବ, କାହା କଥାରେ ଆମେ ଅଟକିଯିବୁ ନାହିଁ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟବ୍ୟାପୀ 'ଶକ୍ତି' ଆପ୍ ରୋଲ୍-ଆଉଟ୍ କରିଛନ୍ତି। ଏହି ଅତ୍ୟାଧୁନିକ ଡିଜିଟାଲ ବ୍ୟବସ୍ଥା ମହିଳାମାନଙ୍କ ପାଇଁ ଦେବଦୂତ ଭାବେ କାର୍ଯ୍ୟ କରିବ। ଏକ ବଟନ୍ କ୍ଲିକ୍‌ରେ ତୁରନ୍ତ ଜରୁରିକାଳୀନ ସୁରକ୍ଷା ସହାୟତା ପ୍ରଦାନ କରିବ। ଏହି ଆପ୍ ଜରିଆରେ ଓଡ଼ିଶାର ପ୍ରତ୍ୟେକ ମହିଳାଙ୍କ ପାଖରେ ସୁରକ୍ଷାର ଏକ ଢାଲ, ବିପତ୍ତିରେ ଏକ ସାଥୀ ଏବଂ ସଶକ୍ତୀକରଣ ପାଇଁ ଏକ ସାଧନ ହେବ।

# ୧୫.୬୫ ଲକ୍ଷ ଚାଷୀଙ୍କଠାରୁ କିଣାଗଲାଣି ୭୦ ଲକ୍ଷ ମେଟ୍ରିକ୍ ଟନ୍ ଧାନ

ଭୁବନେଶ୍ୱର,୮।୩(ସୁନିତ୍ ମିଶ୍ର)

### ୯୨% ହିତାଧିକାରୀଙ୍କ ଇ-କେୱାଇସି ପ୍ରକ୍ରିୟା ଶେଷ ହୋଇଛି

ରାଜ୍ୟରେ ଜାରି ଖରିଫ ଧାନକିଣା ଋତୁରେ ଏ ପର୍ଯ୍ୟନ୍ତ ପ୍ରାୟ ୧୫ ଲକ୍ଷ ୬୫ ହଜାର ଚାଷୀଙ୍କ ଠାରୁ ୭୦ ଲକ୍ଷ ମେଟ୍ରିକ୍ ଟନ ଧାନ କିଣାଯାଇଛି। ଏଥିଲାଗି ସର୍ବନିମ୍ନ ସହାୟକ ମୂଲ୍ୟ ବାବଦକୁ ପାଖାପାଖି ୧୫ ହଜାର ୬୧୩ କୋଟି ଟଙ୍କା ଓ ଇନ୍‌ପୁଟ ସହାୟତା ଭାବେ ୫୪୩୦ କୋଟି ଟଙ୍କା ଚାଷୀଙ୍କ ଆକାଉଣ୍ଟକୁ ପ୍ରଦାନ କରାଯାଇଛି। ଆସନ୍ତା ରବିଋତୁରେ ଧାନକିଣା ପ୍ରକ୍ରିୟା କିପରି ଶୃଙ୍ଖଳିତ ହୋଇପାରିବ ସେନେଇ ବିଶଦ ଆଲୋଚନା କରାଯାଇଛି। ରବିଋତୁ ଲାଗି ଆସନ୍ତା ମେ ପହିଲାରୁ ଧାନକିଣା ପ୍ରକ୍ରିୟା ଆରମ୍ଭ ହୋଇ ଜୁନ୍ ୩୦ ପର୍ଯ୍ୟନ୍ତ ଚାଲିବ। ଏଥିଲାଗି ଚଳିତ ମାସରୁ ଚାଷୀମାନଙ୍କ ପଞ୍ଜୀକରଣ ଆରମ୍ଭ କରାଯିବା ନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ସୂଚନା ଦେଇଛନ୍ତି। ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଶନିବାର ବିଭାଗୀୟ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିବା ଅବସରରେ ସଚିବ ଏହି ସୂଚନା ଦେଇଛନ୍ତି। ଲୋକସେବା ଭବନସ୍ଥିତ ବିଭାଗୀୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ମନ୍ତ୍ରୀ ପାତ୍ର କହିଛନ୍ତି, ଧାନକିଣାରୁ ଉତ୍ପାଦିତ ବଳକା ଚାଉଳକୁ ଭାରତୀୟ ଖାଦ୍ୟ ନିଗମକୁ ପ୍ରଦାନ କରିବା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଛି। ସେହିଭଳି ରାଜ୍ୟରେ ଇ-କେୱାଇସି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ଏ ପର୍ଯ୍ୟନ୍ତ ପ୍ରାୟ ୯୨% ହିତାଧିକାରୀଙ୍କ ଇ-କେୱାଇସି ପ୍ରକ୍ରିୟା ଶେଷ ହୋଇଛି। ଦୁର୍ବଳ ଇଣ୍ଟରନେଟ୍ ଥିବା ଅଞ୍ଚଳଗୁଡ଼ିକର ସରକାରୀ ସୁଲଭ ମୂଲ୍ୟ ଦୋକାନରେ ଇଣ୍ଟରନେଟ୍ ସୁବନ୍ଦୋବସ୍ତ କରାଯାଇ ଇ-କେୱାଇସି ପ୍ରକ୍ରିୟା ଜାରି ରହିଛି। ସେଗୁଡ଼ିକ ମଧ୍ୟରୁ ୧୧୧ଟି ସୁଲଭ ମୂଲ୍ୟ ଦୋକାନରେ ଆବଶ୍ୟକ ଆଣ୍ଟିନା ଯୋଗାଇ ଦେଇ ଇ-କେୱାଇସି ପ୍ରକ୍ରିୟା ଜାରି ରହିଛି। ଏ ପର୍ଯ୍ୟନ୍ତ ପ୍ରକ୍ରିୟାରେ ସାମିଲହୋଇ ନ ଥିବା ପ୍ରାୟ ୩୦ ଲକ୍ଷ ୮୪ ହଜାର ହିତାଧିକାରୀଙ୍କ ସମ୍ପର୍କରେ ତଥ୍ୟ ହାସଲ ପାଇଁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅଧିକାରୀମାନେ ଘର ଘର ବୁଲି ସେମାନଙ୍କ ତଥ୍ୟ ହାସଲ କରିବେ। ଅନ୍ୟପକ୍ଷରେ ରାଜ୍ୟରେ ନିର୍ଦ୍ଦିଷ୍ଟ ୩୦ଟି ସରକାରୀ ସୁଲଭ ମୂଲ୍ୟ ଦୋକାନକୁ ଜନପୋଷଣ କେନ୍ଦ୍ର ଭାବେ ପରୀକ୍ଷାମୂଳକ ଭାବେ ରୂପାନ୍ତରିତ କରାଯାଇ ଏଠାରେ ରାଶନ ସାମଗ୍ରୀ ସହ ପୁଷ୍ଟିଯୁକ୍ତ ଉତ୍ପାଦ ପ୍ରଦାନ କରିବାକୁ ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯାଇଥିବା ମନ୍ତ୍ରୀ କହିଛନ୍ତି।

# ସ୍ଥିତି ଅନୁଧ୍ୟାନକଲା ସିଡବ୍ଲ୍ୟୁସି ଟିମ୍

ସମ୍ବଲପୁର,୮।୩ (ପ୍ରମୋଦ ବହିଦାର)

### ହୀରାକୁଦ ଜଳଭଣ୍ଡାରରେ ଅତିରିକ୍ତ ସ୍ପିଲ୍‌ୱେ ନିର୍ମାଣ ପ୍ରସଙ୍ଗ

ହୀରାକୁଦ ଜଳଭଣ୍ଡାରର ସୁରକ୍ଷା ଦୃଷ୍ଟିରୁ ପ୍ରସ୍ତାବିତ ଅତିରିକ୍ତ ସ୍ପିଲ୍‌ୱେ ନିର୍ମାଣ ପାଇଁ ଶନିବାର କ୍ଷେତ୍ର ପରିଦର୍ଶନ କରିଛି କେନ୍ଦ୍ର ଜଳ ଆୟୋଗ(ସିଡବ୍ଲ୍ୟୁସି)ର ଏକ ଅନୁଧ୍ୟାନକାରୀ ଦଳ। ଫଳରେ ଦୀର୍ଘଦିନରୁ ବନ୍ଦ ପଡ଼ିଥିବା ସ୍ପିଲ୍‌ୱେ ନିର୍ମାଣ କାର୍ଯ୍ୟ ପୁନର୍ବାର ଆରମ୍ଭ ହେବା ଆଶା ଉଜ୍ଜୀବିତ ହୋଇଛି। ଦିଲ୍ଲୀରୁ ଆସିଥିବା କେନ୍ଦ୍ର ଜଳ ଆୟୋଗ ନିର୍ଦ୍ଦେଶକ ଶିବ କୁମାର ଶର୍ମା, ପ୍ରକଳ୍ପ ନିର୍ଦ୍ଦେଶକ(ଡିଜାଇନ) ତଥା ମୁଖ୍ୟଯନ୍ତ୍ରୀ ଶିବଦତ୍ତ ଶର୍ମା, ଡ୍ୟାମ୍ ସୁରକ୍ଷା ପ୍ରକଳ୍ପ ନିର୍ଦ୍ଦେଶକ ଇଂ. ରାକେଶ କାଶ୍ୟପଙ୍କ ନେତୃତ୍ୱରେ ସିଡବ୍ଲ୍ୟୁସିର ୫ଜଣ ଓ ବିଶ୍ୱବ୍ୟାଙ୍କର ୪ଜଣ ବିଶେଷଜ୍ଞଙ୍କୁ ମିଶାଇ ଏକ ୯ ଜଣିଆ ପ୍ରତିନିଧିଦଳ ହୀରାକୁଦ ଜଳଭଣ୍ଡାରରେ ପ୍ରସ୍ତାବିତ ଅତିରିକ୍ତ ସ୍ପିଲ୍‌ୱେର ଗ୍ରାଉଣ୍ଡ ଜିରୋରେ ସର୍ଭେ କରିଛନ୍ତି। ସେମାନେ ସ୍ପିଲ୍‌ୱେ ନିର୍ମାଣ ପାଇଁ ଚିହ୍ନଟ ଡ୍ୟାମ୍‌ର ଉଭୟ ବାମ ଓ ଡାହାଣ ପାର୍ଶ୍ୱସ୍ଥ ଡାଇକ୍, ବାମପାର୍ଶ୍ୱରେ ଜଳ ନିଷ୍କାସନ ପାଇଁ ଉଦ୍ଦିଷ୍ଟ ସାଇଫନ ସହିତ ସ୍ପିଲ୍‌ୱେ ଦ୍ୱାରା ସମ୍ଭାବ୍ୟ ବିସ୍ଥାପିତ ଅଞ୍ଚଳ ପରିଦର୍ଶନକରି ସ୍ଥିତି ପରଖିଥିଲେ। ପରେ ସେମାନେ ହୀରାକୁଦ ଅଶୋକ ନିବାସରେ ଜଳଭଣ୍ଡାର ଓ ଜଳ ସମ୍ପଦ ବିଭାଗ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ।

ସିଡବ୍ଲ୍ୟୁସିର ଡ୍ୟାମ୍ ସୁରକ୍ଷା ପ୍ରକଳ୍ପ ନିର୍ଦ୍ଦେଶକ ଇଂ. କାଶ୍ୟପ କହିଛନ୍ତି, ବର୍ତ୍ତମାନ ମଧ୍ୟ ହୀରାକୁଦ ବନ୍ଧ ମଜଭୁତ ରହିଛି। ତେବେ ଏହାର ସୁରକ୍ଷା ହେଉଛି ପ୍ରାଥମିକତା। ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନଜନିତ ଅସଙ୍ଗତି ଯୋଗୁ ଜଳଭଣ୍ଡାରରେ ହଠାତ୍ ବୃଦ୍ଧି ପାଉଥିବା ଅତିରିକ୍ତ ବନ୍ୟାଜଳର ଉପଯୁକ୍ତ ପରିଚାଳନା ପାଇଁ ଏଠାରେ ଅତିରିକ୍ତ ସ୍ପିଲ୍‌ୱେର ଆବଶ୍ୟକତା ରହିଛି। ଏଥିରେ ବିଶ୍ୱାସନୀୟତା ଓ ସୁରକ୍ଷାକୁ ଗୁରୁତ୍ୱ ଦେଇ ନୂତନ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗରେ କମ୍‌ଖର୍ଚ୍ଚରେ ଉନ୍ନତମାନର ନିର୍ମାଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ତେବେ ପ୍ରଥମ ପର୍ଯ୍ୟାୟରେ ଜଳଭଣ୍ଡାରର ବାମପାର୍ଶ୍ୱରେ ସ୍ପିଲ୍‌ୱେ ନିର୍ମାଣ ପାଇଁ ଅନୁଧ୍ୟାନ କରାଯାଇଛି ବୋଲି କହିଛନ୍ତି ଇଂ. ଶର୍ମା।

ହୀରାକୁଦ ଜଳଭଣ୍ଡାର ଓ ମହାନଦୀ ବେସିନ ମୁଖ୍ୟଯନ୍ତ୍ରୀ ସୁଶୀଲ କୁମାର ବେହେରା କହିଛନ୍ତି, ଡ୍ୟାମ୍‌ରେ ନିର୍ମାଣ ହେବାକୁ ଥିବା ଅତିରିକ୍ତ ସ୍ପିଲ୍‌ୱେ ପାଇଁ ଆବଶ୍ୟକ ଭିତ୍ତିଭୂମିର ସ୍ଥିତି ଯାଞ୍ଚ ପାଇଁ ଦିଲ୍ଲୀରୁ ସିଡବ୍ଲ୍ୟୁସି ଓ ବିଶ୍ୱବ୍ୟାଙ୍କର ଏକ ୯ ଜଣିଆ ବିଶେଷଜ୍ଞ ଦଳ ହୀରାକୁଦ ଗସ୍ତ କରିଥିଲେ। ସେମାନେ ଅତିରିକ୍ତ ସ୍ପିଲ୍‌ୱେ ନିର୍ମାଣ ପାଇଁ ପୂର୍ବରୁ ପ୍ରସ୍ତୁତ କାଗଜପତ୍ରର ଅନୁଧ୍ୟାନ କରିଛନ୍ତି। ଅପରପକ୍ଷରେ ଜଳଭଣ୍ଡାରର ସୁରକ୍ଷା ପାଇଁ ଆବଶ୍ୟକତାକୁ ହୃଦୟଙ୍ଗମ କରି ଜଳ ସମ୍ପଦ ବିଭାଗ ପକ୍ଷରୁ ଏଠାରେ ଅତିରିକ୍ତ ସ୍ପିଲ୍‌ୱେ ନିର୍ମାଣର ପ୍ରସ୍ତାବ ଦିଆଯାଇଥିଲା। ଏଥିପାଇଁ ବ୍ୟୟ ଅଟକଳ ହୋଇଥିବା ୮୮୪.୩୮ କୋଟି ଟଙ୍କା ରାଜ୍ୟ କ୍ୟାବିନେଟ୍‌ରେ ଅନୁମୋଦନ ଲାଭ କରିଛି। ତେବେ ପ୍ରଶାସନିକ ମଞ୍ଜୁରୀକୁ ଅପେକ୍ଷା କରାଯାଇଛି। ପ୍ରଶାସନିକ ମଞ୍ଜୁରୀ ପରେ ଆସନ୍ତା ଏପ୍ରିଲରେ ଏହାର ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେବ। ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା ପରେ ୩ ବର୍ଷ ମଧ୍ୟରେ କାମ ଶେଷ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି ବୋଲି କହିଛନ୍ତି ମୁଖ୍ୟଯନ୍ତ୍ରୀ ବେହେରା। ପୂର୍ବରୁ ଜଳଭଣ୍ଡାରରୁ ପ୍ରାୟ ୧୫ ଲକ୍ଷ କ୍ୟୁସେକ୍ ବନ୍ୟାଜଳ ନିଷ୍କାସନ କ୍ଷମତା ବିଶିଷ୍ଟ ସ୍ପିଲ୍‌ୱେ ନିର୍ମାଣ ହୋଇଥିଲା। ମାତ୍ର ପରବର୍ତ୍ତୀ ପାଣିପାଗଜନିତ ଆସନ୍ନ ବିପଦରୁ ହୀରାକୁଦ ଜଳଭଣ୍ଡାରର ସୁରକ୍ଷା ଦୃଷ୍ଟିରୁ ଏହାର ଜଳ ନିଷ୍କାସନ କ୍ଷମତାକୁ ୨୫ଲକ୍ଷ ଘନଫୁଟ୍‌କୁ ବୃଦ୍ଧି କରିବା ଲକ୍ଷ୍ୟରେ ଏଠାରେ ଅତିରିକ୍ତ ସ୍ପିଲ୍‌ୱେ ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି ସେ କହିଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଶା ଓମେନ୍ ଇନ୍ ମିଡିଆର ପ୍ରତିଷ୍ଠା ଦିବସ, ସ୍ଥାନ: ଦି ନ୍ୟୁ ମାରିୟନ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ଥାପନା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଓଡ଼ିଶା ଓମେନ୍ ଫେଷ୍ଟ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଏଆଇଡିଏସ୍ଓ ପକ୍ଷରୁ ରାଜ୍ୟସ୍ତରୀୟ ଶିକ୍ଷା ସମ୍ମିଳନୀ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର

- ବାର୍ଷିକ ପୂଜା ଉତ୍ସବ ଓ ହରିବଂଶ ପଠନର ଉଦ୍‌ଯାପନୀ ଦିବସ, ସ୍ଥାନ: ବାରାପାଳ, ରୂପସା, ସମୟ: ଦିବସବ୍ୟାପୀ।
- ଆନ୍ତର୍ଜାତିକ ମହିଳା ଦିବସ, ସ୍ଥାନ: ରାହା କଲ୍ୟାଣ ମଣ୍ଡପ, ରୂପସା, ସମୟ: ଅପରାହ୍ନ ୩ଟା।
- ପ୍ରତିଭା ପରିବାର ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ଖଇରା ଦୁର୍ଗାମଣ୍ଡପ, ସମୟ: ଅପରାହ୍ନ ୫ଟା।
- ପ୍ରାକ୍ ହୋଲି ମିଳନ 'ପ୍ରେମ ଫଗୁଣ', ସ୍ଥାନ: ଶାନ୍ତିକାନନ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ସୁବର୍ଣ୍ଣରେଖା ଗ୍ରାମୀଣ ମହୋତ୍ସବ ଏବଂ ଶ୍ରୀ ଜଗନ୍ନାଥଙ୍କ ୩୨ ବେଶର ତୃତୀୟ ସନ୍ଧ୍ୟା, ସ୍ଥାନ: ସାନ ରାଉତପଡ଼ା, କୋଟସାହି, ଜଳେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ମହାବିନାୟକ ଚବିଶ ପ୍ରହର ନାମଯଜ୍ଞ, ସ୍ଥାନ: ଖରିଦା ବିନାୟକପୁର ହାଟପଡ଼ିଆ, ବାସୁଦେବପୁର, ସମୟ: ସକାଳ ୬ଟା।
- ଜଗନ୍ନାଥ ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ତାଳପଦା, ତିହିଡ଼ି, ସମୟ: ସକାଳ ୮ଟା।
- ପିଏମ୍‌ଶ୍ରୀ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ, ସ୍ଥାନ: ସେଣ୍ଟତୀରା ଜନାର୍ଦ୍ଦନ ସରକାରୀ ଉଚ୍ଚ ବିଦ୍ୟାଳୟ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ରହ୍ମାକୁମାରୀ ଆଶ୍ରମ ଉଦ୍‌ଘାଟନ, ସ୍ଥାନ: ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ମତୋ ଜୋନ୍ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ, ସ୍ଥାନ: ମତୋ କଲେଜ ଖେଳପଡ଼ିଆ, ଚାନ୍ଦବାଲି, ସମୟ: ଅପରାହ୍ନ ୩ଟା।

## କେନ୍ଦୁଝର

- ମା' ଗଡ଼ଚଣ୍ଡୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଫାଇନାଲ ମ୍ୟାଚ୍, ଉଦ୍‌ଯାପନୀ ଦିବସ, ସ୍ଥାନ: ସୁନ୍ଦରାପାଳ, ଛେନାପଦି, ସମୟ: ମଧ୍ୟାହ୍ନ ୧୨ ଟା।
- ବାର୍ଷିକ ଅଷ୍ଟମପ୍ରହର ନାମଯଜ୍ଞ, ନଗର ଭ୍ରମଣ ଓ ନଦୀୟା କୀର୍ତ୍ତନ, ସ୍ଥାନ: ନୂଆରମ୍ଭାସ, ଛେନାପଦି, ସମୟ: ଅପରାହ୍ନ ୩ ଟା।
- ଅଷ୍ଟମପ୍ରହର ନାମଯଜ୍ଞ ଏବଂ ନଗର ପରିକ୍ରମା, ସ୍ଥାନ : ଚାଷଖଣ୍ଡ, ହାଟଡ଼ିହୀ, ସମୟ : ଅପରାହ୍ନ ୩ ଟା।
- ଆଧାତ୍ମିକ ଆଲୋଚନା ଏବଂ ବାଲ ବିକାଶ ଶିକ୍ଷା, ସ୍ଥାନ :ଚ ଡ଼ଅଁର, ମରେଇଗାଁ, ସମୟ: ସକାଳ ୭ ଟା ଏବଂ ସନ୍ଧ୍ୟା ୫ ଟା।

## ମୟୂରଭଞ୍ଜ

- ବଳାଙ୍ଗୀ ଜାଗରଣ ଯାତ୍ରା ଓ ମହରାଜା ଶ୍ରୀରାମଚନ୍ଦ୍ର ଜ୍ୟୋତି ରଥର ଜିଲା ପରିକ୍ରମା,ସ୍ଥାନ:ଉଦଳା, ସମୟ: ସକାଳ ୮ଟା।
- ୯ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞର ସଂସ୍କାର କାର୍ଯ୍ୟକ୍ରମ ଓ ପୂର୍ଣ୍ଣାହୂତି, ସ୍ଥାନ:ଠାକୁରମୁଣ୍ଡା,ସମୟ: ସକାଳ ୯ଟା।
- ମୟୂରଭଞ୍ଜ ସାହିତ୍ୟ ପରିଷଦର ୪୦ତମ ବାର୍ଷିକ ଉତ୍ସବ, ସ୍ଥାନ:ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ଅନନ୍ତ ସୁଧା ମହିଳା ସମିତିର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ମହାରାଜପୁରସ୍ଥିତ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱର୍ଗତ ଉତ୍ତମ ମହାନ୍ତିଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା,ସ୍ଥାନ:ଚନ୍ଦ୍ରିକା କଳାବିକାଶ କେନ୍ଦ୍ର,ଦେଉଳି, ଶୁଳିଆପଦା, ସମୟ:ଅପରାହ୍ନ ୪ଟା।
- ୧୦୦ତମ ହୋଲି ମହୋତ୍ସବର ଇଷ୍ଟ ଦେବତା ରାଧାମାଧବଙ୍କ ଆଗମନ, ସ୍ଥାନ: ତାଳପଦା ଦୁର୍ଗାମାଧବ ପଡ଼ିଆ, ବଡ଼ସାହି,ସମୟ: ସନ୍ଧ୍ୟା ୭ଟା।
- ଜାଗର ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ବାବା କଖାରୁଆ ବୈଦ୍ୟନାଥ ମନ୍ଦିର, ମାଣତ୍ରୀ. ବଡ଼ସାହି, ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୧ଟା।
- ଜାଗର ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାବା ଶିମିଳେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣ, ଶିମିଳା, ବାଙ୍ଗରିପୋଷି,ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୧ଟା।
- ଜାଗର ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ବାବା ବୁଦ୍ଧେଶ୍ୱର ମହାଦେବଙ୍କ ମନ୍ଦିର, ଦେବଶୂଳ, ରାସଗୋବିନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୧ଟା।
- ଭାରତୀୟ ହସ୍ତଶିଳ୍ପ ଓ ହସ୍ତତନ୍ତ ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟାରୁ ରାତି ୧୦ଟା।

## ବ୍ରହ୍ମପୁର

- ଦଳପତି ମହାସଭା ୬ଷ୍ଠ ଅଧିବେଶନ, ସ୍ଥାନ: କପିଳେଶ୍ୱର କଲ୍ୟାଣ ମଣ୍ଡପ, ସମୟ: ସକାଳ ୯ଟା ୩୦ ।
- ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଓ ଓମ୍‌ଫେଡ ଚାଷୀଙ୍କୁ ପ୍ରୋତ୍ସାହନ ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ-ବ୍ରହ୍ମପୁର ମହାନଗର ନିଗମ ସମ୍ମିଳନୀ କକ୍ଷ ସମୟ: ପୂର୍ବାହ୍ନ ୧୧ଟା।
- କଂଗ୍ରେସର ପ୍ରେସମିଟ, ସ୍ଥାନ: ବାପୁଜୀ ଆଶ୍ରମ, ସମୟ: ପୂବାହ୍ନ ୧୧ଟା।

## ଢେଙ୍କାନାଳ

- ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ, ସ୍ଥାନ: ଢେଙ୍କାନାଳସ୍ଥିତ ଗୋପବନ୍ଧୁ ଟାଉନ ହଲ, ସମୟ: ପୂର୍ବାହ୍ନ ସାଢେ ୧୦ଟା।
- କପିଳାସ ସୁରକ୍ଷା ପରିଷଦ ପକ୍ଷରୁ ପ୍ରତିବାଦ ସଭା, ସ୍ଥାନ: କପିଳାସ ଭକ୍ତ ନିବାସ, ସମୟ: ଅପରାହ୍ନ ୩ଟା।

## ଜଗତ୍‌ସିଂହପୁର

- ସୋମନାଥ ମିଶ୍ର ସ୍ମୃତି ସେବା ସଂସଦ ନରଣପୁର ପକ୍ଷରୁ ସ୍ୱର୍ଗତ ସୋମନାଥ ମିଶ୍ରଙ୍କ ଜନ୍ମଶତବାର୍ଷିକ ସମାରୋହ ସ୍ଥାନ: କୁଳମୁଣ୍ଡିଲୋସ୍ଥିତ ରାମ୍ ରହିମ୍ ହାଇସ୍କୁଲ, ଜଗତ୍‌ସିଂହପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଦଶମ ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା, ସ୍ଥାନ: ଗଣପତି ଶିଶୁ ବିଦ୍ୟାମନ୍ଦିର,ବାଲିଝରା, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ପୁରୁଣା ବସଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ପାୟଲ ମ୍ୟୁଜିକ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ:ସ୍କୁଲ ପରିସର, ଇନ୍ଦୁପୁର, କେନ୍ଦ୍ରାପଡ଼ା, ସମୟ:ଅପରାହ୍ନ ୪ଟା।
- ଭାଗବତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀଗୁରୁ ମହାରାଜ ମଠ, କଳଦିଆ, ଆଳି, ସମୟ: ସନ୍ଧ୍ୟା ୬ଟା।
- ହରିବାସର ଯୁବକ ସଂଘ ପକ୍ଷରୁ ମା'ଶୀତଳା ଦେବୀଙ୍କ ବାର୍ଷିକ ପୂଜା ଓ ନାମଯଜ୍ଞ, ସ୍ଥାନ: ସୁନିତୀ, ମହାକାଳପଡ଼ା, ସମୟ: ସକାଳ ୬ଟା।
- ମା'କେନ୍ଦୁଖାଇ ଦୁଆସୁଣୀ ଦେବୀଙ୍କ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଭ୍ରମରଦିଆପାଟଣା, ଡେରାବିଶ, ସମୟ: ସକାଳ ୬ଟା।

## ଯାଜପୁର

- ଧରିତ୍ରୀ ମେଗା କୁଇଜ ପ୍ରତିଯୋଗିତାର ପୁରସ୍କାର ବିତରଣ କାର୍ଯ୍ୟକ୍ରମ, ସ୍ଥାନ : ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଯାଜପୁର ଜିଲା ମହୋତ୍ସବ-୨୦୨୫ର ତୃତୀୟ ଦିବସରେ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ଯାଜପୁର ରୋଡ ଏନ.ସି ହାଇସ୍କୁଲ ପଡିଆ, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼

- ଶୀତଳ ଠାକୁରାଣୀଙ୍କ ବାର୍ଷିକୋତ୍ସବ, ସ୍ଥାନ: କଣ୍ଟିଲୋ ମଝିସାହି ପାଟଣା, ସମୟ:ପୂର୍ବାହ୍ନ ୮ଟା।
- ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଖଣ୍ଡପଡ଼ା ରାମ ମନ୍ଦିର ପରିସର, ସମୟ:ପୂର୍ବାହ୍ନ ୧୦ଟା।

## ରାୟଗଡ଼ା

- ମା' ଗଙ୍ଗା ଦେବୀ ଠାକୁରାଣୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ସ୍ଥାନ: ଟିକିରି, କାଶୀପୁର ବ୍ଲକ୍, ସମୟ: ସକାଳ ୯ ଟା।

## ନବରଙ୍ଗପୁର

- ମିଳିତ କ୍ରିୟାନୁଷ୍ଠାନ କମିଟି, ଜିଲା ଛାତ୍ର ସଙ୍ଗଠନ ନବରଙ୍ଗପୁର ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ନବରଙ୍ଗପୁର ଭତରା ଭବନ, ସମୟ: ଅପରାହ୍ନ ୪ଟା।

## ସମ୍ବଲପୁର

- ସମ୍ବଲପୁର ସେଲିବ୍ରିଟି ଲିଗ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ : ହାୱା ମଇଦାନ, ସମୟ: ସକାଳ : ୭ଟା।
- ଯୋଗ ପରିବାର ପକ୍ଷରୁ ବନ୍ଧୁ ମିଳନ, ସ୍ଥାନ : ବଡ ସିଂହାରି ନର୍ସରୀ, ସମୟ : ସକାଳ ୯ଟା ୩୦।
- ଆମ ଆଦମି ପାର୍ଟିର ସାଙ୍ଗଠାନିକ ବୈଠକ, ସ୍ଥାନ : କ୍ଷେତରାଜପୁର ଅଗ୍ରସେନ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ଜିଲା ପ୍ରଶାସନ ଆୟୋଜନରେ ସୁଭଦ୍ରା ଶକ୍ତି ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ : ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ (ଖ) ମାଗଣା ଆୟୁର୍ବେଦ ଚିକିତ୍ସା ଶିବିର, ସ୍ଥାନ: ପଲ୍ଲୀ ଆଲୋକ ପାଠାଗାର, ସମୟ: ପୂର୍ବାହ୍ନ ୧୦ ଟା ୩୦ ମିନିଟ।

## ରାଉରକେଲା

- ସୃଜନଶୀଳତା ନାରୀ: ସଚେତନତାର ପୃଥକ ପରିଭାଷା ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ସେକ୍ଟର-୧୭, ସମୟ: ପୂର୍ବାହ୍ନ ୯ଟା।
- ଆସ୍ଥା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: କୋଏଲନଗରସ୍ଥିତ ଆର୍‌ଏସ୍‌ପି ଅବସରପ୍ରାପ୍ତ କର୍ମଚାରୀ ସଂଘ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼

- ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: କନକବିରା, ଭଟଲି, ସମୟ: ସକାଳ ୮ଟା।
- ରାମାୟଣ ପାରାୟଣ, ସ୍ଥାନ: ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ଗାଇସିଲେଟ୍, ସମୟ: ସକାଳ ୯ଟା।
- ଆକାଶବାଣୀ ଶ୍ରୋତାସଂଘର ରାଜ୍ୟସ୍ତରୀୟ ବାର୍ଷିକ ଶ୍ରୋତା ସମ୍ମିଳନୀ, ସ୍ଥାନ: ଅଗ୍ରଗାମୀ ଯୁବକ ସଂଘ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ, ପଗାରପାଣି, ଝାରବନ୍ଧ, ସମୟ:ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଠିକାଦାର ସମ୍ମିଳନୀ, ସ୍ଥାନ: ଯଦୁମଣି ପ୍ରଧାନ ଅଡ଼ିଟୋରିୟମ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀ ଶ୍ୟାମ ଫାଲଗୁନ ମହୋତ୍ସବ, ସ୍ଥାନ: ଗୋବର୍ଦ୍ଧନ ବଗିଚା, ନଦୀପଡ଼ା, ବରଗଡ଼, ସମୟ: ସନ୍ଧ୍ୟା ୬ଟା।

## ବୌଦ୍ଧ


- ଷୋହଳତମ ଅଲ ଇଣ୍ଡିଆ ଡିଏସ୍ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପନ ଉତ୍ସବ, ସ୍ଥାନ: ଜିଲା ଷ୍ଟାଡିୟମ, ବୌଦ୍ଧ, ସମୟ: ଅପରାହ୍ନ ୩ଟା।
- କନ୍ଧମାଳ ମହୋତ୍ସବର ଉଦଯାପନ ଉତ୍ସବ, ସ୍ଥାନ: କନ୍ଧମାଳ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ସମୟ ସନ୍ଧ୍ୟା ୭ଟା।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କିର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ, ସହର ସମୟ: ପ୍ରାତଃ ୪ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ଦେବଗଡ, ବିଜେଡ଼ି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠସାହି ମା' କନକ ଦୁର୍ଗା ମନ୍ଦିର ଦେବଗଡ, ସମୟ: ସନ୍ଧ୍ୟା ୭ଟା।
- ତ୍ରିନାଥ ମେଳା, ସ୍ଥାନ: ବାବୁ ସାହି, ଦେବଗଡ ସହର, ସମୟ: ସନ୍ଧ୍ୟା ୬ଟା।

## ସୁବର୍ଣ୍ଣପୁର

- ରାଷ୍ଟ୍ରୀୟ ନାଟ୍ ମେଳା-୨୦୨୫, ସ୍ଥାନ: ସୁବର୍ଣ୍ଣପୁର ସଂସ୍କୃତି ଭବନ, ସମୟ: ସକାଳ ୯ଟା।



ହାମ୍ପି କେନାଲ କଡ଼ରେ ଅପରାଧ ସମ୍ପର୍କରେ ଲୋକଙ୍କୁ ପଚରାଉଚରା କରୁଛି କର୍ନାଟକ ପୋଲିସ ।

**ପ୍ରଥମ ପୃଷ୍ଠାରୁ...**

### ଇସ୍ରାଏଲୀଙ୍କ ସମେତ ...

ଘର ଗଙ୍ଗାବଦୀ ସହରର ସାଇନଗର ହୋଇଥିବାବେଳେ ଉଭୟ ରାଜମିସ୍ତ୍ରି କାମ କରୁଥିଲେ। ପୋଲିସ ସୂଚନା ଅନୁଯାୟୀ, ଗୁରୁବାର ରାତି ପ୍ରାୟ ୧୧ଟା ବେଳେ ଏହି ଘଟଣା ଘଟିଛି। ରାତ୍ରିଭୋଜନ ପରେ ଇସ୍ରାଏଲୀ ମହିଳା ଓ ୩ ପୁରୁଷ ପର୍ଯ୍ୟଟକଙ୍କ ସହ ୨୯ ବର୍ଷୀୟ ହୋମ୍‌ଷ୍ଟେ ଅପରେଟର ସାନାପୁର ଲେକ୍ ନିକଟ ତୁଙ୍ଗଭଦ୍ରା କେନାଲ କୂଳରେ ବସି ଗିଟାର ବଜାଇ ସଙ୍ଗୀତ ଉପଭୋଗ କରୁଥିଲେ। ଏହି ସମୟରେ ୩ ଜଣ ମୋଟରସାଇକେଲରେ ଆସି ପେଟ୍ରୋଲ ପମ୍ପ ସମ୍ପର୍କରେ ପଚାରିଥିଲେ। ପାଖରେ ପେଟ୍ରୋଲ ପମ୍ପ ନାହିଁ ବୋଲି କହିବାରୁ ସେମାନେ ୧୦୦ ଟଙ୍କା ମାଗିଥିଲେ। ସେମାନେ ଅପରିଚିତ ହୋଇଥିବାରୁ ଟଙ୍କା ଦେବାକୁ ହୋମ୍‌ଷ୍ଟେ ଅପରେଟର ମନା କରିଦେଇଥିଲେ। ସେମାନେ ବାଧ କରିବାରୁ ଓଡ଼ିଆ ପର୍ଯ୍ୟଟକ ଜଣକ ୨୦ ଟଙ୍କା ଦେଇଥିଲେ। ଏହା ପରେ ଅଭିଯୁକ୍ତମାନେ ପାଟିତୁଣ୍ଡ କରିବା ସହ ପଥରରେ ସେମାନଙ୍କ ମୁଣ୍ଡ ଛେଚିଦେବେ ବୋଲି ଧମକ ଦେଇଥିଲେ। ଏହା ସତ୍ତ୍ୱେ ଟଙ୍କା ଦେବାକୁ ପର୍ଯ୍ୟଟକମାନେ ମନା କରିବାରୁ କନ୍ନଡ ଏବଂ ତେଲୁଗୁରେ କଥା ହେଉଥିବା ଅଭିଯୁକ୍ତମାନେ ଗାଳିଗୁଲଜ କରିବା ସହ ୨ ମହିଳାଙ୍କୁ ବଳାତ୍କାର କରିଥିଲେ ଏବଂ ପୁରୁଷ ପର୍ଯ୍ୟଟକଙ୍କୁ କେନାଲ ମଧ୍ୟକୁ ଠେଲିଦେଇଥିଲେ। ଅଭିଯୁକ୍ତଙ୍କ ମାଡ଼ରେ ହୋମ୍‌ଷ୍ଟେ ଅପରେଟର ଗୁରୁତର ଆହତ ହୋଇଛନ୍ତି। ସେମାନେ ପୁରୁଷ ପର୍ଯ୍ୟଟକମାନଙ୍କୁ କେନାଲକୁ ଠେଲିଦେବା ପରେ ହୋମ୍‌ଷ୍ଟେ ଅପରେଟରଙ୍କ ପୋଷାକ ଖୋଲି ମାଡ଼ ମାରିବା ସହ ବଳାତ୍କାର କରିଥିଲେ। ଏଥିସହିତ ତାଙ୍କ ବ୍ୟାଗ୍ ଛଡ଼ାଇ ନେଇଥିଲେ। ଉକ୍ତ ବ୍ୟାଗ୍‌ରେ ୨ଟି ମୋବାଇଲ ଫୋନ୍ ଓ ନଗଦ ୯,୫୦୦ ଟଙ୍କା ଥିଲା। ଜଣେ ଅଭିଯୁକ୍ତ ଇସ୍ରାଏଲୀ ମହିଳା ପର୍ଯ୍ୟଟକଙ୍କୁ ଘୋଷାରି ନେଇ ବଳାତ୍କାର କରିଥିଲେ। ୩ ପୁରୁଷ ପର୍ଯ୍ୟଟକଙ୍କ ମଧ୍ୟରୁ ୨ ଜଣ ଆହତ ହୋଇଥିବାବେଳେ ଓଡ଼ିଆ ପର୍ଯ୍ୟଟକ ବିଭାଷ ନିଖୋଜ ହୋଇଯାଇଥିଲେ। ଶନିବାର ସକାଳେ ତାଙ୍କ ମୃତଦେହ ମିଳିଥିବା ପୋଲିସ କହିଛି। ଅଭିଯୋଗ ଆଧାରରେ ଗଙ୍ଗାବତୀ ଗ୍ରାମାଞ୍ଚଳ ଥାନା ପୋଲିସ ଅଭିଯୁକ୍ତମାନଙ୍କ ବିରୋଧରେ ଜବରଦସ୍ତ ଟଙ୍କା ଆଦାୟ, ଡକାୟତି, ଗଭୀର ଆଘାତ ଦେବା, ଗଣବଳାତ୍କାର ଏବଂ ହତ୍ୟା ଉଦ୍ୟମ ମାମଲା ରୁଜୁ କରିଛି। ୨ ମହିଳା ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

### ଭାରତ-ନ୍ୟୁଜିଲାଣ୍ଡ ...

ଚଳିତ ଟୁର୍ଣ୍ଣାମେଣ୍ଟର ଲିଗ ପର୍ଯ୍ୟାୟର ଅନ୍ତିମ ମ୍ୟାଚରେ ଦୁଇ ଦଳ ପରସ୍ପରକୁ ଭେଟିଥିଲେ। ବରୁଣ ଚକ୍ରବର୍ତ୍ତୀଙ୍କ ୫ ଉଇକେଟ ସଫଳତା ବଳରେ ଏହି ମ୍ୟାଚକୁ ଭାରତ ୪୪ ରନରେ ଜିତି ନେଇଥିଲା। ଏହି ମ୍ୟାଚ ଭଳି ଫାଇନାଲରେ ମଧ୍ୟ ସ୍ପିନରଙ୍କ ଯାଦୁ ଦେଖିବାକୁ ମିଳିବ। ଦୁବାଇର ପିଚ ପାରମ୍ପରିକ ଭାବେ ସ୍ପିନରଙ୍କୁ ସୁହାଏ। ଏହାକୁ ଦୃଷ୍ଟିରେ ରଖି ଭାରତୀୟ ଦଳ ୪ ସ୍ପିନରଙ୍କ ସହିତ ମ୍ୟାଚକୁ ଓହ୍ଲାଇବା ପ୍ରାୟତଃ ନିଶ୍ଚିତ। ଏଥିଯୋଗୁ ଚକ୍ରବର୍ତ୍ତୀ, କୁଲଦୀପ ଯାଦବ ଓ ଦୁଇ ସ୍ପିନ ଅଲରାଉଣ୍ଡର ଅକ୍ଷର ପଟେଲ ଓ ରବୀନ୍ଦ୍ର ଜାଡେଜାଙ୍କ ଉପରେ ଅଧିକ ଭାର ରହିବ। ଭେଟେରାନ ପେସର ମହମ୍ମଦ ଶାମିଙ୍କ ସହିତ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଦଳର ପେସ ବିଭାଗ ସମ୍ଭାଳିବେ। ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯାଇଥିବା ମ୍ୟାଚ ଲାଗି ବ୍ୟବହୃତ ପିଚରେ ଯଦି ଫାଇନାଲ ଖେଳାଯାଏ, ତେବେ ୪ ଭାରତୀୟ ସ୍ପିନରଙ୍କ ଖୁବ୍ ପ୍ରଭାବ ଫାଇନାଲରେ ଦେଖିବାକୁ ମିଳିବ। ୪ ସ୍ପିନରଙ୍କୁ କାଉଣ୍ଟର କରିବା ଲାଗି ନ୍ୟୁଜିଲାଣ୍ଡ ପାଖରେ କେନ ୱିଲିୟମସନ ଓ ରାଚିନ ରବୀନ୍ଦ୍ରଙ୍କ ଭଳି ଦକ୍ଷ ବ୍ୟାଟର ରହିଛନ୍ତି। ନ୍ୟୁଜିଲାଣ୍ଡ ଦଳର ବ୍ୟାଟିଂ ଲାଇନ୍‌ଅପ୍‌ରେ ଏହି ଦୁଇ ବ୍ୟାଟର ସ୍ପିନ ବୋଲରଙ୍କ ମୁକାବିଲା କରିବାରେ ସବୁଠୁ ସକ୍ଷମ। ତେବେ ନ୍ୟୁଜିଲାଣ୍ଡ ପାଖରେ ଅଧିନାୟକ ମିଚେଲ ସାଣ୍ଟନର, ମାଇକେଲ ବ୍ରେସୱେଲ, ରବୀନ୍ଦ୍ର ଓ ଗ୍ଲେନ୍ ଫିଲିପ୍ସଙ୍କ ଭଳି ସ୍ପିନର ରହିଛନ୍ତି। ନ୍ୟୁଜିଲାଣ୍ଡ ସ୍ପିନରମାନେ ଗତ ବର୍ଷ ଭାରତୀୟ ବ୍ୟାଟିଂ ଲାଇନ୍‌ଅପକୁ ଧ୍ୱଂସ କରି ଭାରତରେ ଟେଷ୍ଟ ସିରିଜ ଜିତିଥିଲେ।

### ସ୍ଲୋଗାନରେ ସୀମିତ ...

ଦ୍ୱିତୀୟ ସ୍ଥାନରେ ରହିଛି। ଆଗାମୀ ଦିନରେ ରାଜ୍ୟର ମହିଳାମାନେ ଲକ୍ଷପତି ଦିଦି ହେବେ, ଯାହାକୁ ନେଇ ବିରୋଧୀ ଦଳର ନେତାମାନେ ସହିପାରୁନାହାନ୍ତି। ହଜମ ମଧ୍ୟ କରିପାରୁନାହାନ୍ତି। ସେମାନେ ହଜମ ଗୁଳି ଖାଇବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ, ଆମର ନିନ୍ଦୁକମାନେ ଭୁଲି ଯାଇଛନ୍ତି ଯେ, ଶିଶୁଟିଏ ଜନ୍ମ ହେବାକୁ ମଧ୍ୟ ମା' ଗର୍ଭରେ ୯ ମାସ ବିତେଇବାକୁ ପଡ଼ଥାଏ। ଆମ ସରକାରର ୯ ମାସ ପୂରଣ କରିବାକୁ ଆହୁରି ଚାରିଦିନ ବାକି ଅଛି। କିନ୍ତୁ, ଏହି ସ୍ୱଳ୍ପ ସମୟ ଭିତରେ ଆମେ ଓଡ଼ିଶାର ଜନସାଧାରଣଙ୍କ ପାଇଁ ଯେଉଁ କାର୍ଯ୍ୟ କରିପାରିଛୁ, ତାହା ସେମାନେ ପ୍ରକୃତରେ ବିଶ୍ୱାସ କରିପାରୁ ନାହାନ୍ତି। ସେମାନେ ବିଶ୍ୱାସ କରିପାରୁନାହାନ୍ତି ଯେ ଚାଷୀଙ୍କୁ ୨୪ ବର୍ଷରେ ଏମ୍‌ଏସ୍‌ପି (ସର୍ବନିମ୍ନ ସହାୟକ ମୂଲ୍ୟ)ଠାରୁ କିଛି ଅଧିକ ଟଙ୍କା ଦେଇ ପାରିଲେ ନାହିଁ, କିନ୍ତୁ ଏ ନୂଆ ସରକାର କିପରି ଭାବେ ୨୪ ମିନିଟରେ କୁଇଣ୍ଟାଲ ପିଛା ୧୦୦ ନୁହେଁ, ୮୦୦ ଟଙ୍କା ଦେବା ପାଇଁ ନିଷ୍ପତ୍ତି ନେଇଗଲେ। ୨୪ ବର୍ଷର ତତ୍କାଳୀନ ସରକାର ଗରିବଙ୍କୁ ସାହାଯ୍ୟ କରି ନ ଥିଲେ। ୨୪ ବର୍ଷ ରାଜ୍ୟରେ ଇଭେଣ୍ଟ ମ୍ୟାନେଜ୍‌ମେଣ୍ଟ ସରକାର ରହିଥିଲା। ବର୍ତ୍ତମାନର ସରକାର ଗରିବ ପରିବାରର ଝିଅଙ୍କ ବିବାହ ନିମନ୍ତେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଆରମ୍ଭ କରିଛନ୍ତି, ଯଦ୍ୱାରା ଗରିବ ଝିଅମାନେ ସୁବିଧାରେ ବିବାହ କରିପାରିବେ। ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ ବୃଦ୍ଧାବୃଦ୍ଧ ଓ ମହିଳାମାନେ ମାଗଣାରେ ସରକାରୀ ବସ୍‌ରେ ପୁରୀ ଯାଇ ଜଗନ୍ନାଥକୁ ଦର୍ଶନ କରିବାର ସୁଯୋଗ ପାଇବେ। ୨୪ ବର୍ଷର ସରକାର ଏଭଳି କୌଣସି ଯୋଜନା କରିପାରି ନ ଥିଲେ, ଯାହା ୯ ମାସର ସରକାର କରିପାରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ସେପ୍ଟେମ୍ବର ୧୭ ତାରିଖରେ ଓଡ଼ିଶା ଗସ୍ତରେ ଆସି ନିଜ ଜନ୍ମ ଦିନ ପାଳନ ଅବସରରେ ଆଦିବାସୀ ମହିଳାଙ୍କଠୁ ପିଠା ଖାଇଥିଲେ, ଯାହାକି ମହିଳାଙ୍କୁ ସମ୍ମାନପ୍ରଦାନର ବଡ଼ ଉଦାହରଣ। ଭାରତ ବର୍ଷରେ ୩ କୋଟି ଲକ୍ଷପତି ଦିଦି ସୃଷ୍ଟି କରିବା ପାଇଁ ପ୍ରଧାନମନ୍ତ୍ରୀ ଲକ୍ଷ୍ୟ ରଖିଛନ୍ତି। ଓଡ଼ିଶାରେ ୨୦୨୭ ସୁଦ୍ଧା ୨୫ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବାର ଲକ୍ଷ୍ୟ ରଖାଯାଇଛି। ଗଞ୍ଜାମ ମାଟି କଳା, ସଂସ୍କୃତି ଓ ଐତିହ୍ୟର ପ୍ରାଣକେନ୍ଦ୍ର। ବ୍ରହ୍ମପୁରର ରେଶମ ସହର ଭାବେ ବେଶ୍ ସୁନାମ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୪୯୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପଗୁଡ଼ିକର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏଥିସହ ଗଞ୍ଜାମ ଜିଲାରେ ୧୪୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ୫୧ଟି ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି।

**ଗଞ୍ଜାମ ଜିଲାରେ ୧୪୫ କୋଟିର ୫୧ ପ୍ରକଳ୍ପ ଉଦ୍‌ଘାଟିତ**

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମତ୍ସ୍ୟ, ପ୍ରାଣିସମ୍ପଦ ଓ ବିକାଶ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବ୍ରହ୍ମପୁର ଏମ୍‌ପି ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ଆସିକା ଏମ୍‌ପି ଅନୀତା ଶୁଭଦର୍ଶିନୀଙ୍କ ସମେତ ଜିଲାର ସମସ୍ତ ଭାଜପା ବିଧାୟକ ଉପସ୍ଥିତ ଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ସ୍ୱାଗତ ସୂଚନା ଓ ଅତିଥି ପରିଚୟ ଦେଇଥିଲେ। ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଧନ୍ୟବାଦ ଜଣାଇଥିଲେ।

### 'ଛାବା' ଦେଖି ରାତିରେ ...

ଦୁର୍ଗ ନିକଟସ୍ଥ କ୍ଷେତରେ ମୋଗଲ କାଳର ସୁନାମୁଦ୍ରା ପୋତିହୋଇ ରହିଛି ବୋଲି ଆଖପାଖ ଗ୍ରାମଗୁଡ଼ିକରେ ପ୍ରଚାର କରିଥିଲେ। ଫଳରେ ଆଖପାଖ ଗ୍ରାମର ବହୁସଂଖ୍ୟାରେ ଲୋକ ଟର୍ଚ୍ଚ ଓ ମେଟାଲ ଡିଟେକ୍ଟର ଧରି ଶୁକ୍ରବାର ରାତି ୭ଟାରୁ ଭୋର୍ ୩ଟା ପର୍ଯ୍ୟନ୍ତ ସୁନାମୁଦ୍ରା ସନ୍ଧାନରେ କ୍ଷେତ ଖୋଳିବା ଜାରି ରଖିଥିଲେ। ଏହାର କିଛି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଘଟଣା ସମ୍ପର୍କରେ ଜାଣିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଖନନ କାର୍ଯ୍ୟକୁ ବନ୍ଦ କରାଇଥିଲା। ସୁନାମୁଦ୍ରା ପାଇବା ଆଶାରେ ବେଆଇନ ଖନନ କାର୍ଯ୍ୟ ନ କରିବାକୁ ଶନିବାର ବୁରାହନ୍‌ପୁର ଜିଲା ପ୍ରଶାସନ ପକ୍ଷରୁ ଅସିରଗଡ଼ ଦୁର୍ଗ ନିକଟସ୍ଥ ଗ୍ରାମଗୁଡ଼ିକରେ ଲୋକଙ୍କୁ ସଚେତନ କରାଯାଇଛି। ବୁରାହନ୍‌ପୁର ଜିଲା ଆରକ୍ଷୀ ଅଧୀକ୍ଷକ ଦେବେନ୍ଦ୍ର ପଟିଦାର କହିଛନ୍ତି, ଅସିରଗଡ଼ ଦୁର୍ଗ ନିକଟରେ ମୋଗଲ କାଳର ସୁନାମୁଦ୍ରା ପୋତାଯାଇଥିବା ନେଇ ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି। ଏନେଇ ତଦନ୍ତ କରାଯାଉଛି। ଯେଉଁମାନେ ବେଆଇନ ଭାବେ ଖନନ କାର୍ଯ୍ୟ କରିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ବର୍ତ୍ତମାନ ସୁଦ୍ଧା ଉକ୍ତ ଅଞ୍ଚଳରୁ କୌଣସି ସୁନାମୁଦ୍ରା ମିଳିନାହିଁ ବୋଲି ସେ କହିଛନ୍ତି। ପ୍ରକାଶ ଯେ, ମୋଗଲମାନେ ମରାଠାଙ୍କଠାରୁ ସୁନା ଓ ଧନସମ୍ପତ୍ତି ଲୁଟିନେଇ ଅସିରଗଡ଼ ଦୁର୍ଗଠାରେ ଲୁଚାଇ ରଖିଥିବା ନେଇ 'ଛାବା' ଫିଲ୍ମରେ ଦେଖିବାକୁ ମିଳିଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଯେଉଁ କାମ ବିଷୟରେ ଚିନ୍ତା କରୁଛନ୍ତି, ସେଥିରେ ଅସୁବିଧା ରହିବ ନାହିଁ। ଆନୁଷ୍ଠାନିକ କାମ ସକାଶେ ମନ ବୁଝିଲା ଭଳି କଥା କହି ନିଜ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିଙ୍କୁ ଆପଣେଇନେବେ। ବ୍ୟବସାୟ, ପରିବହନ ଏବଂ ନିର୍ମାଣରୁ ସଫଳତା ମିଳିବ। ଆନୁଷ୍ଠାନିକ କାମ, ବିବାଦୀୟ ଘଟଣା ଓ ଅର୍ଥ ସମ୍ପର୍କ କ୍ଷେତ୍ରରୁ ଉପକୃତ ହେବେ।

**ବୃଷ** - ଆଜି ସୁଖ, ସୌଭାଗ୍ୟ ପ୍ରଦାନ କରିବା ସହ ଖୁସି ମନରେ ଦିନଟି ଅତିବାହିତ କରିବେ। କର୍ମକ୍ଷେତ୍ରରେ ଯାହା କରିବେ ଭଲ ରୂପେ ଭାବିଚିନ୍ତି କାମ କରିବା ଭଲ ହେବ। ଅଧିକାଂଶ ସମୟ ମନ ଅସ୍ଥିର ରହିବା କାରଣରୁ ଆଲୋଚନା ଅମୀମାଂସିତ ରହିବ। ସଭାସମିତିରେ ସତ୍ୟ କଥା ପ୍ରକାଶ କରି ମଧ୍ୟ ଅପମାନିତ ହୋଇପାରନ୍ତି।

**ମିଥୁନ** - ଆଳସ୍ୟଜନିତ ଅବହେଳିତ କର୍ମ ସକାଶେ କର୍ମକ୍ଷେତ୍ରରେ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। କଳା, ସାହିତ୍ୟ, ସାମ୍ବାଦିକତା ଓ ସଂଗୀତରେ ସୁନାମ ଅର୍ଜନ କରିବେ। ଶତ୍ରୁମାନେ ପରୋକ୍ଷରେ ବହୁତ କହିବେ ସିନା କିଛି କରିପାରିବେ ନାହିଁ। ଶିକ୍ଷା, ପରୀକ୍ଷା, ଇଣ୍ଟରଭ୍ୟୁ ଓ ଲେଖାପଢ଼ାରୁ ଶୁଭଫଳ ପାଇବେ।

**କର୍କଟ** - ସହୋଦର ଭାଇ, ବନ୍ଧୁ କିମ୍ବା ଯାତ୍ରାକାଳୀନ ବନ୍ଧୁଙ୍କ ସହ ସୁସମ୍ପର୍କ ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ଅଫିସିଆଲି କାମରେ ମଧ୍ୟାହ୍ନରେ ଟେନସନ୍ ଦୂର ହେବ। ଈର୍ଷାପରାୟଣ ସହକର୍ମୀମାନଙ୍କ ଦ୍ୱାରା ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ। ବ୍ୟବସାୟ, ନିର୍ମାଣ, ଆନୁଷ୍ଠାନିକ କାମ, ସଭା ସମିତିରୁ ପ୍ରଶଂସିତ ହୋଇପାରନ୍ତି।

**ସିଂହ** - କର୍ମକ୍ଷେତ୍ରରେ ନୂତନ ପଦକ୍ଷେପ ନେବା ପୂର୍ବରୁ ଭଲଭାବେ ଚିନ୍ତା କରନ୍ତୁ। ସମୟ ସୁବିଧାକୁ ନେଇ ବନ୍ଧୁଙ୍କ ପାଖରେ ଦୁଃଖ ଜଣାନ୍ତୁ; ଅବଶ୍ୟ ସାମାନ୍ୟ ସମ୍ଭାବ୍ୟ ସାହାଯ୍ୟ କିମ୍ବା ପରାମର୍ଶ ପାଇପାରିବେ। କିଣାବିକା କ୍ଷେତ୍ରରେ ସତର୍କ ନ ହେଲେ ଠକିଯିବେ। ରାଜନୀତି, ସଙ୍ଗଠନ ଓ ସଭାସମିତିରେ ସଫଳତା ହାସଲ କରିବେ।

**କନ୍ୟା** - କର୍ମକ୍ଷେତ୍ରରେ ସମସ୍ୟା ସମାଧାନରେ ରାସ୍ତା ଖୋଜି ପାଇବେ। ପରିସ୍ଥିତି ଯାହା ହେଉନା କାହିଁକି, ଆଜି ଆପଣ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିପାରିବେ। ପରିବାରର ଆବଶ୍ୟକତା ପୂରଣ ସକାଶେ ଧାର କରଜ କରି କାମ ଚଳାଇନେବେ। ଦାବି ମୁତାବକ ନୂତନ ଗୃହୋପକରଣ କ୍ରୟ କରିବା ସକାଶେ ବାଧ୍ୟ ହୋଇପାରନ୍ତି।

**ତୁଳା** - ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କାର୍ଯ୍ୟ ହାସଲ କରିବେ। ଆନୁଷ୍ଠାନିକ କ୍ଷେତ୍ରରେ, ସଭା ସମିତିରେ, ସାମାଜିକ ସ୍ତରରେ ସମ୍ମାନ ଲାଭ କରିପାରନ୍ତି। ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବାକୁ ପଡ଼ିପାରେ। ଘର ସାଜସଜ୍ଜା, ମୂଲ୍ୟବାନ୍ ଜିନିଷ କିଣିବା, ନୂତନ ଗୃହ ନିର୍ମାଣ, ଯାନବାହନ ମରାମତି କରିପାରନ୍ତି।

**ବିଛା** - ଆଜି ଯେଉଁ କାମ ଆରମ୍ଭ କରିବାକୁ ଯାଉଛନ୍ତି, ତାହା ବ୍ୟତିକ୍ରମ ଭିତରେ ସଫଳ ହେବ। ପାରିବାରିକ ସ୍ଥିତିରେ କିଛିଟା ଉନ୍ନତି ପରିଲକ୍ଷିତ ହୋଇପାରେ। ଭୁଲ୍ ବୁଝାମଣା ଯୋଗୁ କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଶୀଘ୍ର ଶେଷ କରିବାକୁ ଚାହୁଁଥିଲେ ମଧ୍ୟ ଭାବୁଥିବା କାମଟିକୁ ଶେଷ କରିପାରିବେନି।

**ଧନୁ** - ଯେତିକି ପାଇବେ ସେତିକିରେ ସନ୍ତୁଷ୍ଟ ରହିବା ଭଲ। ନୂତନ କର୍ମସଂସ୍ଥାନ ପାଇଁ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ କାମ କଲେ ସଫଳତା ପାଇପାରନ୍ତି। ପ୍ରତ୍ୟେକ ପରିସ୍ଥିତିରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ବ୍ୟବସାୟରେ ଭଲ କାରବାର ହେବ, ଯାହାକି ଆପଣଙ୍କୁ କେତେକାଂଶରେ ଆତ୍ମସନ୍ତୋଷ ମିଳିପାରେ।

**ମକର** - କର୍ମକ୍ଷେତ୍ରରେ ବିଭିନ୍ନ ପ୍ରତିବନ୍ଧକ ଯୋଗୁ ପ୍ରଗତିରେ ଅଗ୍ରଗତି ହୋଇପାରିବ ନାହିଁ। ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହେବାରୁ ସାମୟିକ ମନସ୍ତାପ କରିପାରନ୍ତି। ପଡ଼ୋଶୀ ବନ୍ଧୁଙ୍କ ସହ ସମ୍ପର୍କରେ ଉନ୍ନତି ଯୋଗୁ ଆଶ୍ୱସ୍ତି ଲାଭ କରିବେ। କର୍ମକ୍ଷେତ୍ରରେ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ।

**କୁମ୍ଭ** - ପୂର୍ବ ଯୋଜନା ଅନୁଯାୟୀ କର୍ମରେ ପ୍ରବୃତ୍ତ ହୋଇ ସଫଳତା ହାସଲ କରିବେ। ପିଲାଙ୍କ ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିବ, ତଥାପି ସମସ୍ୟା ସହଜରେ ସମାଧାନ ହୋଇଯିବ। ପାଖରେ ନ ଥିବା ଜିନିଷଟି ପାଇଁ ବନ୍ଧୁଙ୍କ ସହ ତର୍କ ଓ ବିବାଦ ବଢ଼ିବାର ସମ୍ଭାବନା ରହିଛି। ଈର୍ଷାପରାୟଣ ହୋଇ ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି।

**ମୀନ** - ଆଜିର ଯାତ୍ରା, ବାଣିଜ୍ୟ, ପରିବହନ, ଆନୁଷ୍ଠାନିକ କାମ ଓ ସଭା ସମିତି ପ୍ରତ୍ୟେକ କ୍ଷେତ୍ରରେ ସଫଳତା ନିଶ୍ଚିତ। ପରକଥାରେ ନିଜ ଲୋକଙ୍କୁ ଭୁଲ୍ ବୁଝିବା ସାଙ୍ଗକୁ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିପାରନ୍ତି। ପାରିବାରିକ ଶୃଙ୍ଖଳା ରକ୍ଷା କରିବାରେ ସମର୍ଥ ହେବେ। ସାହିତ୍ୟ, ପ୍ରଶାସନିକ ସ୍ତରରେ ସମସ୍ୟା ସମାଧାନରେ ସଫଳ ହେବେ।

ଆଜି ମାର୍ଚ୍ଚ ୯ ତାରିଖ, ଫାଲ୍‌ଗୁନ ଶୁକ୍ଳ ଦଶମୀଯୁକ୍ତ ଏକାଦଶୀ ରବିବାର। ଫଗୁ ଦଶମୀ, ଦୋଳଯାତ୍ରା ଆରମ୍ଭ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଚାଚେରି ବେଶ, ରାଶିନକ୍ଷତ୍ର- ପୁନର୍ବସୁ/ମିଥୁନ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୦୩ ମି. ଗତେ ଘ.୦୯।୫୯ ମଧ୍ୟେ, ଘ.୦୧।୨୫ ଗତେ ଘ.୦୧।୫୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୨୨ମି. ଗତେ ଘ.୦୫।୫୦ମି. ମଧ୍ୟେ ରାହୁକାଳ।

# କୋରାପୁଟରେ ରାଜାମୌଳୀ



କୋରାପୁଟର ତାଲାମାଲିରେ ଫିଲ୍ମର ଶୁଟିଂ ଚାଲିଛି

## ଏସ୍‌ଏସ୍‌ଏମ୍‌ବି୨୯ର ଶୁଟିଂ ଆରମ୍ଭ

### ଆସିଛନ୍ତି ସୁପରଷ୍ଟାର ମହେଶ ବାବୁ

କୋରାପୁଟ,୮।୩
(ଅମିତାଭ ବେହେରା)

କୋରାପୁଟ ଜିଲାର ପ୍ରାକୃତିକ ପରିବେଶ ଦକ୍ଷିଣ ଫିଲ୍ମ ଇଣ୍ଡଷ୍ଟ୍ରିକୁ ଆକୃଷ୍ଟ କରିଛି। ଜଣାଶୁଣା ଫିଲ୍ମ ନିର୍ମାତା ତଥା ନିର୍ଦ୍ଦେଶକ ଏସ୍‌ଏସ୍ ରାଜାମୌଳି ନିଜର ଆଗାମୀ ଫିଲ୍ମ ଶୁଟିଂ ପାଇଁ ଦକ୍ଷିଣ ଓଡ଼ିଶାର କୋରାପୁଟକୁ ବାଛିଛନ୍ତି। ଜିଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀରେ ବିଗ୍ ବଜେଟ ତେଲୁଗୁ ଫିଲ୍ମ ଏସ୍‌ଏସ୍‌ଏମ୍‌ବି୨୯ର ଶୁଟିଂ ଆରମ୍ଭ ହୋଇଛି। କିଛିଦିନ ପୂର୍ବରୁ ଲମତାପୁଟ, ମାଛକୁଣ୍ଡ ଓ ପୁଟସିଲରେ ଶୁଟିଂ ହୋଇଥିଲା। ବର୍ତ୍ତମାନ ତାଲାମାଲିରେ ଏହି ଫିଲ୍ମର ଶୁଟିଂ ଚାଲିଛି। ଏହି ଫିଲ୍ମର ମୁଖ୍ୟ ଭୂମିକାରେ ଟଲିଉଡ୍‌ର ସୁପରଷ୍ଟାର ମହେଶ ବାବୁ ଓ ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ରହିଛନ୍ତି। ମହେଶଙ୍କ ସହ ଶୁଟିଂ ଟିମ୍‌ର ପ୍ରାୟ ୫୦୦ଜଣ କୋରାପୁଟ ଆସିଛନ୍ତି। ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଆସି ନ ଥିବା ସୂଚନା ମିଳିଛି। ନାଗା ପ୍ରଣିତ ଏହାର ପ୍ରଡକ୍ସନ ମ୍ୟାନେଜର ରହିଛନ୍ତି। ମାର୍ଚ୍ଚ ପହିଲାରୁ ୨୯ ଯାଏ କେବଳ କୋରାପୁଟ ଜିଲାରେ ଶୁଟିଂ ହେବା ନେଇ ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ପ୍ରକାଶ ଯେ, ରାଜାମୌଳି ବାହୁବଳି, ଆର୍‌ଆର୍‌ଆର୍ ଓ ମଗଧୀରା ଆଦି ବ୍ଲକ୍ ବଷ୍ଟର ଫିଲ୍ମ ତିଆରି କରିଛନ୍ତି। ଏହି ଫିଲ୍ମଗୁଡିକ ଦୀର୍ଘ ଦିନ ଧରି ହଲ୍‌ରେ ଚାଲିଥିବା ବେଳେ ପୁରସ୍କୃତ ହୋଇଥିଲେ। ଏହି ଫିଲ୍ମ ନିର୍ମାଣ ହେଲେ କୋରାପୁଟ ଚଳଚ୍ଚିତ୍ର ଜଗତରେ ଏକ ସ୍ୱତନ୍ତ୍ର ସ୍ଥାନ ପାଇବା ସହ ଅନ୍ୟ ନିର୍ମାତାମାନେ ଏଠାକୁ ଆସିବାକୁ ଆକୃଷ୍ଟ ହେବେ। ପୂର୍ବରୁ ୧୭ରୁ ଊର୍ଦ୍ଧ୍ୱ ଦକ୍ଷିଣୀ ଫିଲ୍ମ ଏହି ଜିଲାରେ ଶୁଟିଂ ହୋଇଛି। ସେହିପରି ସ୍ଥାନୀୟ ଲୋକଙ୍କ ସହଯୋଗ ଯୋଗୁ ଏହି ଇଣ୍ଡଷ୍ଟ୍ରି ଫିଲ୍ମ ଶୁଟିଂ ପାଇଁ କୋରାପୁଟକୁ ଗୁରୁତ୍ୱ ଦେଉଥିବା ଫିଲ୍ମ ପ୍ରଯୋଜନା ସଂସ୍ଥା କହିଛି। ଗତ ୨ ବର୍ଷ ମଧ୍ୟରେ ଜିଲାରେ ଦକ୍ଷିଣୀ ଫିଲ୍ମ ଶୁଟିଂ ହୋଇଛି। ଜିଲାର ଦେଓମାଳି, ଗୁପ୍ତେଶ୍ୱର, ସୁବାଇ, ନନ୍ଦପୁର, ଡୁଡୁମା, ସୁନାବେଡ଼ା, ଜଲାପୁଟ, କୋରାପୁଟ, ଅପର କୋଲାବ ଡ୍ୟାମ୍, ଗୁଲମୀ, କେତଲା ଓ ରାଜା କେଭ୍, ସହ ଏକାଧିକ ପର୍ଯ୍ୟଟନସ୍ଥଳ ରହିଛି। ସ୍ଥାନୀୟ ଲୋକେ ମଧ୍ୟ କିପରି ରୋଜଗାର ପାଇପାରିବେ ଓ ଜିଲାରେ କିପରି ପର୍ଯ୍ୟଟନର ବିକାଶ ହେବା ନେଇ ଗୁରୁତ୍ୱ ଦିଆଯିବ ବୋଲି କୋରାପୁଟ ଜିଲାପାଳ ଭି.କୀର୍ତ୍ତିଭାସନ କହିଛନ୍ତି।

# ୨ ମହିଳା ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,୮।୩
(ନୃସିଂହ ଚରଣ ମହାନ୍ତି)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ଦାନ୍ତେୱାଡା ପୋଲିସ ନିକଟରେ ଶନିବାର ୨ ମହିଳା ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନେ ମାଲାଙ୍ଗିର ମାଓବାଦୀ ଏରିଆ କମିଟିରେ ସକ୍ରିୟ ଥିଲେ। ଉଭୟ ମହିଳା ମାଓବାଦୀ ହେଲେ ପ୍ଲାଟୁନ ନମ୍ବର ୨୦ର ସଦସ୍ୟା ତଥା ୨ ଲକ୍ଷ ପୁରସ୍କାର ଘୋଷିତ ମାଓବାଦୀ କୁମାରୀ ଭୀମେ ବେଛି ଓ ଏଲ୍‌ଓଏସ୍ ସଦସ୍ୟା ୧ ଲକ୍ଷ ପୁରସ୍କାର ଘୋଷିତ କୁମାରୀ ଯୋଗୀ କୁଞ୍ଜାମ। ତେବେ ଭୀମେ ଓଡ଼ିଶାର ମାଲକାନଗିରି ଜିଲା ମାଥିଲି ଥାନା ଅନ୍ତର୍ଗତ ଗୁଗାପଦର ଗ୍ରାମର ବାସିନ୍ଦା ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ଛତିଶଗଡ଼ରେ ମାଓବାଦୀ ଦମନ ଲାଗି ପୋଲିସ ପକ୍ଷରୁ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଥିବା ବେଳେ ଅନେକ ମାଓବାଦୀ ପୋଲିସର ଆତ୍ମସମର୍ପଣ ନୀତିରେ ଆକର୍ଷିତ ହୋଇ ଏବଂ ମାଓବାଦୀ ସଙ୍ଗଠନ ନୀତି ଆଦର୍ଶ ହରାଉଥିବାରୁ ସାଧାରଣ ଜୀବନଯାପନ ପାଇଁ ପୋଲିସ ନିକଟରେ ଆତ୍ମସମର୍ପଣ କରୁଛନ୍ତି। ଦାନ୍ତେୱାଡା ପୋଲିସ ଉପ ନିରୀକ୍ଷକ କମଲଲୋଚନ କଶ୍ୟପ, ପୋଲିସ ଅଧୀକ୍ଷକ ଗୌରବ ରାୟ, ଅତିରିକ୍ତ ପୋଲିସ ଅଧୀକ୍ଷକ ସ୍ମୃତିକ ରାଜନାଲା, ଅତିରିକ୍ତ ପୋଲିସ ଅଧୀକ୍ଷକ ପୂଜା କୁମାର ଏବଂ ଅତିରିକ୍ତ ପୋଲିସ ଅଧୀକ୍ଷକ ରାମକୁମାର ବର୍ମନଙ୍କ ସମ୍ମୁଖରେ ଏହି ୨ଜଣ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ ନୀତି ଅନୁଯାୟୀ ସେମାନଙ୍କୁ ଥଇଥାନ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

भारतीय समुद्री विश्वविद्यालय
INDIAN MARITIME UNIVERSITY
(A Central University under the Ministry of Ports, Shipping and Waterways, Govt. of India)
Established by an Act of the Parliament in 2008
Be a Part of the Growth Story of Maritime Sector of India!
IMU CET
REGISTRATIONS
OPEN FOR
AY 2025 - 26
Last Date to Register for BBA Programmes 13/06/2025
IMU - CET DATE 24/05/2025
LAST DATE TO REGISTER FOR IMU - CET 02/05/2025
IMU-CET is mandatory for admissions to DGS approved programmes* in IMU Campuses / Affiliated Institutes of IMU / Non Affiliated Institutes (Details of Affiliated and Non Affiliated Institutes are available on IMU website)
* DGS approved programmes :
B.Tech. (Marine Engineering)
B.Sc. (Nautical Science)
Diploma in Nautical Science (DNS)
IMU OFFERS PROGRAMMES UNDER :
- Marine Engineering & Technology
- Maritime Management
- Naval Architecture & Ocean Engineering
- Nautical Science
REGISTER •NOW•
To Register SCAN THE BELOW QR CODE
UG & PG Programmes (Except BBA)
For enquiries : cet25@imu.ac.in
BBA Programmes
For enquiries : bba25@imu.ac.in
For more information visit : www.imu.edu.in
@IMU Headquarters imu_headquaters @IMU_HQ
Helpline: 044-2453 9027/28



DSPL - 415

# ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ)-୨.୦

## ନୂତନ ହିତାଧିକାରୀ ଚୟନ ନିମନ୍ତେ ସର୍ଭେ



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

- ୟୁନିଫାଏଡ୍ ୱେବ ପୋର୍ଟାଲ **(https://pmaymis.gov.in/PMAYMIS2_2024/PmayDefault.aspx)** ଜରିଆରେ ସର୍ଭେ ।
- ପ୍ରଥମ ଥର ପାଇଁ ଆଶାୟୀ ପରିବାର ନିଜେ ନିଜର ସର୍ଭେ କରିବା ସହ ପୃଥକ ଭାବେ ବାସ କରୁଥିବା ପରିବାର ମଧ୍ୟ ସର୍ଭେରେ ସାମିଲ ହୋଇପାରିବେ ।
- କଚ୍ଚା ଘରେ ବାସ କରୁଥିବା ସହରୀ ପରିବାର ଓ ଭୂମିହୀନ ସହରୀ ପରିବାର ଏହି ଯୋଜନାରେ ସାମିଲ ହୋଇପାରିବେ ।
- ଗୃହ ମଞ୍ଜୁର ନିମନ୍ତେ ପରିବାରର ବାର୍ଷିକ ଆୟ ୩ ଲକ୍ଷ ପର୍ଯ୍ୟନ୍ତ ହୋଇଥିବ ।

ପ୍ରତ୍ୟେକ ଯୋଗ୍ୟ ପରିବାରଙ୍କୁ ସର୍ଭେ ତାଲିକାଭୁକ୍ତ କରିବା ପାଇଁ ସରକାରଙ୍କୁ ସହଯୋଗ କରିବାକୁ ଅନୁରୋଧ ।

ପୂରଣ ହେବ ପକ୍କା ଘର ଆଶା, ବିକଶିତ ହେବ ଆମ ଓଡିଶା

ସହାୟତା ପାଇଁ ଟୋଲ ଫ୍ରୀ ନମ୍ବର ୧୮୦୦ – ୩୪୫୭୬୫୦ ରେ ଯୋଗାଯୋଗ କରନ୍ତୁ ।
(ଯେ କୌଣସି ସରକାରୀ କାର୍ଯ୍ୟ ଦିନରେ ସମୟ ଦିବା ୧୦.୦୦ ରୁ ୫.୩୦ ମଧ୍ୟରେ)

ଗୃହ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର

ସବିଶେଷ ତଥ୍ୟ ନିମନ୍ତେ ନିକଟସ୍ଥ ପୌରପାଳିକା ସହ ଯୋଗାଯୋଗ କରନ୍ତୁ

OIPR-13001/13/0006/2425

# ସମସ୍ୟା ସୃଷ୍ଟି କରାଯାଉଛି



ଆକାର ପଟେଲ

ବିଶ୍ୱର ସବୁ ମଣିଷ ମିଳିତ ଭାବେ କେତେକ ସମସ୍ୟା ସୃଷ୍ଟି କରିଛନ୍ତି ଓ ସେମାନେ ଏକାଠି ସେଗୁଡ଼ିକୁ ସମାଧାନ କରିବା ଦରକାର। କେତେକ ସମସ୍ୟା ସ୍ଥାନୀୟ ଅଞ୍ଚଳରେ ମଧ୍ୟ ସୃଷ୍ଟି ହୋଇଛି। ସେଥିରୁ ଗୋଟିଏ ହେଉଛି ଜଳବାୟୁ ପରିବର୍ତ୍ତନ, ଯାହାକୁ ବିଶ୍ୱର ସବୁ ଦେଶ ମିଶି ନିୟନ୍ତ୍ରଣ କରିବାକୁ ପଡ଼ିବ। ବିଶ୍ୱର ଅଧା ଦେଶ ସବୁଜଗୃହ ବାଷ୍ପ ନିର୍ଗମନ ହ୍ରାସ କରୁଥିବାବେଳେ ଆଉ ଅଧା ଯଦି ସେସବୁ ବୃଦ୍ଧି କରିଚାଲନ୍ତି, ତେବେ ଜଳବାୟୁ ପରିବର୍ତ୍ତନର ସମାଧାନ ହେବ ନାହିଁ। ତେବେ ସ୍ଥାନୀୟ ଅଞ୍ଚଳରେ ସମସ୍ୟା ସୃଷ୍ଟି ହେବାର କାରଣ ହେଉଛି କ୍ଷମତାରେ ସମନ୍ୱୟ ନ ରହିବା ଏବଂ ସମସ୍ୟା ସୃଷ୍ଟି କରିବା ଇଚ୍ଛା। ୟୁକ୍ରେନ ଓ ଗାଜା ଏହାର ଦୁଇଟି ଉଦାହରଣ। ଏହା ବୁଝିବା କଷ୍ଟକର ଯେ, କାହିଁକି ୨୦୨୫ର ବିଶ୍ୱରେ ଭେଦଭାବ, ଜାତିଗତ ସଂହାର ଓ ଗଣହତ୍ୟା କରାଯାଉଛି। ଏହାପରେ ଆଉ କେତେକ ସମସ୍ୟା ଅଛି, ଯାହାକୁ ସମସ୍ୟା ଭାବେ ବିଚାର କରାଯାଇପାରିନାହିଁ। କିନ୍ତୁ ସେଗୁଡ଼ିକରୁ ସୃଷ୍ଟି ହେଉଥିବା ଯନ୍ତ୍ରଣାଦାୟକ ସ୍ଥିତି ଏବେ ସୁଦ୍ଧା ବିଶ୍ୱ ସାମ୍ନା କରୁଛି। ଆମେରିକାର ଟ୍ରେଡ୍ ଡେଫିସିଟି(ବାଣିଜ୍ୟିକ ନିଅଣ୍ଟ)କୁ ଟାରିଫ୍ ବା ଆମଦାନୀ ଶୁଳ୍କ ମାଧ୍ୟମରେ ସମାନ ସ୍ତରକୁ ଆଣିବାର ଇଚ୍ଛା ଯୋଗୁ ଏଭଳି ଏକ ସ୍ଥିତିକୁ ଆମେ ସାମ୍ନା କରୁଛୁ। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅନୁଯାୟୀ ଏସବୁ ଦରକାର। ତାଙ୍କ ମତରେ ଅନ୍ୟ ଦେଶସବୁ ଆମକୁ ଠକି ଚାଲିଛନ୍ତି। ସେମାନେ ବାସ୍ତବରେ ଏମିତି କରିଛନ୍ତି କି? ବିଶ୍ୱବ୍ୟାଙ୍କ ଅନୁଯାୟୀ ବିଶ୍ୱର ହାରାହାରି ମୁଣ୍ଡପିଛା ଜିଡିପି ୧୩,୦୦୦ ଆମେରିକୀୟ ଡଲାର। ଅଧିକାଂଶ ଦେଶ ଏହା ତଳେ ଅଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ଭାରତ (୨୫୦୦ ଡଲାର), ଇଣ୍ଡୋନେସିଆ(୪୮୦୦ ଡଲାର), ଇରାନ (୪୪୦୦ ଡଲାର), ଇରାକ (୫୫୦୦ ଡଲାର), ଥାଇଲାଣ୍ଡ(୭୧୦୦) ଏବଂ ଭିଏତ୍ନାମ(୪୨୦୦ ଡଲାର)। ସବ୍ ସାହାରାନ ଆଫ୍ରିକା (ସାହାରା ମରୁଭୂମିର ଦକ୍ଷିଣରେ ଥିବା ଆଫ୍ରିକୀୟ ଦେଶଗୁଡ଼ିକ)ର, ଯାହା ଜନସଂଖ୍ୟା ଭାରତଠାରୁ କମ୍, ସେମାନଙ୍କର ଏହା ୧୬୦୦ ଡଲାର। ବ୍ରିକ୍ସ ସାଥୀ ଭାବେ ରହିଥିବା ବ୍ରାଜିଲର ଏହା ୧୦,୨୦୦ ଡଲାର ହୋଇଥିବାବେଳେ ରୁଷିଆ ୧୩,୮୦୦, ଦକ୍ଷିଣ ଆଫ୍ରିକା ୬୦୦୦ ଏବଂ ଚାଇନାର ୧୨,୬୦୦ ଡଲାର। ଅଳ୍ପ କେତେକ ଦେଶର ମୁଣ୍ଡପିଛା ଜିଡିପି ବୈଶ୍ୱିକ ହାରାହାରିଠାରୁ ବହୁତ ଉପରେ ରହିଛି। ୟୁରୋପୀୟ ସଂଘ (ଇୟୁ)ରେ ଥିବା ଦେଶଗୁଡ଼ିକର ଏହା ହାରାହାରି ୪୫,୦୦୦ ଡଲାର ରହିଥିବା ବେଳେ ଜର୍ମାନୀ ୫୪,୦୦୦, ଫ୍ରାନ୍ସ ୪୪,୦୦୦ ଏବଂ ଇଟାଲୀର ୩୯,୦୦୦ ଡଲାର। ଇଂଲଣ୍ଡରେ ଏହା ଫ୍ରାନ୍ସ ସହ ସମାନ। ଆମେରିକାର ଏହା ୮୨,୦୦୦ ଡଲାର, ଅର୍ଥାତ୍ ବୈଶ୍ୱିକ ହାରାହାରି ମୁଣ୍ଡପିଛା ଜିଡିପିଠାରୁ ୬ଗୁଣ ଓ ଭାରତଠାରୁ ୩୦ଗୁଣ ଅଧିକ। ଏବେ ସୁଦ୍ଧା ଆମେରିକା ସବୁଠୁ ଧନୀ ଦେଶ। ଏହାର ଏଭଳି ସ୍ଥିତି ଡଲାରକୁ ବିଶ୍ୱର ରିଜର୍ଭ ମୁଦ୍ରା କରିପାରିଛି, ଅର୍ଥାତ୍ ଅଧିକାଂଶ ବ୍ୟବସାୟ ଆମେରିକୀୟ ଡଲାରରେ ହେଉଛି ଏବଂ ବିଶ୍ୱର ବୁଦ୍ଧିଆ ଲୋକଙ୍କ ପାଇଁ ଆକର୍ଷଣର କେନ୍ଦ୍ର ହୋଇଛି। ଏହାର କର୍ପୋରେଟ ଓ ଜ୍ଞାନୀ ବା କ୍ଷମତାଶାଳୀ ଲୋକଙ୍କ ମଧ୍ୟରେ ବାହାର ଦେଶରେ ଜନ୍ମିତ ବ୍ୟକ୍ତି ଭରି ରହିଛନ୍ତି। ଏହି ବିଶାଳ ଜ୍ଞାନୀଗୋଷ୍ଠୀ ଯୋଗୁ ଏହାର ଭବିଷ୍ୟତ ସୁରକ୍ଷିତ। ୨୦୦୪ ପରଠାରୁ ଆମେରିକାର ମୁଣ୍ଡପିଛା ଜିଡିପି ଦୁଇଗୁଣ ହୋଇଛି। ୟୁରୋପ ଓ ୟୁରୋପୀୟ ସଂଘର ସଦସ୍ୟଙ୍କ କ୍ଷେତ୍ରରେ ଏଭଳି ଘଟିନାହିଁ ଏବଂ ସେମାନଙ୍କର ମୁଣ୍ଡପିଛା ଜିଡିପି ୨୦୦୪ ଠାରୁ ସ୍ଥିର ରହିଛି। ତେବେ ଅନ୍ୟ ଦେଶଗୁଡ଼ିକରେ ଦେଖାଯାଉଥିବା ଅସମାନତା ସମସ୍ୟା ମଧ୍ୟ ଆମେରିକାରେ ଅଛି। କିନ୍ତୁ ଆମେରିକା ନିଜେ ଏହାକୁ ଦୂର କରିବା ଦରକାର; ଅନ୍ୟ ଦେଶଗୁଡ଼ିକ ଉପରେ ଏହାକୁ ଲଦିଦେବା ଉଚିତ ନୁହେଁ, ଯେଉଁମାନେ ଏ କ୍ଷେତ୍ରରେ ଆମେରିକାଠାରୁ ଅଧିକ ଦୁର୍ବଳ ରହିଛନ୍ତି।

ଚଳିତ ସପ୍ତାହର ଶେଷରେ ଟ୍ରମ୍ପ କହିଥିଲେ, "ଭାରତ ଆମ ଉପରେ ଅତ୍ୟଧିକ ଟାରିଫ୍ ଲଗାଇଛି। ସବୁଠୁ ଅଧିକ ଟାରିଫ ଯୋଗୁ ତୁମେ ଭାରତରେ କୌଣସି ଜିନିଷ ବିକିପାରିବ ନାହିଁ...।" ଦେଖିବାକୁ ଗଲେ ମୁକ୍ତ ବାଣିଜ୍ୟ କ୍ଷେତ୍ରରେ ଜଣଙ୍କର ସ୍ଥିତି ଯାହା ଥାଉନା କାହିଁକି, ଲୋକଙ୍କ ସ୍ୱାର୍ଥ ଓ ଅର୍ଥ ବ୍ୟବସ୍ଥାକୁ ଆଗକୁ ନେବା ପାଇଁ ଚେଷ୍ଟା କରୁଥିବା ଭାରତ ଏବଂ ଏହାର ସରକାରଙ୍କୁ ଦୋଷ ଦେବା କଷ୍ଟକର। ଯେଉଁ ଦେଶରେ ୧୦୦ କୋଟି ଲୋକ ନିଜ ଇଚ୍ଛାରେ ଜିନିଷ କିଣିପାରନ୍ତି ନାହିଁ ଏବଂ ସେମାନଙ୍କ ସବୁ ଆୟକୁ ବଞ୍ଚିବା ଲାଗି ବ୍ୟୟ କରିବାକୁ ପଡ଼େ, ସେଠାରେ ବିକଶିତ ଦେଶଗୁଡ଼ିକରୁ ସାମଗ୍ରୀ କିଣିବାର କ'ଣ ଆବଶ୍ୟକତା ରହିଛି? ଅର୍ଥନୀତିଜ୍ଞମାନେ କହନ୍ତି, ଆମେରିକାର ଟ୍ରେଡ୍ ଡେଫିସିଟି ତାହାର ବଜେଟ ଡେଫିସିଟି(ନିଅଣ୍ଟିଆ ବଜେଟ)ର ପ୍ରତିଫଳନ। ଆମେରିକା ସରକାର ଯାହା ଆୟ କରନ୍ତି ତାହାଠାରୁ ବେଶି ବ୍ୟୟ କରିଥାନ୍ତି। ଏଣୁ ଋଣ କରିବାକୁ ପଡ଼ିଛି ଏବଂ ୨୦୨୪ରେ ଏହି ନିଅଣ୍ଟ ଥିଲା ୧.୮ ଟ୍ରିଲିୟନ ଡଲାର। 'ଟୁଇନ୍ ଡେଫିସିଟି' ସିଦ୍ଧାନ୍ତ ଅନୁଯାୟୀ, ଯଦି ଆମେରିକା ଏହାର ବଜେଟକୁ ସନ୍ତୁଳନ କରି କମ୍ ଋଣ କରେ, ତେବେ ଟ୍ରେଡ୍ ଡେଫିସିଟି ରହିବ ନାହିଁ। କିନ୍ତୁ ଟ୍ରମ୍ପ କ୍ଷମତାରେ ରହିଥିବାଯାଏ ଏହା ଘଟିବାର ସମ୍ଭାବନା ନାହିଁ ଏବଂ ଅତ୍ୟଧିକ ଟିକସ ହ୍ରାସ ତାଙ୍କ ସରକାରଙ୍କ ଆୟକୁ ହ୍ରାସ କରିବ।

ମେକ୍ସିକୋର ମୁଣ୍ଡପିଛା ଜିଡିପି ୧୩,୭୯୦ ଡଲାର ରହିଛି, ଯାହା ବୈଶ୍ୱିକ ହାରାହାରି ପାଖାପାଖି। କାନାଡାର ଏହା ୫୩,୦୦୦ ଡଲାର, ଅର୍ଥାତ୍ ଆମେରିକା ତୁଳନାରେ ବର୍ଷକୁ ମୁଣ୍ଡପିଛା ୩୦,୦୦୦ ଡଲାର କମ୍। ଏହି ଘଟଣାକୁ ବୁଝିବା ସହଜ ନୁହେଁ, ଯେହେତୁ ଏହିସବୁ ଦେଶ ଖରାପ ବିଶ୍ୱାସରେ ଆମେରିକା ସହ ବାଣିଜ୍ୟିକ ସମ୍ପର୍କ ରଖୁଛନ୍ତି ବୋଲି ଟ୍ରମ୍ପ ଦର୍ଶାଇବାକୁ ଚେଷ୍ଟାକରୁଛନ୍ତି। ଆଶ୍ଚର୍ଯ୍ୟର ବିଷୟ, କେହିଜଣେ ଦୃଢ଼ ଯୁକ୍ତି କରୁଛନ୍ତି ଯେ, ସେମାନେ ଆମେରିକାକୁ ଠକୁଛନ୍ତି। ବିଶ୍ୱର ସବୁଆଡ଼େ ମାର୍କେଟକୁ ଲକ୍ଷ୍ୟ କଲେ ଆମେ ଦେଖିପାରିବା ଯେ, ଏକ ଶକ୍ତିଶାଳୀ ଦେଶର ଜଣେ ବ୍ୟକ୍ତି ଲଗାତର ଅସ୍ଥିରତା ଓ ସମସ୍ୟା ସୃଷ୍ଟି କରିଚାଲିଛନ୍ତି। ତେବେ କେତେକ ସମସ୍ୟାକୁ ଆମକୁ ସାମ୍ନା କରି ସମାଧାନ କରିବାକୁ ପଡ଼ିବ, ଯେଉଁଗୁଡ଼ିକ ମଧ୍ୟରେ ଅଧିକ ଜଟିଳ ସମସ୍ୟା ରହିଛି ଏବଂ ସେସବୁ ଉପରେ ସମ୍ପୂର୍ଣ୍ଣ ଧ୍ୟାନ ଦେବାକୁ ହେବ। ଆମ ଉପରେ ଏଭଳି ସମସ୍ୟାଗୁଡ଼ିକୁ ମଧ୍ୟ ଅନାବଶ୍ୟକ ଭାବେ ଲଦି ଦିଆଯାଉଛି, ଯାହା କିଛି ସପ୍ତାହ କିମ୍ବା ମାସ ପୂର୍ବରୁ ଆମ ପାଖରେ ନ ଥିଲା।

Email:aakar.patel@gmail.com

# ଶ୍ରୀଅନ୍ନରୁ ଶ୍ରୀହୀନ ପାନୀୟ



ନଟବର ଖୁଣ୍ଟିଆ

ନିକଟରେ ଖବର ପ୍ରକାଶ ପାଇଛି ଯେ, ଓଡ଼ିଶା ସରକାର ମାଣ୍ଡିଆ ଆଦି ସରୁଦାନା ଶସ୍ୟ(ମିଲେଟ)ରୁ ମଦ ପ୍ରସ୍ତୁତି ପାଇଁ ସ୍ଥିର କରିଛନ୍ତି। ନିଶା ନିବାରଣ ପାଇଁ ବର୍ତ୍ତମାନର ସରକାର ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦେଇଥିଲେ ବି ନିଶାନିବାରଣ ତ ଦୂରର କଥା ଏବେ ଗରିବ ଓ ପୁଷ୍ଟିହୀନ ଲୋକଙ୍କୁ ବିଶେଷକରି ଆଦିବାସୀ ଲୋକଙ୍କୁ ପୁଷ୍ଟିସାର ଖାଦ୍ୟଶସ୍ୟ ଯୋଗାଇବା ପାଇଁ ମିଲେଟ ମିଶନ ମାଧ୍ୟମରେ ମାଣ୍ଡିଆ ଚାଷ ପାଇଁ ସ୍ୱତନ୍ତ୍ର ପ୍ରୋତ୍ସାହନ ଦେଉଥିବା ବେଳେ ସେହି ଆଦିବାସୀଙ୍କ ପୁଷ୍ଟିସାରଯୁକ୍ତ ଖାଦ୍ୟଶସ୍ୟ ମାଣ୍ଡିଆକୁ ତାଙ୍କ ପାଟିରୁ ଛଡ଼ାଇ ମଦ ପ୍ରସ୍ତୁତି ପାଇଁ ଟେକିଦେବା କେତେଦୂର ସମୀଚୀନ? ମାଣ୍ଡିଆକୁ ଶ୍ରୀ ଅନ୍ନ କୁହାଯାଉଥିବା ବେଳେ ତାକୁ ନେଇ ଏକ ଶ୍ରୀହୀନ ପାନୀୟରେ ପରିଣତ କରିବା କେତେଦୂର ନୈତିକ ବିଚାର! ମାଣ୍ଡିଆରୁ ମଦ ପ୍ରସ୍ତୁତ ନିଷ୍ପତ୍ତି ନୈତିକତା, ଖାଦ୍ୟ ନିରାପତ୍ତା ଓ ସାମାଜିକ ନ୍ୟାୟଦେବା ଦୃଷ୍ଟିରୁ ଗ୍ରହଣୀୟ ନୁହେଁ।

ମାଣ୍ଡିଆ ଓ ମାଣ୍ଡିଆ ଜାତୀୟ ଅନ୍ୟ ସରୁଦାନା ଶସ୍ୟ ଯଥା ସୁଆଁ, କୋଦୁଅ, କାଙ୍ଗୁ ଆଦି ଶସ୍ୟକୁ ପୂର୍ବେ ଲୋକେ ଚାଉଳ ଓ ଗହମ ତୁଳନାରେ ଏକ ନିକୃଷ୍ଟ ଖାଦ୍ୟଶସ୍ୟ ରୂପେ ଭାବୁଥିଲେ। ଏହି ସରୁଦାନା ଖାଦ୍ୟଶସ୍ୟ ଯେଉଁମାନେ ଖାଉଥିଲେ ସେମାନଙ୍କୁ ଗରିବ ବୋଲି କହି ସେମାନଙ୍କ ମନରେ ହୀନମନ୍ୟତା ସୃଷ୍ଟି କରୁଥିଲେ। କିନ୍ତୁ ଖାଦ୍ୟସାର ଦୃଷ୍ଟିରୁ ଏହି ଖାଦ୍ୟଶସ୍ୟ ଚାଉଳ ଓ ଗହମଠାରୁ ଅଧିକ ପୁଷ୍ଟିକର। ମାଣ୍ଡିଆ ଜାତୀୟ ଖାଦ୍ୟଶସ୍ୟ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଅଧିକ ଚାଷ ହେଉଥିଲା ଓ ସେମାନଙ୍କର ମୁଖ୍ୟ ଖାଦ୍ୟଶସ୍ୟ ଥିଲା। ଅଣ ଆଦିବାସୀମାନେ ମୁଖ୍ୟତଃ ଚାଉଳ ଓ ଗହମ ଖାଦ୍ୟଶସ୍ୟ ଖାଉଥିଲେ। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଆଦିବାସୀଙ୍କ ସମେତ ଅନ୍ୟ ଯେଉଁମାନେ ଏହି ଖାଦ୍ୟଶସ୍ୟ ଖାଉଥିଲେ ସେମାନଙ୍କ ମଧ୍ୟରେ ବିଶେଷକରି ଯୁବ ସମାଜ ମଧ୍ୟରେ ହୀନ ମନ୍ୟତା ସୃଷ୍ଟି ହେଲା, ସେମାନେ ମାଣ୍ଡିଆ ଜାତୀୟ ଖାଦ୍ୟଶସ୍ୟ ପ୍ରତି ବିମୁଖ ହୋଇ ଅନ୍ୟମାନଙ୍କ ପରି ଚାଉଳ ଓ ଗହମଜାତ ଖାଦ୍ୟ ଖାଇବାକୁ ପସନ୍ଦ କଲେ। ତେଣୁ ମାଣ୍ଡିଆ ଜାତୀୟ ମିଲେଟ ଚାଷ ହ୍ରାସ ପାଇଲା।

ମାଣ୍ଡିଆ ଚାଷ ଅତି ସହଜ। ଏହା ନିରସ ଜମିରେ କମ ଖତ ସାରରେ ଅମଳ ହୁଏ। ନିପାଣିଆ ଜମିରେ ବୃଷ୍ଟିଜଳ ଉପରେ ନିର୍ଭର କରି ଚାଷ କରାଯାଇ ପାରେ। ତିନି ମାସରୁ ସାଢ଼େ ଚାରିମାସ ମଧ୍ୟରେ କିସମକୁ ନେଇ ଅମଳ ହୁଏ। ଏହାର ଜଳବାୟୁ ପରିବର୍ତ୍ତନର କୁପ୍ରଭାବ ସହ୍ୟ କରିବାର କ୍ଷମତା ଅଛି। ଆମ ଆଦିବାସୀ ଅଧ୍ୟୁଷିତ ପାହାଡ଼ିଆ ଢିପ ଜମିରେ ଚାଷ ହୋଇପାରେ। ଆଦିବାସୀ ବହୁଳ ଅଞ୍ଚଳରେ ପୁଷ୍ଟିହୀନତା ରୋଗରେ ଅନେକ ଲୋକ ଓ ଶିଶୁ ଆକ୍ରାନ୍ତ। ଏଣୁ ମାଣ୍ଡିଆ ଓ ମାଣ୍ଡିଆ ଜାତୀୟ ସରୁଦାନାରୁ ପ୍ରସ୍ତୁତ ଖାଦ୍ୟ ଖାଇଲେ ପୁଷ୍ଟିହୀନତା ଦୂର ହେବ ବୋଲି ବିଚାର କରି ଜାତୀୟ ସ୍ତରରେ ୨୦୧୮ରେ ଆରମ୍ଭ ହେଲା ମିଲେଟ ମିଶନ। ଏହାର ଲକ୍ଷ୍ୟ ହେଲା ବିଭିନ୍ନ ମିଲେଟ ଚାଷ ବୃଦ୍ଧି ସହିତ ଉତ୍ପାଦନ ଓ ଉତ୍ପାଦିକା ଶକ୍ତି ବଢ଼ାଇବା। ଅନେକ ପ୍ରକାର ମିଲେଟ ବିଶେଷକରି ମାଣ୍ଡିଆରୁ ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରି ଲୋକପ୍ରିୟ କରାଇବା। ମିଲେଟ ଖାଦ୍ୟଶସ୍ୟରେ ଅଧିକ ପୁଷ୍ଟିସାର ଅଛି ବୋଲି ଜନସାଧାରଣଙ୍କୁ ଅବଗତ କରାଇବା। ମିଲେଟ ମିଶନ ମାଧ୍ୟମରେ ଚାଷୀଙ୍କୁ ମିଲେଟ ଚାଷର ବୈଜ୍ଞାନିକ କୌଶଳ ଶିକ୍ଷା ଦିଆଯିବା ସହିତ ଆର୍ଥିକ ସାହାଯ୍ୟ ଯୋଗାଇଦେବା। ୨୦୨୩କୁ ଅନ୍ତର୍ଜାତୀୟ ମିଲେଟ ବର୍ଷ ରୂପେ ପାଳନ କରିବାକୁ ଜାତିସଂଘକୁ ପ୍ରସ୍ତାବ ଦେଲା ଭାରତ। ଜାତିସଂଘ ତାହା ଗ୍ରହଣ କଲା। ୨୦୨୩-୨୪ ବଜେଟ ଅଭିଭାଷଣରେ ଭାରତର ଅର୍ଥମନ୍ତ୍ରୀ ମିଲେଟକୁ ଶ୍ରୀଅନ୍ନ ନାମରେ ଘୋଷଣା କଲେ। ଫଳରେ ମାଣ୍ଡିଆର ଲୋକପ୍ରିୟତା ବୃଦ୍ଧି ପାଇଲା। ମାଣ୍ଡିଆ ଓ ଅନ୍ୟାନ୍ୟ ମିଲେଟରୁ ଭଳି ଭଳିକା ଖାଦ୍ୟ ପ୍ରସ୍ତୁତ ହେଲା। ମାଣ୍ଡିଆ ବିସ୍କୁଟ, ମାଣ୍ଡିଆ କେକ୍, ମାଣ୍ଡିଆ ପାଉଁରୁଟି, ଚଟ୍‌ପଟି ଖାଦ୍ୟ ଆଦି ଆଧୁନିକ ଖାଦ୍ୟସାମଗ୍ରୀ ପ୍ରସ୍ତୁତ ହୋଇ ବଜାରକୁ ଆସିଲା। ପ୍ରଚାର ପ୍ରସାର ମାଧ୍ୟମରେ କୁହାଗଲା ଏ ସବୁ ଖାଦ୍ୟ ସ୍ୱାସ୍ଥ୍ୟ ପକ୍ଷରେ ହିତକର। ବଡ଼ କଥା ହେଲା ଏହିସବୁ ଖାଦ୍ୟସାମଗ୍ରୀର ମୂଲ୍ୟ ସେହି ପ୍ରକାର ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ ହେଉଥିବା ପାରମ୍ପରିକ ଖାଦ୍ୟଶସ୍ୟରୁଠାରୁ ଅଧିକ ରଖାଗଲା ଯଦିଓ ଖର୍ଚ୍ଚ ଅଧିକ ନୁହେଁ। ଆବଶ୍ୟକଠାରୁ ଅଧିକ ଦାମ ରଖି ସାଧାରଣ ଖାଉଟିଙ୍କ ପହଞ୍ଚଠାରୁ ଦୂରେଇ ରଖାଯିବାର ପ୍ରୟାସ ହେଲାଣି।

ମିଲେଟ ମିଶନର ପ୍ରକୃତ ଉଦ୍ଦେଶ୍ୟ ହେଲା ମିଲେଟ ଖାଦ୍ୟଶସ୍ୟ ଅତି ପୁଷ୍ଟିସାର ଥିବା ବାର୍ତ୍ତା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଲୋକଙ୍କ ପାଖରେ ପହଞ୍ଚାଇବା, ଯେଉଁମାନେ ଅପପୁଷ୍ଟିର ଶିକାର ହେଉଛନ୍ତି। ମାଣ୍ଡିଆ ଆଦି ମିଲେଟ ଖାଦ୍ୟଶସ୍ୟ



ନିକୃଷ୍ଟ ଖାଦ୍ୟ ନୁହେଁ ଏହି ମାନସିକତାକୁ ଦୂର କରି ମିଲେଟ ଚାଷ ପ୍ରତି ଗୁରୁତ୍ୱ ଦେବା ସହିତ ମିଲେଟ ଖାଦ୍ୟଶସ୍ୟରୁ ପ୍ରସ୍ତୁତ ଖାଦ୍ୟ ନିୟମିତ ଭାବରେ ଖାଇ ଅପପୁଷ୍ଟି ଦୂର କରିବା। ଏବେ କିନ୍ତୁ ମାଣ୍ଡିଆ ଓ ଅନ୍ୟାନ୍ୟ ମିଲେଟ ଜାତୀୟ ଖାଦ୍ୟଶସ୍ୟରେ ଖାଦ୍ୟସାର ଅଧିକ ଥିବା ପ୍ରଚାର ପ୍ରସାର ହେବା ପରେ ଯେଉଁ ବଡ଼ ଲୋକମାନେ ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟକୁ ନିକୃଷ୍ଟ ଖାଦ୍ୟ କହି ନାକ ଟେକୁଥିଲେ ଏବଂ ଏହା ଗରିବ ଲୋକମାନଙ୍କ ଖାଦ୍ୟ କହୁଥିଲେ ଆଜି ଏହାକୁ ଆଭିଜାତ୍ୟଙ୍କ ଖାଦ୍ୟ କହି ଅତିରିକ୍ତ ମୂଲ୍ୟ ଦେବାକୁ ପ୍ରସ୍ତୁତ। ମାଣ୍ଡିଆଜାତ ଖାଦ୍ୟ ଗରିବ ଲୋକେ କିଣି ଖାଇବାକୁ ଆର୍ଥିକ ଦୃଷ୍ଟିରୁ ସମର୍ଥ ନୁହନ୍ତି। ମାଣ୍ଡିଆରୁ ଯେଉଁ ଆଭିଜାତ୍ୟପୂର୍ଣ୍ଣ ଖାଦ୍ୟ ପ୍ରସ୍ତୁତ ହେଉଛି ଖାଦ୍ୟ ପ୍ରସ୍ତୁତକାରୀ ସଂସ୍ଥା ଅଧିକ ମୂଲ୍ୟରେ ବିକୁଥିବାରୁ ବଜାରରୁ ଅଧିକ ମୂଲ୍ୟ ଦେଇ ମାଣ୍ଡିଆ କିଣୁଛି। ଯେଉଁ ଗରିବ ଲୋକେ ବିଶେଷ କରି ଆଦିବାସୀମାନେ ମାଣ୍ଡିଆ ଅମଳ କରୁଛନ୍ତି ସେମାନେ ଟିକେ ଅଧିକ ମୂଲ୍ୟ ପାଉଥିବାରୁ ମାଣ୍ଡିଆର ଅଧିକାଂଶ ଅମଳ ବିକି ନିଜର ଅଣଖାଦ୍ୟ ଖର୍ଚ୍ଚ ମେଣ୍ଟାଉଛନ୍ତି। ସେମାନେ ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ ଖାଇ ଅପପୁଷ୍ଟି ରୋକିବା ସମ୍ଭବ ହେବ ନାହିଁ। ବେଢ଼ି ଉପରେ କୋରଡ଼ା ମାଡ଼ ନ୍ୟାୟରେ ଏବେ ସରକାର କହିଲେଣି ମାଣ୍ଡିଆରୁ ମଦ ପ୍ରସ୍ତୁତ ହେବ। ଏହା ହେଲେ ମଦପ୍ରସ୍ତୁତକାରୀମାନେ ବଜାରରୁ ସାମାନ୍ୟ ଅଧିକ ଦାମ ଦେଇ ମାଣ୍ଡିଆ କିଣିବେ ଆଉ ମିଲେଟ ମିଶନ ଗରିବ ଲୋକ ଓ ଆଦିବାସୀଙ୍କ ପୁଷ୍ଟି ବୃଦ୍ଧି ପାଇଁ କାମ ନ କରି ମଦ ପ୍ରସ୍ତୁତକାରୀଙ୍କୁ ସାହାଯ୍ୟ କରିବ। ମଦର ପ୍ରସାର ହେବ, ଯୁବସମାଜ ପଥଭ୍ରଷ୍ଟ ହେବେ, ରୋଗ ବୃଦ୍ଧି ପାଇବ, ଦୁର୍ଘଟଣା ବଢ଼ିଲେ ମୃତ୍ୟୁସଂଖ୍ୟା ବଢ଼ିବ, ଚିକିତ୍ସା ଖର୍ଚ୍ଚ ବଢ଼ିବ, ସାମାଜିକ ସମସ୍ୟା ବଢ଼ିବ। ବର୍ତ୍ତମାନର ସରକାର ନିଶା ନିବାରଣ ପାଇଁ ଦେଇଥିବା ପ୍ରତିଶ୍ରୁତି ପାଣିରେ ଗାର ପରି ହେବ ଏବଂ ମିଲେଟକୁ ଶ୍ରୀଅନ୍ନ କହୁଥିବା ବେଳେ ଏହା ମଦପରି ବିଷ ଉତ୍ପାଦନରେ ଉପଯୋଗ ହେବ। ଶ୍ରୀଅନ୍ନର ଗରିମା କ୍ଷୁଣ୍ଣ ହେବ।

ଉପରୋକ୍ତ ପରିସ୍ଥିତିରେ ଆମର ପ୍ରସ୍ତାବ ହେଲା ମିଲେଟ ମିଶନ ଚାଲୁ ରହୁ, କିନ୍ତୁ ମାଣ୍ଡିଆ ସମେତ ଅନ୍ୟ ମିଲେଟରୁ ମଦ ତିଆରି ପ୍ରସ୍ତାବକୁ ଖାରଜ କରାଯାଉ। ମିଲେଟରୁ ମଦ ପ୍ରସ୍ତୁତ ହେବ ନାହିଁ ବୋଲି ଆଇନ ହେଉ। ଖାଦ୍ୟ ସୁରକ୍ଷା ଆଇନରେ ଯେଉଁ ମୁଣ୍ଡପିଛା ମାସିକ ୫ କେଜି ଖାଦ୍ୟଶସ୍ୟ ଦିଆଯାଉଛି ସେହି ୫ କେଜି ଖାଦ୍ୟଶସ୍ୟରୁ ଅନ୍ତତଃ ୨କେଜି ମାଣ୍ଡିଆ ଦିଆ ଯାଉ। ସବୁ ଅଞ୍ଚଳରେ ଏହି ବ୍ୟବସ୍ଥା ନ ହେଲେ ବି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଯେଉଁଠି ଅପପୁଷ୍ଟି ହାର ବେଶି ସେହି ଅଞ୍ଚଳରେ ମାଣ୍ଡିଆ ଦିଆଯାଉ। ମଧ୍ୟାହ୍ନଭୋଜନରେ ସ୍କୁଲ ଓ ଅଙ୍ଗନୱାଡିରେ ମାଣ୍ଡିଆ ଏବଂ ସ୍ଥଳ ବିଶେଷରେ ଅନ୍ୟ ମିଲେଟରେ ଖାଦ୍ୟ ପ୍ରସ୍ତୁତ କରି ପିଲାମାନଙ୍କୁ ଦିଆଯାଉ। ମିଲେଟ ମିଶନ ଅପପୁଷ୍ଟି ଦୂର କରିବାରେ ଏକ ବଡ଼ ସହାୟକ କାର୍ଯ୍ୟକ୍ରମ। ତେଣୁ ମିଲେଟରୁ ମଦ ତିଆରି କରିବା ଏକ ଗର୍ହିତ ନିଷ୍ପତ୍ତି। ଏହାଦ୍ୱାରା ମିଶନର ପ୍ରକୃତ ଉଦ୍ଦେଶ୍ୟ ସାଧନ ହେବ ନାହିଁ, ଗରିବଙ୍କ ଖାଦ୍ୟଥାଳିକୁ ନାତ ମାରିବା ପରି ହେବ।


ଏ/୫୦୨ ମୋତି ବ୍ଲକ, ତୋଷାଳୀ
ଆପାର୍ଟମେଣ୍ଟ, ସତ୍ୟନଗର, ଭୁବନେଶ୍ୱର
ମୋ: ୯୯୩୭୯୫୧୨୬୨

# ବିକାଶର ଚାବିକାଠି



ପ୍ରୀତିଚ୍ଛନ୍ଦା ଧଳ

ରାଷ୍ଟ୍ରର ପ୍ରଗତିରେ ବିକାଶର କର୍ଣ୍ଣଧାର ଯେ ମହିଳା ସାଜୁଛି ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ଆଜି ମହିଳାମାନେ ନିଜ ନିଜ କ୍ଷେତ୍ରରେ ନିଜକୁ ସଶକ୍ତ କରିବାର ଅଭିନବ ପ୍ରୟାସମାନ ଆପଣେଇ ପାରୁଛନ୍ତି। ମହିଳା ଯେତେବେଳେ ନିଜେ ସଶକ୍ତ ହେଉଛି ବୋଲି ନିଜ ଭିତରେ ସେ ଆତ୍ମବିଶ୍ୱାସକୁ ଦେଖିପାରୁଛି ସେତେବେଳେ ସେ ଅନ୍ୟ ମହିଳାଙ୍କ ପାଇଁ କିଛି କରିପାରିବାର ଅନ୍ତର୍ନିହିତ କ୍ଷମତାର ସୁ-ବ୍ୟବହାର କରିପାରୁଛି। ଅର୍ଥାତ ମୋ ମତରେ ନିଜେ ସଶକ୍ତୀକରଣର ଗୋଟିଏ ପାଦ ଯେତେବେଳେ ଆଗଉଛି ସେ ପୂରା ମହିଳା ଗୋଷ୍ଠୀଙ୍କୁ ସେହି ପ୍ରକ୍ରିୟାରେ ସାମିଲ କରୁଛି। ଯେମିତି କି ଆମେ ମହିଳା ସଶକ୍ତୀକରଣର ବ୍ୟାଖ୍ୟା ଜଣେ ମହିଳା ନୁହେଁ ପୂରା ଗୋଟିଏ ଗୋଷ୍ଠୀ ଅର୍ଥାତ ପୂର୍ଣ୍ଣ ପରିମାଣର ମହିଳାମାନେ ଯେତେବେଳେ ଅଗ୍ରଗତିର ସୋପାନ ଚଢ଼ିବାରେ ସାମର୍ଥ୍ୟ ଦେଖାଇବେ ସେତେବେଳେ ବୁଝିବା ଯେ ସଶକ୍ତୀକରଣ ପୂର୍ଣ୍ଣମାତ୍ରାରେ ଆଗକୁ ବଢ଼ୁଛି। ସ୍ୱାସ୍ଥ୍ୟ, ଶିକ୍ଷା, ସୁରକ୍ଷା ଓ ସ୍ୱାବଲମ୍ବନ କ୍ଷେତ୍ରକୁ ଆମେ ଯଦି ମହିଳାଙ୍କ ପାଖରେ ସମ୍ପୂର୍ଣ୍ଣ ରୂପରେ ପହଞ୍ଚେଇପାରିବା ତାହେଲେ ଏକ ବୃହତ୍ତର ମହିଳା ଗୋଷ୍ଠୀର ପ୍ରଗତି ଅସମ୍ଭବ ନୁହେଁ। ବିକାଶର ଧାରା ପ୍ରତି କ୍ଷେତ୍ରରେ ସେମାନଙ୍କ ଉପରେ ପ୍ରଭାବ ପକେଇବା ଦରକାର। ନିକଟରେ ରାଜ୍ୟ ସରକାର ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିଥିଲେ। ବଜେଟରେ ଆମେ ଯଦି ଦେଖିବା ମହିଳା ସଶକ୍ତୀକରଣ ପାଇଁ ସୁଭଦ୍ରା ଯୋଜନାରେ ୧୦,୧୪୫ କୋଟିର ବ୍ୟୟବରାଦ କରାଯାଇଛି। ମହିଳା ସଶକ୍ତୀକରଣ, ଆର୍ଥିକ ସ୍ୱାଧୀନତା ଏବଂ ଉଦ୍ୟୋଗ ବିକାଶ ଲକ୍ଷ୍ୟରେ ଏଇସବୁ ବ୍ୟୟବରାଦ ହୋଇଛି। ସୁଭଦ୍ରା ଏମିତି ଏକ ପ୍ରତିଶ୍ରୁତି ଥିଲା, ଯାହା ପାଇଁ ନୂଆ ସରକାର କ୍ଷମତାକୁ ଆସିଲା ବୋଲି ଏଡ଼ାଇ ଦେଇପାରିବା ନାହିଁ। କିନ୍ତୁ ଏକ ଉପହାରର ପ୍ରତିଶ୍ରୁତିକୁ ଏବେ ସଶକ୍ତୀକରଣର ମୂଳଦୁଆ ବୋଲି ଭାବିନେଇଛେ। ଯଦି ଉପହାରକୁ ସଶକ୍ତୀକରଣ ସାଙ୍ଗରେ ଯୋଡ଼ିଦେବା ତାହେଲେ ସଶକ୍ତୀକରଣର ବାର୍ତ୍ତା ଅଧାରେ ରହିଯିବ। ସାମୂହିକ ମହିଳା ବିକାଶରେ ସୁଭଦ୍ରା ଏକ ସମ୍ମାନର ପ୍ରୟାସ ତାହା ସତ କିନ୍ତୁ ସଶକ୍ତୀକରଣ ଆଉ ସ୍ୱାବଲମ୍ବନ କ୍ଷେତ୍ରରେ ଅନେକ ପାଦକୁ ବ୍ୟବସ୍ଥା ଭିତରେ ସରକାରଙ୍କୁ ଆହୁରି ମଜଭୁତ କରିବାକୁ ପଡ଼ିବ। ଖାଲି ସୁଭଦ୍ରା ଯୋଜନାର ବ୍ୟୟବରାଦ ଯଥେଷ୍ଟ ନୁହେଁ। ତାହାର ଠିକ୍ ବିନିଯୋଗ ସଶକ୍ତୀକରଣର ମୂଳଦୁଆ ପକେଇବାରେ ବେଶ୍ ପ୍ରଭାବ ପକେଇପାରିବ। ଏବେ ଆଲୋଚନା କରିବା ବଜେଟରେ ବ୍ୟୟବରାଦ ଭିତରେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ଓଡ଼ିଶା ପୁଷ୍ଟି ମିଶନ ଏବଂ ଖୁସି ଯୋଜନା ଯାହା କେବଳ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ। ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଦ୍ୱାରା ଅନେକ ଆର୍ଥିକ ଅନଗ୍ରସର ପରିବାର ଓ ଗରିବ ପରିବାରର ଝିଅମାନଙ୍କୁ ଉପହାର ଓ ସମସ୍ତ ଖର୍ଚ୍ଚ ସହ ସାମୂହିକ ଭାବରେ ବିବାହ କରାଯାଇପାରିବ। ଅନେକ ଜାଗାରେ ଆମେ ଦେଖିଛେ ଆଜିବି ପରିବାରର ଦାରିଦ୍ର୍ୟ ବୋଝ



ଭିତରେ ଝିଅମାନେ ବାହାହୋଇ ପାରୁନାହାନ୍ତି। କିନ୍ତୁ ସେମାନଙ୍କ ସୁରକ୍ଷା ଓ ସମ୍ମାନ ପାଇଁ ସରକାର ଏଇ ଯୋଜନା ପାଇଁ ବଜେଟରେ ୧୨ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। କିନ୍ତୁ ଆମେ ଯଦି ଓଡ଼ିଶା ପୁଷ୍ଟି ମିଶନ ୧୦୦ କୋଟି ଓ ଖୁସି ଯୋଜନା ୧୩୦ କୋଟିର ବ୍ୟୟ ବରାଦକୁ ଦେଖିବା ତାହେଲେ ଏଇ ଦୁଇ ଯୋଜନା ସରକାରଙ୍କ ପାଇଁ ଏକ ବଡ଼ ଆହ୍ୱାନ କହିଲେ କିଛି ଭୁଲ୍ ହେବ ନାହିଁ। କାରଣ ବିଗତ ଦିନଗୁଡ଼ିକରେ ଗଣମାଧ୍ୟମରେ ଦେଖିବେ କେଉଁଭଳି ଭାବରେ ନଗଡ଼ାଠାରୁ ଆରମ୍ଭକରି ଆମ୍ବଟାକୁଆ ଜାଉର ଅପପୁଷ୍ଟିର ବିକଳ ଚିତ୍ର। ତେଣୁ ଏଇ ଯେଉଁ ପୁଷ୍ଟି ମିଶନଟି ରହିଛି ସେଥିରେ ରାଜ୍ୟର ମହିଳା ଓ ଶିଶୁ, କିଶୋରୀଙ୍କ ପୋଷଣରେ ଉନ୍ନତି ଆଣିବାର ଲକ୍ଷ୍ୟ ରଖାଯାଇଛି। ଅପପୁଷ୍ଟିକୁ ପୋଷଣ ଅଭିଯାନ ଦ୍ୱାରା ରୋକାଯାଇପାରିବ। କିନ୍ତୁ ସରକାର ଯଦି ନଗଡ଼ା ଭଳି ଉପାନ୍ତ ଅଞ୍ଚଳଗୁଡ଼ିକରେ ପୁଷ୍ଟି ମିଶନର କାର୍ଯ୍ୟକାରିତାକୁ ନେଇ ଯତ୍ନବାନ ହେବେ ନାହିଁ ତାହେଲେ ଏଇ ଓଡ଼ିଶା ପୁଷ୍ଟି ମିଶନ ଅପପୁଷ୍ଟିର ଚିତ୍ରକୁ ଆଉ ଅଧିକ କଲବଲ କରିବ। ଏବେ ଆସିବା ଆମେ 'ଖୁସି' ଯୋଜନାକୁ, ଯାହା ଏବେ ଯୋଜନା ବାଟବଣା। ଉପାନ୍ତ ଅଞ୍ଚଳ କଥା ଛାଡ଼ନ୍ତୁ ଯଦି ଆଖ ପାଖ ଗାଁରେ ଆପଣ ପଚାରିଦିଅନ୍ତି ଆପଣମାନେ ସାନିଟାରୀ ନାପକିନ ମାଗଣାରେ ପାଉଛନ୍ତି କି? ତାହେଲେ ଉତ୍ତର ଆସେ 'ନା' ତାହା କ'ଣ ଆମେ ଜାଣିନାହୁଁ। ଏଥିରୁ ଆପଣ ଅନୁମାନ କରିପାରୁଥିବେ ଯେ ଯୋଜନା ଅନେକ କିନ୍ତୁ କାହାକୁ ମିଳୁଛି ଏ ଯୋଜନା ଆଉ କେଉଁ ଯୋଗ୍ୟ ହିତାଧିକାରୀ ଏଇ ଯୋଜନାର ଲାଭ ଉଠାଉଛନ୍ତି।

ଏସବୁତ ଗଲା ଆମ ବଜେଟରେ ମହିଳାଙ୍କ ପାଇଁ ଯୋଜନା ବାବଦରେ ବ୍ୟୟବରାଦ। ଏବେ ଆସିବା ଆମେ ମହିଳା ସୁରକ୍ଷା ପ୍ରସଙ୍ଗକୁ ନେଇ। ଅନେକ ତୃଣମୂଳ ସ୍ତରରେ କାମ କରୁଥିବା ମହିଳାଙ୍କ ସହିତ ମୁଁ ମିଶିଛି, ସେମାନଙ୍କ କାମକୁ ମଧ୍ୟ ଖୁବ୍ ପାଖରୁ ଦେଖିଛି। ଆତ୍ମବିଶ୍ୱାସ ସେମାନଙ୍କ ପାଖରେ ଭରିକି ଥାଏ, ସବୁ ଯୋଜନାର ଲାଭ ମଧ୍ୟ ଉଠାନ୍ତି ସେମାନେ। ସ୍ୱାବଲମ୍ବୀ ହେଉଛନ୍ତି କିନ୍ତୁ କେଉଁଠି ନା କେଉଁଠି ସୁରକ୍ଷାକୁ ନେଇ ସେମାନଙ୍କ ମନରେ ଅନେକ ପ୍ରଶ୍ନ।

ନିକଟରେ ବିଧାନସଭାରେ ସରକାର ନିର୍ଭୟା ପାଣ୍ଠି ବାବଦରେ ପାଖାପାଖି ୨୦ କୋଟି ଯୋଗାଇଦିଆଯାଇଥିବା ପ୍ରକାଶ କରିଥିଲେ। କିନ୍ତୁ ଦୁଃଖର କଥା ଆଜିବି ଅନେକ ଜାଗାରେ ବଳାତ୍କାର ପୀଡ଼ିତାଟିଏ ଏ ସମ୍ପର୍କରେ ଅବଗତ ନାହିଁ। ଯଦି ବ୍ୟବସ୍ଥା ଭିତରେ ସୁରକ୍ଷାକୁନେଇ ଆମେ ସଚେତନତା ତଳ ସ୍ତରରେ ଥିବା ମହିଳାମାନଙ୍କ ପାଖରେ କିମ୍ବା ଯୋଜନାକୁ ସେମାନଙ୍କ ପାଖରେ ପହଞ୍ଚେଇପାରିବା ନାହିଁ ତା'ହେଲେ ସୁଭଦ୍ରା ଶକ୍ତି ଅନେକ କ୍ଷେତ୍ରରେ ବାଟବଣା ହେବାର ଯଥେଷ୍ଟ ସମ୍ଭାବନା ରହୁଛି।

ମହିଳାମାନେ ହେଉଛନ୍ତି ବିକାଶର ଚାବିକାଠି। କିନ୍ତୁ ବିକାଶର ଚିତ୍ରରେ ଆମେ ନଗଡ଼ା ଭଳି ଜାଗାର ମହିଳାମାନଙ୍କୁ ଯଦି ଅଗ୍ରାଧିକାର ଦେଇପାରିବା ଏବଂ କୁ-ପୋଷଣକୁ ରୋକିବା ଆଉ ଖୁସି ଯୋଜନା ସମସ୍ତଙ୍କ ପାଖରେ ପଞ୍ଚାଇଦେବା ତାହେଲେ ଏଇ ବଜେଟ ମହିଳା କଲ୍ୟାଣ ଯୋଜନାର ବାର୍ତ୍ତା ହେବ।

ମୋ-୯୯୩୭୭୩୪୪୬୧

## ଏଇ ଭାରତରେ

ଜାତିସଂଘ ରିପୋର୍ଟରୁ ଜଣାପଡ଼ିଛି ଯେ, ବର୍ଷକୁ ଭାରତୀୟ ପରିବାରଗୁଡ଼ିକ ୭୮.୨ ମିଲିୟନ ଟନ୍ ଖାଦ୍ୟ ନଷ୍ଟ କରନ୍ତି। ଏହା ପ୍ରକୃତରେ ଚିନ୍ତାଜନକ। ଏଭଳି ଖାଦ୍ୟ ନଷ୍ଟକୁ ରୋକିବା ପାଇଁ ପ୍ରୟାସ କରୁଛନ୍ତି ଚେନ୍ନାଇର ତିନି ବନ୍ଧୁ ପଦ୍ମନାଭନ ଗୋପାଳନ, ଦିନେଶ ମାନିକମ୍ ଏବଂ ସୁଧାକର ମାରିମୁଥୁ। କୋଏମ୍ବାଟୁରରେ ଜନ୍ମିତ ଏହି ତିନି ବନ୍ଧୁ ପ୍ରଡକ୍ସନ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଛନ୍ତି। ସେମାନେ ବିଭିନ୍ନ କାର୍ଯ୍ୟକ୍ରମ ବା ଉତ୍ସବରେ ବଳୁଥିବା ଖାଦ୍ୟ ସଂଗ୍ରହ କରି ଲୋକଙ୍କୁ ଖାଇବାକୁ ଦେଉଛନ୍ତି। ବିଶେଷକରି ଆଇଟି କମ୍ପାନୀ, ଆଇଆଇଟି ମାଡ୍ରାସ୍ ଭଳି ଶିକ୍ଷାନୁଷ୍ଠାନ, କର୍ପୋରେଟ୍ କାର୍ଯ୍ୟକ୍ରମ, ବିବାହ ଉତ୍ସବରୁ ଖାଦ୍ୟ ସଂଗ୍ରହ କରାଯାଉଛି। ଏଥିପାଇଁ ସେମାନେ ୨୦୧୪ରେ 'ନୋ ଫୁଡ୍ ୱେଷ୍ଟ' ସଂସ୍ଥା ଗଠନ କରି ତା' ମାଧ୍ୟମରେ ଏହି କାର୍ଯ୍ୟ ସଞ୍ଚାଳନ କରୁଛନ୍ତି। ୨୦୧୮ରୁ ଏହା ଚେନ୍ନାଇରେ କାମ କରୁଛି। ଅରୁଣ କୁମାର ଏହାର ଆଞ୍ଚଳିକ ନିର୍ଦ୍ଦେଶକ ଅଛନ୍ତି। ପ୍ରଥମେ ସେମାନେ ଜଣେ ସ୍ୱେଚ୍ଛାସେବୀଙ୍କୁ ନେଇ ଦୁଇଟି ବ୍ୟାଗରେ କୋଏମ୍ବାଟୁରରେ ଖାଦ୍ୟ ସଂଗ୍ରହ ଆରମ୍ଭ କରି ବସ୍‌ରେ ଯାଇ ଗୃହହୀନଙ୍କୁ ଦେଉଥିଲେ। ଏବେ ୩୦ ସ୍ୱେଚ୍ଛାସେବୀ ନିୟମିତ କାମ କରୁଛନ୍ତି। କାର୍ଯ୍ୟ ପରିଚାଳନା ପାଇଁ ଏକ କଲ୍‌ସେଣ୍ଟର ରହିଛି। ଏହା ସହ ଖାଦ୍ୟ ସଂଗ୍ରହ ଓ ଯୋଗାଣ ପାଇଁ ଗାଡ଼ି ବ୍ୟବସ୍ଥା କରାଯାଇଛି। ନିର୍ଦ୍ଦିଷ୍ଟ ସ୍ଥାନରେ ଖାଇବାକୁ ଦେବାର ବ୍ୟବସ୍ଥା ମଧ୍ୟ କରାଯାଇଛି। ଏବେ ଏହି ଅଭିଯାନ ତାମିଲନାଡୁ, ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନାରେ ଚାଲୁରହିଛି।

## ୫୦ ବର୍ଷ ତଳର ଧରିତ୍ରୀ

୯ ମାର୍ଚ୍ଚ ୧୯୭୬

- ସମ୍ବାଦ ଯୋଗାଣ କ୍ଷେତ୍ରରେ ସହଯୋଗିତା ପାଇଁ ଯୁଗୋସ୍ଲୋଭିଆ ଓ ଶ୍ରୀଲଙ୍କା ମଧ୍ୟରେ ପ୍ରଥମ ରାଜିନାମା ସ୍ୱାକ୍ଷରିତ।
- କେନ୍ଦ୍ର ପେଟ୍ରୋଲିୟମ ଓ ରସାୟନ ମନ୍ତ୍ରଣାଳୟ ଏବଂ ତୈଳ ଓ ପ୍ରାକୃତିକ ଗ୍ୟାସ୍ କମିଶନ କାନାଡାର ଆସାମେରା ଗୋଷ୍ଠୀ ସହ କାବେରୀ ଅବବାହିକାରେ ତୈଳ ଉତ୍ପାଦନ ପାଇଁ ଏକ ରାଜିନାମା ସ୍ୱାକ୍ଷର କରିଛନ୍ତି।

## su|do|ku

Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 1 | 9 | | | | | 2 | | |
| | | | | 9 | | | | 3 |
| | 5 | | | | 8 | | | 6 |
| | | | 1 | | | 4 | 6 | |
| | | | | 4 | | | 7 | 9 |
| | 2 | | | | 9 | | | |
| | | 4 | | 5 | 3 | | | |
| | 8 | 2 | | | | 7 | 1 | |
| | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 7 | 5 | 3 | 8 | 9 | 6 | 4 | 1 |
| 6 | 9 | 4 | 5 | 2 | 1 | 3 | 8 | 7 |
| 1 | 3 | 8 | 4 | 6 | 7 | 5 | 9 | 2 |
| 4 | 6 | 3 | 9 | 1 | 8 | 2 | 7 | 5 |
| 7 | 2 | 9 | 6 | 5 | 3 | 8 | 1 | 4 |
| 5 | 8 | 1 | 7 | 4 | 2 | 9 | 3 | 6 |
| 8 | 4 | 2 | 1 | 9 | 6 | 7 | 5 | 3 |
| 3 | 5 | 6 | 8 | 7 | 4 | 1 | 2 | 9 |
| 9 | 1 | 7 | 2 | 3 | 5 | 4 | 6 | 8 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ମାଗଣା ବଣ୍ଟନର ପ୍ରଭାବ

ମହାଶୟ,
ନିର୍ବାଚନ ପୂର୍ବରୁ ପ୍ରମୁଖ ରାଜନୈତିକ ଦଳମାନେ ମାଗଣା ବଣ୍ଟନ ସମ୍ପର୍କରେ ଘୋଷଣା କରୁଛନ୍ତି ଓ କ୍ଷମତାକୁ ଆସିବା ପରେ ତାହା କାର୍ଯ୍ୟକାରୀ କରୁଛନ୍ତି। ଏହା ଲୋକଙ୍କୁ ଅଳସୁଆ ଓ ପରଜୀବୀ ଗୋଷ୍ଠୀରେ ପରିଣତ କରୁଛି। ସେମାନେ କୌଣସି କାମ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। କେବଳ ସରକାରଙ୍କ ହାତ ଟେକାକୁ ଅପେକ୍ଷା କରୁଛନ୍ତି। ଏହା ସେମାନଙ୍କୁ ସ୍ୱାବଲମ୍ବୀ କରିବା ପରିବର୍ତ୍ତେ ନିର୍ଭରଶୀଳ କରିଦେଉଛି। ଏଥିପାଇଁ ସୁପ୍ରିମକୋର୍ଟ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଭଳି ମାଗଣା ବଣ୍ଟନ ଲୋକଙ୍କ କର୍ମ ସଂସ୍କୃତିକୁ ଲୋପ କରିଦେଉଛି। ଏଥିପାଇଁ ସରକାରଙ୍କୁ ଋଣ କରିବାକୁ ପଡୁଛି। ଏଣୁ ଏହି ଧାରାକୁ ବନ୍ଦ କରି ଭିତ୍ତିଭୂମି ଉନ୍ନୟନ ଓ ଲୋକଙ୍କୁ କର୍ମ ନିଯୁକ୍ତି ଦେବା ପାଇଁ ସୁପ୍ରିମକୋର୍ଟ ସରକାରଙ୍କୁ ପରାମର୍ଶ ଦେଉଛନ୍ତି। ସୁପ୍ରିମକୋର୍ଟଙ୍କ ପରାମର୍ଶ ପ୍ରଣିଧାନଯୋଗ୍ୟ। ଏହି ମାଗଣା ବଣ୍ଟନ ଧାରା ଲାଗି ରହିଲେ ଦେଶର ବିକାଶ ଗୁରୁତର ଭାବେ ପ୍ରଭାବିତ ହେବ ଓ ୨୦୪୭ ସୁଦ୍ଧା ଭାରତ ବିକଶିତ ଦେଶ ହେବାର ତଥା ଓଡ଼ିଶା ୨୦୩୬ ସୁଦ୍ଧା ବିକଶିତ ହେବାର ଲକ୍ଷ୍ୟ ପୂରଣ ହେବା ସମ୍ଭବ ହୋଇପାରିବ। ଏଣୁ ବେଳ ଥାଉଥାଉ ସରକାର ସତର୍କ ହେବା ଆବଶ୍ୟକ।

**– ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

## ଚିରନ୍ତନୀ

ଶୀତଳ ବାରି ଝରଇ ଭାଲେ
ଧରି ଚିବୁକ ଚୁମଇ ଗାଲେ,
ଶୀକର ବାଆ ବକ୍ଷୁ କାଢ଼େ ଅଞ୍ଚଳ
ଆର୍ଦ୍ରତବ ବାହୁଯୁଗଳ କୁନ୍ତଳ।
(ବର୍ଷା ନାୟିକା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# 'ବିକଶିତ ଭାରତ'ର ସଂକଳ୍ପକୁ ବାସ୍ତବରେ ପରିଣତ କରିବେ ମହିଳା

## ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଆଲେଖ୍ୟ



ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀ
କେନ୍ଦ୍ର ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରୀ

ପ୍ରାଚୀନ କାଳରୁ ଭାରତୀୟ ସମାଜରେ ମହିଳାମାନଙ୍କର ସ୍ଥାନ ଅନନ୍ୟ। ଆମେ ଏମିତି ଏକ ଦେଶରେ ବାସ କରୁଛୁ 'ଯେଉଁଠାରେ ନାରୀମାନଙ୍କୁ ପୂଜା କରାଯାଏ, ସେଠାରେ ଦେବତାମାନେ ବାସ କରନ୍ତି' ବୋଲି ବିଶ୍ୱାସ କରାଯାଏ। ଅନ୍ୟ ଭାଷାରେ କହିଲେ, "ଯେଉଁଠାରେ ନାରୀମାନଙ୍କୁ ସମ୍ମାନ କରାଯାଏ, ସେଠାରେ ଦେବତାମାନେ ବାସ କରନ୍ତି ଏବଂ ଯେଉଁଠାରେ ନାରୀମାନଙ୍କୁ ସମ୍ମାନ କରାଯାଏ ନାହିଁ, ସେଠାରେ କରାଯାଇଥିବା ସମସ୍ତ ଭଲ କାମ ନିଷ୍ଫଳ ହୋଇଯାଏ" – ଏହି ଆସ୍ଥା, ଚିନ୍ତନ ଏବଂ ବିଶ୍ୱାସ ପ୍ରତିଟି ଭାରତୀୟଙ୍କ ମାନସିକତାରେ ଗଭୀରଭାବେ ରେଖାଙ୍କିତ। 'ଶତପଥ ବ୍ରାହ୍ମଣ'ରେ ଉଲ୍ଲେଖ ଅଛି ଯେ ଶ୍ରୀରାମଙ୍କ ଗୁରୁ ବଶିଷ୍ଠଙ୍କ ଗୁରୁକୁଳରେ, ତାଙ୍କର ମହାନ୍ ବିଦ୍ୱାନ ପତ୍ନୀ ଅରୁନ୍ଧତୀ ସଙ୍ଗୀତ ଏବଂ ପରିବେଶ ସଂରକ୍ଷଣ ଶିକ୍ଷା ପ୍ରଦାନ କରୁଥିଲେ। ଋଗବେଦରେ ମଧ୍ୟ ଗାର୍ଗୀ, ମୈତ୍ରେୟୀ, ଘୋଷା, ଅପଲା, ଲୋପାମୁଦ୍ରା ଏବଂ ରୋମାଶାନଙ୍କ ପରି ଅନେକ ମନ୍ତ୍ରଦ୍ରଷ୍ଟା ମହିଳା ଋଷିଙ୍କ ବିଷୟରେ ଉଲ୍ଲେଖ ଅଛି, ଯାହାଙ୍କର ବ୍ରହ୍ମ ଜ୍ଞାନରେ ସମଗ୍ର ଋଷି ସମ୍ପ୍ରଦାୟ ଉଲ୍ଲସିତ ଥିଲେ। କିନ୍ତୁ ଦୁଃଖର ବିଷୟ ଯେ ପରବର୍ତ୍ତୀ ସମୟରେ, ବିଶେଷକରି ମଧ୍ୟଯୁଗରେ ଆକ୍ରମଣକାରୀଙ୍କ ଶାସନ ଏବଂ ଏହା ପରବର୍ତ୍ତୀ ବିଦେଶୀଙ୍କ ଦାସତ୍ୱ ସମୟରେ ନାରୀ ଶିକ୍ଷାର ଏହି ଗୌରବମୟ ଏବଂ ସୁବର୍ଣ୍ଣ ପରମ୍ପରା ନଷ୍ଟ ହୋଇଗଲା। ସ୍ୱାଧୀନତା ସଂଗ୍ରାମ ସମୟରେ ଏବଂ ସ୍ୱାଧୀନତା ପରେ, ମହିଳାମାନେ ପୁଣିଥରେ ସମାଜରେ ସମ୍ମାନ ପାଇଲେ, ହେଲେ ସେମାନଙ୍କର ପ୍ରଗତି ଅନେକ ଦଶନ୍ଧି ଧରି ସ୍ଥାଣୁ ରହିଥିଲା। ମହିଳା ସଶକ୍ତୀକରଣ କାର୍ଯ୍ୟକ୍ରମରେ ଦାରିଦ୍ର୍ୟ ଏବଂ ନିରକ୍ଷରତା ଗୁରୁତର ପ୍ରତିବନ୍ଧକ ଭାବେ ଉଭା ହୋଇଥିଲା।

ଅନ୍ତର୍ଜାତୀୟ ମହିଳା ଦିବସର ଉଦ୍ଦେଶ୍ୟ ହେଉଛି ସାମାଜିକ, ଆର୍ଥିକ ଏବଂ ରାଜନୈତିକ ସମାନତା ହାସଲ କରିବା ପାଇଁ ମହିଳାମାନଙ୍କୁ ଉତ୍ସାହିତ କରିବା; ମହିଳାମାନଙ୍କୁ ସେମାନଙ୍କ ଅଧିକାର ବିଷୟରେ ସଚେତନ କରାଇବା ଏବଂ ସମାଜରେ ପୁରୁଷ ଏବଂ ମହିଳାଙ୍କ ମଧ୍ୟରେ ଥିବା ଅସମାନତାକୁ ଦୂରକରି ସମାନତା ଆଣିବା।

ଭାରତୀୟ ସ୍ୱାଧୀନତା ସଂଗ୍ରାମର ନାୟକ ମହାତ୍ମା ଗାନ୍ଧୀ ୨୩ ଡିସେମ୍ବର ୧୯୩୬ରେ ଅଖିଳ ଭାରତୀୟ ମହିଳା ସମ୍ମିଳନୀରେ ତାଙ୍କ ଭାଷଣରେ କହିଥିଲେ: "ମହିଳା, ଯାହାଙ୍କୁ ଆମେ ଅବଳା, ଦୁର୍ବଳା କହୁ ସେମାନେ ସବଳା ହେଲେ ଯାଇ ସମସ୍ତ ଅସହାୟ ଶକ୍ତିଶାଳୀ ହୋଇଯିବେ।" ସମାନ କ୍ରମରେ, ବାବା ସାହେବ ଭୀମରାଓ ଆମ୍ବେଦକର ମଧ୍ୟ ଏକ ଶକ୍ତିଶାଳୀ ଭାରତ ଗଠନରେ ମହିଳାଙ୍କ ଗୁରୁତ୍ୱକୁ ହୃଦ୍‌ବୋଧ କରି ଲେଖିଛନ୍ତି, "ସାମାଜିକ ନ୍ୟାୟ ପାଇଁ ମହିଳା ସଶକ୍ତୀକରଣ ଆବଶ୍ୟକ, ତାହା ହେଲେ ହିଁ ସମାଜରେ ମହିଳାମାନଙ୍କର ଉନ୍ନତି ହୋଇପାରିବ"। ମହିଳାମାନଙ୍କର ଉନ୍ନତି ହେଲେ ହିଁ ସ୍ୱାଧୀନତା, ସମାନତା ଏବଂ ଭ୍ରାତୃତ୍ୱର ଗଣତାନ୍ତ୍ରିକ ଚିନ୍ତାଧାରା ସହିତ ସମାଜକୁ ପୁନଃନିର୍ମାଣ କରିବା ସମ୍ଭବ ହେବ।

୧୯୨୦ ମସିହା ଆଡ଼କୁ ସାରା ବିଶ୍ୱରେ ମହିଳାମାନେ ସେମାନଙ୍କର ସମାନ ନାଗରିକ ଅଧିକାର ପାଇଁ ଆନ୍ଦୋଳନ କରୁଥିଲେ, ଏହି ସମୟରେ ପ୍ରସିଦ୍ଧ ହିନ୍ଦୀ ଲେଖକ ମୁନ୍‌ସୀ ପ୍ରେମଚାନ୍ଦ ଲେଖିଥିଲେ ଯେ' ଯଦି ଜଣେ ପୁରୁଷ ଜଣେ ମହିଳାଙ୍କ ଗୁଣ ଗ୍ରହଣ କରେ, ତେବେ ସେ ଦେବତା ହୋଇଯାଏ'। ରାଣୀ ଅହଲ୍ୟାବାଇ ହୋଲକରଙ୍କଠାରୁ ଝାନ୍ସୀ ରାଣୀ ଲକ୍ଷ୍ମୀବାଈଙ୍କ ପର୍ଯ୍ୟନ୍ତ, ରାଣୀ ଗୈଦିନଲିଉଙ୍କଠାରୁ ସାବିତ୍ରୀବାଈ ଫୁଲେଙ୍କ ଯାଏ, ମହିଳାମାନେ ସମାଜରେ ପରିବର୍ତ୍ତନର ମହାନ୍ ଉଦାହରଣ ସୃଷ୍ଟି କରିଛନ୍ତି। ବର୍ତ୍ତମାନର ଭାରତ ଏହି ମହାନ୍ ମହିଳାଙ୍କ ପ୍ରେରଣାଦାୟକ ଜୀବନର ଉପାଦାନଗୁଡ଼ିକୁ ଗ୍ରହଣ କରି ଆଗକୁ ବଢ଼ୁଛି।

ଏଥର ଆନ୍ତର୍ଜାତିକ ମହିଳା ଦିବସର ବିଷୟବସ୍ତୁ ହେଉଛି 'ତ୍ୱରାନ୍ୱିତ କାର୍ଯ୍ୟ'। ଏହା ମହିଳା ସଶକ୍ତୀକରଣ ପାଇଁ ଦ୍ରୁତ ଏବଂ ଦୃଢ଼ ପଦକ୍ଷେପ ନେବା ଆବଶ୍ୟକ ବୋଲି ବାର୍ତ୍ତା ଦେଉଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ, ଆମ ସରକାର ବିଭିନ୍ନ ନୀତି ଏବଂ ଯୋଜନା ମାଧ୍ୟମରେ ମହିଳାଙ୍କ ଉନ୍ନତି ଏବଂ ସଶକ୍ତୀକରଣ ପାଇଁ ଅନେକ ଦୃଢ଼ ପଦକ୍ଷେପ ନେଇଛନ୍ତି। ଏହି ନୀତିଗୁଡ଼ିକ ମହିଳାମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଆର୍ଥିକ ସ୍ୱାଧୀନତା, ସୁରକ୍ଷା ଏବଂ ରାଜନୈତିକ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ପାଇଁ ଉଦ୍ଦିଷ୍ଟ। ଗତ ଦଶ ବର୍ଷ ମଧ୍ୟରେ ମହିଳା ସଶକ୍ତୀକରଣ ପାଇଁ ମୋଦୀ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ବିଭିନ୍ନ ଯୋଜନା ଏବେ ବାସ୍ତବତାରେ ପରିଣତ ହୋଇ ସୁଫଳ ପ୍ରଦାନ କରୁଛି।

ଗରିବ ପରିବାରର ମହିଳାଙ୍କୁ ମାଗଣା ଏଲ୍‌ପିଜି ଗ୍ୟାସ୍ ସଂଯୋଗ ପ୍ରଦାନ କରିବା ହେଉ, ଅଥବା ସ୍ୱାସ୍ଥ୍ୟରେ ଉନ୍ନତି ପାଇଁ 'ଉଜ୍ଜ୍ୱଳା ଯୋଜନା', ଝିଅମାନଙ୍କ ଶିକ୍ଷା ଏବଂ ଭବିଷ୍ୟତରେ ଆର୍ଥିକ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ 'ସୁକନ୍ୟା ସମୃଦ୍ଧି ଯୋଜନା' ପ୍ରଭୃତି ଆପଣାଇ ଭାରତ ସରକାର ମହିଳା ଓ ଝିଅମାନଙ୍କ କଲ୍ୟାଣକୁ ପ୍ରାଥମିକତା ଦେଇଛନ୍ତି। ମାତୃତ୍ୱ ଲାଭ ଆଇନରେ ସଂଶୋଧନ କରି, ମହିଳା କର୍ମଚାରୀମାନଙ୍କୁ ଦିଆଯାଉଥିବା ମାତୃତ୍ୱ ଲାଭ ଛୁଟିରେ ଅବଧି ୧୨ ସପ୍ତାହରୁ ୨୬ ସପ୍ତାହକୁ ବୃଦ୍ଧି କରାଯାଇଛି। ଅନ୍ୟପକ୍ଷରେ, କ୍ଷୁଦ୍ର ବ୍ୟବସାୟୀଙ୍କୁ ସାହାଯ୍ୟ କରିବା ପାଇଁ ମୋଦୀ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ମୁଦ୍ରା ଋଣ ଯୋଜନାରେ ମହିଳାଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରାଯାଇଥିବାରୁ ଆଜି ଏହି ଯୋଜନାର ୬୯% ହିତାଧିକାରୀ ମହିଳା ହୋଇପାରିଛନ୍ତି। ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ, ୩ କୋଟି ମହିଳାଙ୍କୁ ଲକ୍ଷପତି ଦିଦି କରିବାର ଲକ୍ଷ୍ୟ ରଖିଛନ୍ତି ସରକାର। ଏହା ବ୍ୟତୀତ, ଷ୍ଟାଣ୍ଡ୍ ଅପ୍ ଇଣ୍ଡିଆ ଅଧୀନରେ, ଅନୁସୂଚିତ ଜାତି, ଜନଜାତି ଏବଂ ପଛୁଆବର୍ଗର ମହିଳାଙ୍କୁ ସ୍ୱତନ୍ତ୍ର ଭାବେ ଋଣ ଦିଆଯାଉଛି। ଏପର୍ଯ୍ୟନ୍ତ ୫୦ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ଋଣ ଏହିକ୍ରମରେ ମଞ୍ଜୁର କରାଯାଇଛି। "ବେଟି ବଚାଓ – ବେଟି ପଢ଼ାଓ" ଏବଂ "ମିଶନ ଶକ୍ତି" ଭଳି ଯୋଜନା ଏବଂ "କନ୍ୟାରତ୍ନ ସହ ସେଲ୍ଫି" ଭଳି ପଦକ୍ଷେପ ଆମର ଝିଅ ଏବଂ ଯୁବତୀମାନଙ୍କ ପାଇଁ ନୂତନ ଦିଗ ଖୋଲିଛି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଶକ୍ତୀକରଣ ଯୋଜନା ମାଧ୍ୟମରେ, ଗ୍ରାମୀଣ ଏବଂ ସହରାଞ୍ଚଳରେ ମହିଳା ଗୋଷ୍ଠୀମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରି ସେମାନଙ୍କର ଅଂଶଗ୍ରହଣ ବୃଦ୍ଧି କରିବାରେ ନୂତନ ରେକର୍ଡ ସୃଷ୍ଟି ହେଉଛି। ଆଜି ଭାରତର ମହିଳାମାନେ ଏକ ନୂତନ ଆର୍ଥିକ ଦିଗନ୍ତ ଆଡ଼କୁ ଅଗ୍ରସର ହେଉଛନ୍ତି।

ଶିକ୍ଷାକୁ ସଫଳତାର ଶିଡ଼ି ବୋଲି ବିବେଚନା କରାଯାଏ। ଏହି ପରିପ୍ରେକ୍ଷୀରେ, ମହାତ୍ମା ଗାନ୍ଧୀଙ୍କ ଏକ ଉକ୍ତି ଅନେକ ମହତ୍ତ୍ୱ ବହନ କରେ। ତାହା ହେଲା, "ଯେତେବେଳେ ଜଣେ ପୁରୁଷ ଶିକ୍ଷିତ ହୁଏ, ଜଣେ ବ୍ୟକ୍ତି ଶିକ୍ଷିତ ହୁଏ କିନ୍ତୁ ଯେତେବେଳେ ଜଣେ ମହିଳା ଶିକ୍ଷିତ ହୁଏ, ଏକ ପରିବାର ଶିକ୍ଷିତ ହୁଏ"। ଏହି ନୀତିକୁ ଦୃଷ୍ଟିରେ ରଖି, ମୋଦୀ ସରକାରଙ୍କ ଶାସନରେ ଭାରତରେ ଉଚ୍ଚଶିକ୍ଷାରେ ମହିଳାମାନଙ୍କ ସ୍ଥିତି ସନ୍ତୋଷଜନକ ଭାବରେ ଉନ୍ନତ ହେଉଛି। ୨୦୧୪-୧୫ ପରଠାରୁ ଉଚ୍ଚଶିକ୍ଷାରେ ନାମଲେଖା ହାରରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି, ମହିଳା ନାମଲେଖା ୧.୫୭ କୋଟିରୁ ୨.୧୮ କୋଟିକୁ ବୃଦ୍ଧି ପାଇଛି।

'ନାରୀ ଶକ୍ତି ବନ୍ଦନା ଆଇନ' ମାଧ୍ୟମରେ ସଂସଦ ଏବଂ ବିଧାନସଭାରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ସୁନିଶ୍ଚିତ କରିବାର ଅନନ୍ୟ କାର୍ଯ୍ୟ, ତିନି ତଲାକ ଆଇନ ଉଚ୍ଛେଦକରି ମୁସଲିମ ମହିଳାଙ୍କ ଅଧିକାରର ସୁରକ୍ଷା, ପୋଲିସ ବାହିନୀରେ ମହିଳାଙ୍କ ସଂଖ୍ୟା ବୃଦ୍ଧି ପାଇଁ ମହିଳା ସମିତି ଗଠନ, ଭାରତୀୟ ମହିଳା ବାଟାଲିୟନ ଗଠନ ହେଉ କିମ୍ବା ଶିକ୍ଷା ଏବଂ ଦକ୍ଷତା ବିକାଶରେ ମହିଳାମାନଙ୍କ ଅଂଶଗ୍ରହଣକୁ ବୃଦ୍ଧି କରିବା ପାଇଁ ନୂତନ ପ୍ରତିଷ୍ଠାନ ଏବଂ ତାଲିମ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଆମ ସରକାର ମହିଳାମାନଙ୍କର ନେତୃତ୍ୱମୂଳକ ଭୂମିକା ସୁନିଶ୍ଚିତ କରିବାକୁ ପ୍ରତିବଦ୍ଧ। କଳା, କ୍ରୀଡ଼ା, ଅଭିନୟ, ରାଜନୀତିଠାରୁ ଆରମ୍ଭ କରି ସରକାରୀ ଚାକିରି ଏବଂ ବୃତ୍ତିଗତ ଜଗତ ପର୍ଯ୍ୟନ୍ତ – ଭାରତୀୟ ମହିଳାମାନେ ସମସ୍ତ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ କେବଳ ସେମାନଙ୍କର ଅଂଶଗ୍ରହଣକୁ ସୁନିଶ୍ଚିତ କରୁନାହାନ୍ତି ବରଂ ଦକ୍ଷତାର ସହିତ ସେମାନଙ୍କର ଦାୟିତ୍ୱ ନିର୍ବାହ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରୁଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ ଗଠନରେ ୪ ସ୍ତମ୍ଭ ଭିତରୁ ମହିଳାମାନେ ଗୋଟିଏ। ଅର୍ଥାତ୍ ମହିଳାଙ୍କ ବିକାଶ ବିନା ଭାରତର ବିକାଶ ଅସମ୍ଭବ। 'ବିକଶିତ ଭାରତ'ର ସଂକଳ୍ପଗୁଡ଼ିକୁ ସାକାର କରିବାରେ ମହିଳାମାନେ ନିଃସନ୍ଦେହରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ଏହି ପରିସ୍ଥିତିରେ, ଆମକୁ ମହିଳାଙ୍କ ସାହସ ଏବଂ ଦକ୍ଷତାକୁ ବୁଝିବାକୁ ପଡ଼ିବ। ଏହି ଅନ୍ତର୍ଜାତୀୟ ମହିଳା ଦିବସରେ, ଆସନ୍ତୁ ଆମେ ମହିଳାମାନଙ୍କ ବିକାଶର ପଥ ପ୍ରଶସ୍ତ କରିବାକୁ ପ୍ରତିଜ୍ଞା ନେବା। ମହିଳାମାନଙ୍କର ସଶକ୍ତୀକରଣ ମାଧ୍ୟମରେ ହିଁ ଏକ ବିକଶିତ ଏବଂ ସଶକ୍ତ ଭାରତ ଗଠନର ଯାତ୍ରା ସଫଳ ହେବ।

# ୧,୬୯,୦୨୪ ମାମଲା ଫଇସଲା

## ରାଜ୍ୟସ୍ତରୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

**କଟକ,୮।୩(କାର୍ତ୍ତିକ ସାହୁ)**

ଜାତୀୟ ଆଇନସେବା ପ୍ରାଧିକରଣ ଦ୍ୱାରା ନିର୍ଦ୍ଧାରିତ ସମୟସୂଚୀ ଅନୁଯାୟୀ ଚଳିତବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ସମଗ୍ର ରାଜ୍ୟରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ରାଜ୍ୟର ୩୦ଟି ଜିଲା କୋର୍ଟ, କଟକସ୍ଥିତ ଋଣ ଆଦାୟ ଟ୍ରିବ୍ୟୁନାଲ, କଟକସ୍ଥିତ ରାଜ୍ୟ ଖାଉଟି ବିବାଦ ସମାଧାନ ଆୟୋଗ, ଭୁବନେଶ୍ୱରର ଇଣ୍ଡଷ୍ଟ୍ରିଆଲ ଟ୍ରିବ୍ୟୁନାଲ ଓ ଏଜୁକେଶନ ଟ୍ରିବ୍ୟୁନାଲରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ତଥା ରାଜ୍ୟ ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ଜଷ୍ଟିସ ଅରିନ୍ଦମ ସିହ୍ନାଙ୍କ ମାର୍ଗଦର୍ଶନରେ ଏହି ଲୋକ ଅଦାଲତ ପରିଚାଳିତ ହୋଇଥିଲା।

ଚଳିତବର୍ଷ ରାଷ୍ଟ୍ରୀୟ ଲୋକ ଅଦାଲତରେ ମୋଟ ୧,୬୯,୦୨୪ ମାମଲା ଫଇସଲା ହୋଇଛି। ସେଥିମଧ୍ୟରେ କୋର୍ଟରେ ପଡ଼ିରହିଥିବା ୧୬,୨୭୬ଟି ମାମଲା, ରାଜସ୍ୱ ସଂକ୍ରାନ୍ତୀୟ ୧,୪୫,୫୦୮ ଏବଂ ପ୍ରାକ୍ ଅଦାଲତସ୍ତରୀୟ ୭,୨୪୦ଟି ମାମଲାର ଫଇସଲା କରାଯାଇଛି। କୋର୍ଟରେ ପଡ଼ି ରହିଥିବା ମାମଲାଗୁଡ଼ିକ ମଧ୍ୟରୁ ଫୌଜଦାରି ୨୪୬, ଏନ୍‌ଆଇ ଆକ୍ଟ ୧୩୮ ଧାରାରେ ୧୪୭୨, ଅର୍ଥ ଆଦାୟ ୫୭୯, ମୋଟରଯାନ ଦୁର୍ଘଟଣାଜନିତ କ୍ଷତିପୂରଣ ୮୭୫, ଶ୍ରମ ବିବାଦ ୩୦, ଜନ ବ୍ୟବହାର୍ଯ୍ୟ ବିବାଦ ୧୩, ବୈବାହିକ ବିବାଦ ୪୭୬, ଜମିଜମା ୫, ଖାଉଟି ବିବାଦ ୧୫, ଦେୱାନୀ ୧୩୫୫, ଅନ୍ୟ ଫୌଜଦାରି ୧୧,୧୮୯, ଋଣ ଆଦାୟ ଟ୍ରିବ୍ୟୁନାଲ ୪, ଖାଉଟି ଆୟୋଗ ୨ ଓ ରାଜ୍ୟ ଏଜୁକେଶନ ଟ୍ରିବ୍ୟୁନାଲର ୧୫ଟି ମାମଲା ରହିଛି। ମାମଲାଗୁଡ଼ିକର ଫଇସଲାରୁ କ୍ଷତିପୂରଣ ସମେତ ଅନ୍ୟାନ୍ୟ ବାବଦରେ ଆଦାୟ ହେବାକୁ ୧୭୯, ୯୧, ୪୩, ୮୮୫ ଟଙ୍କା ସ୍ଥିରୀକୃତ ହୋଇଥିବା ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି।

# ୧୦ରେ ରାଜଧାନୀରେ ଶିକ୍ଷକ ସମାବେଶ

## ବିଦ୍ୟାଳୟକୁ ଅନୁଦାନ, ପେନ୍‌ସନ ଦାବି

**ଭୁବନେଶ୍ୱର,୮।୩(ସୁଚିସ୍ମିତା ସାହୁ)**

ବିଦ୍ୟାଳୟକୁ ଅନୁଦାନ ଏବଂ ଅବସର ଓ କାର୍ଯ୍ୟରତ ଶିକ୍ଷକଙ୍କୁ ପେନ୍‌ସନ ପ୍ରଦାନ ଭଳି ବିଭିନ୍ନ ଦାବି ନେଇ ଆସନ୍ତା ୧୦ ତାରିଖରେ ଶିକ୍ଷୟିତ୍ରୀ/ଶିକ୍ଷକ ଓ ଶିକ୍ଷାକର୍ମଚାରୀଙ୍କ ବଡ଼ ସମାବେଶ ଭୁବନେଶ୍ୱରରେ ହେବ। ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଏହି ସମାବେଶ କରାଯିବ ବୋଲି ଏହାର ଆବାହକ ରଞ୍ଜନ କୁମାର ଦାଶ ସୂଚନା ଦେଇଛନ୍ତି। ଶନିବାର ଖବରଦାତା ସମ୍ମିଳନୀରେ ସେ କହିଲେ, ଅବସରକାଳୀନ ସୁବିଧା, ଚାକିରି ସର୍ତ୍ତାବଳୀ ପ୍ରଦାନ କ୍ଷେତ୍ରରେ ସରକାର ଅହେତୁକ ବିଳମ୍ବ କରୁଥିବାରୁ ପ୍ରତିବାଦ କରାଯିବ।




# ଆୟୁଶ୍ରୀ ମଲିକ 'ମିସ୍ ସୁପର ନ୍ୟାଶନାଲ'



ଆୟୁଶ୍ରୀ ମଲିକ



ସୁଦ୍ଧୃତି ପଡ଼ିହାରୀ

## ଓଡ଼ିଶାର ସୁଦ୍ଧୃତି ପଡ଼ିହାରୀ ହେଲେ 'ମିସ୍ ଡିଭା ଫ୍ୟାଶନ ଡିଜାଇନର ୨୦୨୪'


**ମୁମ୍ବାଇ, ୮।୩**

ମୁମ୍ବାଇରେ ଶୁକ୍ରବାର ବିଳମ୍ବିତ ରାତିରେ 'ଲିଭା ମିସ୍ ଡିଭା' ପ୍ରତିଯୋଗିତାର ଗ୍ରାଣ୍ଡ ଫିନାଲେ ଆୟୋଜିତ ହୋଇଯାଇଛି। ଏହି ଗ୍ରାଣ୍ଡ ଫିନାଲେରେ ମଡେଲ ଆୟୁଶ୍ରୀ ମଲିକ 'ଲିଭା ମିସ୍ ଡିଭା ସୁପର ନ୍ୟାଶନାଲ ୨୦୨୪' ଭାବେ କ୍ରାଉନ୍ ହାତେଇଥିବା ବେଳେ ବିପ୍ରା ମେହେଟ୍ଟା 'ଲିଭା ମିସ୍ ଡିଭା କସ୍ମୋ ୨୦୨୪'ର ବିଜେତା ଘୋଷିତ ହୋଇଛନ୍ତି। ଆସନ୍ତା ଜୁନ୍ ୨୭ରେ ପୋଲାଣ୍ଡର ମାଲୋପଲ୍‌ସ୍କାରେ ହେବାକୁଥିବା 'ମିସ୍ ସୁପର ନ୍ୟାଶନାଲ ୨୦୨୫' ପ୍ରତିଯୋଗିତାରେ ଆୟୁଶ୍ରୀ ଭାରତର ପ୍ରତିନିଧିତ୍ୱ କରିବେ। ସେହିପରି ଆସନ୍ତା ଡିସେମ୍ବରରେ ଭିଏତ୍‌ନାମରେ ହେବାକୁ ଥିବା 'ମିସ କସ୍ମୋ ୨୦୨୫' ପ୍ରତିଯୋଗିତାରେ ବିପ୍ରା ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ।

'ଲିଭା ମିସ୍ ଡିଭା ୨୦୨୪'ର ଗ୍ରାଣ୍ଡ ଫିନାଲେରେ ୨ଟି ନୂତନ ଶ୍ରେଣୀରେ ପ୍ରଥମଥର ପାଇଁ ବିଜେତାଙ୍କ ନାମ ଘୋଷଣା କରାଯାଇଛି। 'ମିସ୍ ଡିଭା ଫ୍ୟାଶନ ଡିଜାଇନର ୨୦୨୪' ଭାବେ ଓଡ଼ିଶାର ସୁଦ୍ଧୃତି ପଡ଼ିହାରୀଙ୍କୁ ବିଜେତା ଘୋଷଣା କରାଯାଇଥିବାବେଳେ ବିହାରର ଅନନ୍ୟା ପ୍ରବୀଣ ମିସ୍ ଡିଭା କଣ୍ଟେଣ୍ଟ କ୍ରିଏଟର ୨୦୨୪'ର କ୍ରାଉନ୍ ହାତେଇଛନ୍ତି। ଏହି ଗ୍ରାଣ୍ଡ ଫିନାଲେରେ 'ଲିଭା ମିସ୍ ଡିଭା ବ୍ୟୁଟି କୁଇନ୍ ୨୦୨୪'ର ବିଜେତା ରିତିକା ଖାଟ୍‌ନାନୀ, ସେଲିବ୍ରିଟି ଡିଜାଇନର ମନ୍ଦିରା ରିକ୍, ଅଭିନେତା ଫରଦିନ ଖାନ୍, 'ମିସ୍ କସ୍ମୋ ୨୦୨୪'ର ବିଜେତା ତଥା ଇଣ୍ଡୋନେସୀୟ ମଡେଲ କେତୁତ ପର୍‌ମାତା ଜୁଲିଆଷ୍ଟ୍ରିଡ୍, 'ମିସ୍ ସୁପର ନ୍ୟାଶନାଲ ୨୦୨୩'ର ବିଜେତା ତଥା ୟୁକୋଡୋରିଆନ ମଡେଲ ଆଣ୍ଡ୍ରିଆ ଏଗୁଇଲେରା ବିଚାରକ ଭାବେ ଯୋଗଦେଇଥିଲେ। ମଡେଲ ନେହଲ ଚୁଡାସମା ଓ ଅଭିନେତା ତନୁଜ ବିର୍‌ୱାନୀ ଏହି ଗ୍ରାଣ୍ଡ ଫିନାଲେକୁ ହୋଷ୍ଟ କରିଥିଲେ।



# ଏବେଠୁ ସଜାଗ



ରତୁରାଜ ବସନ୍ତରେ ଆଉ ନାହିଁ ସେ ଥଣ୍ଡା ଥଣ୍ଡା ସୁଲୁସୁଲିଆ ମଳୟ ପବନର ସୁନ୍ଦର ଅନୁଭବ, ଏବେ ଝାଞ୍ଜି ପବନରେ ହନ୍ତସନ୍ତ ସଭିଏଁ। ଏବେଠୁ ତାପମାତ୍ରା ବୃଦ୍ଧି ଯୋଗୁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସାଜିଲାଣି ଚିନ୍ତାର କାରଣ। ଆଗକୁ ଖରାଦିନେ ଗରମ ଆହୁରି ବଢି ବଢି ଚାଲିବ। ତେଣୁ ଏମିତିରେ ଶରୀରକୁ ସୁସ୍ଥ ରଖିବା ଲାଗି ଏବେଠୁ ସଜାଗ ରହିବା ସହ ଶରୀରର ବିଶେଷ ଯତ୍ନ ନେବା ଆବଶ୍ୟକ...

ରତୁରାଜ ବସନ୍ତରେ ନା ଥାଏ ଅଧିକ ଶୀତ ନା ଗରମ। ଚାରିଆଡ଼େ ସୁଲୁସୁଲିଆ ପବନ ସାଙ୍ଗକୁ କୋଇଲିର ସ୍ୱର ଓ ଭଳିକି ଭଳି ଫୁଲର ସମ୍ଭାର। ଯେଉଁଥିପାଇଁ ବର୍ଷର ଅନ୍ୟ ଦିନଗୁଡ଼ିକ ତୁଳନାରେ ଏହି ସମୟରେ ପ୍ରକୃତି ଲାଗେ ଖୁବ୍ ସୁନ୍ଦର। ହେଲେ ବର୍ତ୍ତମାନ ଜନସଂଖ୍ୟା ବୃଦ୍ଧି, ଜଙ୍ଗଲ କ୍ଷୟ, କଳକାରଖାନା ଏବଂ ଯାନବାହନରୁ ନିର୍ଗତ ଧୂଆଁ ଇତ୍ୟାଦି ପୃଥିବୀକୁ ଏତେମାତ୍ରାରେ ଉତ୍ତପ୍ତ କରିଦେଇଛି ଯେ, ବସନ୍ତରରେ ଆଉ ସେ ଅନନ୍ଦ ନାହିଁ ବରଂ ଅସମୟରେ ଅତ୍ୟଧିକ ତାପମାତ୍ରା ବୃଦ୍ଧି, ଜଳର ଅଭାବ ସହ ଶରୀରର ତାପମାତ୍ରା ବଢ଼ିବା ହେତୁ ଅଧିକାଂଶଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଉଛି। ବିଶେଷକରି କଲେଜ, କୋଚିଂ, ଜବ୍ ହେଉ ଅବା ଅନ୍ୟ କାରଣ ଲାଗି ବାହାରକୁ ଯାଉଥିବା ଯୁବପିଢ଼ିଙ୍କ ଲାଗି ପ୍ରକୃତିର ଏଭଳି ଅସ୍ୱାଭାବିକ ପରିବର୍ତ୍ତନ ଅସୁବିଧା ସୃଷ୍ଟି କରୁଛି। ତେଣୁ ଏଦିନେ କିପରି ଶରୀର ପ୍ରତି ସଜାଗ ରହିବେ, ଏବଂ ଏ ଦିଗରେ ବିଶେଷ ସଜାଗ ରହିବା ଦରକାର।

ଏହି ରତୁରେ ସାଧାରଣତଃ ପାଗ ଥଣ୍ଡା ରହିଥାଏ। ହେଲେ ବର୍ତ୍ତମାନ ଅଧିକ ଗରମ ହେବା ଯୋଗୁ ଅଧିକାଂଶ ଯୁବତୀଯୁବକ କିଛି ଥଣ୍ଡା ଖାଦ୍ୟପେୟ ଯେପରି ଥଣ୍ଡା ପାଣି, ଆଇସ୍କ୍ରିମ୍, ଚୁସ୍କି, କୋଲ୍ଡ ଡ୍ରିଙ୍କ୍ସ ଆଦିକୁ ସର୍ବପ୍ରଥମେ ବାଛୁଛନ୍ତି। ହେଲେ ଯେହେତୁ ଏ ସମୟରେ ବାୟୁମଣ୍ଡଳର ତାପମାତ୍ରା ଅନୁଯାୟୀ ଶରୀରର ତାପମାତ୍ରା ଅଧିକ ରହୁଛି, ତେଣୁ ହଠାତ୍ ଏଭଳି ଥଣ୍ଡା ଖାଦ୍ୟ ଖାଇବା ଦ୍ୱାରା ଶରୀରର ତାପମାତ୍ରା ଅସନ୍ତୁଳିତ ହୋଇପଡୁଛି। ଫଳରେ ଥଣ୍ଡା, କାଶ, ଥ୍ରୋଟ୍ ବା ଗଳା ଇନ୍‌ଫେକ୍ସନ୍ ଭଳି ସମସ୍ୟା ଦେଖାଦେଉଛି। ଏଦିନେ ଅସ୍ୱାଭାବିକ ଖରା ବଢ଼ିବା ଯୋଗୁ ଅନେକଙ୍କ ଠାରେ ବାନ୍ତି, ମୁଣ୍ଡବିନ୍ଧା, ଝାଡା, ନିମ୍ନ ରକ୍ତଚାପ ଭଳି ସମସ୍ୟା ବି ଦେଖାଦେଇଥାଏ। ଏମିତିକି କେହି କେହି ଅଚେତ ମଧ୍ୟ ହୋଇ ପଡନ୍ତି। ଏଦିନେ ଅଧିକାଂଶ ଯୁବତୀଯୁବକଙ୍କର ପରୀକ୍ଷା ଚାଲିଥାଏ। ତେଣୁ ପାଠ ପଢ଼ିବା ଆଳରେ ଖାଦ୍ୟ ଏବଂ ବିଶେଷକରି ପ୍ରଚୁର ପରିମାଣରେ ପାଣି ପିଇବାରେ ଆଦୌ ଅବହେଳା କରନ୍ତୁ ନାହିଁ। ଏଦିନେ ପାଣି ଅଧିକ ପିଇବା ସହ ଫାଷ୍ଟଫୁଡ୍, ତେଲମସଲାଯୁକ୍ତ ଖାଦ୍ୟ ଏବଂ ଅନ୍ୟ ଗରିଷ୍ଠ ଖାଦ୍ୟଠାରୁ ଦୂରେଇ ରହିବା ଭଲ।

**ଡିହାଇଡ୍ରେଶନ୍ ସମସ୍ୟା ହୋଇପାରେ କ୍ଷତିକାରକ**

ଶୀତ ପରେ ହଠାତ୍ ଖରାର ପ୍ରକୋପ ବଢ଼ିଯିବାରୁ ଅଧିକାଂଶଙ୍କ ଠାରେ ଝାଳ ଆକାରରେ ଶରୀରରୁ ସ୍ନେହସାର, ଖଣିଜ ଲବଣ ଓ ଜଳୀୟ ଅଂଶ କ୍ଷୟ ହୋଇ ଶରୀରରେ ଜଳ ଶୁଷ୍କତା ଦେଖାଦିଏ। ଫଳରେ ଖାଦ୍ୟ ହଜମ ହେବାରେ କଷ୍ଟ ହୁଏ, ଏସିଡିଟି ବା ଅମ୍ଳ ହେବା ସହ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ବି ଦେଖାଦିଏ। ତେଣୁ ଏଦିନେ ଶରୀରକୁ ହାଇଡ୍ରେଟ୍ ରଖିବା ସହ ଖାଦ୍ୟପେୟ ପ୍ରତି ବିଶେଷ ଯତ୍ନଶୀଳ ହେବା ଆବଶ୍ୟକ...

- ଶରୀରରେ ଜଳୀୟାଂଶ କମିଗଲେ ଜଳଶୁଷ୍କତା(ଡିହାଇଡ୍ରେଶନ) ହୋଇଥାଏ ଓ ଏହା ଗୁରୁତର ହେଲେ ବୃକକ୍ ଅକାମୀ(ରେନାଲ୍ ଫେଲ୍ୟୁୟର) ହୋଇ ମୃତ୍ୟୁ ହେବାର ଆଶଙ୍କା ଥାଏ।
- ବାହାରର ଉତ୍ତାପ ବୃଦ୍ଧି ପାଇଲେ ଅର୍ଥାତ୍ ମାତ୍ର ୪୦ଡିଗ୍ରୀ ସେଲ୍‌ସିୟସ୍‌ରୁ ଉର୍ଦ୍ଧ୍ୱ ହେଲେ ଶରୀର ସହ୍ୟ କରିପାରେନାହିଁ ଏବଂ ଅଂଶୁଘାତ ହୋଇଥାଏ।
- ଜଳୀୟାଂଶ କମିବା ସହିତ ଗୁରୁତ୍ୱପୂର୍ଣ୍ଣ ଲବଣ ସୋଡିୟମ ଓ ପଟାସିୟମ କମିବା ସହିତ ବାଇକାବ୍ରୋନେଟ୍, କ୍ୟାଲ୍‌ସିୟମ ଇତ୍ୟାଦି ମଧ୍ୟ କମିଥାଏ। ସୋଡିୟମ କମିଲେ ଜୀବକୋଷଗୁଡିକ କାର୍ଯ୍ୟକ୍ଷମତା ହରାଇଥାନ୍ତି। ମଣିଷ ବାଉଳିଲା ଭଳି ହେବା ସହିତ ଅଚେତ ହୋଇଯାଏ, ପଟାସିୟମ କମିଲେ ହୃଦ୍‌ଯନ୍ତ୍ର କାର୍ଯ୍ୟ କରିପାରେ ନାହିଁ।
- ଏଦିନେ ମୃଦୁ ଥଣ୍ଡାପାନୀୟ, ବିୟର, କାର୍ବୋନେଟେଡ୍ ଜଳ ଅପେକ୍ଷା ସାଧା ପରିସ୍କାର ପାଣି ଅଧିକ ଉପଯୋଗୀ। ଫଳରସ, ତୋରାଣୀ, ଦହି ପାଣି ବା ଚହ୍ଲା, ପଖାଳ, ତରଭୁଜ ଇତ୍ୟାଦି ସହିତ ଓଆର୍‌ଏସ୍ ଦ୍ରବଣ ସବୁଠାରୁ ଉପକାରୀ। ଓଆର୍‌ଏସ୍ ଦ୍ରବଣ ସାଲାଇନ୍ ପରି କାମ କରିଥାଏ। ଏହା ସଠିକମାତ୍ରାରେ ର୍ଥାତ୍ ଏକ ଲିଟର ପରିସ୍କାର ପାଣିରେ ଏକ ପ୍ୟାକେଟ୍ ଗୋଳାଇ ପିଇବା ଉଚିତ୍।
- ଥଣ୍ଡା ପାଣି ପିଇବାରେ ତୃପ୍ତି ଆଣୁ ଥିଲେ ହେଁ ଏହା କୋଷମାନଙ୍କୁ ସଂକୁଚିତ କରିଥାଏ। ପାକସ୍ଥଳୀ ଓ ଅନ୍ୟାନ୍ୟ ରସକ୍ଷରଣ କମାଇଥାଏ, ହୃଦ୍‌ସ୍ପନ୍ଦନ କମାଇଥାଏ। ମାତ୍ର ଥଣ୍ଡା ପାଣିରେ ମୁହଁ, ମୁଣ୍ଡ, ହାତ, ଗୋଡ ଓ ଶରୀର ଧୋଇଲେ ବାହ୍ୟ ଉତ୍ତାପ କମିଥାଏ। ଗରମ କିମ୍ବା ଥଣ୍ଡା ତରଳ ପଦାର୍ଥ ପାକସ୍ଥଳୀ ମଧ୍ୟକୁ ଗଲେ ତାହାର ତାପମାତ୍ରା ଶରୀରର ସାମାନ୍ୟ ତାପମାତ୍ରାକୁ ଆସିଥାଏ।
- ଏଣୁ ଖରାଦିନେ ସଦାସର୍ବଦା କେବଳ ପାଣି ନ ପିଇ, ଓଆର୍‌ଏସ୍ ଦ୍ରବଣଯୁକ୍ତ ପାଣି, ତୋରାଣୀ, ଘୋଳଦହି, ତରଭୁଜ, କାକୁଡି, ଲେମ୍ବୁପାଣି ଇତ୍ୟାଦି ପଇବା ସ୍ୱାସ୍ଥ୍ୟପ୍ରତି ଲାଭଦାୟକ।

**- ଡା. ରାମଚନ୍ଦ୍ର ରାଉତ**
ବରିଷ୍ଠ ଚିକିତ୍ସକ







## ଜାଣନ୍ତୁ ଦୁନିଆ

# ନିଜସ୍ୱ ମୁଦ୍ରା ନ ଥିବା ଦେଶ

ପୃଥିବୀରେ ଏମିତି କେତେକ ଦେଶ ରହିଛି, ଯାହାର ନିଜସ୍ୱ ମୁଦ୍ରା ନାହିଁ। ଜାଣିବା ସେଭଳି କେତେକ ଦେଶ ସମ୍ପର୍କରେ...

**ପାନାମା:** ମଧ୍ୟ ଆମେରିକୀୟ ଦେଶ ପାନାମାକୁ ୧୯୦୩ ମସିହାରେ ଆମେରିକା କଲମ୍ବିଆ ସଂଘଠାରୁ ସ୍ୱତନ୍ତ୍ର ହେବାରେ ସାହାଯ୍ୟ କରିଥିଲା। ସେବେଠୁ ଏଠାକାର ଅର୍ଥବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଆମେରିକୀୟ ମୁଦ୍ରା ଡଲାର ଉପରେ ନିର୍ଭରଶୀଳ।

**ଜିମ୍ବାୱେ:** ୨୦୦୯ ମସିହାରେ ଗଭୀର ଆର୍ଥିକ ସଂକଟର ସମ୍ମୁଖୀନ ହେବାକୁ ପଡ଼ିଥିଲା ଦକ୍ଷିଣ ଆଫ୍ରିକୀୟ ଦେଶ ଜିମ୍ବାୱେକୁ। ଅଧିକ ଋଣ ଯୋଗୁ ଏହି ଦେଶର ସମସ୍ତ ମୁଦ୍ରା ଶେଷ ହୋଇଗଲା। ସେବେଠୁ ଏଠାରେ ଅନ୍ୟ ଦେଶର ମୁଦ୍ରା ଯଥା- ରେଣ୍ଡ, ପାଉଣ୍ଡ, ରୁପିଜ୍, ଡଲାର, ୟେନ୍, ୟୁରୋ ଆଦିର ପ୍ରଚଳନ ହେଉଛି।

**ନାଉରୁ:** ପୃଥିବୀର ସବୁଠୁ ଛୋଟ ଦ୍ୱୀପରାଷ୍ଟ୍ର ହେଉଛି ନାଉରୁ, ଯାହାର କ୍ଷେତ୍ରଫଳ ମାତ୍ର ୮.୧ ବର୍ଗ ମାଇଲ ହୋଇଥିବା ବେଳେ ଜନସଂଖ୍ୟା ମାତ୍ର ୧୦ ହଜାର। ଏହି ଦେଶରେ ନିଜସ୍ୱ ରାଜଧାନୀ ନା ସେନାବାହିନୀ। ଏମିତିକି ଏହି ଦେଶର ନିଜସ୍ୱ ମୁଦ୍ରା ବି ନାହିଁ। ପ୍ରଥମେ ଏହି ଦେଶ ଜର୍ମାନୀ ଅଧୀନରେ ଥିଲା। ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଅଷ୍ଟ୍ରେଲିଆ ଏବଂ ଅନ୍ୟ ସହଯୋଗୀ ଦେଶ ଏହାକୁ ସ୍ୱାଧୀନ କରିଥିଲେ। ସେବେଠୁ ଏଠାରେ ଅଷ୍ଟ୍ରେଲୀୟ ମୁଦ୍ରା ଡଲାର ପ୍ରଚଳନ ହେଉଛି।

**ଇକ୍ୱେଡର୍:** ଦକ୍ଷିଣ ଆମେରିକୀୟ ଦେଶ ଇକ୍ୱେଡର ଅର୍ଥନୈତିକ ବ୍ୟବସ୍ଥା ମୁଖ୍ୟତଃ ତେଲ ଉତ୍ପାଦନ ଉପରେ ନିର୍ଭର କରିଥାଏ। ହେଲେ ୨୦୦୦ ମସିହାରେ ଏଠାରେ ଖୁବ୍ କମ୍ ତେଲ ଉତ୍ପାଦନ ହେବା ଯୋଗୁ ଆର୍ଥିକ ସଂକଟ ଦେଖାଦେଇଥିଲା। ଫଳସ୍ୱରୂପ ଅନ୍ୟ ଦେଶରୁ ଧାର ଆଣିବାରେ ଧୀରେ ଧୀରେ ଦେଶର ମୁଦ୍ରା ସମାପ୍ତ ହୋଇଗଲା। ସେବେଠାରୁ ଏଠାରେ ଆମେରିକୀୟ ମୁଦ୍ରା ଡଲାର ପ୍ରଚଳନ ହେଉଛି।





## ଏ ସପ୍ତାହର ପ୍ରଶ୍ନ

୧- ସିକ୍ୟୁରିଟିଜ୍ ଆଣ୍ଡ ଏକ୍ସଚେଞ୍ଜ ବୋର୍ଡ ଅଫ୍ ଇଣ୍ଡିଆର ନୂତନ ନିଯୁକ୍ତ ଚେୟାରମ୍ୟାନ୍ ............. ?
୨- ଇତୁକି ଅଭୟାରଣ୍ୟ............. ରାଜ୍ୟରେ ଅବସ୍ଥିତ ?
୩- ମହିଳା ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ ଯୋଗାଇ ଦେବାକୁ ............. ପକ୍ଷରୁ ସ୍ୱାବଲମ୍ବିନି ସ୍କିମ୍‌ର ଶୁଭାରମ୍ଭ କରାଯାଇଛି ?
୪- ଝିରି ମେଳା................ ଠାରେ ଅନୁଷ୍ଠିତ ହୁଏ ?
୫- ସୁମି ନାଗା ଜନଜାତି ..........ରେ ମୁଖ୍ୟତଃ ବାସ କରନ୍ତି ?

## ଗତ ଥରର ଉତ୍ତର

୧ ମାଇକ୍ରୋସଫ୍ଟ
୨ ମିନିଷ୍ଟ୍ରୀ ଅଫ୍ ଇନ୍‌ଫର୍ମେଶନ୍ ଆଣ୍ଡ ବ୍ରୋଡ୍‌କାଷ୍ଟିଙ୍ଗ୍
୩ ତାମିଲନାଡୁ ଏବଂ କର୍ନାଟକ
୪ ଉତ୍ତର ପ୍ରଦେଶର ଲକ୍ଷୀମ୍‌ପୁର
୫ ଡାଲିବୋର୍ ସଭରସିନା

## ଉତ୍ତରଦାତା



ନିର୍ବିକଳ୍ପ ନାଥ, ଘଣ୍ଟେଶ୍ୱର



ଶେଖ୍ ୟାକୁବ୍, ଗୋପ

## ଟପ୍ ୧୦

### ଚର୍ଚ୍ଚିତ ଫିମେଲ୍ ମଡେଲ୍- ୨୦୨୫

୧- ଆୱାର ଓଡିଆଙ୍ଗ .................... କାନାଡା
୨- ଆଜେଲ ଆକୋଲ୍ .................... କାନାଡା
୩- ଲୁଲୁ ଟେନୀ .................... ଆମେରିକା
୪- ସାରା କାବାଲେରୋ .................... ସ୍ପେନ
୫- ରିଜଏସ୍ ତୁଓଲ୍ .................... ସାଉଥ୍ ସୁଦାନ୍
୬- ଲୁଇଜା ପେରୋଟ୍ .................... ବ୍ରାଜିଲ୍
୭- ହେଜିଆ ଲି .................... ଚାଇନା
୮- ସାସ୍‌ଚା ରାଜାସାଲୁ .................... ସୁଇଡେନ୍
୯- ଆକୋଲ୍ ଆୟୋର୍ .................... ସାଉଥ୍ ସୁଦାନ୍
୧୦- ଡିଆନେ ଚିଉ .................... କାନାଡା

## ଜାଣନ୍ତୁ ଦୁନିଆ

# ଟ୍ରେଣ୍ଡି ଲୁକ୍ ଦେବ ସେଲର୍ ପ୍ୟାଣ୍ଟ

ସେଲର୍ ପ୍ୟାଣ୍ଟ ବର୍ତ୍ତମାନ ଲାଟେଷ୍ଟ ଫ୍ୟାଶନ୍ ଟ୍ରେଣ୍ଡ ପାଲଟିଛି। ଫର୍ମାଲ, କାଜୁଆଲ ସବୁ ଆଉଟ୍‌ଫିଟ୍ ପାଇଁ ଏହା ଏବେ ପାଲଟିଛି ପର୍‌ଫେକ୍ଟ ଚଏସ୍...





**କ୍ରପ ସେଲର୍ ପ୍ୟାଣ୍ଟ:** ଅଧିକାଂଶ ଯୁବପିଢିଙ୍କୁ ଡେନିମ୍ ଜିନ୍ସ ବହୁତ ପସନ୍ଦ। ତେଣୁ ବର୍ତ୍ତମାନ ଡେନିମ୍‌ରେ କ୍ରପ୍ ସେଲର ପ୍ୟାଣ୍ଟ ବେଶ୍ ଡିମାଣ୍ଡରେ ରହୁଛି। ଏହାକୁ କ୍ରପ୍‌ଟପ୍, ଟି-ଶାର୍ଟ, ଡିଜାଇନର୍ ସ୍ରଗ୍ ଏବଂ ଜ୍ୟାକେଟ୍ ସହ ପିନ୍ଧିଲେ ଆଇକ୍ୟାଚି ଲୁକ୍ ପାଇପାରିବେ।

**ଫ୍ଲୋରାଲ୍ ଓ ଆନିମଲ୍ ପ୍ରିଣ୍ଟ ସେଲର୍ ପ୍ୟାଣ୍ଟ:** ଆଉଟିଂରେ ଯାଉଥିଲେ ଫ୍ଲୋରାଲ୍ କିମ୍ବା ଆନିମଲ୍ ସେଲର୍ ପାଣ୍ଟ ସହିତ ଲାଇଟ୍ କଲର ଟପ୍ସ ବେଶ୍ ଟ୍ରେଣ୍ଡି ଲୁକ୍ ଦେଇଥାଏ। ଏହା ସହିତ ବେଲ୍ଟର କମ୍ବିନେଶନ୍ ବି ଫ୍ୟାଶନେବଲ୍ ଲୁକ୍ ଦେଇଥାଏ। ତେବେ ବର୍ତ୍ତମାନ ବିଭିନ୍ନ ପ୍ରକାରର ସାଲାର୍ ପ୍ୟାଣ୍ଟର କୋ-ଅର୍ଡ ସେଟ୍ ବି ଲାଟେଷ୍ଟ ଟ୍ରେଣ୍ଡରେ ରହିଛି।

**ପ୍ଲେନ ସେଲର୍ ପ୍ୟାଣ୍ଟ:** ଏହି ପ୍ୟାଣ୍ଟ ଶାର୍ଟିନ୍, କ୍ରେପ୍, ଭେଲ୍‌ଭେଟ୍ ଆଦି ଫ୍ୟାବ୍ରିକରେ ଉପଲବ୍ଧ। ହ୍ୱାଇଟ୍, ଲାଇଟ୍‌ପିଙ୍କ୍, ପିସ୍ତାଗ୍ରିନ୍ ଭଳି ପ୍ଲେନ୍ ସେଲର୍ ପ୍ୟାଣ୍ଟ ସହ ଡିପ୍ କଲରର ଟପ୍ସର ଡିମାଣ୍ଡ ବଢୁଥିବାର ଦେଖିବାକୁ ମିଳୁଛି। ଫର୍ମାଲ୍ ଲୁକ୍ ପାଇଁ ଶାର୍ଟ କିମ୍ବା ଫୁଲ୍ ସ୍ଲିଭ୍ ଟପ୍ ସହ ସେଲର୍ ପ୍ୟାଣ୍ଟ ପିନ୍ଧିଲେ ସ୍ମାର୍ଟ ଲୁକ୍ ମିଳିଥାଏ।

**ଚେକ୍ ପ୍ରିଣ୍ଟ ସେଲର୍ ପ୍ୟାଣ୍ଟ:** ଚେକ୍ ପ୍ରିଣ୍ଟର ସେଲର୍ ପ୍ୟାଣ୍ଟ ସବୁବେଳେ ଟ୍ରେଣ୍ଡରେ ରହିଥାଏ। ଏହା ବେଶ୍ କାଜୁଆଲ ଲୁକ୍ ଦେଇଥାଏ। ହାଇ ୱେଷ୍ଟ ଚେକ୍ ସେଲର୍ ପ୍ୟାଣ୍ଟ ସହ ହାଇ ନେକ୍ କ୍ରପ୍ ଟପ୍ ପିନ୍ଧି କୁଲ୍ ଲୁକ ପାଇପାରିବେ।

## ଘରୁ ନାଗ ସାପ ଉଦ୍ଧାର

ବଇଣ୍ଡା,(ପରିକ୍ଷିତ ସାହୁ): କିଶୋରନଗର ବ୍ଲକ ହଣ୍ଡପା ଥାନା ଲୁହାମୁଣ୍ଡା ଗ୍ରାମର ଦୟାନିଧି ସ୍ୱାଇଁଙ୍କ ଘରୁ ଏକ ନାଗ ସାପ ଶନିବାର ଉଦ୍ଧାର କରାଯାଇଛି। ସାପଟି ଘର ଭିତରକୁ ପଶିବା ଦେଖି ଦୟାନିଧି ସାପ ଉଦ୍ଧାରକାରୀ ମାଧପୁର ଅଞ୍ଚଳର ସିଦ୍ଧେଶ୍ୱର ରଥଙ୍କୁ ସୂଚନା ଦେଇଥିଲେ। ସିଦ୍ଧେଶ୍ୱର ପହଞ୍ଚି ସାପଟିକୁ ସୁରକ୍ଷିତ ଅବସ୍ଥାରେ ଉଦ୍ଧାର କରିବା ପରେ ହଣ୍ଡପା ବନ ବିଭାଗ ଜରିଆରେ ଜଙ୍ଗଲକୁ ଛଡା ଯାଇଥିଲା।



# ୩ ଲକ୍ଷ ୧ ହଜାର ୨୩୫ ହିତାଧିକାରୀଙ୍କ ଖାତାକୁ ଗଲା ସୁଭଦ୍ରା ୨ୟ କିସ୍ତି

### ଅନୁଗୋଳ ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

ଅନୁଗୋଳ,୮।୩(ଜ୍ୟୋତିରଞ୍ଜନ ସାହୁ)



କାର୍ଯ୍ୟକ୍ରମ ଅବସରରେ ଅନୁଗୋଳ ବିଧାୟକ ଓ ଜିଲାପାଳଙ୍କ ସହ ଅନ୍ୟମାନେ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଗଞ୍ଜାମ ଜିଲା ଆମ୍ୱପୁଆଠାରେ ରାଜ୍ୟର ୧କୋଟି ୬୪ହଜାର ମହିଳାଙ୍କୁ ସୁଭଦ୍ରାର ଦ୍ୱିତୀୟ କିସ୍ତି ଟଙ୍କା ପ୍ରଦାନ କରିଥିବା ବେଳେ ଏଥିରେ ଉପକୃତ ହୋଇଛନ୍ତି ଅନୁଗୋଳ ଜିଲାର ହିତାଧିକାରୀ। ଅନୁଗୋଳ ଜିଲାର ୩ ଲକ୍ଷ ୧ ହଜାର ୨୩୫ ମହିଳାଙ୍କ ଖାତାକୁ ଯାଇଛି ସୁଭଦ୍ରା ୨ୟ କିସ୍ତି ଟଙ୍କା। ମୁଖ୍ୟମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମରେ ଅନୁଗୋଳର ୧୫୦୦ରୁ ଅଧିକ ମହିଳା ଆଭାସି ମାଧ୍ୟମରେ ସ୍ଥାନୀୟ ବିଜୁ ମଇଦାନ ଠାରେ ଆୟୋଜିତ କାର୍ଯ୍ୟକ୍ରମ ଦ୍ୱାରା ଯୋଡି ହୋଇଥିଲେ। ସେହିପରି ଆନ୍ତର୍ଜାତିକ ମହିଳା ଦିବସ ମଧ୍ୟ ବିଜୁ ମଇଦାନ ଠାରେ ପାଳିତ ହୋଇଥିଲା। ଏହି ଅବସରରେ ଛେଣ୍ଡିପଦା ସିଡିପିଓ ସୁଷମା ସେଠୀଙ୍କୁ ଶ୍ରେଷ୍ଠ ସିଡିପିଓ, ଯାଜ୍ଞସେନୀ ନାୟକ ଓ ସ୍ନେହପ୍ରଭା ମହନ୍ତଙ୍କୁ ଅଙ୍ଗନୱାଡି ସୁପରଭାଇଜର ଭାବେ ପୁରସ୍କୃତ କରାଯାଇଥିଲା। ସେହିପରି ୪ ଜଣ ଅଙ୍ଗନୱାଡି କର୍ମୀ, ୩ ଜଣ ଅଙ୍ଗନୱାଡି ହେଲପର ଏବଂ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଢେଙ୍କାନାଳ ଏମ୍‌ପିଙ୍କ ପ୍ରତିନିଧି ପ୍ରଭାତ କୁମାର ପ୍ରଧାନ, ଜିଲାପାଳ ଅବଦଲ ମହମ୍ମଦ ଅଖତାର, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦେବଦତ୍ତ ମହନ୍ତ, ଜିଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ପାଣି, ଅନୁଗୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ବିଶ୍ୱ ଭୂଷଣ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଓ ୧୫୦୦ରୁ ଅଧିକ ମହିଳା ପ୍ରମୁଖ ଯୋଗ ଦେଇଥିଲେ।

# ମହିଳା ଦିବସରେ ନିଃଶୁଳ୍କ ଆତ୍ମ ସୁରକ୍ଷା ତାଲିମ

ବଅଁରପାଳ,୮।୩ (ସୁବାସ ସାହୁ)

ବଅଁରପାଳ ବ୍ଲକ ନାଲ୍‌କୋନଗରଠାରେ ଆନ୍ତର୍ଜାତିକ ମହିଳା ଦିବସ ଅବସରରେ କରାଟେ ଇଣ୍ଡିଆ ଅର୍ଗାନାଇଜେଶନ ପକ୍ଷରୁ ନେସ୍ କାର୍ଯ୍ୟାଳୟ ପରିସରରେ ଯୁବତୀମାନଙ୍କୁ ମାଗଣାରେ ଆତ୍ମ ସୁରକ୍ଷା ତାଲିମ ପ୍ରଦାନ କରାଯାଇଥିଲା। ଉତ୍କଳ କରାଟେ ସ୍କୁଲ ଓଡ଼ିଶା ଶାଖା ପକ୍ଷରୁ ୧୦୦ରୁ ଅଧିକ ଯୁବତୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଉତ୍କଳ କରାଟେ ସ୍କୁଲ ଓଡ଼ିଶା ଅନୁଗୋଳ ଶାଖା ମୁଖ୍ୟ ପ୍ରଶିକ୍ଷକ ସପ୍ତମ ଡାନ ବ୍ଲାକ ବେଲ୍ଟ ଜୟଦେବ ପଟ୍ଟନାୟକ, ବିଜନ କୁମାର ଦଳବେହେରା, ତୃତୀୟ ଡାନ ବ୍ଲାକ ବେଲ୍ଟ ବିଜୟ କୁମାର ସାମଲ, ତୁଷାର ରଞ୍ଜନ ବିଶ୍ୱାଳ, ପ୍ରିୟଙ୍କା ସାମଲ, କଳ୍ପନା ସାମଲ, ମଧୁସ୍ମିତା ସାମଲ, ଜସ୍ମିନ ବେହେରା, ମନସ୍ୱିନୀ ବେହେରା, ବବିତା ସାମଲ ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ। ନେସ୍ ଶ୍ରମିକ ସଂଘ ସଭାପତି ନିର୍ମଳ ସାମଲ, ସମ୍ପାଦକ ଆର୍.କେ. ସାହୁ, କାର୍ଯ୍ୟକାରୀ ସମ୍ପାଦକ ପ୍ରକାଶ ବେହେରା ଅତିଥି ଭାବେ ଯୋଗଦେଇ ଯୁବତୀମାନଙ୍କୁ ଉତ୍ସାହିତ କରିଥିଲେ।




ତାଲିମଦାତାଙ୍କ ସହ ପ୍ରଶିକ୍ଷାର୍ଥୀମାନେ।

# ମହିଳାମାନେ ଦେଶର ମେରୁଦଣ୍ଡ

ବଇଣ୍ଡା,୮।୩ (ପରିକ୍ଷିତ ସାହୁ)



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଆଜିର ମହିଳାମାନେ ସ୍ୱାବଲମ୍ବୀ ହେବା ସହ ଦେଶ ବିଦେଶରେ ବହୁ ଉଚ୍ଚ ପଦବୀରେ ଅଛନ୍ତି। ମହିଳାଙ୍କ ବିକାଶ ହେଲେ ଦେଶର ବିକାଶ ହେବ। ମହିଳାମାନେ ଦେଶର ମେରୁଦଣ୍ଡ ବୋଲି ଶନିବାର କିଶୋରନଗର ବ୍ଲକ ସଭାଗୃହ ପରିସରରେ ବ୍ଲକ ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ବିଶ୍ୱ ମହିଳା ଦିବସ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ମତ ପ୍ରକାଶ କରିଛନ୍ତି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ କୁମାର ପ୍ରଧାନ, ଜିପିଓ ସତ୍ୟପ୍ରିୟ ସାହୁ, ବିଆର୍‌ସି ଦିଲେଶ୍ୱର ବେହେରା, ବିଏଲ୍‌ସି ସୁଜିତ କୁମାର ପ୍ରଧାନ, ସାଗରକାନ୍ତ ରାଉତ, ଜିତେନ୍ଦ୍ର ଦେହୁରୀ ପ୍ରମୁଖ ଯୋଗଦେଇଥିଲେ। ସରକାର ମହିଳାଙ୍କ ପାଇଁ ପ୍ରଚଳନ କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଅଧିକାରୀମାନେ କହିଥିଲେ। ସେହିପରି ନୁନୁକାପଶି ପଞ୍ଚାୟତ ସଭାଗୃହ ପରିସରରେ ବିଶ୍ୱ ମହିଳା ଦିବସ ପାଳନ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ନୁନୁକାପଶି ସରପଞ୍ଚ ଦୀପ୍ତିମୟୀ ସାହୁ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଇପ୍‌ସିତା ସାହୁ ଉପସ୍ଥିତ ଥିଲେ।

# ଜନ ଶିକ୍ଷଣ ସଂସ୍ଥାନ ପକ୍ଷରୁ ମହିଳା ଦିବସ




ଜନ ଶିକ୍ଷଣ ସଂସ୍ଥାନ ଅନୁଗୋଳଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଅନୁଗୋଳ,୮।୩(ଜ୍ୟୋତିରଞ୍ଜନ ସାହୁ)

ବିଶ୍ୱ ମହିଳା ଦିବସ ଉପଲକ୍ଷେ କେନ୍ଦ୍ର ସରକାରଙ୍କ କୌଶଳ ବିକାଶ ମନ୍ତ୍ରଣାଳୟ ଅଧୀନ ଜନ ଶିକ୍ଷଣ ସଂସ୍ଥାନ ଅନୁଗୋଳର ନିର୍ଦ୍ଦେଶକ ସୌରୀ ରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜେଏସ୍‌ଏସ୍‌ର ପରିଚାଳନା କମିଟି ଉପାଧ୍ୟକ୍ଷା ସୁଶ୍ରୀ ସଙ୍ଗୀତା ମହାନ୍ତି, ମଧୁସ୍ମିତା ଗଡ଼ନାୟକ, ଲିପ୍ସାରାଣୀ ନାଥ, ମୀନରଞ୍ଜା ଦାଶ ଏବଂ ପୂର୍ବତନ ଶିକ୍ଷୟିତ୍ରୀ ରଞ୍ଜନା ସାହୁଙ୍କ ଉପସ୍ଥିତିରେ ବିଭିନ୍ନ କେନ୍ଦ୍ରରେ ପ୍ରଶିକ୍ଷଣ ନେଉଥିବା ପ୍ରଶିକ୍ଷାର୍ଥୀ ଏବଂ ପ୍ରଶିକ୍ଷିକାଙ୍କୁ ନେଇ ସ୍ୱାଭିମାନ ସହ କିପରି ବଞ୍ଚିବେ କିପରି ସ୍ୱାବଲମ୍ବୀ ହେଇପାରିବେ ଓ ନାରୀ ଉପରେ ହେଉଥିବା ଅତ୍ୟାଚାର ବିରୋଧରେ ସର ଉତ୍ତୋଳନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଅବସରରେ ତାଲିମପ୍ରାପ୍ତ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବା ବେଳେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଏକ ସେଲ୍‌ଫି ଫଟୋଚିତ୍ର ଅନାବରଣ କରାଯାଇଥିଲା। ଜନ ଶିକ୍ଷଣ ସଂସ୍ଥାନ କାର୍ଯ୍ୟକ୍ରମ ଅଧିକାରୀ ସ୍ୱାତି ସାମଲ, ସୌମିତ୍ରୀ ସାହୁ, ସୁବର୍ଣ୍ଣ ମହାନ୍ତି, ସୁବର୍ଣ୍ଣ ସେଠୀ, ସୁମନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ୫ ଟ୍ରାକ୍ଟର ଜବତ, ୫ ଗିରଫ

ଛେଣ୍ଡିପଦା,୮।୩ (ଅଜିତ ଧଳ)

ବେଆଇନ ବାଲିଚାଲାଣ ବେଳେ ଛେଣ୍ଡିପଦା ଓ ବାଗଡ଼ିଆ ପୋଲିସ ଚଢ଼ାଉକରି ୫ ଟ୍ରାକ୍ଟର ଜବତ କରିବା ସହିତ ୫ଜଣଙ୍କୁ ଗିରଫ କରିଛି। ଛେଣ୍ଡିପଦା ପୋଲିସ ବୁଢାପାଳରୁ ଛେଣ୍ଡିପଦା ଆସି ୧୫୩ନଂ. ଜାତୀୟ ରାଜପଥର ମାମୁରିଆ ଗାଁ ନିକଟରୁ ୨ଟି ବେଆଇନ ବାଲି ବୋଝେଇ ଟ୍ରାକ୍ଟର ଜବତ କରିଥିବା ବେଳେ ବଡ଼ବେରେଣା ଓ କମ୍ପସଲା ଗାଁ ନିକଟରୁ ୨ଟି ଗାଡ଼ି ଜବତ କରିଛି। ଏଥିସହିତ ଗାଡ଼ି ଚାଳକ ବାଜି ସାହୁ, କୁନୁ ମୁଖୀ, ହେମ ସାହୁ, ହାଡିବନ୍ଧୁ ଭୋଇଙ୍କୁ ଗିରଫ କରିଛି। ଏ ନେଇ ଛେଣ୍ଡିପଦା ଥାନାରେ ନଂ. ୧୦୮/୨୫, ୧୦୯/୨୫, ୧୧୦/୨୫ରେ ମାମଲା ରୁଜୁ କରାଯାଇଛି। ସେହିପରି ବାଗଡିଆ ପୋଲିସ ବାମନାଳି ଗାଁ ନିକଟରୁ ଏକ ବେଆଇନ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିବା ସହିତ ଟ୍ରାକ୍ଟର ଚାଳକ ବାବୁଲା ପ୍ରଧାନଙ୍କୁ ଗିରଫ କରିଛି। ଏ ନେଇ ବାଗଡିଆ ଥାନାରେ ନଂ. ୪୬/୨୫ରେ ଏକ ମାମଲା ରୁଜୁ କରାଯାଇଛି।

# ଆଠମଲ୍ଲିକ ସହର ନିକଟରେ ଦନ୍ତାହାତୀ

ଆଠମଲ୍ଲିକ,୮।୩(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ରେଞ୍ଜ ଅନ୍ତର୍ଗତ ସହର ଓ ସହର ଉପକଣ୍ଠ ଅଞ୍ଚଳରେ ଗତ ୫ ତାରିଖରୁ ଏକ ଦନ୍ତା ହାତୀ ଚଳପ୍ରଚଳ କରୁଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ସହର ମଧ୍ୟରେ ଆଇଟିଆଇ କଲେଜ ପଛ ପାର୍ଶ୍ୱ ଟାଙ୍ଗିଆନିଶା, ଯଦୁପୁର, କଇରିଘଣ୍ଟି ଗ୍ରାମ ଓ ଆମ୍ୟୁନିଟି ସେଣ୍ଟର ପାଖାପାଖି ଅଞ୍ଚଳରେ ୩ ଦିନ ହେଲା ହାତୀଟି ଚଳପ୍ରଚଳ କରୁଥିବା ଦେଖାଯାଇଛି। ବନବିଭାଗ ତରଫରୁ ହାତୀ ଓ ମଣିଷ ମଧ୍ୟରେ ଯେମିତି ଲଢେଇ ନ ହେବ, କେହି କ୍ଷତିଗ୍ରସ୍ତ ନ ହେବେ ସେଥିପାଇଁ ନିକଟସ୍ଥ ଗ୍ରାମ ଗୁଡିକର ଲୋକଙ୍କୁ ସତର୍କ କରାଯିବା ଉପରେ ବନବିଭାଗ କର୍ମଚାରୀ ଦୃଷ୍ଟି ଦେଇଛନ୍ତି ବୋଲି ରେଞ୍ଜର ସୁନୀଲ କୁମାର ସାହୁ ପ୍ରକାଶ କରିଛନ୍ତି। ଏହି ଦନ୍ତା ହାତୀ ଢେଙ୍କାନାଳ ଅଞ୍ଚଳର ବୋଲି ବନବିଭାଗ ସନ୍ଦେହ କରୁଥିବା ବେଳେ ୩ ଦିନ ମଧ୍ୟରେ କାହାରି କିଛି କ୍ଷୟକ୍ଷତି ହୋଇ ନ ଥିବା ସୂଚନା ମିଳିଛି।


**ଭାରତ ସରକାର**
**ରାଜକୁମାରୀ ଅମୃତ କୌର୍ କଲେଜ ଅଫ୍ ନର୍ସିଂ**
ଲଜପତ ନଗର IV, ମୂଳଚନ୍ଦ ମେଟ୍ରୋ ଷ୍ଟେଶନ ପାଖ,
ନୂଆଦିଲ୍ଲୀ- ୧୧୦୦୨୪, ଟେଲି. ନଂ. ୦୧୧-୨୬୪୩୬୭୮୮, ୨୬୪୩୫୨୭୦
ଇ-ମେଲ୍: principal-rakcon@gov.in

**ନାମଲେଖା ବିଜ୍ଞପ୍ତି**
**ଏମ୍.ଏସ୍‌ସି ନର୍ସିଂ (ଶିକ୍ଷାବର୍ଷ ୨୦୨୫-୨୦୨୬)**
**ଦିଲ୍ଲୀ ବିଶ୍ୱବିଦ୍ୟାଳୟ ସହିତ ଅଙ୍ଗୀକୃତ**

ଏମ୍.ଏସ୍‌ସି. ନର୍ସିଂ, ଶିକ୍ଷାବର୍ଷ ୨୦୨୫-୨୦୨୬ରେ ନାମଲେଖା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି। ନିର୍ଦ୍ଧାରିତ ଆବେଦନ ଫର୍ମ ସହିତ ସୂଚନା ପୁସ୍ତିକା କଲେଜ ୱେବ୍‌ସାଇଟ୍ www.rakcon.comରୁ ଡାଉନ୍‌ଲୋଡ୍ କରାଯାଇପାରିବ ଏବଂ ଦରଖାସ୍ତକୁ **ପ୍ରିନ୍ସିପାଲ, ରାଜକୁମାରୀ ଅମୃତ କୌର କଲେଜ ଅଫ୍ ନର୍ସିଂ** ସପକ୍ଷରେ **ନୂଆଦିଲ୍ଲୀ**ଠାରେ ପୈଠଯୋଗ୍ୟ ଡିମାଣ୍ଡ ଡ୍ରାଫ୍ଟ ଆକାରରେ **ଟ.୧୫୦୦/-**ର ଦେୟ ସହିତ (ହାତରେ କିମ୍ବା ଡାକରେ) **ତା୨୦।୦୩।୨୦୨୫ରିଖରୁ ତା୨୫।୦୪।୨୦୨୫ରିଖ, ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ** କଲେଜରେ ଦାଖଲ କରାଯିବା ଆବଶ୍ୟକ। ଫର୍ମ ଦାଖଲର ସମୟସୂଚୀ ହେଉଛି ସମସ୍ତ କାର୍ଯ୍ୟଦିବସ ଅର୍ଥାତ୍ ସୋମବାରରୁ ଶୁକ୍ରବାର ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ, କେବଳ ଗ୍ୟାଜେଟେଡ୍ ଛୁଟିଦିନଗୁଡ଼ିକୁ ଛାଡ଼ି।

**ନାମଲେଖା ପାଇଁ ଆବଶ୍ୟକତା**

ପ୍ରାର୍ଥୀ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ବି.ଏସ୍‌ସି (ସମ୍ମାନ) ନର୍ସିଂ ପରୀକ୍ଷା କିମ୍ବା ଏକ ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ବି.ଏସ୍‌ସି ନର୍ସିଂ/ପୋଷ୍ଟ ବେସିକ୍ ନର୍ସିଂରେ ସର୍ବମୋଟ ନ୍ୟୁନତମ ୫୫% ମାର୍କ ସହିତ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ ଏବଂ ଏକ ଚିକିତ୍ସାଳୟ/ସ୍ପେଶାଲିଟି ଅନୁଷ୍ଠାନ/ଶିକ୍ଷାନୁଷ୍ଠାନ ଅଥବା ଜନସ୍ୱାସ୍ଥ୍ୟ କେନ୍ଦ୍ର/ଏଜେନ୍ସିରେ ନର୍ସିଂରେ ଏକ ବର୍ଷର ଅଭିଜ୍ଞତାଧାରୀ ହୋଇଥିବା ଆବଶ୍ୟକ। ଅଭିଜ୍ଞତାକୁ **୨୫ ଏପ୍ରିଲ, ୨୦୨୫** ପର୍ଯ୍ୟନ୍ତ ଗଣନା କରାଯିବ। ମନୋନୟନ ପରୀକ୍ଷା **୧ ଜୁନ୍, ୨୦୨୫ ଦିନ ପୂର୍ବାହ୍ନ ୧୦.୦୦ ଘଟିକା**ରେ ଅନୁଷ୍ଠିତ ହେବ।

CBC 17149/11/0001/2425



**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. 58-KUR-TRD-OT-2024-25

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ୍ (KUR) ମଣ୍ଡଳର ଭଦ୍ରକ (BHC)-ଖୋର୍ଦ୍ଧା ରୋଡ୍ (KUR) ସେକ୍ସନରେ ଜେନାପୁର ଷ୍ଟେସନଠାରେ ଅତିରିକ୍ତ ଲୁପ୍‌ର ବ୍ୟବସ୍ଥା ସମ୍ବନ୍ଧୀୟ OHE ରୂପାନ୍ତରଣ କାର୍ଯ୍ୟ ଏବଂ ବିଦ୍ୟୁତୀକରଣ କାର୍ଯ୍ୟ।

ବିଜ୍ଞାପିତ ମୂଲ୍ୟ : ₹ 1,39,19,931.78, EMD : ₹ 2,19,600/-, ଶେଷ ହେବା ଅବଧି: 180 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.11.03.2025ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.25.03.2025ରିଖ 1300 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍
PR-1053/P/24-25



**ସାର୍ବଜନୀନ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ **କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଲିଃ** ନିମ୍ନଲିଖିତ ଗାଡ଼ିଗୁଡ଼ିକ ପାଇଁ ଏକ ନିଲାମ ଆୟୋଜନ କରିଛି।

**ବିକ୍ରୟ ପାଇଁ ଉଦ୍ଦିଷ୍ଟ ଗାଡ଼ି**

1) ମଡେଲ ନଂ. ସିବି_ଏକ୍ସକାଭେଟର_ଏକ୍ସସିଏମ୍‌ଜି_ଏକ୍ସଇ80ସି_ଏକ୍ସସିଏମ୍‌ଜି
ଗାଡ଼ି ନଂ. ଉପଲବ୍ଧ ନାହିଁ
ନିର୍ମାଣ ବର୍ଷ - 2023
ସଂରକ୍ଷିତ ମୂଲ୍ୟ - 1865000.00

2) ମଡେଲ ନଂ. ସିବି_ଏକ୍ସକାଭେଟର_ଏକ୍ସଇ215ଆଇ_ଏକ୍ସସିଏମ୍‌ଜି
ଗାଡ଼ି ନଂ. ଉପଲବ୍ଧ ନାହିଁ
ନିର୍ମାଣ ବର୍ଷ - 2023
ସଂରକ୍ଷିତ ମୂଲ୍ୟ - 3162159.00

3) ମଡେଲ ନଂ. ସିବି_ଏକ୍ସସିଏମ୍‌ଜି ମେକ୍ ଜେଡ୍‌ଏଲ୍50ଜି ହ୍ୱିଲ୍ ଲୋଡର୍
ଗାଡ଼ି ନଂ. OD33AK1790
ନିର୍ମାଣ ବର୍ଷ - 2023
ସଂରକ୍ଷିତ ମୂଲ୍ୟ - 2527200.00

4) ମଡେଲ ନଂ. ସିବି_ଏକ୍ସକାଭେଟର୍_ଏକ୍ସଇ215ଆଇ_ଏକ୍ସସିଏମ୍‌ଜି
ଗାଡ଼ି ନଂ. ଉପଲବ୍ଧ ନାହିଁ
ନିର୍ମାଣ ବର୍ଷ - 2023
ସଂରକ୍ଷିତ ମୂଲ୍ୟ - 3162159.00

5) ମଡେଲ ନଂ. ସିବି_ଏକ୍ସକାଭେଟର୍_ଏକ୍ସସିଏମ୍‌ଜି_ଏକ୍ସଇ80ସି_ଏକ୍ସସିଏମ୍‌ଜି
ଗାଡ଼ି ନଂ. ଉପଲବ୍ଧ ନାହିଁ
ନିର୍ମାଣ ବର୍ଷ - 2023
ସଂରକ୍ଷିତ ମୂଲ୍ୟ - 1862000.00

6) ମଡେଲ ନଂ. ସିବି_ଏକ୍ସକାଭେଟର୍_ଏକ୍ସସିଏମ୍‌ଜି_ଏକ୍ସଇ80ସି_ଏକ୍ସସିଏମ୍‌ଜି
ଗାଡ଼ି ନଂ. ଉପଲବ୍ଧ ନାହିଁ
ନିର୍ମାଣ ବର୍ଷ - 2023
ସଂରକ୍ଷିତ ମୂଲ୍ୟ - 1862000.00

**ମେସର୍ସ କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଲିଃ** ନିକଟରେ ବନ୍ଧକ ଅଧୀନରେ ଥିବା ଏହି ଗାଡ଼ିଗୁଡ଼ିକୁ **''ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ''** ବିକ୍ରୟ କରାଯିବ। ଆଗ୍ରହୀ ପକ୍ଷମାନେ ବିଜ୍ଞାପନ ତାରିଖରୁ 7 ଦିନ ମଧ୍ୟରେ ସେମାନଙ୍କର କୋଟେଶନ

**କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍**
184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା - 751001 ଠିକଣାରେ ପଠାଇପାରିବେ କିମ୍ବା ଯୋଗାଯୋଗ କରିପାରିବେ:
ଜ୍ୟୋତି ରଞ୍ଜନ ମିଶ୍ର - 9583041012
ରବି କୁମାର ଡି - 6201641482



**JALVAYU TOWER APARTMENT OWNERS WELFARE ASSOCIATION**
Plot No 321(PT), Defence Colony Sector-6, Niladri Vihar, Bhubaneswar-21

**NOTICE INVITING TENDER**

Reference : JVT/Painting/01/2025 Dated: 07 Mar 2025

Inviting sealed proposal in the open tender for undertaking painting works including civil and structural repair works in the society from potential bidders. Interested bidders may get the detail tender documents from society office from **10.00AM to 1.00PM and 7.00PM to 9.00PM (Monday to Sunday)** or by requesting on mail for soft copy.

Last date of pre-bid query : 15 Mar 2025
Last date of proposal submission : 25 Mar 2025

Contact : 7683899422/7656016371
Email : jvtbbsr@gmail.com/mallikpkumar@gmail.com

Sd/- Secretary
JVTAOWA



**झारखंड सरकार**
**कार्यपालक अभियंता का कार्यालय,**
**ग्रामीण कार्य विभाग, कार्य प्रमंडल, गुमला**

ई– पुर्ननिविदा आमंत्रण सूचना

ई–निविदा संख्या:- 08/R2/2024-25/RWD/W/EE/GUMLA
दिनांक:–08-03-2025

कार्यपालक अभियंता, ग्रामीण कार्य विभाग, कार्य प्रमण्डल, गुमला द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या/ पैकेज संख्या | कार्य का नाम | प्राक्कलित राशि अंक में (लाख) | प्राक्कलित राशि अक्षर में | कार्य समाप्ति की अवधि। | टेंण्डर कॉल सं0 |
|---|---|---|---|---|---|---|
| 1 | RWD/W/EE/GUMLA/08/2024-25 | कापोडीह पारसगढ़ा से चापाटोली तक पथ निर्माण कार्य। (लं0–2.200 कि0मी0) | 249.366 | दो करोड़ उन्नचास लाख छत्तीस हजार छः सौ रू0 मात्र। | 12 माह | द्वितीय |

2वेबसाईट में निविदा प्रकाशन की तिथि:– 11.03.2025
3ई– निविदा प्राप्ति की अंतिम तिथि एवं समय:–20.03.2025 अपराहन 05.00 बजे तक।
4निविदा खोलने की तिथि एवं समय:– 22.03.2025 अपराहन 05.30 बजे।
5निविदा आमंत्रित करने वाले पदाधिकारी का नाम एवं पता:– कार्यपालक अभियंता, ग्रामीण कार्य विभाग, कार्य प्रमण्डल, गुमला, विकास भवन, गुमला के बगल में, पिन–835207
6ई–निविदा प्रकोश्ठ का दूरभाश सं0–06524–465040।
विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

ह0/–
कार्यपालक अभियंता
ग्रामीण कार्य विभाग कार्य प्रमण्डल, गुमला

PR 348180 (Rural Work Department)24-25*D



**पूर्व तट रेलपथ**

ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2025-T-234A

କାର୍ଯ୍ୟର ନାମ : ସୁଗମ୍ୟ ଭାରତ ଅଭିଯାନ ଅଧିନରେ ସମ୍ବଲପୁର ମଣ୍ଡଳର ଖରିଆର ରୋଡ୍ (01), ହୀରାକୁଦ (01), ସମ୍ବଲପୁର ସିଟି (01) ଏବଂ ରେଢ଼ାଖୋଲ (01) ଠାରେ ସ୍ଥିତ ଷ୍ଟେସନ୍ ବିଲ୍ଡିଙ୍ଗଗୁଡ଼ିକରେ 4 ସଂଖ୍ୟକ ଲିଫ୍ଟର ବ୍ୟବସ୍ଥା।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 2,03,98,659.31, EMD : ₹ 2,52,000/-, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତିପତ୍ର ଜାରି ହେବା ତାରିଖ ଠାରୁ 12 (ବାର) ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.02.04.2025ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ସମ୍ବଲପୁର
PR-1054/P/24-25



**MUNICIPAL OFFICE, KENDRAPARA**
**ପୌରପାଳିକା କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା**
E-mail: kendraparamunicipality@gmail.com

Notice No. 981/KM Date: 04.03.2025

**"e" Procurement Notice**

No. C-1809: The Executive Officer, Kendrapara Municipality on behalf of Council of Kendrapara Municipality Odisha invites Percentage Rate Bids through e-Procurement in conformity with the terms and conditions of the Detailed Tender Call Notice (DTCN) in Two Bid System (Part-I: General & Technical Bid and Part-II: Price Bid) from 'A' Class contractors registered with the Odisha State Government and Contractors of equivalent grade/class registered with Central Government/ any other State Government/MES/Railways having experience and expertise in Design, Construction, Testing & Commissioning of Similar Type of works and fulfilling minimum eligibility criteria as stated hereunder and other detailed qualifying requirements given in the DTCN to be eventually drawn up in the Standard P-1 contract Form of Odisha PWD. The bid should be submitted Online in the website: **www.tendersodisha.gov.in** by eligible class of contractors.
Bid documents consisting of work, Estimate cost, cost of tender paper, EMD, Time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. **www.tendersodisha.gov.in**.

1. Tender Reference No. : 03/KM 2024-25
2. Name of the Work : "Construction of New Office Building G+2, Kendrapara Municipality"
3. Total No. of Work : 01
4. Estimated Cost : Rs.5,76,36,064/-
5. Period of Completion : 365 Days
6. Date & time of Bidding : Dt.11.03.25 at 5.00 P.M. to Dt.26.03.25 at 5.00 P.M.
7. Last date & time for receipt of bids in the portal : Dt.26.03.25 at 5.00 P.M.
8. Bids received Online shall be opened on : Dt.27.03.25 at 11.00 A.M.
9. Name & address of the Officer Inviting Bid : Executive Officer, Kendrapara Municipality

Further details can be seen from the procurement portal i.e. **www.tendersorissa.gov.in.**
OIPR-13185/11/0007/2425 Sd./- Executive Officer, Kendrapara Municipality



**''छत्तीसगढ़ शासन, वन एवं जलवायु परिवर्तन विभाग'', धमतरी वनमंडल, धमतरी**
**काष्ठागार नगरी का ई-ऑक्सन का संक्षिप्त विज्ञापन**

सर्व साधारण को सूचनार्थ प्रकाशित किया जाता है, कि धमतरी वनमंडल, धमतरी के अन्तर्गत **नगरी काष्ठागार** में संग्रहित ईमारती काष्ठ, जलाऊ एवं बल्ली का ई-ऑक्सन द्वारा निर्वतन निम्नानुसार किया जावेगा। इच्छुक वोलीदारों से अनुरोध है, कि वे ई-ऑक्सन में भाग लेवें। ई-ऑक्सन की शर्तें एवं अन्य जानकारी कार्यालयीन दिवस व समय पर वनमंडल कार्यालय/वन काष्ठागार नगरी से प्राप्त की जा सकती है।

नीलाम दिनांक - 12 मार्च 2025
नीलाम समय - प्रातः 09.00 बजे से

| प्रजाति | नया वनोपज ईमारती (घ.मी.) | नया वनोपज बल्ली डेंगरी (नग) | अविक्रित वनोपज ईमारती (घ.मी.) | अविक्रित वनोपज बल्ली डेंगरी (नग) | योग वनोपज ईमारती (घ.मी.) | योग वनोपज बल्ली डेंगरी (नग) |
|---|---|---|---|---|---|---|
| सागौन | - | - | 64.425 | 604 | 69.425 | 604 |
| साल | 800.125 | - | 369.713 | 4 | 1169.838 | 4 |
| साजा | 15.495 | - | 32.745 | - | 48.240 | - |
| बीजा | 50.935 | - | 11.385 | - | 62.320 | - |
| हल्दु/मुण्डी/खम्हार | 48.203 | - | 19.052 | - | 67.255 | - |
| सलई/मोयन | - | - | 15.742 | - | 15.742 | - |
| धावड़ा | 50.100 | - | 0.666 | - | 50.766 | - |
| नीलगिरी | - | 5000 | 11.255 | 219 | 11.255 | 5219 |
| कर्रा/सेन्हा/अन्य | 226.566 | - | - | - | 226.566 | - |
| योगः- | 1191.424 | 5000 | 529.983 | 827 | 1721.407 | 5827 |
| साल जलाऊ चट्टा | - | 100 Chatta | - | 301.50 Chatta | - | 401.50 Chatta |
| मिक्स जलाऊ चट्टा | - | 400 Chatta | - | 140.50 Chatta | - | 540.50 Chatta |

**नीलाम में प्रस्तावित वनोपज की अनुमानित मात्रा**

टीप: (1) क्रेताओं को ई-ऑक्सन के पूर्व एम.एस.टी.सी. ई-कार्मस पोर्टल में रजिस्ट्रेशन करना अनिवार्य हैं।
(2) क्रेताओं को ई-ऑक्सन के पूर्व क्रय लॉटों के उपसेट प्राईज मूल्य के 10 प्रतिशत की राशि अपने वॉलेट में रखना अनिवार्य है। सफल बोलीदार को एक सप्ताह के भीतर शेष 15 प्रतिशत ई.एम.डी. की राशि जमा करना अनिवार्य है।
(3) लॉट की थप्पी सूची एवं फोटो एम.एस.टी.सी. ई-कार्मस पोर्टल में अपने आईडी से लॉगइन करके देख सकते है।
(4) ई-ऑक्सन में लॉट क्रय के पश्चात् प्रथम क्रेता को 40 सेंकड का समय प्राप्त होगा उसी लॉट में अन्य क्रेताओ द्वारा 40 सेकंड के पूर्व क्रय करने पर 30 सेकंड का समय प्राप्त होगा।

फोन: 07722-238371, फैक्स: 07722-236137
G-242505832/2 स्वा./- वनमण्डलाधिकारी, धमतरी वनमंडल, धमतरी



**EKLAVYA MODEL RESIDENTIAL SCHOOL**
KUCHINDA, DIST.: SAMBALPUR, PIN - 768222

**TENDER CALL NOTIFICATION & REGISTRATION OF FIRMS FOR PURCHASES/SERVICES/CONTRACTS FOR THE SESSION 2025-26/01 DATE: 09.03.2025**

Sealed tender for supply of different materials & applications are invited for registration of firms/suppliers/service providers for supply of Grocery, Bakery Items, Vegetables, Non-Veg. Items, Daily Toiletries, Dairy Products, Stitching of Uniform and Amenities Office Stationery items, Examination related materials, service providers of Security, Gardening & conservancy, Supply of meals, Trophies, Momentous, Sports Equipment's, Children Park items, Generator, Sports Items, Laboratory items (Physics, Chemistry, Biology), Printing materials/works, Musical instruments, Agricultural equipments, Seeds, Plants, Flower Pots from nurseries, Computer hardware/ software, Teaching Aids, Audio Visual Aids/PA system items, Library Books, Furniture items, Tent materials, construction materials i.e. Bricks, Sand, Cement etc., Sound & Light, Catering Arrangements, Electrical Material & maintenance, ACs, Water purifiers, Water Coolers, Plumber, White washing & painting contract for Vidyalaya building, (Materials & Labour), AMC for Computers, Refrigeratos/Coolers/Xerox Machines/Digital duplicating machines (RISO), Photography and Videography, Transport service for Excursions/adventure activities, contract for running canteen services in the Vidyalaya, Contract for Maintenance & repair of Vidyalaya Building/Staff Quarters along with labour etc. for the year 2025-26.
The application forms accompanied with supporting documents viz. valid GST No./Reg. No./PAN/Labour licence etc. must reach this office on or before 31.03.2025 for consideration.
The application forms may be collected from office during working hours.
OR can be accessed by scanning the QR code given below:

OR may be downloaded from Vidyalaya's website:
https://kuchinda.emrsnext.com

Principal
EMRS, Kuchinda, Sambalpur



**ପୂର୍ବ ତଟ ରେଳପଥ**
**ପାର୍କିଙ୍ଗ ଷ୍ଟାଣ୍ଡର ଇ-ନିଲାମ**

ନିଲାମ କ୍ୟାଟାଲଗ୍ ନଂ.: SDCM-KUR-PKNG

ଷ୍ଟେସନ ଏବଂ ସ୍ଥାନ : (1) ତାଳଚେର ରୋଡ୍-MIX (2-ସହ-4 ଚକିଆ) (ପରିଚଳନ କ୍ଷେତ୍ରରେ), (2) ରାହାମା-MIX (2-ସହ-4 ଚକିଆ) (ପରିଚଳନ କ୍ଷେତ୍ରରେ), (3) ନିରାକାରପୁର-MIX (2-ସହ-4 ଚକିଆ) (ପ୍ଲାଟଫର୍ମ ନଂ. 4 ନିକଟରେ), (4) ରାଜସୁନାଖଳା-2 ଚକିଆ (ଷ୍ଟେସନ ବିଲ୍ଡିଙ୍ଗ ବେସ୍‌ମେଣ୍ଟରେ), (5) ନରଣପୁର-2 ଚକିଆ (ଷ୍ଟେସନ ବିଲ୍ଡିଙ୍ଗ ନିକଟରେ)।

ନିଲାମ ଆରମ୍ଭ ହେବା ତାରିଖ ଓ ସମୟ: 17.03.2025, 1300 ଘଟିକା (କ୍ରମ ସଂ. 1, 2 ଓ 3 ପାଇଁ) ଏବଂ 18.03.2025, 1300 ଘଟିକା (କ୍ରମ ସଂ. 4 ଓ 5 ପାଇଁ)।

ନିଲାମ ବନ୍ଦ ହେବା ତାରିଖ ଓ ସମୟ : 17.03.2025, 1330 ଘଟିକା (କ୍ରମ ସଂ. 1 ପାଇଁ), 1340 ଘଟିକା (କ୍ରମ ସଂ. 2 ପାଇଁ) ଓ 1350 ଘଟିକା (କ୍ରମ ସଂ. 3 ପାଇଁ) ଏବଂ 18.03.2025, 1330 ଘଟିକା (କ୍ରମ ସଂ. 4 ପାଇଁ) ଓ 1340 ଘଟିକା (କ୍ରମ ସଂ. 5 ପାଇଁ)।

ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ନିମନ୍ତେ ଆଶାୟୀ ବିଡ୍‌ରଙ୍କୁ ୱେବ୍‌ସାଇଟ୍ www.ireps.gov.inର ଆଗାମୀ ଇ-ଅକ୍ସନ ଲିଙ୍କ୍ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍
PR-1056/P/24-25

# ବ୍ୟାପକ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ

- ଗ୍ରୀଷ୍ମ ପ୍ରବାହର ମୁକାବିଲା ନିମନ୍ତେ ଜିଲାସ୍ତରୀୟ ପ୍ରସ୍ତୁତି
- ଜଳକ୍ଲିଷ୍ଟ ଅଞ୍ଚଳରେ ପାନୀୟ ଜଳ ବ୍ୟବସ୍ଥା କର
- ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲିବାକୁ ନିର୍ଦ୍ଦେଶ




ଜିଲାସ୍ତରୀୟ ପ୍ରସ୍ତୁତି ବୈଠକରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ।

ଅନୁଗୋଳ,୮।୩ (ମାନସ ବିଶ୍ୱାଳ)

ଅନୁଗୋଳ ଜିଲାରେ ଚଳିତବର୍ଷ ଗ୍ରୀଷ୍ମ ପ୍ରବାହର ମୁକାବିଲା ନିମନ୍ତେ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଶୁକ୍ରବାର ଜିଲାପାଳ ଅବଦଲ ମହମ୍ମଦ ଅଖତାରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ବ୍ୟାପକ ସଚେତନତା ସୃଷ୍ଟି କରାଯିବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଏଥିସହିତ ଜଳକ୍ଲିଷ୍ଟ ଅଞ୍ଚଳରେ ପାନୀୟ ଜଳ ବ୍ୟବସ୍ଥା କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରୀଷ୍ମ ପ୍ରବାହ ସମୟରେ ସତର୍କତା ଅବଲମ୍ବନ ନିମନ୍ତେ ପୋଷ୍ଟର, ଲିଫଲେଟ ଆଦି ପ୍ରଚାରପତ୍ର ଗାଁ ଗହଳିରେ ବ୍ୟାପକ ବଣ୍ଟନ ନିମନ୍ତେ ପଦକ୍ଷେପ, ପାନୀୟ ଜଳ ସମସ୍ୟା ସମାଧାନ ପାଇଁ ନଳକୂପଗୁଡ଼ିକର ତୁରନ୍ତ ମରାମତି ଏବଂ ହାଟବଜାର, ବସ୍‌ଷ୍ଟାଣ୍ଡ ତଥା ଜନଗହଳି ସ୍ଥାନରେ ଜଳଛତ୍ର ଖୋଲି ପାନୀୟ ଜଳର ବ୍ୟବସ୍ଥା କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିକ୍ଷାନୁଷ୍ଠାନର ହଷ୍ଟେଲଗୁଡ଼ିକରେ ପାନୀୟ ଜଳ ଯୋଗାଣ, ଶ୍ରମିକମାନେ କାର୍ଯ୍ୟ କରୁଥିବା ସ୍ଥାନରେ ପାନୀୟଜଳ ଓ ଆଶ୍ରୟସ୍ଥଳ ବ୍ୟବସ୍ଥା କରାଯିବା ସହ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ ଘଟିକା ମଧ୍ୟରେ ଟାଣ ଖରାରେ କାମ ନ କରିବାକୁ ଏବଂ କାର୍ଯ୍ୟସ୍ଥଳରେ ଓଆର୍‌ଏସ୍ ପ୍ୟାକେଟ ମହଜୁଦ ରଖିବା ନିମନ୍ତେ ପଦକ୍ଷେପ ନେବାକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲାର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ପର୍ଯ୍ୟାପ୍ତ ପରିମାଣରେ ଓଆର୍‌ଏସ୍ ପାଉଡର, ବରଫ, ଜୀବନ ରକ୍ଷାକାରୀ ଔଷଧ ମହଜୁଦ ରଖିବା, ଆବଶ୍ୟକ ବେଡ୍, ଆମ୍ବୁଲାନ୍ସ ବ୍ୟବସ୍ଥା ଏବଂ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକ୍ଷମ କରିବାକୁ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଗ୍ରୀଷ୍ମ ପ୍ରବାହ ସମୟରେ ଯାତ୍ରୀବାହୀ ଗାଡ଼ିଗୁଡ଼ିକରେ ପର୍ଯ୍ୟାପ୍ତ ପାନୀୟ ଜଳ, ଓଆର୍‌ଏସ୍ ପ୍ୟାକେଟ ରଖିବା ଏବଂ ବସ୍ ରହଣି ସ୍ଥାନରେ ବିଶ୍ରାମସ୍ଥଳ ଓ ଜଳଛତ୍ର ଖୋଲିବା ପାଇଁ ପଦକ୍ଷେପ ନେବାକୁ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସ୍କୁଲ, କଲେଜଗୁଡ଼ିକରେ ଶିକ୍ଷାଦାନ ସମୟ ନିର୍ଦ୍ଧାରଣ, ସମସ୍ତ ଶିକ୍ଷାନୁଷ୍ଠାନରେ ପାନୀୟ ଜଳ ଉପଲବ୍ଧ ନିମନ୍ତେ ବିହିତ ପଦକ୍ଷେପ ନେବାକୁ ଜିଲା ଶିକ୍ଷାଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲା, ବ୍ଲକ, ତହସିଲ ଓ ସବ୍‌ଡିଭିଜନ ସ୍ତରରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲିବା ନିମନ୍ତେ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ବ୍ଲକ ଓ ପୌରପାଳିକାସ୍ତରରେ ଅତିଶୀଘ୍ର ପ୍ରସ୍ତୁତି ବୈଠକ ଆହ୍ୱାନ କରି ଆକ୍ସନ ପ୍ଲାନ ପ୍ରସ୍ତୁତ କରିବା, ଜଳକ୍ଲିଷ୍ଟ ଅଞ୍ଚଳରେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିବାକୁ କୁହାଯାଇଥିଲା। ଅଂଶୁଘାତଜନିତ ମୃତ୍ୟୁ ଘଟଣାର ଯୁଗ୍ମ ତଦନ୍ତ କରି ୨୪ ଘଣ୍ଟା ମଧ୍ୟରେ ରିପୋର୍ଟ ପଠାଇବା ପାଇଁ ତହସିଲଦାର ଓ ମେଡିକାଲ ଅଫିସରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଗ୍ରୀଷ୍ମ ପ୍ରବାହ ସମୟରେ ବିଦ୍ୟୁତ୍ କାଟ ନ କରିବା ପାଇଁ ଟିପିସିଓଡିଏଲ୍ କର୍ତ୍ତୃପକ୍ଷଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଶିବାନନ୍ଦ ମହାନ୍ତି, ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ, ଅନୁଗୋଳ ଉପଜିଲାପାଳ ମାୟାଧର ବେହେରା, ଆଠମଲ୍ଲିକ ଉପଜିଲାପାଳ ଦିଲୀପ କୁମାର ବେହେରା, ଉପ ନିର୍ଦ୍ଦେଶକ ଉଦ୍ୟାନ ଅମ୍ବର ଲୁଗୁନ, ସମସ୍ତ ତହସିଲଦାର, ପାଲଲହଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିଶାନ ମିଶ୍ର, ଅନୁଗୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ବିଶ୍ୱ ଭୂଷଣ, ଅନୁଗୋଳ ପୌରପାଳିକାର ନିର୍ବାହୀ ଅଧିକାରୀ ସତ୍ୟ ପ୍ରକାଶ ତ୍ରିପାଠୀଙ୍କ ସମେତ ବିଭିନ୍ନ ବିଭାଗର ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ଏବଂ ଏମ୍‌ସିଏଲ୍, ନାଲ୍‌କୋ, ଏନଟିପିସିର ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

# ମହିଳା ଦିବସରେ ପ୍ରମିଳା ସମ୍ମାନିତ



ପ୍ରମିଳା ସାହୁଙ୍କୁ ସମ୍ମାନିତ କରାଯାଉଛି।

ଛେଣ୍ଡିପଦା,୮।୩ (ଅଜିତ ଧଳ)

ଅନ୍ତର୍ଜାତୀୟ ମହିଳା ଦିବସକୁ ନିଆରା ଢଙ୍ଗରେ ପାଳିଛନ୍ତି ଛେଣ୍ଡିପଦା ୧୫ ନଂ ଜୋନ୍‌ର ଜିଲା ପରିଷଦ ସଭ୍ୟ। ଛେଣ୍ଡିପଦା ବ୍ଲକର ସ୍ୱାଧୀନତା ସଂଗ୍ରାମୀ ଆନନ୍ଦ ପ୍ରଧାନଙ୍କ ଝିଅ ପ୍ରମିଳା ସାହୁଙ୍କୁ ଜିଲା ପରିଷଦ ସଦସ୍ୟ ଯଶୋବନ୍ତ ପ୍ରସାଦ ବେହେରା, କରୁଣାକର ବିଶ୍ୱାଳ, ସୁଶାନ୍ତ କୁମାର ସାହୁ ମହିଳା ଦିବସରେ ତାଙ୍କ ବାସଭବନରେ ପହଞ୍ଚି ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଛନ୍ତି। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ମହିଳା ସଂରକ୍ଷଣ ନ ଥିବାବେଳେ ପ୍ରମିଳା ୧୫ ନଂ ଜୋନ୍ ଶିମିଳିପାଳ ପଞ୍ଚାୟତର ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ସେ ତାଙ୍କ ସମୟରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିବା ସହ ସାଧାରଣ ଲୋକଙ୍କ ନ୍ୟାର୍ଯ୍ୟ ଦାବି ପାଇଁ ଲଢେଇ କରୁଥିଲେ। ଏପରିକି ପ୍ରମିଳାଙ୍କୁ ୮୩ ବର୍ଷ ହୋଇଥିଲେ ମଧ୍ୟ ସେ ଆଜି ପର୍ଯ୍ୟନ୍ତ ସାଇକେଲ୍ ଚଢି ନିଜ କାମ କରୁଥିବାରୁ ମହିଳାଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି।

# ଅଶ୍ଳୀଳତାର ପ୍ରଚାର ପ୍ରସାର ବିରୋଧରେ ଆନ୍ଦୋଳନ ଆହ୍ୱାନ




କାର୍ଯ୍ୟକ୍ରମରେ ମଞ୍ଚାସୀନ ନାରୀ ନେତ୍ରୀମାନେ।

ଅନୁଗୋଳ,୮।୩(ମାନସ ବିଶ୍ୱାଳ)

## ଆନ୍ତର୍ଜାତିକ ମହିଳା ଦିବସ ପାଳିତ

ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ (ଏଆଇଏମ୍‌ଏସ୍‌ଏସ୍) ଅନୁଗୋଳ ଜିଲା କମିଟି ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ସହରସ୍ଥିତ ବାଳିକା ହାଇସ୍କୁଲଠାରୁ ଶତାଧିକ ମହିଳା ଶୋଭାଯାତ୍ରାରେ ବାହାରି ତହସିଲ କାର୍ଯ୍ୟାଳୟ ଯାଏ ଯାଇଥିଲେ। ନାରୀ ନିର୍ଯାତନା ବନ୍ଦ କରିବା, ଦୋଷୀଙ୍କୁ କଠୋର ଶାସ୍ତି ଦେବା, ନାରୀ ଓ ଶିଶୁକନ୍ୟାଙ୍କ ନିରାପତ୍ତାକୁ ସୁନିଶ୍ଚିତ କରିବା, ନାରୀ ନିର୍ଯାତନା ବୃଦ୍ଧିର ଅନ୍ୟତମ ମୁଖ୍ୟ କାରଣ ମାଦକ ଦ୍ରବ୍ୟ ତଥା ମୋବାଇଲ ଇଣ୍ଟରନେଟ ସମେତ ସମସ୍ତ ଗଣମାଧ୍ୟମରେ ଅଶ୍ଳୀଳତା, ନଗ୍ନତା, ଅପସଂସ୍କୃତିର ପ୍ରଚାର ପ୍ରସାର ବନ୍ଦ କରିବା, ସଙ୍ଗଠିତ ଓ ଅସଙ୍ଗଠିତ କ୍ଷେତ୍ରରେ କର୍ମରତ ମହିଳା ଶ୍ରମିକଙ୍କ ନ୍ୟାଯ୍ୟ ଦାବି ପୂରଣ କରିବା ଦାବିରେ ସ୍ଲୋଗାନ ଦିଆଯାଇଥିଲା। ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ସଙ୍ଗଠନର ଜିଲା ସଭାନେତ୍ରୀ ମନ୍ଦୋଦରୀ ରାଉଳଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଜିଲା ସମ୍ପାଦିକା ମାନସୀ ସ୍ୱାଇଁ ପ୍ରାରମ୍ଭିକ ସୂଚନା ଦେଇଥିଲେ। ମୁଖ୍ୟବକ୍ତା ଭାବେ ସଙ୍ଗଠନର ରାଜ୍ୟ ସମ୍ପାଦିକା ସରୋଜିନୀ ନାୟକ ଯୋଗଦେଇ ମଦ ମାଦକ ଦ୍ରବ୍ୟ ଓ ଇଣ୍ଟରନେଟରେ ଅଶ୍ଳୀଳତାର ପ୍ରଚାର ପ୍ରସାର ବିରୋଧରେ ଶକ୍ତିଶାଳୀ ଆନ୍ଦୋଳନ ଗଢ଼ିତୋଳିବାକୁ ଆହ୍ୱାନ ଦେଇଥିଲେ। ପ୍ରତିମା ବେହେରା, ସୁରୁଚି ପ୍ରଧାନ, ପଙ୍କଜିନୀ ସିଂ, ବବିତା ସାହୁ, ମିନତି ସାମଲ, ବୈଦେହୀ ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ପଞ୍ଚଦଶ ଅର୍ଥ କମିଶନ ଉପରେ ଜନ ଶୁଣାଣି

ସନ୍ନିଛକ,୮।୩ (ସନ୍ତୋଷ ପରିଡ଼ା)




କାର୍ଯ୍ୟକ୍ରମରେ ଜନପ୍ରତିନିଧି ଓ ଅଧିକାରୀମାନେ।

ବଅଁରପାଳ ବ୍ଲକ ପରିସର ସଭାଘରଠାରେ ଶୁକ୍ରବାର ବିଡିଓ ଲୋଚନ ଦାସଙ୍କ ଉପସ୍ଥିତିରେ ବ୍ଲକସ୍ତରୀୟ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଏବଂ ପଞ୍ଚଦଶ ଅର୍ଥ କମିଶନ ଉପରେ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୋଟ ୩୫ଟି ପଞ୍ଚାୟତର ସାମାଜିକ ସମୀକ୍ଷାଗୁଡିକୁ ବ୍ଲକସ୍ତରୀୟ ଶିବିରରେ ଉପସ୍ଥାପନ କରାଯାଇଥିଲା। ଏଥିସହ ପଞ୍ଚଦଶ ଅର୍ଥ କମିଶନ ଉପରେ ଆଲୋଚନା, ସମୀକ୍ଷା ଓ ବିବରଣୀ ପାଠ କରାଯାଇଥିଲା। ଜିଲା ସାମାଜିକ ସମୀକ୍ଷା ଅଧିକାରୀ ଏବଂ ବରିଷ୍ଠଯନ୍ତ୍ରୀ ଗୌତମ ନାୟକ, ଗୋପାଳ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ଏବିଡିଓ ମାଧବଚନ୍ଦ୍ର ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବାବୁଲି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଲୋକପାଳ ବିଭୁତି ପଟ୍ଟନାୟକ, ସମସ୍ତ ପଞ୍ଚାୟତର ନିର୍ବାହୀ ଅଧିକାରୀ, ଜିଲା ପରିଷଦ ସଦସ୍ୟ, ସରପଞ୍ଚ, ସମିତି ସଭ୍ୟ, ସମସ୍ତ ଯନ୍ତ୍ରୀ ଏବଂ ବିଭିନ୍ନ ବିଭାଗର ବ୍ଲକସ୍ତରୀୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜନ ଔଷଧି ଦିବସ ପାଳିତ

ଅନୁଗୋଳ,୮।୩(ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ପୌରପାଳିକାର ୱାର୍ଡ ନଂ. ୯ରେ ଥିବା ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଶୁକ୍ରବାର ଜନ ଔଷଧି ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି ଓ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କେନ୍ଦ୍ରରେ ଦିନ ରାତି ସବୁ ସମୟରେ ଔଷଧ ମିଳିପାରିବ ବୋଲି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶିବାନନ୍ଦ ମହାନ୍ତି କହିଥିଲେ। ଆଖପାଖ ଅଞ୍ଚଳର ଲୋକମାନେ ମୁଖ୍ୟ ଚିକିତ୍ସାଳୟ ନ ଯାଇ ଏଠାରେ ସୁବିଧାରେ ବିନା ମୂଲ୍ୟରେ ଔଷଧ ନେଇପାରିବେ। ଅନ୍ୟ ଅତିଥିଙ୍କ ମଧ୍ୟରେ କାଉନସିଲର ସରିତା ମିଶ୍ର ଓ ଡାକ୍ତର ଦେବାଶିଷ ମିଶ୍ର ଉପସ୍ଥିତ ରହିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ପଞ୍ଚଧାରା ଭେଟେରାନ୍ସ ଆସୋସିଏଶନ ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବ ପାଳନ ଅବସରରେ କର୍ମକର୍ତ୍ତାମାନେ।

ବଇଣ୍ଡା, ୮।୩ (ପରିକ୍ଷିତ ସାହୁ)

ପଞ୍ଚଧାରା ଭେଟେରାନ୍ସ ଆସୋସିଏଶନର ଦ୍ୱିତୀୟ ବାର୍ଷିକ ଉତ୍ସବ ଲୁହାମୁଣ୍ଡା ସମ୍ମିଳନୀ ଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଠମଲ୍ଲିକ, କିଶୋରନଗର, ବଇଣ୍ଡା, ଜରପଡ଼ା ଅଞ୍ଚଳର ଅବସରପ୍ରାପ୍ତ ସୈନିକ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଲୁହାମୁଣ୍ଡା ସରପଞ୍ଚ କୁମୁଦ ଲୋଚନ ସାହୁ ଯୋଗ ଦେଇଥିଲେ। ପ୍ରମୋଦ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ସୁକାନ୍ତ କୁମାର ରଣା ସ୍ୱାଗତ ଅଭିଭାଷଣ ରଖିଥିଲେ। ଦୁର୍ଘଟଣାଗ୍ରସ୍ତ ଲୋକମାନଙ୍କୁ ନିକଟତମ ହସ୍ପିଟାଲରେ ପହଞ୍ଚାଇବା, ପବ୍ଲିକ ତଥା ଡାକ୍ତରଖାନା, ମନ୍ଦିର, ବିଦ୍ୟାଳୟ ଆଦିର ସଫେଇ ପ୍ରତି ଧ୍ୟାନ ଦେବା, ଯୁବପିଢିଙ୍କୁ ଶିକ୍ଷା ଦେବା ଏବଂ ଜାଗ୍ରତ କରାଇ ସେନାରେ ଭର୍ତ୍ତି କରାଇବା, ରକ୍ତଦାନ ଶିବିର ମାଧ୍ୟମରେ ରକ୍ତ ସଂଗ୍ରହ କରି ନିକଟତମ ଜିଲା ଡାକ୍ତରଖାନାକୁ ପଠାଇବା ଆଦି କାର୍ଯ୍ୟ କରାଯିବା ପାଇଁ ପଦକ୍ଷେପ ନିଆଯାଇଥିଲା। ଅଶୋକ କୁମାର ଶତପଥୀ, ପ୍ରଶାନ୍ତ କୁମାର ସାହୁ, ପବିତ୍ର ରଣା, ସନ୍ତୋଷ କୁମାର ନାୟକ, ବୃଷବ ପାଣ୍ଡେ, ତ୍ରିନାଥେଶ୍ୱର ପ୍ରଧାନ, ଚ୍ୟବନ ପ୍ରସାଦ ପ୍ରଧାନ, ପ୍ରତାପ କୁମାର ପ୍ରଧାନ ସହଯୋଗ କରିଥିଲେ।

# ଶିକ୍ଷଣ ଶିକ୍ଷାଦାନ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା

ତାଳଚେର,୮।୩ (ମନୋଜ ନନ୍ଦ)

ତାଳଚେର ବ୍ଲକ କଳମଛୁଇଁ ଠାରେ ଆୟୋଜିତ କ୍ଲଷ୍ଟରସ୍ତରୀୟ ଶିକ୍ଷଣ ଶିକ୍ଷାଦାନ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ସଂଯୋଜକ ଅଜୟ ମହାନ୍ତି ଯୋଗଦେଇ ଶିକ୍ଷଣ ସାମଗ୍ରୀଗୁଡିକ ପର୍ଯ୍ୟବେକ୍ଷଣ କରିଥିଲେ। ଦୁଇଦିନିଆ ଉକ୍ତ କାର୍ଯ୍ୟକ୍ରମରେ କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ଏଫ୍‌ଏଲ୍‌ଏନ୍ ଶିକ୍ଷକ ଯୋଗଦେଇ ବିଭିନ୍ନ ଶିକ୍ଷଣସମଗ୍ରୀ ନିର୍ମାଣ କରିଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜିକା ପ୍ରତିମା ତରାଇଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଚାଲିଥିବାବେଳେ ଅନ୍ତିମ ଦିନରେ ବରିଷ୍ଠ ଶିକ୍ଷକ ସୁବାସ ଚନ୍ଦ୍ର ଜ୍ୟୋତିଷ ଏବଂ ହେମଲତା ସେଠୀ ଯୋଗଦାନ କରିଥିଲେ।

# ମହିଳା ସଶକ୍ତ ହେଲେ ଦେଶ ଶକ୍ତିଶାଳୀ ହେବ

ଆଠମଲ୍ଲିକ,୮।୩(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ଏନ୍‌ଏସି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ଅଧ୍ୟକ୍ଷା ଆଶା କୁମାରୀ ସାହୁ, ଉପାଧ୍ୟକ୍ଷ ଗଦାଧର ସ୍ୱାଇଁ, ସମ୍ବଲପୁର ଏମ୍‌ପିଙ୍କ ନଗର ପ୍ରତିନିଧି ସନ୍ତୋଷ ହୋତା, ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରା, କାଉନସିଲର ମନ୍ଦୋଦରୀ ବେହେରା, ନୂତନ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ମହିଳା ସଶକ୍ତ ହେଲେ ଦେଶ ଶକ୍ତିଶାଳୀ ହେବ ବୋଲି ମତ ରଖିଥିଲେ। ଏହି ଉପଲକ୍ଷେ ପୂର୍ବରୁ ସ୍କୁଲସ୍ତରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମରେ କାଉନସିଲର ଇବ୍ରାହିମ ଖାଁ, ମଞ୍ଜରୀ ଦନ୍ତାଙ୍କ ସମେତ ଏନଏସି କର୍ମଚାରୀ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଏନ୍‌ଏସି ଅଧ୍ୟକ୍ଷଙ୍କ ସହ ଅନ୍ୟମାନେ।

# ଅନନ୍ତ ଡିଏଭିରେ ଅନ୍ତର୍ଜାତୀୟ ମହିଳା ଦିବସ




କାର୍ଯ୍ୟକ୍ରମରେ ବିଦ୍ୟାଳୟ ଅଧ୍ୟକ୍ଷାଙ୍କ ସହ ଅନ୍ୟମାନେ।

ତାଳଚେର,୮।୩(ମନୋଜ ନନ୍ଦ)

ମହାନଦୀ କୋଲ ଫିଲ୍ଡସ୍ ଜଗନ୍ନାଥ କ୍ଷେତ୍ର ଅନ୍ତର୍ଗତ ଡିଏଭି ପବ୍ଲିକ ସ୍କୁଲ ଅନନ୍ତ ବିହାର ପରିସରରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷା ତଥା ଓଡ଼ିଶା ଡିଏଭି ସ୍କୁଲ ସମୂହର ଆଞ୍ଚଳିକ ସହ ଅଧିକାରୀ ଜ୍ୟୋତି ମିଶ୍ର ଯୋଗଦେଇ ନାରୀ ସଶକ୍ତୀକରଣ ଉପରେ ଏକ କବିତା ଆବୃତ୍ତି କରିଥିଲେ। ଏହି ପୁଣ୍ୟ ଦିବସ ଅବସରରେ ବିଦ୍ୟାଳୟର ଶିକ୍ଷୟିତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ସଂସ୍କୃତ ଶିକ୍ଷକ ସୁବ୍ରତ କୁମାର ପାଣି ଏବଂ ରବି ନାରାୟଣ ପଣ୍ଡା ନାରୀଶକ୍ତିର ମହନୀୟତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ଅଞ୍ଜନ ମୁଦୁଲି, ଗୋପୀନାଥ ସାହୁ ଏବଂ ନିରଞ୍ଜନ ସାହୁ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଶିକ୍ଷକ ଚିତ୍ତରଞ୍ଜନ କର ନାରୀ ଶକ୍ତିର ଉପଲବ୍ଧିକୁ ଉପସ୍ଥାପନ କରିଥିଲେ। ଶିକ୍ଷକ କରୁଣାକର ସାହୁ ମଞ୍ଚ ସଞ୍ଚାଳନ କରିଥିବା ବେଳେ ଶିକ୍ଷକ ଡ. ଅନ୍ତର୍ଯ୍ୟାମୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକଙ୍କ ପରଲୋକ

ଆଠମଲ୍ଲିକ,୮।୩ (ଉଦୀପ୍ତ ପୁରୋହିତ)



ଆଠମଲ୍ଲିକ ଅଞ୍ଚଳର ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ମାନ ଭଞ୍ଜନ ମିଶ୍ରଙ୍କ ରାମେଶ୍ୱର ପାଟଣାସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ଶିକ୍ଷକତା ସହିତ ସେ ପୌରାଣିକ ବିଷୟବସ୍ତୁ ଉପରେ ସତ୍ୟନାରାୟଣ ପାଲାର ୧୬ଟି ବିଷୟ ରଚନା କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ, ପୁତ୍ର, ପୁତ୍ରବଧୂ, ଝିଅ ଜ୍ୱାଇଁ, ନାତୁଣୀ ନାତି ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ସନ୍ତୋଷ ହୋତା, ଏନ୍‌ଏସି ଅଧ୍ୟକ୍ଷା ଆଶା କୁମାରୀ ସାହୁ, ଭାଜପା ନେତା ପ୍ରକାଶ ଡାଙ୍ଗ, ବରିଷ୍ଠ ଆଇନଜୀବୀ ସଚ୍ଚିଦାନନ୍ଦ ପାଣିଗ୍ରାହୀ, ପୀତବାସ ସାହୁ, ବରିଷ୍ଠ ନାଗରିକ ମଞ୍ଚ ଉପଦେଷ୍ଟା ବୀରେନ୍ଦ୍ର କୁମାର ମିଶ୍ର, ଉପସଭାପତି ଜାଗେଶ୍ୱର ମିଶ୍ର, କୃଷ୍ଣ ମୋହନ ମିଶ୍ର, ବୀରେନ୍ଦ୍ର ପ୍ରଧାନ, ରହମନ ଖାନ ପ୍ରମୁଖ ଶେଷ ଦର୍ଶନ କରିଥିଲେ।

# ୨ ବଖରା ପୋଡ଼ି ପାଉଁଶ

ବନ୍ତଲା,୮।୩ (ସୁଶିତ ସାହୁ)

ଅନୁଗୋଳ ବ୍ଲକ ବଡ଼କେରା ପଞ୍ଚାୟତ ଚମ୍ପତିମୁଣ୍ଡା ରଗୁଡ଼ିଆପଡ଼ା ସାହିରେ ଶନିବାର ଅଗ୍ନିକାଣ୍ଡ ଘଟି ୨ବଖରା ଘର ପୋଡ଼ି ପାଉଁଶ ହୋଇଯାଇଛି। ଅପରାହ୍ନ ୩ଟା ବେଳେ ରଗୁଡ଼ିଆପଡ଼ାର କାଠିଆ ବେହେରା ଓ ସୁନିତା ବେହେରାଙ୍କ ଘରେ ନିଆଁ ଲାଗି ଯାଇଥିଲା। ପାଖରେ ଏକ ଟାଇଲ ଛପର ଘର ଥିବାରୁ ନିଆଁ ଅନ୍ୟଘରକୁ ବ୍ୟାପୀ ପାରି ନ ଥିଲା। ଖବରପାଇ ଅନୁଗୋଳ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଏଥିରେ ୨ ଗରିବ ପରିବାରଙ୍କ ସବୁକିଛି ପୋଡ଼ି ପାଉଁଶ ହୋଇଛି। ଚମ୍ପତିମୁଣ୍ଡା ରାଜସ୍ୱ ଅଧିକାରୀ ଅରବିନ୍ଦ ଗଡ଼ନାୟକ ପହଞ୍ଚି କ୍ଷୟକ୍ଷତି ଆକଳନ କରିବା ସହ ଜରିପାଲ ଯୋଗାଇ ଦେଇଥିବା ବେଳେ ସ୍ଥାନୀୟ ସରପଞ୍ଚ ହାଡ଼ିବନ୍ଧୁ ବେହେରା ଚୁଡ଼ା, ଚାଉଳ ଓ କିଛି ଲୁଗାପଟା ଯୋଗାଇ ଦେଇଛନ୍ତି। ତୁରନ୍ତ ଏହି ଅଗ୍ନିପିଡ଼ିତ ପରିବାରଙ୍କୁ ଅଧିକ ସରକାରୀ ସହାୟତା ଯୋଗାଇ ଦେବାକୁ ସରପଞ୍ଚଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି।



# ଆଇନସେବା ପ୍ରାଧିକରଣ ପକ୍ଷରୁ ଲୋକ ଅଦାଲତ




ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଭିନ୍ନ ମାମଲା ଫଇସଲା କରାଯାଉଛି।

ଅନୁଗୋଳ,୮।୩ (ଜ୍ୟୋତିରଞ୍ଜନ ସାହୁ)/ବଇଣ୍ଡା (ପରିକ୍ଷିତ ସାହୁ)/ ଛେଣ୍ଡିପଦା (ଅଜିତ ଧଳ)

ଅନୁଗୋଳ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୭୨ ପ୍ରାକ୍ ମକଦମା ଜନିତ ମାମଲାର ଫଇସଲା କରାଯାଇ ୩୪ ଲକ୍ଷ ୯୮ ହଜାର ୫୬ ଟଙ୍କାରେ ସମାଧାନ କରାଯାଇଥିଲା। ୨୮୨୩ ବିଚାରାଧୀନ ମାମଲାର ଫଇସଲା କରାଯାଇଥିଲା। ସେଥିମଧ୍ୟରୁ ୧୭ଟି ମୋଟରଯାନ ଦୁର୍ଘଟଣାଜନିତ ମାମଲା, ୨୧ଟି ଚେକ ବାଉନ୍ସ ମାମଲା, ୧୮ଟି ଶ୍ରମ ବିବାଦ ଜନିତ ମାମଲା, ୪୫ ଦେୱାନୀ ମାମଲା, ୭ଟି ବିଚାରାଧୀନ ବ୍ୟାଙ୍କ ସମ୍ପର୍କିତ ମାମଲା, ୭ ପାରିବାରିକ ମାମଲା, ୧ଟି ଖାଉଟି ବିବାଦ, ୧ଟି ଜମି ଅଧିଗ୍ରହଣ ମାମଲା, ୬୫୪ ଫୌଜଦାରି ସମ୍ପର୍କିତ ମାମଲା, ୨୦୨୫ଟି ରାଜସ୍ୱ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମାମଲାର ଫଇସଲା କରାଯାଇଥିଲା। ତାଳଚେର, ଆଠମଲ୍ଲିକ, ପାଲଲହଡ଼ା, ଛେଣ୍ଡିପଦା ଓ ବଅଁରପାଳରେ ଥିବା ଅଦାଲତ, ଖାଉଟି ଅଦାଲତ, ବିଭିନ୍ନ ତହସିଲ, ବ୍ୟାଙ୍କ ଓ ବିଏସ୍‌ଏନ୍‌ଏଲ୍, ଶ୍ରମ କାର୍ଯ୍ୟାଳୟ ଆଦି ଅଂଶଗ୍ରହଣ କରିଥିଲେ। ଜିଲା ଓ ଦୌରାଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଦାମୋଦର ରଥଙ୍କ ତତ୍ତ୍ୱାବଧାନରେ ଏହି ଲୋକ ଅଦାଲତରେ ଅନୁଗୋଳ ଅଦାଲତର ବିଚାରପତିଗଣ, ସରକାରୀ ଓକିଲ, ଆଇନଜୀବୀ, କୋର୍ଟ, ଜିଲା ଆଇନସେବା ପ୍ରାଧିକରଣ ଓ ବିଭିନ୍ନ ବ୍ୟାଙ୍କର କର୍ମଚାରୀ ଉପସ୍ଥିତ ଥିଲେ। ଜିଲା ଆଇନସେବା ପ୍ରାଧିକରଣ ସଚିବ ପରିଚାଳନା କରିଥିଲେ। ଆଠମଲ୍ଲିକ ସିଭିଲ କୋର୍ଟଠାରେ ତାଲୁକ ଆଇନସେବା କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଓ ଦୌରାଜଜ୍ ରଞ୍ଜନ କୁମାର ସୁତାରଙ୍କ ଅଧ୍ୟକ୍ଷତାରେ ୩୫୧ଟି ମାମଲା ଗ୍ରହଣ କରାଯାଇଥିବାବେଳେ ୨୨୮ ଟି ମାମଲାର ଫଇସଲା କରାଯାଇଥିଲା। ସବ୍‌ଜଜ୍ ଲିପ୍ସିପ୍ରିୟା ସାହୁ ଓ ଏସଡିଜେଏମ୍ ସିଙ୍କୁନ ରାୟ ଉପସ୍ଥିତ ଥିଲେ। ଛେଣ୍ଡିପଦା ବ୍ଲକ ସଦର ମହକୁମାରେ ଥିବା ଦେୱାନୀ ବିଚାରପତି ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ପରିସରରେ ତାଲୁକ ଆଇନ ସେବା ପ୍ରାଧିକରଣ ତତ୍ତ୍ୱାବଧାନରେ ଆୟୋଜିତ ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଚାରପତି ଶୁଭଲକ୍ଷ୍ମୀ ପଟ୍ଟନାୟକ ଯୋଗଦେଇ ବିଚାରାଧୀନ ଥିବା ୨୬୭ ଫୌଜଦାରି ମାମଲା ମଧ୍ୟରୁ ୧୧୫ର ଫଇସଲା କରିଥିଲେ। ସରକାରୀ ଓକିଲ ଲକ୍ଷ୍ମୀଧର ପ୍ରଧାନ ମାମଲା ପରିଚାଳନା କରିଥିବା ବେଳେ ତାଲୁକ ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ପଟ୍ଟନାୟକ, ସରକାରୀ ଓକିଲ ଲକ୍ଷ୍ମୀଧର ପ୍ରଧାନ, ତାଲୁକ ଆଇନ ସେବା ପ୍ରାଧିକରଣ ଓକିଲ ଗଣେଶ୍ୱର ଭୂତିଆ, ଓକିଲ ସଂଘ ସଭାପତି ନଗେନ ନନ୍ଦ, ସମ୍ପାଦକ ଶରତ ଚନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ।

# ସୁନା ସ୍ମଗ୍‌ଲିଂ ଘଟଣାରେ ମାମଲା ରୁଜୁକଲା ସିବିଆଇ


**ନୂଆଦିଲ୍ଲୀ, ୮।୩**

ଦୁବାଇରୁ ସୁନା ସ୍ମଗ୍‌ଲିଂ କରି ଆଣୁଥିବାବେଳେ ବେଙ୍ଗାଲୁରୁ କେମ୍ପେଗୌଡ଼ା ଅନ୍ତଃରାଷ୍ଟ୍ରୀୟ ବିମାନବନ୍ଦରରେ କନ୍ନଡ଼ ଅଭିନେତ୍ରୀ ରାନ୍ୟା ରାଓଙ୍କ ଠାରୁ ୧୪.୨ କିଗ୍ରା ସୁନା ଜବତ ଘଟଣାରେ ସିବିଆଇ ମାମଲା ରୁଜୁ କରିଛି। ଡାଇରେକ୍ଟୋରେଟ ଅଫ୍ ରେଭିନ୍ୟୁ ଇଣ୍ଟେଲିଜେନ୍ସ(ଡିଆର୍‌ଆଇ) ସହ ମିଶି ସିବିଆଇ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି। ଅଧିକ ତଥ୍ୟ ପାଇଁ ସିବିଆଇର ୨ଟି ଟିମ୍ ମୁମ୍ବାଇ ଏବଂ ବେଙ୍ଗାଲୁରୁ ବିମାନବନ୍ଦର ଯାଇଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି।

କନ୍ନଡ଼ ଚଳଚ୍ଚିତ୍ର ମାଣିକ୍ୟ ଏବଂ ପଟାକି ଅଭିନେତ୍ରୀ ରାନ୍ୟାଙ୍କୁ ସୁନା ସ୍ମଗ୍‌ଲିଂ କରିବା ଅଭିଯୋଗରେ ଗତ ସୋମବାର କେମ୍ପେଗୌଡ଼ା ଅନ୍ତଃରାଷ୍ଟ୍ରୀୟ ବିମାନବନ୍ଦରରେ ଡିଆର୍‌ଆଇ ଅଧିକାରୀ ଅଟକାଇ ଯାଞ୍ଚ କରିଥିଲେ। ତାଙ୍କଠାରୁ ୧୪.୮ କିଗ୍ରା ଅର୍ଥାତ୍ ୧୨.୫୬ କୋଟି ଟଙ୍କାର ୧୭ଟି ସୁନା ବିସ୍କୁଟ ଜବତ ହୋଇଥିଲା। ତାଙ୍କୁ ଆର୍ଥିକ ଅପରାଧ ମାମଲାରେ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିଲା। କର୍ନାଟକ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ନାଗଲକ୍ଷ୍ମୀ ଚୌଧାରୀ ଏହି ଘଟଣାରେ ଉଦ୍‌ବେଗ ପ୍ରକାଶ କରିଥିଲେ। କୌଣସି ବ୍ୟକ୍ତି ଆଇନକୁ ହାତକୁ ନେବାର ଅଧିକାର ନାହିଁ ବୋଲି ସେ କହିଥିଲେ। ଏହି ଘଟଣା ପରେ ବିମାନବନ୍ଦରରେ ପ୍ରୋଟୋକଲ ସେବାରେ ସୁରକ୍ଷା ବ୍ୟବସ୍ଥାର ଅପବ୍ୟବହାରକୁ ନେଇ ପ୍ରଶ୍ନ ଉଠିଛି। କେତେଜଣ ଉଚ୍ଚ ପଦାଧିକାରୀଙ୍କ ପାଇଁ ଯାଞ୍ଚ ବ୍ୟବସ୍ଥାରେ କୋହଳ ଥିବାବେଳେ ଏହାର ସୁଯୋଗ ନେଇ ରାନ୍ୟା ସୁନା ସ୍ମଗ୍‌ଲିଂ କରିବାକୁ ପଛାଇଲେ ନାହିଁ। ଏହି ଘଟଣା ପରେ ବିମାନବନ୍ଦରରେ ପ୍ରୋଟୋକଲ ସେବା ନିୟମରେ ପରିବର୍ତ୍ତନ ଅଣାଯିବା ସହ ଏହାକୁ କଡ଼ାକଡ଼ି କରିବା ପାଇଁ କର୍ନାଟକ ସରକାର ନିଷ୍ପତ୍ତି ନେଇଛନ୍ତି। ନିଷ୍ପତ୍ତି ଅନୁସାରେ, ପ୍ରୋଟୋକଲ ସେବା ବ୍ୟବସ୍ଥାରେ ଉଚ୍ଚପଦାଧିକାରୀଙ୍କ ବ୍ୟତୀତ ସେମାନଙ୍କ ପରିବାର ବା ସମ୍ପର୍କୀୟ ଏହି ସେବା ଅଧୀନରେ ଆସିବେ ନାହିଁ। ସାଧାରଣ ଯାତ୍ରୀଙ୍କ ପରି ସେମାନଙ୍କ ଯାଞ୍ଚ କରାଯିବ ବୋଲି ଅତିରିକ୍ତ ମୁଖ୍ୟ ସଚିବ(ଗୃହ) ଉମାଶଙ୍କର ଏସ୍‌ଆର୍ କହିଛନ୍ତି। ରାନ୍ୟାଙ୍କ ଗିରଫ ପରେ ପ୍ରୋଟୋକଲ୍ ସିକ୍ୟୁରିଟି କର୍ମଚାରୀଙ୍କୁ ଡିଆର୍‌ଆଇ କର୍ମଚାରୀ ଅଟକ ରଖି ପଚରାଉଚରା କରିଥିଲେ। ପ୍ରକାଶ ଯେ, ରାନ୍ୟାଙ୍କ ଗିରଫ ପରେ ସେ ଦୁବାଇରୁ ଆଣିଥିବା ୧୭ଟି ସୁନା ବିସ୍କୁଟକୁ ତାଙ୍କଠାରୁ ଜବତ ହୋଇଥିବା କଥାକୁ ସ୍ୱୀକାର କରିଛନ୍ତି। ସେ ନିଜକୁ ଜଣେ କଳାକାର ଏବଂ ବନ୍ୟଜନ୍ତୁ ଫଟୋଗ୍ରାଫର ବୋଲି ପରିଚୟ ଦେଇଥିଲେ। ଏପରି କି ସେ ଦୁବାଇରେ ରିୟଲ୍ ଇଷ୍ଟେଟ କାରବାରରେ ସମ୍ପୃକ୍ତ ଥିବା ଡିଆର୍‌ଆଇ ନିକଟରେ ପ୍ରକାଶ କରିଥିବା ଜଣାପଡ଼ିଛି।

### କନ୍ନଡ଼ ଅଭିନେତ୍ରୀଙ୍କଠାରୁ ୧୪.୨ କିଗ୍ରା ସୁନା ଜବତ ଘଟଣା






# ଜେଲ ଗଲେ ଏସ୍‌ଟିଏ ଯୁଗ୍ମ କମିଶନର

## ପ୍ରକୃତ ଆୟଠାରୁ ୧୪୩% ଅଧିକ ସମ୍ପତ୍ତି

**ଭୁବନେଶ୍ୱର,୮।୩(ସତ୍ୟଜିତ୍ ରାଉତ)**

### ମାମଲାରେ ଛନ୍ଦିହେଲେ ସ୍ତ୍ରୀ ଓ ଜଣେ ସମ୍ପର୍କୀୟ

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଗିରଫ ହୋଇଥିବା ରାଜ୍ୟ ପରିବହନ ପ୍ରାଧିକରଣ(ଏସ୍‌ଟିଏ) ଯୁଗ୍ମ କମିଶନର ପ୍ରଦୀପ କୁମାର ମହାନ୍ତିଙ୍କ ବିପୁଳ ସମ୍ପତ୍ତି ଠାବ ହୋଇଛି। ଏହି ଆୟ ଆୟବହିର୍ଭୂତ ସମ୍ପତ୍ତି ପ୍ରଦୀପଙ୍କ ପ୍ରକୃତ ଆୟଠାରୁ ୧୪୩ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ଶନିବାର ସୂଚନା ଦିଆଯାଇଛି। ପ୍ରଦୀପଙ୍କ ବିରୋଧରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏସଂକ୍ରାନ୍ତୀୟ ମାମଲା(ନଂ.୨/୨୦୨୫) ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତେବେ ଏହି ସମ୍ପତ୍ତି ଠୁଳ କରିବାରେ ପ୍ରଦୀପଙ୍କୁ ତାଙ୍କ ସ୍ତ୍ରୀ ଓ ଜଣେ ସମ୍ପର୍କୀୟ ସହଯୋଗ କରିଥିବା ମଧ୍ୟ ଭିଜିଲାନ୍ସ ତଦନ୍ତରୁ ଜାଣିବାକୁ ପାଇଛି। ତେଣୁ ଏହି ମାମଲାରେ ପ୍ରଦୀପଙ୍କ ସ୍ତ୍ରୀ ଓ ଜଣେ ସମ୍ପର୍କୀୟଙ୍କୁ ମଧ୍ୟ ଅଭିଯୁକ୍ତ ଦର୍ଶାଯାଇଛି। ଅଭିଯୁକ୍ତ ପ୍ରଦୀପଙ୍କୁ ଶନିବାର ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଭିଜିଲାନ୍ସ ପକ୍ଷରୁ ଗୁରୁବାର ପ୍ରଦୀପଙ୍କ ଘର ସମେତ ଭୁବନେଶ୍ୱର, ଖୋର୍ଦ୍ଧା, ପୁରୀ, ନୟାଗଡ଼ ଓ କଟକର ୯ଟି ସ୍ଥାନରେ ଚଢ଼ାଉ ହୋଇଥିଲା। ଘରୁ ୨.୧ କେଜି ସୁନା ଅଳଙ୍କାର ଓ ସୁନା ବିସ୍କୁଟ୍ ସହ ୧୭.୫୫ ଲକ୍ଷ ଟଙ୍କା ଠାବ ହୋଇଥିଲା। ଏକାଧିକ କୋଠା ଓ ଫ୍ଲାଟ୍ ସମେତ ଖୋର୍ଦ୍ଧା, ଭୁବନେଶ୍ୱର, ରଣପୁର, ନୟାଗଡ଼ରେ ପ୍ରଦୀପଙ୍କ ୧୧ଟି ବହୁମୂଲ୍ୟ ପ୍ଲଟ୍ ଏବଂ ନୟାଗଡ଼ କୁଶପଲ୍ଲାରେ ଏକ ଫାର୍ମ ହାଉସ ଠାବ ହୋଇଥିଲା। ସେହିପରି ମୋଟ ୨୭.୨୫ ଲକ୍ଷ ଟଙ୍କାର ବ୍ୟାଙ୍କ ଜମା ଓ ଘରୋଇ ସାମଗ୍ରୀ ଏବଂ ୨ଟି ଦୁଇଚକିଆ ଯାନ ଓ ଗୋଟିଏ ବୁଲେଟ୍ ଠାବ ହୋଇଥିଲା। ଏନେଇ ଅଧିକ ତଦନ୍ତ ଜାରି ରହିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

# କ୍ଷତିପୂରଣ ଆଦାୟ ପାଇଁ ଏନ୍‌ଜିଟିଙ୍କ ନିର୍ଦ୍ଦେଶ

## ମଣିନାଗ ସଂରକ୍ଷିତ ଜଙ୍ଗଲରେ ଗଛକଟା, ଫାର୍ମ ହାଉସ୍ ନିର୍ମାଣ

**ଭୁବନେଶ୍ୱର,୮।୩(ସତ୍ୟଜିତ୍ ରାଉତ):** ନୟାଗଡ଼ ଜିଲା ରଣପୁର ମଣିନାଗ ସଂରକ୍ଷିତ ଜଙ୍ଗଲରେ ବ୍ୟାପକ ଗଛକଟା, ଫାର୍ମ ହାଉସ୍ ନିର୍ମାଣ ଆଦିକୁ ନେଇ ହୋଇଥିବା ମାମଲାରେ ଜାତୀୟ ଗ୍ରୀନ ଟ୍ରିବୁନାଲ୍ (ଏନଜିଟି) ଚୂଡ଼ାନ୍ତ ରାୟ ଶୁଣାଇଛନ୍ତି। ସ୍ୱରାଜ ମହାନ୍ତି ଓ ତାଙ୍କ ସ୍ତ୍ରୀ ତଥା ରଣପୁର ଏନ୍‌ଏସି ଅଧ୍ୟକ୍ଷା ରଙ୍ଗିନ ମହାନ୍ତି ଆଖୁଆପଦରରେ ସ୍ୱସ୍ତିକ୍ ଫାର୍ମ ହାଉସ୍ ନାମରେ ଏକ ଫାର୍ମ ହାଉସ ନିର୍ମାଣ କରିଥିବାବେଳେ ସଂରକ୍ଷିତ ଜଙ୍ଗଲକୁ ଜବର ଦଖଲ କରିଥିବା ଅଭିଯୋଗ କରି ଓଡ଼ଗାଁର ପରିବେଶପ୍ରେମୀ ଶ୍ରୀକାନ୍ତ ଦାଶ ଏନଜିଟିଙ୍କ ଦ୍ୱାରସ୍ଥ ହୋଇଥିଲେ। ଟ୍ରିବ୍ୟୁନାଲ୍ ଏହାର ବିଚାର କରି ଜବରଦଖଲ ହୋଇଥିବା ସଂରକ୍ଷିତ ଜଙ୍ଗଲ ଅଞ୍ଚଳକୁ ମୁକ୍ତ କରିବା ସହ ପୂର୍ବସ୍ଥିତିକୁ ଫେରାଇ ଆଣିବା ପାଇଁ ନୟାଗଡ଼ ଜିଲାପାଳ ଓ ଖୋର୍ଦ୍ଧା ଡିଏଫଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକ୍ରିୟା ମାସେ ମଧ୍ୟରେ ଶେଷ କରିବା ପାଇଁ ଏନଜିଟି ତାଙ୍କ ନିର୍ଦ୍ଦେଶନାମାରେ କହିଛନ୍ତି। ସେହିପରି ସଂରକ୍ଷିତ ଜଙ୍ଗଲକୁ ଜବର ଦଖଲ କରି ସେ ପରିବେଶର ଯେଉଁ କ୍ଷତି ସାଧନ କରିଛନ୍ତି, ଏହାକୁ ଆକଳନ କରି ତାଙ୍କ ଠାରୁ ପରିବେଶ କ୍ଷତିପୂରଣ ଆଦାୟ କରିବା ପାଇଁ ମଧ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶୁଣାଣିବେଳେ ଏନ୍‌ଜିଟି ରାଜ୍ୟ ସରକାରଙ୍କୁ ନୋଟିସ କରିବା ସହ ତଦନ୍ତ ପାଇଁ ଏକ କମିଟି ଗଠନ କରିଥିଲେ। ନୟାଗଡ଼ ଜିଲାପାଳ, ଖୋର୍ଦ୍ଧା ଡିଏଫ୍‌ଓ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଜଣେ ବୈଜ୍ଞାନିକଙ୍କୁ ନେଇ ୩ ଜଣିଆ କମିଟି ଗଠନ କରାଯାଇଥିଲା। ମାମଲାରେ ରାଜ୍ୟ ଓ କେନ୍ଦ୍ର ପରିବେଶ, ଜଙ୍ଗଲ ବିଭାଗ, ରାଜସ୍ୱ ବିଭାଗ ସଚିବ, ମୁଖ୍ୟ ବନ ସଂରକ୍ଷକ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଦିଙ୍କୁ ନୋଟିସ ଜାରି କରାଯାଇଥିଲା। ଜବରଦଖଲ କରିଥିବା ଦମ୍ପତିଙ୍କୁ ମଧ୍ୟ ନୋଟିସ ହୋଇଥିଲା। ସେମାନଙ୍କ ନାମରେ ଦୁଇଟି ମାମଲା ରୁଜୁ ହୋଇଥିବା ଏନ୍‌ଜିଟିକୁ ଡିଏଫ୍‌ଓ ସତ୍ୟପାଠରେ ଜଣାଇଥିଲେ। ନିୟମ ଅନୁସାରେ ସଂରକ୍ଷିତ ଜଙ୍ଗଲରେ କୌଣସି ନିର୍ମାଣ କିମ୍ବା ଅନ୍ୟ ଅଣ ଜଙ୍ଗଲ କାର୍ଯ୍ୟ ହୋଇପାରିବ ନାହିଁ ବୋଲି ଟ୍ରିବ୍ୟୁନାଲ୍ ନିକଟରେ ଆବେଦନକାରୀ ଜଣାଇ ଫଟୋ ଉପସ୍ଥାପନ କରିଥିଲେ। ଏହି ଦୁଇ ଜଣ ଫାର୍ମ ହାଉସ୍ ଆଳରେ ସଂରକ୍ଷିତ ଜଙ୍ଗଲର ବିଭିନ୍ନ ସ୍ଥାନକୁ ଜବର ଦଖଲ କରି ନିଜ ପାଇଁ ବ୍ୟବହାର କରିଥିବା କମିଟି ରିପୋର୍ଟରେ ଜଣାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଓଡ଼ିଶା ହାଇକୋର୍ଟ ଆଇନଜୀବୀ ଅଖଣ୍ଡ ମାମଲା ପରିଚାଳନା କରୁଥିଲେ।

# ବାଲୁଗାଁରେ ଗୋଷ୍ଠୀ ସଂଘର୍ଷ, ୫ରୁ ଉର୍ଦ୍ଧ୍ୱ ଆହତ




ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବାଲୁଗାଁ ବଜାରରେ ପୋଲିସ ମୁତୟନ ହୋଇଛନ୍ତି।

- ଜାଳିଦେଲେ ୨ ବାଇକ୍, ୬ ଅଟକ
- କେନ୍ଦ୍ରାଞ୍ଚଳ ଆଇଜି ଏବଂ ଏସ୍‌ପିଙ୍କ ଘଟଣାସ୍ଥଳ ପରିଦର୍ଶନ
- ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ

**ବାଲୁଗାଁ,୮।୩(ସଂଗ୍ରାମ ପାଇକରାୟ)**

ଖୋର୍ଦ୍ଧା ଜିଲା ବାଲୁଗାଁ ବଜାରସ୍ଥିତ ଗୁଣ୍ଡୁରୁପୁର ଛକ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ୫ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱର ଏମ୍ସ ମେଡିକାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ବାଲୁଗାଁ ଥାନା ପୋଲିସ ୬ଜଣଙ୍କୁ ଅଟକ ରଖିଥିବା ବେଳେ ଘଟଣାସ୍ଥଳରୁ ଦୁଇଟି ଜଳିଯାଇଥିବା ବାଇକ୍ ଜବତ କରିଛି। ସ୍ଥିତି ନିୟନ୍ତ୍ରଣ ପାଇଁ ୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଖବରପାଇ ଶନିବାର କେନ୍ଦ୍ରାଞ୍ଚଳ ଆଇଜି ପ୍ରବୀଣ କୁମାର, ଖୋର୍ଦ୍ଧା ଏସ୍‌ପି ସାଗରିକା ନାଥ ପ୍ରମୁଖ ବାଲୁଗାଁରେ ପହଞ୍ଚି ସ୍ଥାନୀୟ ଏସ୍‌ଡିପିଓ ଏବଂ ଆଇଆଇସିଙ୍କ ସହ ଆଲୋଚନା କରି ଘଟଣାସ୍ଥଳ ଅନୁଧ୍ୟାନ କରିଛନ୍ତି।

ସୂଚନା ମୁତାବକ, ଶୁକ୍ରବାର ରାତ୍ରି ପ୍ରାୟ ୧୨ଟାରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଜଣେ ବ୍ୟକ୍ତିଙ୍କ ଗୃହ ନିର୍ମାଣ ପାଇଁ ମାଟି ବୋଝେଇ ଟ୍ରାକ୍ଟର ଗୁଣ୍ଡୁରୁପୁର ସାହି ଦେଇ ଯାଉଥିଲା। ବାରମ୍ବାର ଗାଡ଼ି ଯାତାୟାତ କରିବାରୁ ଶବ୍ଦ ଯୋଗୁ ଲୋକଙ୍କ ନିଦ୍ରାରେ ବ୍ୟାଘାତ ହୋଇଥିଲା। ଫଳରେ ଉକ୍ତ ସାହିର କେତେଜଣ ବ୍ୟକ୍ତି ରାତିରେ ମାଟି ନ ପକାଇବା ପାଇଁ ବାରଣ କରିଥିଲେ। ଖବରପାଇ ସଂଖ୍ୟାଲଘୁ ସାହିର କେତେଜଣ ବ୍ୟକ୍ତି ସେଠାରେ ପହଞ୍ଚିବାରୁ ପ୍ରଥମେ ବଚସା ଏବଂ ପରେ ଉଗ୍ରରୂପ ନେଇଥିଲା। ଉଭୟ ଗୋଷ୍ଠୀର ଲୋକେ ପରସ୍ପରକୁ ଟେକାପଥର ମାରିଥିଲେ। ଏପରିକି ଦୁଇଟି ବାଇକ୍ ଜାଳିଦେଇଥିଲେ। ଏହି ଗଣ୍ଡଗୋଳରେ ୫ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଥିଲେ। ଖବରପାଇ ବାଲୁଗାଁ ଥାନା ଆଇଆଇସି ଜୟ ପ୍ରକାଶ ପରିଡ଼ା ଏବଂ ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ ସଦଳବଳ ପହଞ୍ଚିବା ପରେ ପରିସ୍ଥିତି ନିୟନ୍ତ୍ରଣାଧୀନ ହୋଇଥିଲା। ଶନିବାର ସକାଳେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ବାଲୁଗାଁ, ବାଣପୁର ଏବଂ ଟାଙ୍ଗୀ ଥାନା ଅଧିକାରୀ ପହଞ୍ଚି ଘଟଣା ଉପରେ ନଜର ରଖିଛନ୍ତି। ଉଭୟ ଗୋଷ୍ଠୀଙ୍କ ଅଭିଯୋଗକ୍ରମେ ବାଲୁଗାଁ ଥାନାରେ ପୃଥକ୍ ଭାବେ ଦୁଇଟି ମାମଲା (ନଂ.୬୮,୬୯/୨୫) ରୁଜୁ ହୋଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ଏକ ଶାନ୍ତି କମିଟି ଗଠନ ନିମନ୍ତେ ପ୍ରୟାସ ଜାରି ରହିଛି। ଶାନ୍ତିଶୃଙ୍ଖଳା ବଜାୟ ରଖିବା ନିମନ୍ତେ ଅଞ୍ଚଳବାସୀଙ୍କୁ ନିବେଦନ କରାଯାଇଛି। ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ନ ହେବା ପର୍ଯ୍ୟନ୍ତ ପୋଲିସ ଫୋର୍ସ ମୁତୟନ ରହିବେ ବୋଲି ଏସ୍‌ପି ସାଗରିକା ନାଥ କହିଛନ୍ତି।



ପୋଡିଯାଇଥିବା ବାଇକ୍।

# ଯୁବତୀଙ୍କ ଘର ଆଗରେ ଯୁବକଙ୍କ ଉନ୍ମତ୍ତକାଣ୍ଡ

**ରାଜନଗର,୮।୩( ଭାସ୍କର ରାଉତରାୟ )**

### ଖୁଣ୍ଟରେ ବାନ୍ଧି ପିଟିଲେ, ଉଦ୍ଧାରକଲା ପୋଲିସ

ଏକତରଫା ପ୍ରେମକୁ କେନ୍ଦ୍ରକରି ରାଜନଗର ଥାନା ଅଞ୍ଚଳରେ ଶନିବାର ଏକ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ପ୍ରେମରେ ବିଫଳ ହେବାପରେ ଯୁବକ ଜଣକ ଜଣେ ଯୁବତୀଙ୍କ ଘର ସମ୍ମୁଖରେ ଉନ୍ମତ୍ତକାଣ୍ଡ ଘଟାଇବା ପରେ ନିସ୍ତୁକ ମାଡ଼ ଖାଇଛନ୍ତି। ସ୍ଥାନୀୟ ଲୋକମାନେ ସମ୍ପୃକ୍ତ ଯୁବକଙ୍କ ଗୋଡ଼,ହାତକୁ କଂକ୍ରିଟ ଖୁଣ୍ଟରେ ବାନ୍ଧି ଦେଇଥିଲେ। ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରିବା ପରେ ଶନିବାର କୋର୍ଟ ଚାଲାଣ କରିଛି।

ସୂଚନା ଅନୁଯାୟୀ, ସାତଭାୟା ଥଇଥାନସ୍ଥଳୀର ନୀହାର ସ୍ୱାଇଁ ଗତ ୫ ତାରିଖ ସନ୍ଧ୍ୟାରେ ଏକତରଫା ଭଲ ପାଉଥିବା ଜଣେ ଯୁବତୀଙ୍କୁ ତାଙ୍କ ଘର ନିକଟରେ ଏକୁଟିଆ ଦେଖି ଜୋରଜବରଦସ୍ତ ମୋ ସହ ଚାଲ, ମୁଁ ତୁମକୁ ଭଲ ପାଉଛି। ବାହା ହେବି ବୋଲି କହିଥିଲେ। ଯୁବତୀ ଜଣଙ୍କ ରାଜି ନ ହେବାରୁ ତାଙ୍କୁ ଟଣାଓଟରା କରିଥିଲେ। ଯୁବତୀଙ୍କ ପାଟି ଶୁଣି ପରିବାର ଲୋକେ ଚାଲିଆସିବାରୁ ସେମାନଙ୍କୁ ନୀହାର ଆକ୍ରମଣ କରିବାକୁ ପଛାଇ ନ ଥିଲେ। ଶେଷରେ ତାଙ୍କ ଗାଡ଼ିକୁ ଯୁବତୀଙ୍କ ପରିବାର ଲୋକେ ରଖି ଦେଇଥିଲେ। ଏସମ୍ପର୍କରେ ରାଜନଗର ଥାନାରେ ଅଭିଯୋଗ କରିଥିଲେ। ହେଲେ ଶନିବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ନୀହାର ପୁଣିଥରେ ଯୁବତୀଙ୍କ ଘର ନିକଟରେ ପହଞ୍ଚି ମୁଁ ତୁମକୁ ଭଲ ପାଉଛି। ବାହା ହେବି, ମୋ ସହ ଚାଲ କହି ଗାଳିଗୁଲଜ କରିଥିଲେ। ଯୁବତୀଙ୍କ ପରିବାର ଲୋକେ ଏହାକୁ ବାରଣ କରିବାକୁ ନୀହାର ପାଟିତୁଣ୍ଡ କରିବା ସହିତ ମୁଁ ସେ ଝିଅକୁ ବାହା ନ ହେଲେ ଆଉ କେଉଁଠି ବାହା କରାଇଦେବେନି ବୋଲି କହିବା ସହିତ ମାରି ଦେବାକୁ ଧମକ ଦେଇଥିଲେ। ଏହି ଘଟଣା ପରେ ଯୁବତୀଙ୍କ ପରିବାର ଲୋକେ ଓ ସ୍ଥାନୀୟ ଯୁବକମାନେ ତାଙ୍କୁ କାବୁ କରି ପ୍ଲାଷ୍ଟିକ ଦଉଡ଼ିରେ ହାତ, ଗୋଡ଼ ଓ ଅଣ୍ଟାକୁ କଂକ୍ରିଟ ଖୁଣ୍ଟରେ ବାନ୍ଧି ମାଡ଼ ମାରିଥିଲେ। ଖବରପାଇ ଆଇଆଇସି ନରେଶ କୁମାର ସାହୁ ପହଞ୍ଚି ନୀହାରଙ୍କୁ ଉଦ୍ଧାର କରିବା ସହ ପ୍ରାଥମିକ ଚିକିତ୍ସା ପରେ କୋର୍ଟ ଚାଲାଣ କରିଛନ୍ତି।

# ବ୍ୟାଟେରି ଚୋରିକରି ଡ୍ରାଇଭର ଗିରଫ

**ଯୋଡ଼ା,୮।୩(ମାନସ ମହାନ୍ତି)**

କେନ୍ଦୁଝର ଜିଲା ବାମେବାରି ଥାନା ଅନ୍ତର୍ଗତ କାଳିଆପାଳ ଗ୍ରାମରେ ପୋଲିସ ଡ୍ୟୁଟିରେ ଲାଗିଥିବା ଏକ ବୋଲେରୋର ଅପବ୍ୟବହାର କରାଯାଇଛି। ବୋଲେରୋ ଡ୍ରାଇଭର ତାଙ୍କର ଜଣେ ସହଯୋଗୀଙ୍କ ସହ ମିଶି ଏକ ହାଇୱା ଗାଡ଼ିରୁ ବ୍ୟାଟେରି ଚୋରି କରି ଗିରଫ ହୋଇଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ଡ୍ରାଇଭର ହେଲେ ଆନନ୍ଦପୁର ଅଞ୍ଚଳର ନିତ୍ୟାନନ୍ଦ ସିଂ। ଏ ନେଇ ବଡ଼ବିଲ ଏସ୍‌ଡିପିଓ ଦେବେନ୍ଦ୍ର ନାଥ ପିଙ୍ଗୁଆ ଶନିବାର ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ଖବରଦାତାଙ୍କୁ ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଶୁଆକାଟିସ୍ଥିତ ଓଡ଼ିଶା ଖଣି ନିଗମ ତରଫରୁ ଏକ ଘରୋଇ ବୋଲେରୋ କେନ୍ଦୁଝର ପୋଲିସକୁ ଯୋଗାଇ ଦିଆଯାଇଥିଲା। ଗାଡ଼ିରେ ଡ୍ରାଇଭରଭାବେ ନିତ୍ୟାନନ୍ଦ ନିଯୁକ୍ତ ହୋଇଥିଲେ। ଶୁକ୍ରବାର ଡ୍ୟୁଟି ସାରିବା ପରେ ସେ କାହାକୁ କିଛି ନ ଜଣାଇ ଗାଡ଼ି ନେଇ ତାଙ୍କ ସହଯୋଗୀ ନନ୍ଦନ ବେହେରାଙ୍କ ସହ କାଳିଆପାଳ ନିକଟରୁ ଶ୍ରୀ ମେଟାଲିକ୍ସ କମ୍ପାନୀର ହାଇୱାରୁ ୨ଟି ବ୍ୟାଟେରି ଚୋରି କରି ନେଇ ବୋଲେରୋରେ ପଳାଇବାକୁ ଉଦ୍ୟମ କରୁଥିଲେ। ଡ୍ରାଇଭରଙ୍କୁ ଗ୍ରାମବାସୀ କାବୁ କରିବା ସହିତ ବୋଲେରୋକୁ ଭଙ୍ଗାରୁଜା କରିଥିଲେ। ବାମେବାରି ପୋଲିସ ପହଞ୍ଚି ଡ୍ରାଇଭରଙ୍କୁ ଉଦ୍ଧାର କରିଥିଲା। ଏକ ମାମଲା(ନଂ.୨୫/୨୦୨୫, ଦଫା ୩୦୩(୨), ୩(୫) ବିଏନ୍‌ଏସ୍ ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଆଇଆଇସି ଝଶକେତନ ଭୋଇ ସୂଚନା ଦେଇଛନ୍ତି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଛୋଟା ଗାଇ ଛୋଟା ଦୁହିଁବ**
**ଦୁହିଁ ନ ପାରିଲେ ବାଛୁରୀ ପିଇବ।**

ଗାଈର ଦୁଗ୍ଧ ଉଭୟ ମଣିଷ ଓ ବାଛୁରୀ ପାଇଁ ସମାନ ଭାବେ ଆବଶ୍ୟକ ହେଉଥିବାବେଳେ ମଣିଷଟି ଗାଈଠାରୁ ଦୁଗ୍ଧ ଦୁହିଁନେବା ଫଳରେ ବାଛୁରୀଟି ଦୁଗ୍ଧପାନରୁ ବଞ୍ଚିତ ହୋଇଥାଏ। ତେବେ ଶାରୀରିକ ରୂପେ ଅକ୍ଷମ ଥିବା ବ୍ୟକ୍ତି ଦୁଗ୍ଧ ଦୁହିଁବାରେ କୌଣସି ଅକ୍ଷମତା ବା ହେଳା ଦେଖାଇଲେ ବାଛୁରୀଟି ଅଚିରେ ଦୁଗ୍ଧପାନ କରିନିଏ ବୋଲି ଦେଖିବାକୁ ମିଳିଥାଏ। ତେଣୁ କୌଣସି ଅଯୋଗ୍ୟ ବା ଅପାରଗ ବ୍ୟକ୍ତିଟିର କାର୍ଯ୍ୟ ଯଦି ତା'ଦ୍ୱାରା ସମ୍ପନ୍ନ ହୋଇ ନ ପାରେ ତେବେ ତାକୁ ଅନ୍ୟ କେହି କରି ତାହାର ଫାଇଦା ଉଠାଇନିଏ ବୋଲି ଏଠାରେ ବ୍ୟଙ୍ଗୋକ୍ତି ଶୈଳୀରେ ପ୍ରକାଶ କରାଯାଇଛି।

**ଛେଉଣ୍ଡକୁ ପାଳେ ବାପର ମା'**
**ନଇଲେ ମାଆର ମା'।**

ସାଧାରଣତଃ ପିତୃମାତୃହୀନ ଶିଶୁ ଅନାଥ ହୋଇଥାନ୍ତି। ଏଭଳି ଶିଶୁଙ୍କ ଲାଳନପାଳନ ତଥା ଭରଣପୋଷଣ ପିତାମହୀ ନତୁବା ମାତାମହୀ କରିଥାନ୍ତି ବୋଲି ଏଠାରେ ଦର୍ଶାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

## ମା'ଙ୍କୁ କାଠଫାଳିଆରେ ପିଟି ହତ୍ୟାକଲେ ପୁଅ

### ୨ ବର୍ଷ ତଳେ ବାପାଙ୍କୁ ହତ୍ୟାକରି ଜେଲ ଯାଇଥିଲେ

**ମୋରଡ଼ା,୮।୩(ସ୍ମାରକ ମାଜୀ)**- ମୟୂରଭଞ୍ଜ ଜିଲା ଶୁଳିଆପଦା ଥାନା ଉଫାଲଗଡ଼ିଆ ପଞ୍ଚାୟତ ଅଧୀନ ଚିଆଁପଡ଼ା ଗ୍ରାମରେ ଶୁକ୍ରବାର ସନ୍ଧ୍ୟା ୬ଟାରେ ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ କଳହରୁ ମା'ଙ୍କୁ କାଠଫାଳିଆରେ ପିଟି ପୁଅ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା(ନଂ.୩୯/୨୫) ରୁଜୁ କରି ଅଭିଯୁକ୍ତ ପୁଅ କାହ୍ନୁ କିସ୍କୁଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ମୃତ ମହିଳା ଜଣଙ୍କ ହେଲେ ଜବା କିସ୍କୁ। ଥାନା ଅଧିକାରୀ ଆଦିତ୍ୟ ପ୍ରସାଦ ଜେନା ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲ ପଠାଇଛନ୍ତି। ସୂଚନାଯୋଗ୍ୟ,୨ ବର୍ଷ ତଳେ କାହ୍ନୁ ନିଜ ବାପାଙ୍କୁ ମଧ୍ୟ ହତ୍ୟା କରି ଜେଲ ଯାଇଥିଲେ। ମାତ୍ର ସାକ୍ଷୀ, ପ୍ରମାଣ ଅଭାବରୁ ଜେଲରୁ ମୁକୁଳି ଆସି ଘରେ ଥିଲେ।

# ଘରେ ପଡ଼ିଛି ସ୍ୱାମୀଙ୍କ ମୃତଦେହ, ସ୍ତ୍ରୀ ଫେରାର

**ପାରଳାଖେମୁଣ୍ଡି,୮।୩ (ଗିରିଧାରୀ ପରିଚ୍ଛା)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ନଗରମପଲ୍ଲୀ ସାହିର ଏକ ଭଡ଼ାଘରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ମିଳିଛି। ମୃତକ ହେଉଛନ୍ତି ଗୁଣ୍ଡୁପୁର ନିକଟ ଜଗନ୍ନାଥପୁର ପଞ୍ଚାୟତ ଅନ୍ତର୍ଗତ ମାଛଖୁଣ୍ଟି ଗ୍ରାମର ଜଗଦୀଶ ମେଲେକା। ପ୍ରାୟ ୪ମାସ ହେଲା ଉକ୍ତ ଭଡ଼ାଘରେ ସ୍ୱାମୀସ୍ତ୍ରୀ ରହୁଥିଲେ। ଜଗଦୀଶଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଏନେଇ ପୋଲିସ ତଦନ୍ତ ଆରମ୍ଭ କରିଛି।

ଖବରରୁ ଜଣାପଡ଼ିଛି, ବର୍ଷେ ହେଲା ଜଗଦୀଶ ଓ ହାରି ରଇତଙ୍କ ମଧ୍ୟରେ ପ୍ରେମ ବିବାହ ହୋଇଥିଲା। କିଛି ଦିନ ଉଭୟେ ପରିବାର ସହ ମାଛଖୁଣ୍ଟି ଗ୍ରାମରେ ରହୁଥିଲେ। ମାତ୍ର ସ୍ତ୍ରୀ ହାରି ସେଠାରେ ଶାଶୁଘର ଲୋକଙ୍କ ସହ ଝଗଡ଼ା କରି ଆସୁଥିଲେ। ଶେଷରେ ସ୍ୱାମୀସ୍ତ୍ରୀ ପାରଳାଖେମୁଣ୍ଡି ଆସି ୪ମାସ ହେଲା ନଗରମପଲ୍ଲୀ ସାହିରେ ଘରଭଡ଼ା ନେଇ ରହୁଥିଲେ। ହେଲେ ପ୍ରାୟ ଅଧିକାଂଶ ସମୟରେ ଉଭୟଙ୍କ ମଧ୍ୟରେ କୌଣସି ନା କୌଣସି କାରଣରୁ ଝଗଡା ହେଉଥିଲା ବୋଲି ଜଗଦୀଶଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି।



ଜଗଦୀଶ ଓ ହାରିଙ୍କ ଫାଇଲ ଫଟୋ।

ଶୁକ୍ରବାର ରାତିରେ ଘରୁ ଦୁର୍ଗନ୍ଧ ବାହାରିବାରୁ ପଡ଼ୋଶୀ ସନ୍ଦେହ କରି ପୋଲିସକୁ ସୂଚନା ଦେଇଥିଲେ। ପରେ ପୋଲିସ ପହଞ୍ଚି ଘରମାଲିକ ଏବଂ ଜଗଦୀଶଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଶନିବାର ସକାଳୁ ପୋଲିସ ପହଞ୍ଚି ସାଇଣ୍ଟିଫିକ ଟିମ୍ ସହାୟତାରେ ସବିଶେଷ ତଥ୍ୟ ସଂଗ୍ରହ କରି ଘଟଣାର ତଦନ୍ତ କରିଥିଲା। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଅନ୍ୟପକ୍ଷରେ ଜଗଦୀଶଙ୍କ ପରିବାର ଲୋକେ ଗତ ଦୁଇଦିନ ଧରି ଜଗଦୀଶଙ୍କ ସହ କଥା ହେବାକୁ ଲଗାତାର ଫୋନ କରୁଛନ୍ତି। ମାତ୍ର ଜଗଦୀଶ କିମ୍ବା ସ୍ତ୍ରୀ ହାରିଙ୍କ ସହ କୌଣସି ଯୋଗାଯୋଗ ହୋଇପାରି ନ ଥିଲା। ଶୁକ୍ରବାର ରାତିରେ ପୋଲିସଠାରୁ ସୂଚନା ପାଇବା ପରେ ପରିବାର ଲୋକେ ପାରଳାଖେମୁଣ୍ଡିରେ ଜଗଦୀଶଙ୍କ ଘରେ ପହଞ୍ଚିଥିଲେ। ପାରିପାର୍ଶ୍ୱିକ ସ୍ଥିତିକୁ ଦେଖି ସ୍ତ୍ରୀ ହାରି ହିଁ ତାଙ୍କ ପୁଅକୁ ହତ୍ୟା କରି ଫେରାର ହୋଇଯାଇଥିବା ଜଗଦୀଶଙ୍କ ମା' ଏମ. ଅନସୂୟା କହିଛନ୍ତି। ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ପରିବାରକୁ ନ୍ୟାୟ ଦେବାକୁ ପରିବାର ଲୋକେ ନିବେଦନ କରିଛନ୍ତି। ଏ ସମ୍ପର୍କରେ ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ ଭୂପତିଙ୍କୁ ପଚାରିବାରୁ ସେ କହିଲେ, ମୃତକ ରହୁଥିବା ଘରୁ ଗଳିତ ମୃତଦେହ ଜବତ ହୋଇଛି। ତାଙ୍କ ମୁଣ୍ଡରେ ଆଘାତ ଲାଗିଛି। ଏବେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛୁ। ପୋଷ୍ଟମର୍ଟମ ରିପୋର୍ଟ ଆସିଲା ପରେ ଘଟଣା ସମ୍ପର୍କରେ ସ୍ପଷ୍ଟ ହେବ ଏବଂ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।



କଂଗ୍ରେସ ଭବନରୁ ବାହାରି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଡ଼କୁ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ନେତୃତ୍ୱରେ ମଶାଲ ଶୋଭାଯାତ୍ରାରେ ସାମିଲ ହୋଇଥିବା ନେତା ଓ କର୍ମୀମାନେ।

# ମିଶନ ଶକ୍ତି ବନ୍ଦହେବା ନେଇ ମିଛ ପ୍ରଚାର କରୁଛି ବିଜେଡି: ପ୍ରଭାତୀ

ଭୁବନେଶ୍ୱର, ୮।୩(ସୁନିତ୍ ମିଶ୍ର)

ଓଡ଼ିଶାର ବିକାଶ କରିବା ପାଇଁ ରାଜ୍ୟର ମହିଳମାନେ ଏଥର ଭାଜପାକୁ ବାଛିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦେଇଥିଲେ, ଭାଜପା ଓଡ଼ିଶାରେ ସରକାର ଗଢ଼ିଲେ ରାଜ୍ୟରେ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରିବ। ଦଳ ସରକାର ଗଠନ ପରେ ଏହି ପ୍ରତିଶ୍ରୁତି ପୂରଣ କରିଛି। ମାତ୍ର ୮ ମାସରେ ୧୦ ହଜାର କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରାୟ କୋଟିଏରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ଦେଇଛି। ଏବେ ମିଶନ ଶକ୍ତି ବନ୍ଦ ହୋଇଯିବ ବୋଲି ବିଜେଡି ମିଛ ପ୍ରଚାର କରୁଛି। ମାତ୍ର ଏହି ମିଶନ ଶକ୍ତି ମହିଳାମାନଙ୍କୁ ନବୀନ ପଟ୍ଟନାୟକ ସରକାରରେ ଥିଲାବେଳେ ୩ ମାସର ଦରମା ନ ଦେଇ ରାଜରାସ୍ତାରେ ବସାଇଥିଲେ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ଭାଜପା ନେତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶନିବାର ଅନୁଷ୍ଠିତ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ପ୍ରଭାତୀ କହିଛନ୍ତି, ନବୀନ କରିଥିବା ପାପକୁ ଧୋଇବା ପାଇଁ ଲକ୍ଷପତି ଦିଦି ଯୋଜନାରେ ମିଶନ ଶକ୍ତି ସଦସ୍ୟାଙ୍କୁ ୧୦ ମାସର ଦରମା ଦେବାକୁ ଘୋଷଣା କରିଛୁ। ବିଜେଡି ସବୁବେଳେ ଭୋଟବ୍ୟାଙ୍କ ପଲିଟିକ୍ସ କରୁଥିଲା। ୨୪ ବର୍ଷ ଧରି ଚକ୍ରାନ୍ତକରି ମହିଳଙ୍କୁ କେବଳ ଋଣ ଦେଇ ସୁଧ ଛାଡ଼ କରୁଥିଲା। ମାତ୍ର ଭାଜପା ସରକାରରେ ମହିଳାଙ୍କ ପାଇଁ ଋଣ ନୁହେଁ ପ୍ରୋତ୍ସାହନ ରାଶି ସ୍ୱରୂପ ସୁଭଦ୍ରା ଯୋଜନାରେ ଅଦ୍ୟାବଧି ୧୦ ହଜାର କୋଟି ଟଙ୍କା ଦିଆଯାଇଛି। ସୁଭଦ୍ରା ଯୋଜନାର ସଫଳ ରୂପାୟନ, ଓଡ଼ିଶାର ମା' ଭଉଣୀଙ୍କ ଉଦ୍ୟୋଗୀ ହେବାର ସ୍ୱପ୍ନକୁ ମଧ୍ୟ ପୂରଣ କରିବ। ବିକଶିତ ଓଡ଼ିଶାର ଗଠନରେ ଏହି ଯୋଜନା ମୂଳପିଣ୍ଡ ହେବ। ଏହି ଯୋଜନା ପାଇଁ ୫ ବର୍ଷରେ ମୋଟ୍ ୫୫ ହଜାର କୋଟି ଟଙ୍କା ବ୍ୟୟବରାଦ କରାଯିବ। ସୁଭଦ୍ରା ଯୋଜନା ଓଡ଼ିଶା ଇତିହାସରେ କାର୍ଯ୍ୟକାରୀ ହୋଇଥିବା ସବୁଠାରୁ ବୃହତ୍ ମହିଳା ସଶକ୍ତୀକରଣ ଯୋଜନା ଭାବେ ପରିଗଣିତ ହୋଇପାରିଛି ବୋଲି ପ୍ରଭାତୀ କହିଛନ୍ତି।

# ଡବଲ ଇଞ୍ଜିନ ସରକାରରେ ମହିଳା ଉପେକ୍ଷିତ: ଭକ୍ତ

ଭୁବନେଶ୍ୱର, ୮।୩(ସୁନିତ୍ ମିଶ୍ର)

- ମୁଖ୍ୟମନ୍ତ୍ରୀ ବାସଭବନ ଘେରାଉ ପାଇଁ ଯାଇ ରାସ୍ତାରେ ବସି ଗୀତ ଗାଇଲେ ପିସିସି ସଭାପତି
- ୧୦ରେ ହେବାକୁ ଥିବା ରାଜ୍ୟବ୍ୟାପୀ ଆନ୍ଦୋଳନକୁ ସଫଳ କରିବାକୁ ଅନୁରୋଧ

ରାଜ୍ୟରେ ମହିଳାଙ୍କ ବିରୋଧରେ ଅତ୍ୟାଚାର ବଢୁଥିବା ଅଭିଯୋଗ ନେଇ ଭାଜପା ସରକାର ବିରୋଧରେ ବିଧାନସଭା ଭିତରେ ଏବଂ ବାହାରେ କଂଗ୍ରେସ ବିକ୍ଷୋଭ ଓ ପ୍ରତିବାଦ ଜାରି ରଖିଛି। ସେହି କ୍ରମରେ ପ୍ରଦେଶ ମହିଳା କଂଗ୍ରେସ ପକ୍ଷରୁ ଶନିବାର ମାଷ୍ଟରକ୍ୟାଣ୍ଟିନ ଛକଠାରେ ଆୟୋଜିତ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ରାଜ୍ୟ ସରକାରଙ୍କ ଉପରେ କଂଗ୍ରେସ ନେତାମାନେ ପ୍ରବଳ ବର୍ଷିଛନ୍ତି। ପୁଣି ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଛାତ୍ର କଂଗ୍ରେସ କର୍ମୀମାନେ ମହିଳାଙ୍କ ସୁରକ୍ଷା ଦାବିରେ ଏକ ମଶାଲ ରାଲି କରିଥିଲେ। କଂଗ୍ରେସ କର୍ମୀମାନେ ସନ୍ଧ୍ୟାରେ କଂଗ୍ରେସ ଭବନରୁ ବାହାରି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ପର୍ଯ୍ୟନ୍ତ ଯାଉଥିବା ବେଳେ ଯେଉଁଠି ପୋଲିସ ଅଟକାଇଥିଲା ସେଠାରେ ରାସ୍ତାରେ ବସିଥିଲେ। ଏହି ଅବସରରେ ପିସିସି ସଭାପତି ବିପ୍ଳବୀ ଗୀତ ଗାନକରି କଂଗ୍ରେସ କର୍ମୀଙ୍କୁ ଉଦ୍‌ବୁଦ୍ଧ କରିବାକୁ ଚେଷ୍ଟା କରିଛନ୍ତି। ଅନ୍ତର୍ଜାତୀୟ ମହିଳା ଦିବସ କାର୍ଯ୍ୟକ୍ରମ ଅବସରରେ ଭକ୍ତ କହିଛନ୍ତି, ଡବଲ ଇଞ୍ଜିନ ସରକାରରେ ଓଡ଼ିଶାର ମହିଳା ଉପେକ୍ଷିତ ଓ ନିର୍ଯାତିତ। ମହିଳାମାନଙ୍କୁ ସୁରକ୍ଷା ଦେବା ଓ ସ୍ୱାବଲମ୍ବୀ କରିବାର ପ୍ରତିଶ୍ରୁତି ଦେଇ ଭାଜପା କ୍ଷମତାସୀନ ହେଲା। ମାତ୍ର କ୍ଷମତାପ୍ରାପ୍ତ ହେଲାପରେ ମହିଳାଙ୍କୁ ଏବେ ପ୍ରତାରିତ କରୁଛି। ଏଠି ନରେନ୍ଦ୍ର-ମୋହନ ସରକାରରେ ମହିଳା ଅତ୍ୟାଚାର ସୀମାଲଂଘନ କଲାଣି। ମାତ୍ର ସରକାର ନିଷ୍କ୍ରିୟ ଓ ନିଦାବିଷ୍ଟ ସାଜି ବସିଛନ୍ତି। ପୂର୍ବ ସରକାର ସମୟରେ ଭାଜପା ପକ୍ଷରୁ ମହିଳା ଅତ୍ୟାଚାର ପ୍ରସଙ୍ଗରେ ରାସ୍ତାରେ ଚିତ୍କାର କରାଯାଉଥିଲା। କିନ୍ତୁ କ୍ଷମତାସୀନ ହେଲା ପରେ ମହିଳାଙ୍କ ନିର୍ଯାତନା ପ୍ରସଙ୍ଗକୁ ଭାଜପା ଅଣଦେଖା କରୁଛି। ମୁଖ୍ୟମନ୍ତ୍ରୀଙ୍କ ଜିଲା କେନ୍ଦୁଝରର ଆଶ୍ରମ ସ୍କୁଲର ନବମ ଶ୍ରେଣୀ ଛାତ୍ରୀ ଗର୍ଭବତୀ, ୬ଷ୍ଠ ଶ୍ରେଣୀ ଛାତ୍ରୀ ଗର୍ଭବତୀ, ମାଲକାନଗିରିର ଚିତ୍ରକୋଣ୍ଡାରେ ଦଶମ ଶ୍ରେଣୀର ଛାତ୍ରୀ ମା' ହୋଇଛନ୍ତି। ଢେଙ୍କାନାଳରେ ଜଣେ ମହିଳାଙ୍କୁ ୭ ଜଣ ପୁରୁଷଙ୍କ ଦୀର୍ଘଦିନ ଧରି ଗଣବଳାତ୍କାର, ଯାଜପୁରରେ ମାଟ୍ରିକ୍ ପରୀକ୍ଷାର୍ଥୀ କନ୍ୟାଶ୍ରମରେ ଗର୍ଭବତୀ ହେବା ଭଳି ଘଟଣା ଅନେକ ସମୟରେ ନଜରକୁ ଆସୁଛି। ପ୍ରତିଦିନ ମହିଳାଙ୍କ ଉପରେ ଅକଥନୀୟ ଅତ୍ୟାଚାର ବଢ଼ିଚାଲିଛି। ମୋହନ ସରକାରର ୮ ମାସ ଭିତରେ ୧୬ ଶହ ମହିଳା ଅତ୍ୟାଚାରିତ ହୋଇଥିବାର ମାମଲା ଦାଏର ହୋଇଥିବା ବେଳେ ଅନେକ ହଜାର ମହିଳା ଅତ୍ୟାଚାର ଘଟଣା ଅନ୍ଧକାରରେ ଲୁଚିଯାଉଛି ବୋଲି ଭକ୍ତ କହିଛନ୍ତି। ସେହିଭଳି କଂଗ୍ରେସର ଅନ୍ୟ ନେତାମାନେ ମଧ୍ୟ ନିଜ ଅଭିଭାଷଣରେ ମହିଳା ନିର୍ଯାତନା ପ୍ରସଙ୍ଗ ଉଠାଇ ସରକାରକୁ ଟାର୍ଗେଟ କରିଛନ୍ତି। ମହିଳାଙ୍କୁ ନ୍ୟାୟ ଦେବା ପାଇଁ କଂଗ୍ରେସ ଦୁର୍ବାର ଆନ୍ଦୋଳନ କରିବ। ପ୍ରତି ଜିଲାରେ କଂଗ୍ରେସ ପକ୍ଷରୁ ଆସନ୍ତା ୧୦ ତାରିଖରେ ମହିଳା ଅତ୍ୟାଚାର ପ୍ରସଙ୍ଗରେ ହେଉଥିବା ଆନ୍ଦୋଳନରେ ବିପୁଳ ସଂଖ୍ୟାରେ ଯୋଗଦେବାକୁ ପିସିସି ସଭାପତି ନିବେଦନ କରିଛନ୍ତି। କଂଗ୍ରେସ ପକ୍ଷରୁ ଆୟୋଜିତ ମହିଳା ଦିବସରେ ପୂର୍ବତନ ମହିଳା କଂଗ୍ରେସ ଅଧ୍ୟକ୍ଷା ମୀନାକ୍ଷୀ ବାହିନୀପତି ଅଧ୍ୟକ୍ଷତା କରିଥିଲେ।

# ଓଡ଼ିଶାରେ ମିଶିବା ଆମର ଐତିହାସିକ ଭୁଲ୍: ଜୟନାରାୟଣ

ସମ୍ବଲପୁର,୮।୩(ଭବାନୀ ଶଙ୍କର ଭୋଇ)

## ସୁଭଦ୍ରା ଦ୍ୱିତୀୟ କିସ୍ତି ସହାୟତା ରାଶି ବଣ୍ଟନ ସଭାରେ ବିବାଦୀୟ ବୟାନ

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଶନିବାର ସୁଭଦ୍ରା ଯୋଜନାରେ ମହିଳାଙ୍କୁ ଦ୍ୱିତୀୟ କିସ୍ତି ସହାୟତା ରାଶି ବଣ୍ଟନ କାର୍ଯ୍ୟକ୍ରମ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଅଡିଟୋରିୟମରେ ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ରାଜ୍ୟ ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକ, ସମ୍ମାନିତ ଅତିଥିଭାବେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣ ଯୋଗଦେଇଥିଲେ। ହେଲେ ବୈଠକରେ ଜୟନାରାୟଣ ନିଜ ଭାଷଣରେ ପଶ୍ଚିମ ଓଡ଼ିଶା ପ୍ରତି ରାଜ୍ୟ ସରକାର ପାତରଅନ୍ତର କରୁଥିବା ଓ ଏଠାକାର ଭାଷା ସଂସ୍କୃତିକୁ ଦବାଇଦେବାର ଷଡ଼ଯନ୍ତ୍ର କରୁଥିବା ନେଇ ଗମ୍ଭୀର ଅଭିଯୋଗ କରିବା ସମସ୍ତଙ୍କୁ ଚକିତ କରିଛି।

ଜୟନାରାୟଣ ନିଜ ଭାଷଣରେ କହିଥିଲେ, ସମ୍ବଲପୁର ଲୋକେ ଜାଣିରଖିବା କଥା ଉତ୍କଳ କହିଲେ କଟକ, ପୁରୀ, ବାଲେଶ୍ୱର। ଉତ୍କଳ, କଳିଙ୍ଗ, କୋଶଳ ମିଶି ଓଡ଼ିଶା ଗଠନ ହୋଇଛି। କେବଳ ଉତ୍କଳର ଜୟଗାନ କରିବ, ବାକି କୋଶଳ ଓ କଳିଙ୍ଗର ସମ୍ମାନ କିଛି ନାହିଁ। ଆମର ଅର୍ଥ, ଜଙ୍ଗଲ, ପାଣି, ଚାଷ, ଚାକିରି ସବୁଥିରେ ଶୋଷଣ କଲ। ତା' ସହ ଆଜି ତୁମେ ସାଂସ୍କୃତିକ ଭାବେ ମଧ୍ୟ ଆମକୁ ଶୋଷଣ କରିବାକୁ ଚାହୁଁଛ ବୋଲି ସେ କହିଥିଲେ।



ସୁଭଦ୍ରା ଦ୍ୱିତୀୟ କିସ୍ତି ବଣ୍ଟନ କାର୍ଯ୍ୟକ୍ରମରେ ବିଧାୟକ ଜୟନାରାୟଣ ମିଶ୍ର।

ଆଲୋଚନା ହେଉଛି, ପୂର୍ବରୁ ସେ ବିରୋଧୀ ଦଳରେ ଥିବା ସମୟରେ ଓଡ଼ିଶା ସରକାରଙ୍କ ପଶ୍ଚିମ ଓଡ଼ିଶା ପ୍ରତି ପାତରଅନ୍ତର କରୁଥିବା କଥା କହି ଆସୁଥିଲେ। ହେଲେ ଏବେ ତାଙ୍କ ଦଳ ଉଭୟ କେନ୍ଦ୍ର ଏବଂ ରାଜ୍ୟରେ ସରକାରରେ ଅଛି। ଏଭଳି ସ୍ଥିତିରେ ତାଙ୍କର ଇଙ୍ଗିତ କାହାକୁ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ରାଜ୍ୟ ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ଯୋଜନାକୁ ନେଇ ଲୋକେ ଚାହିଁ ବସିଥିବା ବେଳେ ସେହି ସରକାରୀ କାର୍ଯ୍ୟକ୍ରମରେ ଜୟନାରାୟଣ କାହିଁକି ରାଜ୍ୟ ସରକାରଙ୍କୁ ଟାର୍ଗେଟ କଲେ ତାହାକୁ ନେଇ ଚର୍ଚ୍ଚା ହେଉଛି। 'ବନ୍ଦେ ଉତ୍କଳ ଜନନୀ'କୁ ରାଜ୍ୟ ସଙ୍ଗୀତ ମାନ୍ୟତା ଦିଆଯିବା ସମୟରେ ସେ ବିରୋଧ କରିଥିଲେ। ଏହା କେବଳ ଉତ୍କଳର ଜୟଗାନର ସଙ୍ଗୀତ। ଏଥିରେ ପଶ୍ଚିମ ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାର କଥା ନାହିଁ ବୋଲି ସେ ସେତେବେଳେ ବିରୋଧକରି ସଙ୍ଗୀତ ପରିବେଷଣ ସମୟରେ ଛିଡ଼ାହେବାକୁ ମନା କରିଥିଲେ। ତେବେ ସେସବୁ କଥା ପୁରୁଣା ଓ ବିରୋଧୀ ଦଳରେ ଥିବା ବେଳର କଥା। ଏବେ କ'ଣ ହେଲା ବୋଲି ପ୍ରଶ୍ନ ଉଠିଛି। ତାଙ୍କ ଦଳର ସରକାର ପଶ୍ଚିମ ଓଡ଼ିଶାକୁ ପାତରଅନ୍ତର କରୁଥିବା କହିବା ପରେ ସରକାର ପାଇଁ ଅଡୁଆ ବଢ଼ିଛି। ଅନେକେ କହୁଛନ୍ତି, ଭାଜପା ସରକାର ଆସିବା ପରେ ତାଙ୍କୁ ମନ୍ତ୍ରୀ ପଦ ଦିଆଗଲା ନାହିଁ। ତେଣୁ ସେ ନିଜ ସରକାରକୁ ମଧ୍ୟ ହରଡ଼ଘଣାରେ ପକାଇବାକୁ ପଛାଉନାହାନ୍ତି। ତଥାପି ଜୟନାରାୟଣ ନିଜ କଥାରେ ଅଟଳ ରହିଥିବା ବେଳେ ଆଗକୁ ଏକଥାକୁ ନେଇ ରାଜନୀତି କିଭଳି ରୂପ ନେଉଛି ତାହା ଉପରେ ସମସ୍ତଙ୍କ ନଜର।

## Business




ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କର୍ମଶାଳାରେ ଯୋଗଦେଇଥିବା ଅତିଥି।

# ଫୁଟ୍‌ୱେର୍ ବର୍ଗକୁ ବିସ୍ତାର

ନୂଆଦିଲ୍ଲୀ,୮।୩

ଦେଶର ପ୍ରମୁଖ ଇ-କମର୍ସ ପ୍ଲାଟ୍‌ଫର୍ମ 'ମିଶୋ'ର ଫୁଟ୍‌ୱେର୍ କାଟାଗୋରିକୁ ବିସ୍ତାର ସମ୍ପର୍କରେ ଘୋଷଣା ସହ ରିଲାକ୍ସୋ ଗ୍ରୁପ୍, ପାରାଗନ୍ ଏବଂ ଲିବର୍ଟି ଭଳି ବ୍ରାଣ୍ଡର ଶୁଭାରମ୍ଭ କରାଯାଇଛି। ଏପରିକି ପ୍ଲାଟ୍‌ଫର୍ମର ଏହି ବର୍ଗକୁ ମଜଭୁତ କରିବା ସହ ବହୁ ଲକ୍ଷ କ୍ରେତାଙ୍କୁ ବିଶ୍ୱସ୍ତ ବ୍ରାଣ୍ଡର ଉତ୍ପାଦ ଯୋଗାଇବାକୁ ପ୍ଲାଟ୍‌ଫର୍ମ ଲକ୍ଷ୍ୟ ରଖିଛି। ବ୍ରାଣ୍ଡର ଏହି ରଣନୈତିକ ପଦକ୍ଷେପ ଆଗାମୀ ଦିନରେ ବ୍ରାଣ୍ଡେଡ୍, ଉଚ୍ଚ ଗୁଣବତ୍ତା ଫୁଟ୍‌ୱେକୁ ଅଧିକ ସୁଲଭ କରିବା ପାଇଁ ମିଶୋର ପ୍ରତିବଦ୍ଧତା ଦ୍ୱାରା ପରିଚାଳିତ ହେଉଛି। ବିଶେଷକରି ଘରୋଇ ବଜାରରେ ଗ୍ରାହକ ସୁବିଧାରେ ବ୍ରାଣ୍ଡେଡ୍ ସାମଗ୍ରୀ ପାଇପାରିବେ। ଏପରିକି କ୍ରେତାମାନେ ଆରାମ ଏବଂ ସ୍ଥାୟିତ୍ୱ ପାଇଁ ବିଶ୍ୱସ୍ତ ବ୍ରାଣ୍ଡକୁ ପସନ୍ଦ କରିଥାନ୍ତି।

# ୟୁବିଆଇର ମେଗା ଏମ୍ଏସ୍ଏମ୍ଇ ଆଉଟରିଚ୍ କ୍ୟାମ୍ପ




ଏମ୍ଏସ୍ଏମ୍ଇ ଆଉଟରିଚ୍ କ୍ୟାମ୍ପରେ ବ୍ୟାଙ୍କର ବରିଷ୍ଠ ଅଧିକାରୀ ହିତାଧିକାରୀଙ୍କୁ ଋଣ ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର,୮।୩ (ଅଭୟ ଦାଶ)

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ(ୟୁବିଆଇ)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ମେଗା ଏମ୍ଏସ୍ଏମ୍ଇ ଆଉଟରିଚ୍ କ୍ୟାମ୍ପ ନିକଟରେ ରାଜ୍ୟବ୍ୟାପୀ ଆରମ୍ଭ ହୋଇଯାଇଛି। ଏପରିକି ଭାରତ ସରକାରଙ୍କ 'ବିକଶିତ ଭାରତ'କାର୍ଯ୍ୟକ୍ରମକୁ ସମର୍ଥନ କରି ବ୍ୟାଙ୍କ ପକ୍ଷରୁ ଦେଶବ୍ୟାପୀ ୧ ସାପ୍ତାହିକ ମେଗା ଏମ୍ଏସ୍ଏମ୍ଇ କ୍ରେଡିଟ୍ ଆଉଟରିଚ୍ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏହି କ୍ରମରେ ବ୍ୟାଙ୍କର ମୁମ୍ବାଇସ୍ଥିତ ମୁଖ୍ୟ କାର୍ଯ୍ୟାଳୟର ମହାପ୍ରବନ୍ଧକ ସରୋଜ କୁମାର ଦାସଙ୍କ ଦ୍ୱାରା କେନ୍ଦୁଝରଠାରେ ମଧ୍ୟ ଏକ କ୍ରେଡିଟ୍ ଆଉଟରିଚ୍ କାର୍ଯ୍ୟକ୍ରମକୁ ନିକଟରେ ଉଦ୍‌ଘାଟନ କରାଯାଇଛି। ଏଥିରେ ଉପ-ଅଞ୍ଚଳ ମୁଖ୍ୟ ଡି.ଭେଙ୍କଟଶ ୱାରୁଲୁ, ବାଲେଶ୍ୱର କ୍ଷେତ୍ରୀୟ ମୁଖ୍ୟ ଆଶୁତୋଷ ପଟ୍ଟନାୟକ ଏବଂ କେନ୍ଦୁଝରର ରାଇସ୍ ମିଲର୍ସ ଆସୋସିଏସନର ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କ ପକ୍ଷରୁ ଉଦ୍ୟୋଗୀମାନଙ୍କ ନିମନ୍ତେ ଏମ୍ଏସ୍ଏମ୍ଇ ସୁପରଫାଷ୍ଟ, ଯୁବଶକ୍ତି, ୟୁନିୟନ ନାରୀ ଶକ୍ତି ଏବଂ ସରକାରୀ ଯୋଜନା ଓ ଆର୍ଥିକ ଅନ୍ତର୍ଭୁକ୍ତି ସମ୍ବନ୍ଧୀୟ ଅନେକ ଉତ୍ପାଦ ପ୍ରଦର୍ଶିତ କରାଯାଇଥିଲା। ଏହି ଶିବିରରେ ୩୦୦ରୁ ଅଧିକ ଉଦ୍ୟୋଗୀ, ସ୍ୱୟଂ ସହାୟକ ଗୋଷ୍ଠୀ ଅଂଶଗ୍ରହଣ କରିଥିଲେ।

# କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କୁ ସଶକ୍ତ କରିବାକୁ ଗୁରୁତ୍ୱ

ନୂଆଦିଲ୍ଲୀ,୮।୩

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଆମାଜନ ଇଣ୍ଡିଆ ପ୍ଲାଟ୍‌ଫର୍ମରେ ଅନ୍ତର୍ଜାତୀୟ ମହିଳା ଦିବସ (ଆଇଡବ୍ଲୁଡି-୨୦୨୫) ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆମାଜନ ଇଣ୍ଡିଆ ପକ୍ଷରୁ ଏକ ସ୍ୱତନ୍ତ୍ର କର୍ମଶାଳା 'ଆମାଜନ ଏଲିଭେଟହର୍ ୨୦୨୫'ର ଆୟୋଜନ ବେଙ୍ଗାଲୁରୁଠାରେ କରାଯାଇଥିଲା। ଏହା ହେଉଛି ପରାମର୍ଶ ଏବଂ କ୍ୟାରିୟର ବିକାଶ ସୁଯୋଗ ମାଧ୍ୟମରେ ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ଡିଜାଇନ କରାଯାଇଥିବା ଏକ ପଦକ୍ଷେପ। ଚଳିତ ବର୍ଷର ଗ୍ଲୋବାଲ ଆଇଡବ୍ଲୁଡି ଥିମ୍ 'ଆକ୍ସିଲରେଟ ଆକ୍ସନ'କୁ ଆଧାରକରି ବେଙ୍ଗାଲୁରୁଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆମାଜନ ଲିଡର ଏବଂ ଆଶାୟୀ ପେସାଦାରମାନଙ୍କୁ ଏକାଠି କରାଯାଇ କ୍ୟାରିୟର ଅଭିବୃଦ୍ଧି ପାଇଁ ପରାମର୍ଶ, ସହଯୋଗିତା ଏବଂ ପ୍ରାୟୋଜକତା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏଲିଭେଟହର ୨୦୨୫ ଲିଙ୍ଗଗତ ସମାନତା ପ୍ରତି ଆମାଜନର ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି ଏବଂ ମହିଳାମାନଙ୍କୁ ସେମାନଙ୍କର ପୂର୍ଣ୍ଣ କ୍ଷମତା ହାସଲ କରିବା ପାଇଁ ଆବଶ୍ୟକ ଉପକରଣ ଓ ସଂଶୋଧନ ପ୍ରଦାନ କରୁଛି।

ଏହି କାର୍ଯ୍ୟକ୍ରମର ପ୍ରମୁଖ ଆକର୍ଷଣ ଥିଲା ସ୍ପିଡ୍ ମେଣ୍ଟରିଂ ସେସନ, ଯେଉଁଠାରେ ବିଭିନ୍ନ ପୃଷ୍ଠଭୂମିର ୧୦୦ରୁ ଅଧିକ ମହିଳା କ୍ୟାରିୟର ଅଭିବୃଦ୍ଧି, ନେତୃତ୍ୱ ବିକାଶ ଏବଂ ବୃତ୍ତିଗତ ଭାବେ ଆଗକୁ ବଢ଼ିବା ପାଇଁ ଆତ୍ମବିଶ୍ୱାସ ହାସଲ କରିବା ଭଳି ପ୍ରସଙ୍ଗ ଉପରେ ଆମାଜନ ଲିଡରଙ୍କ ସହ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧିକ ସମୃଦ୍ଧ କରିଥିଲା 'ଗାଇଡିଂ ଲାଇଟ: ସ୍ପୋନସରଶିପ, ରେଜିଲିଏନ୍ସ ଆଣ୍ଡ ଏମ୍ପାୱାରିଂ ୱମେନ ଟୁ ରାଇଜ' ନାମକ ଏକ ଫାୟାରସାଇଡ ଚାଟ, ଯେଉଁଥିରେ ଅଭିନେତ୍ରୀ ସୋନାଲି ବେନ୍ଦ୍ରେ ଏବଂ ଆମାଜନ ଇଣ୍ଡିଆ, ଜାପାନ ଓ ଏମର୍ଜିଂ ମାର୍କେଟର ଏଚଆର/ପିପୁଲ ଏକ୍ସପେରିଏନ୍ସ ଆଣ୍ଡ ଟେକ୍ନୋଲୋଜି ବିଭାଗର ଭିପି ଦୀପ୍ତି ବର୍ମା ଯୋଗଦେଇଥିଲେ।

# ନୁଭୋକୋ ଦକ୍ଷତା ବିକାଶ କାର୍ଯ୍ୟକ୍ରମର ଶୁଭାରମ୍ଭ

ଭୁବନେଶ୍ୱର,୮।୩

ନୁଭୋକୋ ଭିସ୍ତାସ କର୍ପୋରେଶନ ଲିମିଟେଡର ଯାଜପୁରସ୍ଥିତ ଓଡିଶା ସିମେଂଟ ପ୍ଲାଣ୍ଟ (ଓସିପି) ପକ୍ଷରୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଏପରିକି କମ୍ପାନୀର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ (ସିଏସଆର) 'ସକ୍ଷମ ଭାରତ' ଅଧିନରେ ଯାଜପୁରର ପଙ୍କପାଳଠାରେ ଏକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ (ଟେଲରିଂ ଟ୍ରେନିଂ ସେଂଟର) ଆରମ୍ଭ ହୋଇଛି। ଏହି ପଦକ୍ଷେପ ଯାଜପୁରସ୍ଥିତ ଓସିପି ଆଖପାଖ ଅଞ୍ଚଳରେ ମହିଳାମାନଙ୍କୁ ସିଲେଇ ଦକ୍ଷତାରେ କୁଶଳୀ କରି ଏବଂ ଆର୍ଥିକ ସ୍ୱାଧୀନତାକୁ ପ୍ରୋତ୍ସାହିତ କରି ସେମାନଙ୍କର ଜୀବିକା ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖିଛି। ସେହିଭଳି ପ୍ରଥମ ବ୍ୟାଚରେ ୨୯ଜଣ ମହିଳାଙ୍କ ନାମ ଲେଖା ଯାଇଥିବାବେଳେ ସକାଳ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ୩ଟି ଟ୍ରେନିଂ ବ୍ୟାଚ ପରିଚାଳନା କରାଯାଉଛି। ଆସନ୍ତା ୯ମାସ ମଧ୍ୟରେ ଏହି ସେଣ୍ଟର ୭୦ଜଣ ମହିଳାଙ୍କୁ ପ୍ରଶିକ୍ଷିତ କରିବା ପାଇଁ ଲକ୍ଷ୍ୟ ରଖିଛି, ଯାହା ସେମାନଙ୍କୁ ମୂଲ୍ୟବାନ ଧନ୍ଦାମୂଳକ ଦକ୍ଷତା ସହ ସଶକ୍ତ କରିବ। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଓସିପିର ପ୍ଲାଣ୍ଟ ହେଡ ରବିନ୍ଦ୍ର ଧାରକର,ଏଚ୍ଆର ମୁଖ୍ୟ ଓ ଅନ୍ୟାନ୍ୟ ଅଧିକାରୀଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ଓ ପ୍ରଶିକ୍ଷାର୍ଥୀମାନେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଓସିପିର ପ୍ଲାଣ୍ଟ ହେଡ ରବିନ୍ଦ୍ର ଧାରକର କହିଛନ୍ତି, ଆମର ବିଶ୍ୱାସ ଯେ, ଦକ୍ଷତା ବିକାଶ ସଶକ୍ତିକରଣ ପାଇଁ ଏକ ଶକ୍ତିଶାଳୀ ଉପକରଣ। ଏହି ତାଲିମ କେନ୍ଦ୍ର ଆମ ସମୁଦାୟର ମହିଳାମାନଙ୍କୁ ସ୍ଥାୟୀ ଜୀବିକା ସୃଷ୍ଟି କରିବା ଏବଂ ଆର୍ଥିକ ସ୍ୱାଧୀନତା ହାସଲ କରିବା ପାଇଁ ସକ୍ଷମ କରିବା ଦିଗରେ ଏକ ପଦକ୍ଷେପ। ସେମାନଙ୍କୁ ସିଲେଇ ଦକ୍ଷତା ସହ ସୁସଜ୍ଜିତ କରି ଆମେ କେବଳ ନିଯୁକ୍ତି ସୁଯୋଗ ସୃଷ୍ଟି କରୁନାହୁଁ ବରଂ ଆତ୍ମବିଶ୍ୱାସ ଓ ଆତ୍ମନିର୍ଭରଶୀଳତା ବିକଶିତ କରୁଛୁ। ଆମ ଆଖପାଖ ଅଂଚଳରେ ଲୋକମାନଙ୍କ ପାଇଁ ସାର୍ଥକ ସୁଯୋଗ ସୃଷ୍ଟି କରିବା ଲାଗି ଆମେ ପ୍ରତିଶ୍ରୁତିବଦ୍ଧ।




ଦକ୍ଷତା ବିକାଶ କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ କମ୍ପାନୀ କର୍ତ୍ତୃପକ୍ଷ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ଏଲ୍‌ଭିପିଇଆଇ ସହ କଗ୍ନିଜାଣ୍ଟ ଫାଉଣ୍ଡେଶନର ବୁଝାମଣା

ନୂଆଦିଲ୍ଲୀ,୮।୩

ଦେଶର ପ୍ରମୁଖ ଆଇଟି କମ୍ପାନୀ କଗ୍ନିଜାଣ୍ଟର ସାମାଜିକ ପ୍ରତିଷ୍ଠାନ କଗ୍ନିଜାଣ୍ଟ ଫାଉଣ୍ଡେଶନ ଏବଂ ଏଲ୍. ଭି. ପ୍ରସାଦ ଆଇ ଇନ୍‌ଷ୍ଟିଚ୍ୟୁଶନ (ଏଲ୍‌ଭିପିଇଆଇ) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଏହି ବୁଝାମଣା ଅନୁଯାୟୀ ଉଭୟ ସଂସ୍ଥା ଓଡ଼ିଶାର ୧୫ ଜିଲାରେ ସାଇଟ ଫର୍ ଅଲ୍: ରେଟିନୋପାଥି ଅଫ୍ ପ୍ରିମେଚ୍ୟୁରିଟି (ଆର୍‌ଓପି) କାର୍ଯ୍ୟକ୍ରମର ଏହି ନୂତନ ପର୍ଯ୍ୟାୟକୁ ଆରମ୍ଭ କରିଛି। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଅନୁଯାୟୀ ୨୪ ମାସ ଅବଧିରେ ୫୦୦୦ ପୂର୍ବ ଜନ୍ମିତ ଶିଶୁଙ୍କ ପାଇଁ ଆର୍‌ଓପି ପରୀକ୍ଷଣ ଏବଂ ଚିକିତ୍ସା ପ୍ରଦାନ କରିବା ସହ ଆର୍‌ଓପି ଚିକିତ୍ସା ଉଚ୍ଚ ଯୋଗ୍ୟତାସମ୍ପନ୍ନ ଡାକ୍ତରମାନଙ୍କ ଦ୍ୱାରା ନିର୍ଦ୍ଦେଶିତ ହେବ ଏବଂ ଶିଶୁମାନଙ୍କୁ ତାଙ୍କ ଆର୍‌ଓପି ନିର୍ଣ୍ଣୟ ପରେ ଇଞ୍ଜେକ୍ସନ୍ ଚିକିତ୍ସା, ଲେଜର୍ଟ ଚିକିତ୍ସା ଦ୍ୱାରା ଚିକିତ୍ସା କରାଯିବ କିମ୍ବା ଆବଶ୍ୟକ ହେଲେ ଅସ୍ତ୍ରୋପଚାର ପ୍ରଦାନ କରାଯିବ ବୋଲି କୁହାଯାଇଛି।

ଏ ସମ୍ପର୍କରେ କଗ୍ନିଜାଣ୍ଟ ଫାଉଣ୍ଡେଶନର ସିଇଓ ଦୀପକ ପ୍ରଭୁମାଟି କହିଛନ୍ତି, ଆମେ ଏଲ୍‌ଭିପିଇଆଇ ସହ ବୁଝାମଣା କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହି ପ୍ରୟାସରେ ଭାଗୀଦାର ହୋଇ ଖୁସି ଅନୁଭବ କରୁଛୁ, ଯାହା ପୂର୍ବଜନ୍ମିତ ଶିଶୁଙ୍କୁ ଉତ୍କୃଷ୍ଟ ଚିକିତ୍ସା ପ୍ରଦାନ କରିବାକୁ ପ୍ରଯୁକ୍ତିକୁ ଲାଭ କରିଥାଏ ଏବଂ ଚକ୍ଷୁ ଚିକିତ୍ସାର ଗୁଣବତ୍ତାକୁ ଲଗାତର ଉନ୍ନତ କରୁଛନ୍ତି। ସେହିଭଳି ଏଲ୍‌ଭିପିଇଆଇର ପ୍ରକଳ୍ପ ଅଧକ୍ଷ ଡା. ତାପସ ରଞ୍ଜନ ପାଢ଼ୀ କହିଛନ୍ତି, ଅନ୍ଧତ୍ୱରୁ ଉଦ୍ଧାର ହୋଇଥିବା ପ୍ରତ୍ୟେକ ଶିଶୁ ସହଯୋଗ ଏବଂ ନବୀନତା ଶକ୍ତିର ପ୍ରମାଣ। ଏହି ନୂତନ ପର୍ଯ୍ୟାୟର ଆରମ୍ଭ ସହ ଆମେ ଓଡ଼ିଶାରେ ଆର୍‌ଓପି ଚିକିତ୍ସାକୁ ଶକ୍ତିଶାଳୀ କରୁଛୁ।

# ମୁମ୍ବାଇ ଇଣ୍ଡିଆନ୍ସରେ ଲିଜାର୍ଡଙ୍କ ସ୍ଥାନରେ ବସ୍କ

ନୂଆଦିଲ୍ଲୀ, ୮।୩ (ପିଟିଆଇ): ଦକ୍ଷିଣ ଆଫ୍ରିକୀୟ ଲିଜାର୍ଡ ୱିଲିୟମ୍ସଙ୍କ ଆଣ୍ଠୁରେ ଆଘାତ ଲାଗିଛି। ଫଳରେ ଆସନ୍ତା ଆଇପିଏଲ୍ ପାଇଁ ତାଙ୍କ ସ୍ଥାନରେ ଦକ୍ଷିଣ ଆଫ୍ରିକାର ବୋଲିଂ ଅଲରାଉଣ୍ଡର କର୍ବିନ ବସ୍କ ମୁମ୍ବାଇ ଇଣ୍ଡିଆନ୍ସ ଦଳରେ ଯୋଗଦେବେ। ୩୦ ବର୍ଷୀୟ ବସ୍କ ୮୬ ଟି୨୦ ଖେଳି ୫୯ ଉଇକେଟ ନେଇଛନ୍ତି। ତାଙ୍କର ସର୍ବୋଚ୍ଚ ସ୍କୋର ୮୧ରନ ରହିଛି। ଆଇପିଏଲ୍‌ରେ ସେ ପ୍ରଥମ ଥର ଖେଳିବାକୁ ଯାଉଛନ୍ତି। କିନ୍ତୁ ସାଉଥ ଆଫ୍ରିକା ଟି୨୦ ସିଜନ ୨୦୨୪ରେ ମୁମ୍ବାଇ ଇଣ୍ଡିଆନ କେପଟାଉନର ଟାଇଟଲ ବିଜୟରେ ସେ ପ୍ରମୁଖ ଭୂମିକା ଗ୍ରହଣ କରି ୧୧ ଉଇକେଟ ଅକ୍ତିଆର କରିଥିଲେ। ବସ୍କ ଆହୁରି ମଧ ଦକ୍ଷିଣ ଆଫ୍ରିକା ତରଫରୁ ଗତବର୍ଷ ପଦାର୍ପଣ କରିବା ପରଠାରୁ ଗୋଟିଏ ଟେଷ୍ଟ ଏବଂ ଦୁଇ ଅନ୍ତର୍ଜାତୀୟ ଦିନିକିଆ ଖେଳିସାରିଛନ୍ତି। ଚାମ୍ପିୟନ୍ସ ଟ୍ରଫି ପାଇଁ ସେ ଆଘାତପ୍ରାପ୍ତ ଏନରିଚ୍ ନର୍ଜେଙ୍କ ସ୍ଥାନରେ ଦେଶର ୧୫ ଜଣିଆ ଦଳରେ ସ୍ଥାନ ପାଇଥିଲେ। ସେ ୨୦୨୨ରେ ଅଷ୍ଟ୍ରେଲିଆର ନାଥାନ ଆସ୍ଲେଙ୍କ ସ୍ଥାନରେ ରାଜସ୍ଥାନ ରୟାଲ୍ସର ନେଟ୍ ବୋଲର ଭାବେ ଚୁକ୍ତି କରିଥିଲେ। ବସ୍କ ଆହୁରି ମଧ ୨୦୧୪ ବିଶ୍ୱକପ୍ ଜିତିଥିବା ଦକ୍ଷିଣ ଆଫ୍ରିକାର ୧୯ ବର୍ଷରୁ କମ୍ ଦଳର ଅନ୍ୟତମ ସଦସ୍ୟ ଥିଲେ। ଫାଇନାଲରେ ସେ ଚମତ୍କାର ବୋଲିଂ କରି ମାତ୍ର ୧୫ ରନ ବିନିମୟରେ ୪ଉଇକେଟ ଅକ୍ତିଆର କରିବା ସହ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।


ବୋଲିଂ ଆକ୍ସନ୍‌ରେ କର୍ବିନ ବସ୍କ।

# ରାଜସ୍ଥାନ ରୟାଲ୍ସର 'ପିଙ୍କ୍ ପ୍ରୋମିଜ୍' ଜର୍ସି

ଜୟପୁର, ୮।୩ (ପିଟିଆଇ): ରାଜସ୍ଥାନ ରୟାଲ୍ସ ଶନିବାର 'ପିଙ୍କ୍ ପ୍ରୋମିଜ' ଜର୍ସି ଉନ୍ମୋଚନ କରି ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରିଛି। ଆସନ୍ତା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ମେ ୧ ତାରିଖରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଖେଳାଯିବାକୁ ଥିବା ମ୍ୟାଚରେ ସମସ୍ତେ ଗୋଲାପୀ ଜର୍ସି ପରିଧାନ କରି ଖେଳିବେ। ମହିଳା ନେତୃତ୍ୱକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ନେଇ ରାଜସ୍ଥାନ ରୟାଲ୍ସର ସିଏସଆର ଶାଖା ରୟାଲ ରାଜସ୍ଥାନ ଶାଖା 'ଔରତ୍ ହେଁ ତୋ ଭାରତ ହେ' ଶୀର୍ଷକ ଏକ ପ୍ରଚାର ଫିଲ୍ମ ଲଞ୍ଚ କରିଛି। ରାଜସ୍ଥାନରେ ମହିଳା ନେତୃତ୍ୱାଧୀନ ଗ୍ରାମୀଣ ପରିବର୍ତ୍ତନ ପାଇଁ ରାଜସ୍ଥାନ ରୟାଲ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ ମ୍ୟାଚର ପ୍ରତ୍ୟେକ ଟିକେଟ ପାଇଁ ରୟାଲ୍ସ ୧୦୦ ଟଙ୍କା ଲେଖାଏ ପ୍ରଦାନ କରିବ। ଏହାଛଡ଼ା ସମସ୍ତ ସ୍ୱତନ୍ତ୍ର ପିଙ୍କ୍ ରୟାଲ୍ସ ଜର୍ସି ବିକ୍ରି ବାବଦରେ ଉପଲବ୍ଧ ଅର୍ଥ ସିଧାସଳଖ ରାଜସ୍ଥାନ ରୟାଲ୍ସ ପାଣ୍ଠିକୁ ଯିବ।


'ପିଙ୍କ୍ ପ୍ରୋମିଜ୍' ଜର୍ସି ଉନ୍ମୋଚନ କରୁଛନ୍ତି ରାଜସ୍ଥାନ ରୟାଲ୍ସର କ୍ରିକେଟ ଡାଇରେକ୍ଟର କୁମାର ସାଙ୍ଗାକାରା

# ଟାଙ୍ଗିଆପଡ଼ାକୁ ହରାଇ ଷଢ଼େଇଗଡ଼ ଚାମ୍ପିୟନ


ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

ଖୋର୍ଦ୍ଧା,୮।୩(ପ୍ରଭାତ ପାଣିଗ୍ରାହୀ): ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡ଼ା ପଞ୍ଚାୟତ ଅନ୍ତର୍ଗତ ଉଲାକିଶନ ନଗର ମା' ଅଁଳାଇ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ୨୭ତମ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଷଢ଼େଇଗଡ଼ ଟିମ୍ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍ ଷଢ଼େଇଗଡ଼ ଏବଂ ଟାଙ୍ଗିଆପଡ଼ା ଟିମ୍ ମଧ୍ୟରେ ହୋଇଥିଲା। ଷଢ଼େଇଗଡ଼ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୩ଓଭରରେ ୫ଉଇକେଟ ବିନିମୟରେ ୮୭ରନ ସଂଗ୍ରହ କରିଥିଲା। ଜବାବରେ ଟାଙ୍ଗିଆପଡ଼ା ଟିମ୍ ୧୩ ଓଭରରେ ୭ଉଇକେଟ ବିନିମୟରେ ୭୦ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଷଢ଼େଇଗଡ଼ ଟିମର ମାଧବ ଚନ୍ଦ୍ର ମ୍ୟାନ ଅଫ୍ ଦି ମ୍ୟାଚ୍ ହୋଇଥିବା ବେଳେ ଟାଙ୍ଗିଆପଡ଼ା ଟିମ୍‌ର ରୋହିତ ସାହୁ ମ୍ୟାନ୍ ଅଫ୍ ଦି ସିରିଜ ହୋଇଥିଲେ। ସାନ୍ତନୁ ବିଶ୍ୱାଳ ଏବଂ ତୁଷାର ସୁନ୍ଦରାୟ ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ ଉମେଶ ଚନ୍ଦ୍ର ପ୍ରଧାନ, ଗୋପାଳକୃଷ୍ଣ ପ୍ରଧାନ, ସତ୍ୟନାରାୟଣ ସୁନ୍ଦରାୟ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ୭ ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସଅପ୍ ଟିମ୍‌କୁ ୫ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରିଥିଲେ। ସଞ୍ଜୀବ ବିଶ୍ୱାଳ, ସୂର୍ଯ୍ୟକାନ୍ତ ସାମନ୍ତରାୟ, କୃଷ୍ଣଚନ୍ଦ୍ର ସାହୁ, ଅଦିତ୍ୟ ବିଶ୍ୱାଳ, କାଳିଆ ପ୍ରଧାନ ଏବଂ ମା' ଅଁଳାଇ କ୍ରିକେଟ କ୍ଲବର ସଦସ୍ୟମାନେ ଉପସ୍ଥିତ ଥିଲେ।

ରୋଜା ବିବାଦ

# ଶାମିଙ୍କ ସମର୍ଥନରେ ଜାଭେଦ ଅଖତର

ନୂଆଦିଲ୍ଲୀ,୮।୩(ପିଟିଆଇ): ରମଜାନ ମାସରେ ରୋଜା ନ ରଖିବା ଲାଗି ଭାରତୀୟ କ୍ରିକେଟର ମହମ୍ମଦ ଶାମି ସମାଲୋଚିତ ହେଉଥିବା ବେଳେ ଭେଟେରାନ ଗୀତିକାର ଜାଭେଦ ଅଖତର ତାଙ୍କ ପ୍ରତି ସମର୍ଥନ ବ୍ୟକ୍ତ କରିଛନ୍ତି। ଭାରତୀୟ ପେସର ଗତ ମଙ୍ଗଳବାର ଅଷ୍ଟ୍ରେଲିଆ ବିପକ୍ଷରେ ଖେଳାଯାଇଥିବା ଆଇସିସି ଚାମ୍ପିୟନ୍ସ ଟ୍ରଫି ସେମିଫାଇନାଲ ମ୍ୟାଚ ବେଳେ ଏନର୍ଜି ଡ୍ରିଙ୍କ୍ ପିଉଥିବା ନଜର ଆସିଥିଲେ। ଏହି ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଶାମି ପାପ କରିଥିବା ସର୍ବଭାରତୀୟ ମୁସଲମାନ ଜମାତର ଜାତୀୟ ସଭାପତି ମୌଲାନା ଶାହାବୁଦ୍ଦିନ ରାଜଭି ବାରେଲଭି କହିଥିଲେ। ଶାମି ସାହେବ, ଦୁବାଇର କ୍ରିକେଟ ପିଚ୍ଚରେ ଜଳୁଥିବା ଅପରାହ୍ନରେ ତୁମେ ପିଉଥିବା ପାଣି ସହିତ ସମସ୍ୟା ଥିବା ଏଭଳି ଧର୍ମାନ୍ଧଙ୍କ କଥାକୁ ଆଦୌ ଶୁଣ ନାହିଁ। ଏହା ସେମାନଙ୍କ କାମ ନୁହେଁ। ତୁମେ ଭାରତୀୟ ଦଳର ଅନ୍ୟତମ ମହାନ ଖେଳାଳି ଏବଂ ତାହା ଆମକୁ ଗର୍ବିତ କରୁଛି। ତୁମକୁ ଓ ସମଗ୍ର ଦଳକୁ ଫାଇନାଲ ପାଇଁ ମୋର ଶୁଭକାମନା ବୋଲି ଜାଭେଦ ଏକ୍ସ'ରେ ପୋଷ୍ଟ କରିଛନ୍ତି।


## ଓଡ଼ିଶା ସରକାର
### ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
### ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା

No. T-140: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ ଚାଲୁଥିବା ହେତୁ ଆସନ୍ତା ସୋମବାର, ଇଂରାଜୀ ତା**10.03.2025**ରିଖ ଦିନ ୟୁନିଟ୍-୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ବନ୍ଦ ରହିବ।** ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ସ୍ୱା./- ଅତିରିକ୍ତ ମୁଖ୍ୟ ଶାସନ ସଚିବ
OIPR-09014/11/0072/2425 ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: https://oshb.org

ପତ୍ର ସଂଖ୍ୟା: ୨୪ — ତା:୧୯।୦୨।୨୫
### ବିଜ୍ଞାପନ

No. CAD-2738: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଗୃହ ନଂ. ଏମ୍.ଆଇ.ଜି.-୨-୫୫/୧, କମ୍ପୋଜିଟ ହାଉସିଂ ପ୍ରକଳ୍ପ, ୧ମ ପର୍ଯ୍ୟାୟ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱରରେ ୧. କଳ୍ପନା ଷଡ଼ଙ୍ଗୀ, ସ୍ୱାମୀ: ୰କେ.ଏନ୍. ଷଡ଼ଙ୍ଗୀ, ପିତା: ୰ନାରାୟଣ ମିଶ୍ର, ୨. ସୁରେଶ ଚନ୍ଦ୍ର ମିଶ୍ର, ପିତା: ୰ନାରାୟଣ ମିଶ୍ର, ୩. ସୁବାଷ ଚନ୍ଦ୍ର ମିଶ୍ର, ପିତା: ୰ନାରାୟଣ ମିଶ୍ର, ୪. ସୁଶାନ୍ତ କୁମାର ମିଶ୍ର, ପିତା: ୰ନାରାୟଣ ମିଶ୍ର, ସା/ପୋ/ଥାନା: ଆନନ୍ଦପୁର, ଜିଲ୍ଲା: କେନ୍ଦୁଝରଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଉପରୋକ୍ତ ଆବଣ୍ଟନ ଗ୍ରହୀତାମାନେ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ୧. ସୌମ୍ୟ ଶାଶ୍ୱତ ମହାନ୍ତି, ପିତା: ସନ୍ତୋଷ କୁମାର ମହାନ୍ତି, ସା: ଫ୍ଲାଟ ନଂ. ୩୨୮୨/୬୫୪୨, ମହାବୀର ଲେନ, ଗୌରୀ ନଗର, ଥାନା: ଶ୍ରୀ ଲିଙ୍ଗରାଜ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବାପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣ ଯୋଗ୍ୟ ନୁହେଁ।

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0468/2425

## MUNICIPAL OFFICE, JHARSUGUDA
No. 961/JM, Dt. 05.03.2025
### QUOTATION CALL NOTICE

**No.C-** : Sealed quotations are hereby invited from the intending supplier having Registration of Farm, MSME, Trade License, ISO Certification, PAN, GST and Experience (Work Order) for supply and installation of MS Pipe hoarding board as per specification mentioned in the table below in different places of Jharsuguda Municipality. Quotation in letter pad of Farm in proforma below with other relevant documents in sealed cover should reach to the undersigned on or before Dt. 17.03.2025 at 1 P.M. and will be opened on the same day at 3 P.M. The undersigned reserves the right to reject any or all the quotation without assigning any reason thereof.

| Sl. No. | Specification | Rate per piece including GST |
|---|---|---|
| 1 | MS Pipe Board made up of 40x40 mm frame, Leg 50x50 mm MS Pipe two support in frame with ACP Sheet, radium writing, one coat primer and two coat enable paint, transporting, fitting and fixing in different place of Jharsuguda Municipality, size of board - 3 feet x 5 feet, length of leg – 7 feet(2 Ft. Grouting) Total Length - 10 Feet. | |

Sd./- Executive Officer, Jharsuguda Municipality
OIPR-13165/11/0051/2425

## OFFICE OF THE DISTRICT MANAGER
## ODISHA STATE CIVIL SUPPLIES CORPORATION LTD., BOUDH
No.CAD-2756
(At/PO/Dist-Boudh, PIN-762014)
Dist. Website-www.boudh.nic.in

**Tender No.685/2025** — **Date:04.03.2025**

District Manager, Odisha State Civil Supplies Corporation Ltd., Boudh invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment of **Level-I** Transport Contractor for transportation of foodgrains from FSD, FCI to RRC's in boudh district of the State of Odisha. |
| 2 | Availability of bid document in the portal | **From dt.06.03.2025** |
| 3 | Last Date/ Time for receipt of bids in the portal | **Dt.17.03.2025 upto 5.30 PM** |
| 4 | Date / Time of opening of Technical Bid | **Dt.18.03.2025 at 11.00 AM** |
| 5 | Name and address of the Officer Inviting Tender | **District Manager, OSCSC Ltd., Boudh** |

Tender documents & other details can be seen from the e-procurement portal www.oscsc.in, www.foododisha.in, www.tendersodisha.gov.in and district website www. boudh.nic.in Amendments / Corrigendum / Cancel action/ re-tenders etc. if any shall be published only in above websites.

Sd./- District Manager
OSCSC Ltd., Boudh
OIPR-07042/11/0006/2425

## WATCO
## OFFICE OF THE MANAGING DIRECTOR
Ground Floor, Unnati Bhawan,
H.B. Colony, Satyanagar, Bhubaneswar-751007, Odisha, India
Telefax:- +91-674-2571444, E-mail: directorprojects@watcoodisha.in

No.C-1808 **INVITATION FOR BID (IFB)**

Bid Idenification No. WATCO (P)-02/2024-25, Dtd.04.03.2025
WATCO No.1613, Date:04.03.2025

1. Name of the Work : 1. Replacement of Old House service Connections of Consumers at Ward No.31,32,33,34,35 & 36 of Sambalpur Municipal Corporation. 2. Replacement of Old House service Connections of Consumers at Ward No.11,12,14,15,16,17, 18 & 19 of Sambalpur Municipal Corporation. 3. Replacement of Old House service Connections of Consumers at Ward No.20,21,22,23,24,25,26,27 & 30 of Sambalpur Municipal Corporation. 4. Laying of Distribution Pipe Line in newly developed areas of different locations under WATCO Sub-Division, Old Town, Bhubaneswar. 5. Laying of Distribution water supply pipeline in newly developed area under different wards of Cuttack Municipal Corporation. 6. Upgradation of 8 MLD WTP to 11 MLD WTP including pump motor at Pratapnagari, Cuttack.
2.Estimated Cost : Rs.147.90 Lakh to Rs.394.44 Lakh
3.Period of Completion : 09 (Nine) to 18 (Eighteen) Months
4.Date & Time of availability of bid document in the portal: From 11.00 AM of Dt.13.03.2025 to 5.00 PM of 27.03.2025
5. Last date/time of receipt of bids in the portal: 5.00 PM of 27.03.2025
6. Date & Time of opening of technical bids: 12.30 PM of 28.03.2025
7. Name and address of the Officer Inviting Bid: DIRECTOR PROJECTS, WATCO, Telefax:-0674-2571444, E-Mail:directorprojects@watcoodisha.in
8. The bidders have to participate in ONLINE bidding only.
Further details can be seen from the website www.tendersodisha.gov.in

OIPR-13194/11/0042/2425 Sd./- (Director Projects) WATCO

## ODISHA HYDRO POWER CORPORATION LTD.
O/o. Sr. GENERAL MANAGER, HIRAKUD HYDRO ELECTRIC PROJECT
POST BOX NO.5, BURLA-768017, DISTRICT:SAMBALPUR (ODISHA)
Phone:0663-2950721 (O), 2950765 (R), E-Mail:srgmhps_burla@yahoo.co.in

No.HHEP/Tech-W-202/3/1262 — Date: 04.03.2025
### e-TENDER CALL NOTICE NO. HHEP-08/2025

**No.CAD-2736:** Unit Head, HHEP, Burla invites percentage rate e-tender in double cover system (Cover-I Technical Bid and Cover-II Price Bid) from the eligible class of contractor registered with the Govt. of Odisha and contractor of equivalent grade/ class registered with Central Govt./ MES/ Railway to be received **online mode only** for the following work in the portal https://tendersodisha.gov.in. Only those bidders who successfully remit their cost of tender paper & EMD online would be able to eligible in the tender.

| Name of the Work | Approx. tender value of work (in Rs.) excluding GST, EPF & ESI | Cost of Tender Paper (Non- Re-fundable) | EMD in Rs. | Availability of bid online | Last date and time of receipt of bid online | Date & Time of Opening of tender | Class of Contractor |
|---|---|---|---|---|---|---|---|
| Construction of overhead signage (Portal type) at PH road near Central line HHEP, Burla | 9,44,676/- | Rs.4720/- (Rs.4000/- + GST 18%) | 9450/- | 10.03.25 (11.00 AM) to 21.03.25 upto 03.00 PM | 21.03.2025 upto 03.00 PM | 21.03.2025 at 04.30 PM | 'D & C' |

- The bidders shall have to participate in online only in the portal **https://tendersodisha.gov.in**
- Further details can be seen from the e-Procurement portal https://tendersodisha.gov.in / www.ohpcltd.com

OIPR-04007/11/0025/2425 Sd./- Unit Head, HHEP, Burla

## ପୌର ପରିଷଦ କାର୍ଯ୍ୟାଳୟ: ବ୍ରଜରାଜନଗର
## OFFICE OF THE MUNICIPAL COUNCIL: BRAJRAJNAGAR
At/Po- Lamtibahal, Dist- Jharsuguda, Odisha, Phone No.-8457812260, Mail-eobrjnmpl@gmail.com
Letter No.639/ BM — Dt.05.03.2025
### EXPRESSION OF INTEREST

**No.C-1801:**Expression of interest is hereby invited from general public of Brajrajnagar Municipality area for grant of license of following market stalls of this municipality. Interested persons may submit application in requisite format along with requisite security deposit in shape of Bankers cheque/ Demand Draft in favour of Executive Officer, Brajrajnagar Municipality payable at Brajrajnagar for hire (License) shops Room No 4,5 & 7 Ground Floor, at Gandhi Chawk infront of Kunwar Complex.

| Sl.No. | Title of Project | Unit | Cost of Tender Paper | EMD |
|---|---|---|---|---|
| 1 | 2 | 3 | 4 | 5 |
| 1 | SHOP ROOM Size- 3.05mx3.7om (Vitrified tile) Ver- 2.2 m width- (Granite tile) | 1 (One) | Rs.4000/- | Rs.10,000/- |

The Bid documents will be available in the office during office hours i.e. 10.00 A.M. to 5.00 P.M. on payment of documents cost (Non-Refundable) mentioned in col.5 in cash/ in shape of demand draft/Banker's cheque only from any Nationalized Bank drawn in favour of Executive Officer, Brajrajnagar Municipality payable at Brajrajnagar. The Quotation can also be downloaded from the district website www.jharsuguda.odisha.gov.in & official Website of Brajrajnagar Municipality https://brajrajnagarmunicipality.in from **dt.10.03.2025** to **24.03.2025**. The Quotation shall be received on or before **dt.24.03.2025 up to 05.00 PM** in the Municipal office in specified tender box or by Speed post/Regd. Post. Brajrajnagar Municipality will in no way be responsible for any delay in receipt of the Bid documents. The Quotation will be opened at **11.00 AM** on i.e **dt.25.03.2025** in presence of the bidders or their authorized representatives, who may be present at the time of opening of the bids. Authority reserves all right to reject any or all quotations without assigning any reason thereof & shall bear no responsibility consequent upon such decision.

Sd./- Executive Officer
Brajrajnagar Municipality
OIPR-13099/11/0027/2425

## ODISHA PUBLIC SERVICE COMMISSION, CUTTACK
### NOTICE
No.1630/P.S.C., Dt. 07.03.2025
(1E-53-2024/25) (DR-III)

**No.D-290** : In continuation to this Office Notice No. 1327/PSC, dt. 25.02.2025, it is for information of all concerned that the Written Examination for recruitment to the posts of **SDIPRO (OIS-II)**, Group-B of Odisha Information Service Cadre in Information and Public Relations Department, pursuant to **Advertisement No.05 of 2024-25** will be held in two days i.e. **29.03.2025** (Saturday) and **30.03.2025** (Sunday) as per the following programme :

| Date | Forenoon session 09.30 A.M. to 11.30 A.M. | Subject Code | Afternoon Session 01.30 P.M. to 03.30 P.M. | Subject Code |
|---|---|---|---|---|
| 29.03.2025 (Saturday) | Paper - I Odia | 01 | Paper - II General English | 02 |
| 30.03.2025 (Sunday) | Paper - III General Awareness | 03 | Paper - IV Journalism & Mass Communication | 04 |

The Written Examination will be held at Cuttack Zone in following Centres :

| Sl. No. | Name of the Examination Centre | No. of Candidates Allotted |
|---|---|---|
| 1 | Saraswati Sishu Vidya Mandira, College Square, Cuttack | 480 |
| 2 | Saraswati Shisu Vidya Mandir, Tulasipur, Cuttack | 537 |
| | Total | 1017 |

NB :- **I) All Papers are subjective type. Paper-III (General Awareness) and Paper-IV (Journalism & Mass Communication) shall be conducted in both Odia & English languages. The Candidates are required to write answers of Paper-III and Paper-IV either in Odia or English language.**
**II) The PWD Candidates will be given 40 minutes compensatory time in each sitting i.e. from 09.30 AM to 12.10 P.M. for 1st sitting and 01.30 P.M. to 4.10 P.M. for 2nd sitting.**
III) The concerned candidates are required to download their **"Admission Certificate"** and **"Instruction to Candidates"** from the website of Commission **(http://www.opsc.gov.in)** from **25.03.2025 onwards.**

OIPR-12002/11/0163/2425 Sd./- Secretary

## ODISHA STATE AGRICULTURAL MARKETING BOARD
Plot No. 1800(P), Baramunda, Post: Khandagiri, Near Indian Oil Petrol Pump, Bhubaneswar, Ph. No.: 0674-2351311
Email: osamboard99@yahoo.com, Website: osamb.odisha@gov.in
TCN No. OS-01/23-24 — Date: 05.03.2025

**Tender Notice for the Empanelment of Manpower Agencies for providing services of Stenographer (Highly Skilled), Jr. Clerk (Skilled), Front Desk Personnel (Highly Skilled), Data Processing Assistant (Highly Skilled), Driver (Skilled), Electrician (Highly Skilled), Security Guard (Semi Skilled), Peon (Semi Skilled), Sweeper (Unskilled), Gardner (Semi Skilled) through Service Provider**

No. CAD-2748: Sealed tenders are invited from reputed & registered Manpower Agencies/Service Providers to provide the services for Stenographer (Highly Skilled), Jr. Clerk (Skilled), Front Desk Personnel (Highly Skilled), Data Processing Assistant (Highly Skilled), Driver (Skilled), Electrician (Highly Skilled), Security Guard (Semi Skilled), Peon (Semi Skilled), Sweeper (Unskilled), Gardner (Semi Skilled) for a period of Two years from the date of agreement for day to day official work.
The detailed information of this tender for outsourcing the service of aforesaid personnel have been given in the tender document which can be obtained in person from the Odisha State Agricultural Marketing Board, Plot No. 1800 (P), Baramunda, Near Indian Oil Petrol Pump, Bhubaneswar on payment of Rs.1,000/- (Rupees one thousand) + GST @ 18% (Non-refundable) on any working day **from Dt.06.03.2025 to 17.03.2025 between 11 A.M. to 3 P.M.** by deposit of D.D./Bankers' Cheque pledge to GENERAL MANAGER, OSAM Board. The bidder can also download the tender document from the website: **https://osamb.odisha@gov.in** and submit the same along with the above tender document fee in shape of D.D./Bankers' Cheque drawn on any Nationalized Bank in favour of GENERAL MANAGER, Odisha State Agricultural Marketing Board payable at Bhubaneswar. The hard copy of the proposal shall be sent through Registered/Speed Post/Courier service or can be dropped at Drop Box placed at the above mentioned address. The last date and time for submission of tender document is **Dt.26.03.2025 upto 4 P.M.,** OSAM Board reserves the right to add/delete/modify any portion of this tender and/or cancel all bids without assigning any reason.

For Odisha State Agricultural Marketing Board
OIPR-01444/11/0005/2425 Sd./- General Manager, OSAM Board

## NOTICE INVITING BID
## Odisha State Medical Corporation Limited (OSMCL)
Infront of Ram Mandir, Convent Square, Unit - III, Bhubaneswar - 751 001
Tel. : (0674) 2380950, Website : www.osmcl.nic.in, Email : drugs-osmcl@gov.in
**Bid Ref. No. : OSMCL/2025-26/DRUGS-DHS-GEN-GR-I/01 Date : 07.03.2025**

**No.CAD-2752 : Online Bids** through **e-Tender portal** (https://tendersodisha.gov.in) are invited from eligible bidders for **supply of Drugs & Medical Consumables (Group-I) as per the particulars mentioned below :**

| Sl. No. | Particulars | Date and Time | |
|---|---|---|---|
| 1. | Date & Time of relase of bid | **07/03/2025, 3 P.M.** | |
| 2. | Date & time for submission of queries by E-mail id : **drugsosmcl@gov.in** | **11/03/2025, up to 5:00 P.M.** | |
| 3. | Date & time of Online bid submission | Start Date & Time **17/03/2025, 3 P.M.** | End Date & Time **07/04/2025, 6.00 P.M.** |
| 4. | Date & time for submission of Tender Documents, Tender Document Fee and EMD amount as per section-IV of tender document | Start Date & Time **08/04/2025, 10 A.M.** | End Date & Time **16/04/2025, 11.00 A.M.** |
| 5. | Date & time of online Technical bid opening | **16/04/2025, 11:15 A.M.** | |
| 6. | Date of opening of Price Bid | To be informed to the qualified bidders | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the websites : www.osmcl.nic.in and https://tendersodisha.gov.in. The Authority reserves the right to accept / reject any part thereof or all the bids without assigning any reason thereof. All notice will be published in the OSMCL website www.osmcl.nic.in. Hence the bidders are requested to visit OSMCL website www.osmcl.nic.in time to time for any published notice against the tender.

OIPR-10112/11/0019/2425 Sd./- Managing Director, OSMC Ltd., Odisha

## ODISHA PUBLIC SERVICE COMMISSION
### NOTICE
No.1638/P.S.C., Dt. 07.03.25

**No.D-291** : It is for information of all concerned that, the Commission has decided to conduct the Odisha Civil Services Main (Written) Examination-2023 from **19.04.2025 to 27.04.2025**, pursuant to Advt. No. 20 of 2023-24 as per the Programme detailed below :

### PROGRAMME FOR ODISHA CIVIL SERVICES MAIN WRITTEN EXAMINATION, 2023

| Date of Examination | Forenoon Session (9.00 A.M. to 12.00 P.M.) | Afternoon Session (2.00 P.M. to 5.00 P.M.) |
|---|---|---|
| (1) | (2) | (3) |
| 19.04.2025 (Saturday) | Paper-I : Odia Language | Paper-II : English Language |
| 20.04.2025 (Sunday) | Paper-I : Essay | |
| 22.04.2025 (Tuesday) | Paper-II : General Studies, Paper-I | Paper-III : General Studies, Paper-II |
| 24.04.2025 (Thursday) | Paper-IV : General Studies, Paper-III | Paper-V : General Studies, Paper-IV |
| 27.04.2025 (Sunday) | Paper-VI : Optional Subject, Paper-I (Agriculture / Agriculture Engineering / Animal Husbandry and Veterinary Science / Anthropology / Botany / Chemistry / Civil Engineering / Commerce and Accountancy / Economics/Education / Electrical Engineering / Fishery Science / Forestry / Geography / Geology / History / Home Science / Law / Management / Mathematics /Mechanical Engineering / Medical Science / Philosophy / Physics / Political Science and International Relations / Psychology / Public Administration / Sociology / Statistics / Zoology / Literature of any one of the following languages: English/Hindi/Odia) | Paper-VII: Optional Subject, Paper-II (Agriculture / Agriculture Engineering /Animal Husbandry and Veterinary Science / Anthropology / Botany / Chemistry / Civil Engineering / Commerce and Accountancy / Economics /Education / Electrical Engineering / Fishery Science / Forestry / Geography / Geology / History / Home Science / Law /Management / Mathematics / Mechanical Engineering / Medical Science / Philosophy / Physics / Political Science and International Relations / Psychology / Public Administration / Sociology / Statistics / Zoology / Literature of any one of the following languages : English/Hindi/Odia) |

N.B :- The PwD candidates will be given one hour extra time in each sitting i.e. from 9.00 A.M. to 1.00 P.M. & 2.00 P.M. to 6.00 P.M.
2. The **"Admission Certificates"** and **"Instruction of Candidates"** for the aforesaid Examination will be uploaded in the website of Commission shortly. The candidates are requried to download their **"Admission Certificates"** and **"Instruction of Candidates"** from the website of the Commission at http://opsc.gov.in for admission to the examination center.
3. The candidates are advised to visit the website of the Commission at http://opsc.gov.in for further information.

OIPR-12002/11/0164/2425 Sd./- Secretary

**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................

ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଟାଉନ୍ କ୍ଲବ୍, ୟଙ୍ଗ୍ ଭେଟେରାନ ବିଜୟୀ

## ମହେନ୍ଦ୍ର ଜେନା ସ୍ମାରକୀ କ୍ରିକେଟ

ଭୁବନେଶ୍ୱର, ୮।୩ (ବିଜୟ ରଣା)

ସ୍ଥାନୀୟ ଟାଉନ୍ କ୍ଲବ ଖେଳପଡ଼ିଆରେ ଚାଲିଥିବା ମହେନ୍ଦ୍ର ଜେନା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟରେ ଶନିବାର ଦୁଇଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଖେଳାଯାଇଥିଲା। ଏଥିରେ ଟାଉନ୍ କ୍ଲବ ଏବଂ ୟଙ୍ଗ ଭେଟେରାନ କ୍ଲବ ବିଜୟ ଲାଭ କରିଥିଲେ। ପ୍ରଥମ ମ୍ୟାଚରେ ଟାଉନ୍‌କ୍ଲବ ୮ଉଇକେଟରେ ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ (ଓସ୍‌ଜା)କୁ ହରାଇ ଦେଇଛି। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ଓସ୍‌ଜା ନିର୍ଦ୍ଧାରିତ ୧୦ ଓଭରରେ ୬୫ରନ କରିଥିଲା। ଦଳ ପକ୍ଷରୁ ସମିତ ସର୍ବାଧିକ ୩୦ ରନ କରିଥିଲେ। ଟାଉନ୍ କ୍ଲବ ତରଫରୁ ଶ୍ରେଷ୍ଠ ବୋଲିଂ କରି ବାସୁଦେବ ମହାରଣା ୨ଟି ଉଇକେଟ ନେଇଥିଲେ। ଜବାବରେ ଟାଉନକ୍ଲବ ଦିଲୀପ କୁମାର ଜେନାଙ୍କ ଦ୍ରୁତ ୪୭ ରନ ସହାୟତାରେ ବିଜୟ ଲକ୍ଷ୍ୟକୁ ସହଜରେ ହାସଲ କରି ନେଇଥିଲା। ପରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ପୁରୀର ପାୟୋନିୟର କ୍ଲବ ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ୬ ଉଇକେଟ ବିନିମୟରେ ୧୧୮ରନ କରିଥିଲା। ଭାଗୀରଥି ବେହେରା ସର୍ବାଧିକ ୩୫ ରନ କରିଥିଲେ। ୟଙ୍ଗ ଭେଟେରାନ (ଟାଉନ୍ କ୍ଲବ) ଦଳ ତରଫରୁ ଦୀନେଶ ପ୍ରଧାନ ୪ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ୟଙ୍ଗ ଭେଟେରାନ ୯୬ ବଲ୍‌ରେ ଦଳ ୫ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଦଳ ପକ୍ଷରୁ ରଞ୍ଜନ ନାୟକ ୩୪ ଓ ଦୀନେଶ ପ୍ରଧାନ ୩୩ ରନ କରିଥିଲେ। ପାୟୋନିୟର ପକ୍ଷରୁ ଦୀନେଶ ସାହୁ ୨ ଉଇକେଟ ନେଇଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ଦୀନେଶ ପ୍ରଧାନ ଶ୍ରେଷ୍ଠ ଖେଳାଳି, ଅଗ୍ନିଶ ରାୟ ଶ୍ରେଷ୍ଠ ଫିଲ୍ଡର ବିବେଚିତ ହୋଇଥିଲେ। ରନର ଅପ୍ ଦଳକୁ ଦିଲୀପ ଜେନା ଏବଂ ବିଜେତା ୟଙ୍ଗ ଭେଟେରାନ ଦଳକୁ ରଣଜିତ ନନ୍ଦ ପୁରସ୍କୃତ କରିଥିଲେ। ରବିବାର ପ୍ରଗତି ସ୍ପୋର୍ଟିଂ ଓ ପାରାମାଉଣ୍ଟ ସ୍ପୋର୍ଟିଂ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯିବ।

## ଜାତୀୟ ମାଷ୍ଟର୍ସ ଗେମ୍
# ପାର୍ବତୀଙ୍କୁ ୨ ସ୍ୱର୍ଣ୍ଣ ପଦକ

ଭୁବନେଶ୍ୱର, ୮।୩ (ବିଜୟ ରଣା)



ରାଉରକେଲାସ୍ଥିତ ବିର୍ସାମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ୭ମ ଜାତୀୟ ମାଷ୍ଟର୍ସ ଗେମ୍-୨୦୨୫ରେ ଅନ୍ତର୍ଜାତୀୟ ଆଥଲେଟ ପାର୍ବତୀ ସେଠୀ ଦୁଇଟି ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଡିସ୍‌କସ୍ ଥ୍ରୋରେ ଓ ଶଟ୍‌ପୁଟରେ ସ୍ୱର୍ଣ୍ଣ ଜିତି ମହିଳା ଦିବସରେ ସେ ରାଜ୍ୟ ପାଇଁ ଗୌରବ ଆଣି ଦେଇଛନ୍ତି। ପାର୍ବତୀ ବର୍ତ୍ତମାନ ଇଷ୍ଟକୋଷ୍ଟ ରେଲୱେରେ କାର୍ଯ୍ୟରତ। ସେ ୧୯୯୦ରୁ ତାଙ୍କ ଖେଳ ଜାରି ରଖିଛନ୍ତି। ସରକାରଙ୍କ ସହଯୋଗ ମିଳିଲେ ସେ ଜାପାନରେ ହେବାକୁଥିବା ୱାର୍ଲ୍ଡ ମାଷ୍ଟର୍ସ ଭାଗ ନେଇ ଭଲ ପ୍ରଦର୍ଶନ କରିବେ ବୋଲି ଆଶା ପ୍ରକାଶ କରି କହିଛନ୍ତି।

# ଆହାନଙ୍କୁ ପ୍ରଥମ ଆଇଟିଏଫ୍ ଜୁନିୟର ଟାଇଟଲ

ମଦୁରାଇ (ତାମିଲନାଡୁ), ୮।୩




ଓଡ଼ିଶାର ଉଦୀୟମାନ ମହିଳା ଟେନିସ ଷ୍ଟାର ଆହାନ ତାଙ୍କର ପ୍ରଥମ ଆଇଟିଏଫ୍ ୧୮ ବର୍ଷରୁ କମ୍ ଜୁନିୟର ଜେ୩୦ ସିଙ୍ଗଲ୍ସ ଟାଇଟଲ ହାସଲ କରି ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ତାମିଲନାଡୁର ମଦୁରାଇ ଅନ୍ତର୍ଗତ ମଦୁରାଇ କଲେଜ ପରିସରରେ ମାର୍ଚ୍ଚ ୩ରୁ ଚାଲିଥିବା ଏହି ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଆହାନ ଆଧିପତ୍ୟ ବିସ୍ତାର କରି ଖେଳିଥିଲେ। ପ୍ରତିଯୋଗିତାରେ ସେ ମାତ୍ର ୧୦ଟି ଗେମ୍‌ରେ ପରାଜିତ ହୋଇଥିଲେ। ଫାଇନାଲରେ ସେ ଶ୍ରୀ ସାଇଲେଶ୍ୱରୀ ଭେଲାମଣି କାନ୍ଦାନଙ୍କୁ ୬-୧, ୬-୧ ସିଧାସଳଖ ସେଟ୍‌ରେ ହରାଇ ଦେଇଥିଲେ। ଓଡ଼ିଶା ଟେନିସ ଏକାଡେମୀରେ ଟ୍ରେନିଂ ନେଉଥିବା ଆହାନ ତାଙ୍କର ଏହି ସଫଳତା ପାଇଁ ତାଙ୍କ କୋଚ୍ ସନ୍ତୋଷ କୁମାର ମଲିକଙ୍କୁ ଶ୍ରେୟ ଦେଇଛନ୍ତି। ତାଙ୍କ ସର୍ଭିସ ଓ ଫୋରହ୍ୟାଣ୍ଡ ଶଟ୍‌ରେ ଉନ୍ନତି ଆଣିବାରେ କୋଚ୍ ସନ୍ତୋଷଙ୍କ ବଡ଼ ଭୂମିକା ରହିଛି ବୋଲି ସେ କହିବା ସହ ତାଙ୍କ ପ୍ରତି ଅଶେଷ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଅବସର ସମ୍ପର୍କରେ କୌଣସି ଆଲୋଚନା ହୋଇନି: ଗିଲ୍




ଦୁବାଇ,୮।୩(ପି.ଟି.)

ଚାମ୍ପିୟନ୍ସ ଟ୍ରଫି ପରେ ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମା ଓ ସିନିୟର ବ୍ୟାଟର ବିରାଟ କୋହଲି ଦିନିକିଆ ଫର୍ମାଟରୁ ଅବସର ନେଇପାରନ୍ତି ବୋଲି ଚର୍ଚ୍ଚା ଜୋର ଧରିଛି। ହେଲେ ଉପ ଅଧିନାୟକ ଶୁବମନ ଗିଲ୍ ଶନିବାର କହିଛନ୍ତି ଯେ, ଭାରତୀୟ ଦଳର ଡ୍ରେସିଂ ରୁମରେ ଆଧୁନିକ କ୍ରିକେଟର ଦୁଇ ମହାନ ଖେଳାଳିଙ୍କ ଅବସର ସମ୍ପର୍କରେ କୌଣସି ଆଲୋଚନା ହୋଇ ନାହିଁ। ୫୦ ଓଭରିଆ ଫର୍ମାଟରେ କୋହଲି ଓ ରୋହିତ ଏବେ ବି ଜବରଦସ୍ତ ପ୍ରଦର୍ଶନ କରୁଛନ୍ତି। କିନ୍ତୁ କ୍ରିକେଟ ଜଗତରେ ଉଭୟ କିମ୍ବା ଦୁଇ ଜଣଙ୍କ ମଧ୍ୟରୁ ଜଣେ ଅବସର ନେଇପାରନ୍ତି ବୋଲି ଆଲୋଚନା ହେଉଛି। ବର୍ତ୍ତମାନ ଡ୍ରେସିଂ ରୁମରେ ଅବସର ସମ୍ପର୍କରେ କୌଣସି ଆଲୋଚନା ହେଉ ନାହିଁ ବୋଲି ଗିଲ ନ୍ୟୁଜିଲାଣ୍ଡ ବିପକ୍ଷ ଫାଇନାଲ ମ୍ୟାଚ ପୂର୍ବରୁ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି।

### ବଡ଼ ମ୍ୟାଚର ଚାପ

ଫାଇନାଲ ମ୍ୟାଚ ପୂର୍ବରୁ ଦଳ ଉପରେ ବଡ଼ ମ୍ୟାଚର ଚାପ ରହିଥିବା ଗିଲ ସ୍ୱୀକାର କରିଛନ୍ତି। ଏ ସମ୍ପର୍କରେ ସେ ପ୍ରକାଶ କରିଛନ୍ତି ଯେ, ବଡ଼ ମ୍ୟାଚ ପୂର୍ବରୁ ସର୍ବଦା ଚାପ ରହିଥାଏ। ଅନ୍ତିମ ଥର ୨୦୨୩ ବିଶ୍ୱକପ୍ ବେଳେ ଆମେ ଆଶାନୁଯାୟୀ, ଫଳାଫଳ ହାସଲ କରିପାରିନଥିଲୁ। କିନ୍ତୁ ଏଥର ଆମେ ତାହା କରିବାକୁ ଉଦ୍ୟମ କରିବୁ। ବଡ଼ ମ୍ୟାଚରେ ଯେଉଁ ଦଳ ଚାପଠାରୁ ଦୂରେଇ ରୁହେ, ସେହି ଦଳ ପାଖରେ ଜିତିବାର ଅଧିକ ସମ୍ଭାବନା ରହିଥାଏ। ଏହି କାରଣରୁ ଆମେ ବିଗତ ବର୍ଷର ୱେଷ୍ଟଇଣ୍ଡିଜ ଓ ଅଷ୍ଟ୍ରେଲିଆ ଭଳି ବଡ଼ ଦଳ ବିଷୟରେ କଥା ହେଉ। ନକଆଉଟ ପର୍ଯ୍ୟାୟରେ ଶ୍ରେଷ୍ଠ କ୍ରିକେଟ ଖେଳିଥିବା ଦଳଗୁଡ଼ିକ ଚାପକୁ ବଡ଼ ମ୍ୟାଚ ସମ୍ମିକରଣରୁ ବାହାରକୁ ନେଇ ଯାଆନ୍ତି। କହିବାଠାରୁ କରିବା କଷ୍ଟକର। କିନ୍ତୁ ଭଲ ଦଳ ଚାପରେ ସେମାନଙ୍କର ଶ୍ରେଷ୍ଠ ପ୍ରଦର୍ଶନ କରନ୍ତି।

# ଅଷ୍ଟ୍ରେଲିଆକୁ ହରାଇ ଭାରତ ଚାମ୍ପିୟନ

## ବଧିର ଟି୨୦ ସିରିଜ

ନୂଆଦିଲ୍ଲୀ, ୮।୩ (ପି.ଟି.)

ସ୍ଥାନୀୟ କର୍ନେଲ ସିଂ ଷ୍ଟାଡିୟମରେ ଚାଲିଥିବା ଅନ୍ତର୍ଜାତୀୟ ବଧିର ଟି୨୦ ତ୍ରିରାଷ୍ଟ୍ରୀୟ ସିରିଜରେ ଭାରତ ଚାମ୍ପିୟନ ହୋଇଛି। ଦଳ ଶନିବାର ଫାଇନାଲରେ ୭ ଉଇକେଟରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଭାରତୀୟ ବଧିର କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ନାମେଣ୍ଟରେ ଅନ୍ୟତମ ଦଳ ଭାବେ ଦକ୍ଷିଣ ଆଫ୍ରିକା ଭାଗ ନେଇଥିଲା। ଫାଇନାଲରେ ଭାରତର କୁଲଦୀପ ସିଂ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେ ୫ଟି ଉଇକେଟ ଅକ୍ତିଆର କରିଥିଲେ। ସେ ଆହୁରି ମଧ୍ୟ ସିରିଜର ବେଷ୍ଟ ବୋଲର ବିବେଚିତ ହୋଇଥିଲେ।


# Classified Everyday
**0674-2580101, 9692975378**



MATRIMONIAL

**BRIDE WANTED**

ଭୁବନେଶ୍ୱରସ୍ଥିତ 2 ବର୍ଷର ପୁଅ ଥିବା ପରିବାର, 38 ବର୍ଷ ବିବାହିତ ପୁଅଙ୍କ ପାଇଁ ସୁନ୍ଦରୀ ଶିକ୍ଷିତ କନ୍ୟା ଆବଶ୍ୟକ । ଯୋଗାଯୋଗ: 9437307749, WHATSAPP-8917676959. D-3213

Sundhi Boy 1996, 6', BA., Serving Accountant, only son. "SUNASANSAR". 9937512659. D-3227

ଜ୍ୟୋତିଷ କନ୍ୟା ପାତ୍ରୀ ଆବଶ୍ୟକ। Age 19 to 40. Mobile-9237210331. D-3192

ମନବୁଝା ସନ୍ତାନଯୋଗ୍ୟା ସଂସ୍କାରୀ ପାତ୍ରୀ ଆବଶ୍ୟକ। ଯୁବସୁଲଭ ଯୋଗାଭ୍ୟାସୀ ଡାଇଭର୍ସଡ୍ ବୟସ୍କ ବ୍ରାହ୍ମଣ ଉଚ୍ଚ ଶିକ୍ଷାପ୍ରାପ୍ତ ସରକାରୀ ଆୟୁର୍ବେଦ ଡାକ୍ତର। ସକାରାତ୍ମକ; ବେଳହୁଁ ପହଞ୍ଚ ସ୍ୱାଗତଯୋଗ୍ୟ। 9437593214. D-3223

Handsome Teli Boy, 32+ MBBS/Govt. Doctor. "SUHAG". 9938199964, 9090486408. D-3222

**GROOM WANTED**

ବିଧବା 41 ବୟସ୍କା Software Engineer ପିପିଲି ବାସିନ୍ଦା ନିଃସନ୍ତାନ ରାଜପୁତ ଜାତି ଝିଅଙ୍କୁ ପୁଅ ଦରକାର। 6370471610. D-3224

Beautiful Brahmin Girl 1993, 5'4", MA. Only daughter "SUNASANSAR". 9937512659. D-76245




REAL ESTATE

**SALE**

Flat/ Duplex available in Bhubaneswar, near by area- 9439399756/ 7008120514. D-3195

**Get most bigest asset for future investment on land/plots in BDA proposed greater Bhubaneswar area for uncomparable return in short period. 7978701424.** D-76242

ଭୁବନେଶ୍ୱର **Sum Hospital-2** ନଖରା ତ୍ରିନାଥବଜାର ନିକଟରେ ସଙ୍ଗେସଙ୍ଗେ ଘର କଲାଭଳି ଘରବାରି ପ୍ଲଟ୍ ରୋଡ୍, ଇଲେକ୍ଟ୍ରିସିଟି ଥାଇ ବିକ୍ରିହେବ। **9090142564, 8018608500.** D-76243

**44 Dcml. (1920Sqft.) Gharabadi Boundary wall plot sale at Bhaktamadhu Nagar, near ITER College, Jagamara. Price 95 Lakh, negotiable. Only Genuine buyer call for details: 9438220432/ 8144658008.** D-3180

Book a 3BHK duplex having land area 1500sqft. and construction 2000sqft. with 30feets road with gated community near Satya Sai Enclave, Kolthia, Khandagiri, Bhubaneswar, handover within 20months. Price-1.17Cr. 8093402755. D-76803

**3 Storied 5 Bedroom new construction individual duplex house sale at NH-5, Goharia Chhak, Bhubaneswar, cost @ 1cr. 25lakh (final price)- 9938867397.** D-3181

**1.25Acre land available for sale in sisolo, Near Balipatna (7kms from Uttara Square). Contact- 9692671608.** D-3199

**3BHK flat for sale in Gudiapokhari, Near Krupajal College, Uttara. Contact- 9692671608.** D-3198

**LEASE**

Sharing of a commercial plot 10000sft. at NH side of Nakhara-Niali Road for apartment. 7809525452. D-76426


Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**



CONSTRUCTION

**Construct your dream home @950/-, 1500/- with branded materials we provide plan approval, Interior work, Borewell & Vastu complaints. Krishna Construction- 9438315332.** D-3206

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-3219



FOR RENT

**1000sqft. Hall available on Lewis Main Road, in Samanatarapur for Commercial Purpose. Contact- 9692671608.** D-3208

2BHK fully furnished house (Cup boards Bed Mattress Sofa Dining table AC Refrigerator TV Washing machine Aquaguard ) with open terrace of 500sqft on 2nd floor, Aryaa Village Complex, Cosmopolis Road, Bhubaneswar, available for rent with immediate effect. Contact- 9110189579. D-3207

**700sqft. Hall with Toilet available in Uttara Square for Commercial Purpose. Contact- 9692671608.** D-3197




Positively health benefited SPA by expert female therapist, Bapujinagar. 8018429809. D-76901

**AFFIDAVIT**

By virtue of an affidavit sworn before Notary Public, Sonepur on dated 07th Mar. 2025. I Mr. Gobind Ram Agrawal, C/o- Trilochan Agrawal, Address: R/o- Dherapada, P.O./ P.S.- Sonepur, Dist.- Subarnapur, State- Odisha, PIN- 767017, declare that I have changed my name from "GOVIND RAM AGRAWAL" to "GOBIND RAM AGRAWAL". Henceforth, I shall be known as "GOBIND RAM AGRAWAL" for all purposes.
Gobind Ram Agrawal D-3215

I, Biswajit Barpanda, S/o- Narasingha Barpanda, Aged about 54 years, R/o-Matru Vihar, Danipali near Sai Mandir, P.O.- Budharaja, P.S.- Ainthapali, Dist.- Sambalpur-768004 in the state of Odisha, Solemnly declare that I have Changed my name as Biswajit Badpanda vide affidavit No.-16AA 549329 before the Notary Sambalpur, dated:03.03.2025.Now onward I shall be known as Biswajit Badpanda for all future purpose. D-3216

By virtue of an affidavit sworn before Executive Magistrate, Bhubaneswar, dated 27.02.2025, I Mir Najim, Address: Plot No.- 64, Jadupur, P.O.- Jadupur, P.S.- Khandagiri, Bhubaneswar, Dist.- Khordha, Odisha 751019 declare that I have changed my daughter's name from Naina Begum to Salina Begum. Henceforth, She shall be known as Salina Begum for all purposes.
Mir Najim D-3217

By virtue of an affidavit No.-65AA 583877, dt.-24.02.2025 sworn before the Executive Magistrate, Rasgovindpur, Mayurbhanj. I Smt. Jayanti Soren, aged about 35 years, W/o-Karamchand Soren & D/o-Sri Sitaram Beshra, Vill-Parulia, P.O.-Gobara, P.S.-Rasgovindpur, Dist.-Mayurbhanj, Odisha-757016, that her Birth Certificate her name has been mentioned PRAGYANSHREE J.JHARANA SOREN, D/o-Karamchand Soren, but her Aadhaar name has been mentioned Pragyan Soren, D/o-Karamchand Soren. Pragyan Soren & Pragyanshree J.Jharana Soren, D/o-Karamchand Soren belongs to one & same person. Henceforth, her name shall be known as Pragyanshree J.Jharana Soren, D/o-Karamchand Soren for all purposes. D-3220

By virtue of an affidavit sworn before Executive Magistrate, Basudevpur, dated-04.01.2025, I Rukmani Agasti, Address: AT/ P.O.- Alabaga, P.S.- Basudevpur, Dist.- Bhadrak, Pin.- 756124 declare that I have changed my Son's name from Himansu Sekhar Sahu to Raj Kumar Sahu. Henceforth, he shall be known as Raj Kumar Sahu for all purposes.
Smt. Rukmani Agasti D-3229

By virtue of an affidavit sworn before Notary Shri Hara Mohan Jena, dated 21-Feb 2025, I, Annapurna Nayak, AT/ P.O.-Chhatabar, Dist.- Khordha, PIN-752054, Odisha, declare that I have changed my name from Arnapurana Naik to Annapurna Nayak. Henceforth, I shall be known as Annapurna Nayak for all purposes. D-3228

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit sworn before Executive Magistrate, Bhubaneswar, dated 5th March 2025, I Namita Namdev, Address Ward No-6, Barpali, Dist.- Bargarh declare that I have changed my name from Namita Meher to Namita Namdev. Henceforth, I shall be known as Namita Namdev for all purposes.
Namita Namdev D-3218

By virtue of an affidavit sworn before Executive Magistrate, Chandbali, dated 1.3.2025, Radhakrushna Panda, Address: Vill- Jashipur, P.O.- Kuda, Dist.- Bhadrak, declare that I have changed my son's name from Priyesh Panda to Prayash Panda. Henceforth, he shall be known as Prayash Panda for all purposes. D-3226


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



**ମନେ ପଡ଼ନ୍ତି**

ଦ୍ୱାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଏ କବିରାଜ ପ୍ରଭାତ କୁମାର କର
ସ୍ୱର୍ଣ୍ଣନିଳୟ ଭବନ, ବାଲିଅନ୍ତା, ଭୁବନେଶ୍ୱର
ଆବିର୍ଭାବ: ୧୫।୦୫।୧୯୪୭
ତିରୋଧାନ: ୨୬।୦୨।୨୦୨୫
ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ହତଭାଗ୍ୟ ପୁତ୍ର- ସୁଧିରଞ୍ଜନ କର, ବୋହୂ, ଝିଅ, ଜ୍ୱାଇଁ, ଭଣଜା, ନାତୁଣୀ, ବନ୍ଧୁ ପରିବାରବର୍ଗ
ଧ-୭୧୨୩୭

# ୩ ଲକ୍ଷ ୮୦୦ ମହିଳାଙ୍କ ଖାତାକୁ ଗଲା ସୁଭଦ୍ରା ଟଙ୍କା



ଢେଙ୍କାନାଳ ପଲ୍ଲିଶ୍ରୀ ମେଳା ପଡିଆଠାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଉଛି।

**ଢେଙ୍କାନାଳ,୮।୩(ରତନ ନାୟାର)**

ଆନ୍ତର୍ଜାତିକ ମହିଳା ଦିବସ ପାଳନ ଅବସରରେ ଶନିବାର ବ୍ରହ୍ମପୁର ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ପ୍ରାୟ ୧ କୋଟି ମହିଳା ହିତାଧିକାରୀଙ୍କ ଜମା ଖାତାରେ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ଅର୍ଥରାଶି ପ୍ରଦାନ କରିଛନ୍ତି। ଏଥିରେ ଢେଙ୍କାନାଳ ଜିଲାର ୩ ଲକ୍ଷ ୮ ଶହ ମହିଳା ହିତାଧିକାରୀ ଉପକୃତ ହୋଇଛନ୍ତି। ଆନ୍ତର୍ଜାତିକ ମହିଳା ଦିବସ ପାଳନ ଅବସରରେ ଢେଙ୍କାନାଳ ମହିଷାପାଟସ୍ଥିତ ପଲ୍ଲିଶ୍ରୀ ମେଳା ପଡ଼ିଆ ଠାରେ ଅନୁଷ୍ଠିତ ଉତ୍ସବରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ସମସ୍ତ ମା'ଙ୍କୁ ଶୁଭେଚ୍ଛା ଜଣାଇ କନ୍ୟା ସନ୍ତାନପ୍ରାପ୍ତି ଅତ୍ୟନ୍ତ ସୁଖଦାୟୀ ଓ ମହତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ଜିଲାରେ ୧୦୦୦ ପୁଅରେ ୮୮୦ ଝିଅ ଜନ୍ମଗ୍ରହଣ କରୁଥିବାରୁ ମା'ମାନେ ଭ୍ରୂଣହତ୍ୟା ଭଳି ପାପ କାର୍ଯ୍ୟରୁ ଦୂରେଇ ରହିବାକୁ ଅନୁରୋଧ କରିଥିଲେ। କନ୍ୟା ସନ୍ତାନ ବୋଝ୍ ନୁହେଁ ପରିବାର ପାଇଁ ଦେବୀ ସ୍ୱରୂପା ଉପହାର ବୋଲି କହିଥିଲେ। ଉତ୍ସବରେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜର ବିକାଶ ନିମନ୍ତେ ନିଜେ ପ୍ରୟାସ କରିବାକୁ ପରାମର୍ଶ ନେଇଥିଲେ। ଆର୍ଥିକ କ୍ଷେତ୍ରରେ ସଶକ୍ତ ହେଲେ ସାମାଜିକ ସ୍ତରରେ ମହିଳାମାନଙ୍କ ସାମଗ୍ରିକ ବିକାଶ ନିଶ୍ଚିତ ବୋଲି ଅତିରିକ୍ତ ଜିଲାପାଳ ରମେଶଚନ୍ଦ୍ର ସେଠୀ ମତବ୍ୟକ୍ତ କରିଥିଲେ। ମହିଳାମାନଙ୍କ ବିକାଶ ନିମନ୍ତେ 'ଦ୍ରୁତ ଗତିରେ କାର୍ଯ୍ୟକାରିତା' ଏ ବର୍ଷର ବାର୍ତ୍ତା ବୋଲି ଜିଲା ସମାଜ ମଙ୍ଗଳ ଅଧିକାରୀ ମୀତା ଶର୍ମା କହିଥିଲେ। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତି ରଞ୍ଜନ ସେଠୀ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀ ଓ ଅଙ୍ଗନୱାଡ଼ି କର୍ମୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ ଧନ୍ୟବାଦ ଅର୍ପଣ କରିଥିଲେ। ଅବନୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ

## ବିନା ଅନୁମତିରେ ରାସ୍ତା ଖୋଳା, ଥାନାରେ ଅଭିଯୋଗ

**କାମାକ୍ଷାନଗର,୮।୩ (ସୁଧୀର ପରିଡ଼ା)**

ଢେଙ୍କାନାଳ ଜିଲା କଙ୍କଡାହାଡ଼ ବ୍ଲକ ମକୁଆକାଟେଣୀ ପଞ୍ଚାୟତର ପଥରକଟା ଗାଁ ରାସ୍ତାକୁ ପଞ୍ଚାୟତର ବିନା ଅନୁମତିରେ ଠିକାଦାର ଖୋଳି ଦେଇଥିବା ସରପଞ୍ଚ ଦୀପାମଞ୍ଜରୀ ସାହୁ ଶନିବାର କଙ୍କଡ଼ାହାଡ଼ ଥାନାରେ ଅଭିଯୋଗ କରିଛନ୍ତି। ଗାଁ ଲୋକଙ୍କ ଠାରୁ ଅଭିଯୋଗ ପାଇ ସରପଞ୍ଚ ରାସ୍ତା ପାର୍ଶ୍ୱରେ ଥିବା ମାଟି ଖୋଳି ପାଇପ ବିଛାଇବା ପାଇଁ ଠିକାଦାରଙ୍କୁ ଜଣାଇଥିଲେ। ହେଲେ ଠିକାଦାର କଂକ୍ରିଟ ରାସ୍ତା ଖୋଳି ଦେଇଥିବା ସରପଞ୍ଚ ଅଭିଯୋଗ କରିଛନ୍ତି। ଏଥିସହ ସରପଞ୍ଚ ସାହୁ ବିଡିଓଙ୍କୁ ମଧ ଅଭିଯୋଗପତ୍ର ଦେଇଛନ୍ତି। କାମାକ୍ଷାନଗର ଗ୍ରାମ୍ୟ ଜଳ ଯୋଗାଣ ସହକାରୀ ନିର୍ବାହୀ ଯନ୍ତ୍ରୀ ହିମାଂଶୁ ଶେଖର ନାୟକ ଫୋନ ଉଠାଉ ନ ଥିବାରୁ ମତାମତ ମିଳିପାରି ନାହିଁ। ଥାନା ଅଧିକାରୀ କଳ୍ପନା ବେହେରା କହିଛନ୍ତି, ଥାନାରେ ସରପଞ୍ଚ ଅଭିଯୋଗ କରିଛନ୍ତି। ଏହା ଉପରେ ତଦନ୍ତ କରାଯିବ।

# ୧୮୭୬ ମାମଲାର ଫଇସଲା

### ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ



ସିଭିଲ କୋର୍ଟ ପରିସରରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେଉଛି।

**ଢେଙ୍କାନାଳ,୮।୩(ରତନ ନାୟାର)**

ଢେଙ୍କାନାଳ ଜିଲାର ବିଭିନ୍ନ ଅଦାଲତରେ ଶନିବାର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲାର ସମସ୍ତ ଅଦାଲତରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ୧୮୭୬ ମାମଲାର ଫଇସଲା ହୋଇଥିଲା। ତନ୍ମଧ୍ୟରୁ ମୋଟର ଦୁର୍ଘଟଣାଜନିତ ୨୩ଟି, ବିବାହ ଓ ପାରିବାରିକ ମାମଲା ୧୦, ଦେୱାନୀ ମାମଲା ୬୪, ବିଭିନ୍ନ ପ୍ରକାର ଫୌଜଦାରୀ ମାମଲା ୩୨୧ଟି ଓ ରାଜସ୍ୱ ମାମଲା ୧୪୭୭ଟିର ସମାଧାନ ହୋଇଥିଲା। ବ୍ୟାଙ୍କ ମାମଲାଗୁଡିକ ଆପୋଷ ଭାବରେ ସମାଧାନ କରାଯାଇଥିଲା। ମୋଟର ଦୁର୍ଘଟଣା ଜନିତ ପ୍ରାପ୍ୟ ବାବଦକୁ ୧,୪୩,୦୦,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ଅନ୍ୟାନ୍ୟ ମାମଲା ଗୁଡିକରେ ଜରିମାନା ଓ ବ୍ୟାଙ୍କ ଋଣ ଫଏସଲା ବାବଦକୁ ୫୬,୨୯,୧୩୮ ଟଙ୍କା ଜିଲାର ସମସ୍ତ ଅଦାଲତରେ ଆଦାୟ ହୋଇଥିଲା। ଢେଙ୍କାନାଳ ସିଭିଲ କୋର୍ଟ ପରିସରରେ ଜିଲା ଦୌରାଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଜଗଦୀଶ ପ୍ରସାଦ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଏହି ଲୋକ ଅଦାଲତରେ ପାରିବାରିକ ଅଦାଲତ ବିଚାରପତି ଦୀପକ କୁମାର, ଅତିରିକ୍ତ ଜିଲାଜଜ୍ ଅଞ୍ଜଳି କୁମାରୀ ପାଢୀ, ବରିଷ୍ଠ ଦେୱାନୀ ବିଚାରପତି ଜୀବନ କୁମାର ପଟ୍ଟନାୟକ, ବରିଷ୍ଠ ଦେୱାନୀ ବିଚାରପତି(ମହିଳା ଅଦାଲତ) ସୁନିତା ରାଉତ, ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ଅରଜିତ ଦାସ, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ରେଶ୍ମା ଧଳବିଶୋଇ, ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଶୁଦ୍ଧାଶ୍ରୀ ସୁରଝଳିଆ ଓ ସୁପ୍ରାଶ୍ରୀ ସୋନାଲି ମହାପାତ୍ର ବିଭିନ୍ନ ଅଦାଲତଗୁଡିକ ପରିଚାଳନା କରିଥିଲେ। ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଛାୟାକାନ୍ତ ଦାସ ଉପସ୍ଥିତ ଥିଲେ। ଜିଲା ଆଇନସେବା ପ୍ରାଧିକରଣ ସଚିବ ତଥା ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର ବିଚାରପତି ଶୁଭଙ୍କର ମିଶ୍ର, ସରକାରୀ ଆଇନଜୀବୀ ପତିତପାବନ ମହାପାତ୍ର, କନସିଲିଏଟର ସୁବାସିନୀ ମହାକୁଡ ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତକୁ ପରିଚାଳନା କରିଥିଲେ। ଜିଲା ଆଇନସେବା ପ୍ରାଧିକରଣ ପ୍ୟାନେଲ ଲୟର, ପାରାଲିଗାଲ ସ୍ୱେଚ୍ଛାସେବୀ ଓ ସିଭିଲ କୋର୍ଟର କର୍ମଚାରୀମାନେ ପରିଚାଳନା କରିଥିଲେ।

## ଟ୍ରାଫିକ୍ ସମସ୍ୟା ଦୂର ପାଇଁ ରାସ୍ତା ନିର୍ମାଣ ହେଉ

### ପୂର୍ତ୍ତମନ୍ତ୍ରୀଙ୍କୁ ପତ୍ର ଲେଖିଲେ ପୂର୍ବତନ ବିଧାୟକ

**ଢେଙ୍କାନାଳ,୮।୩(ରତନ ନାୟାର)**

ଢେଙ୍କାନାଳ ସହରରେ ଟ୍ରାଫିକ ସମସ୍ୟା ଦୂର ପାଇଁ ତୁରନ୍ତ ଜମି ଅଧିଗ୍ରହଣ କରି ରାସ୍ତା ନିର୍ମାଣ ନିମନ୍ତେ ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଶନିବାର ପୂର୍ବତନ ବିଧାୟକ ନବୀନ ନନ୍ଦ ପତ୍ର ଲେଖିଛନ୍ତି। ଢେଙ୍କାନାଳ ମହାବୀର ବଜାରଠାରୁ ଦକ୍ଷିଣକାଳୀ ରୋଡ୍‌ଦେଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିବା ରାସ୍ତାର ପ୍ରଶସ୍ତୀକରଣ କରିବା ଜରୁରୀ ହୋଇପଡିଛି। ଏଥିପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ଦୀର୍ଘଦିନରୁ ରାଜନୈତିକ କାରଣ ପାଇଁ ପଡିରହିଛି। ଏତଦ୍‌ବ୍ୟତୀତ ବାଜିଚୌକ ଠାରୁ ସିମିଳିଆ ଫ୍ଲାଏଓଭର ଦେଇ ଟ୍ରାଫିକ ବ୍ୟବସ୍ଥା ସୁଧାରିବା ପାଇଁ ଜମି ଅଧିଗ୍ରହଣ କରି ତୁରନ୍ତ ରାସ୍ତା ନିର୍ମାଣ ପାଇଁ ପୂର୍ବତନ ବିଧାୟକ ଅନୁରୋଧ କରିଛନ୍ତି। ସେହିପରି ଢେଙ୍କାନାଳ ଜିଲାରେ ଏକ ଟୁରିଷ୍ଟ ସର୍କିଟ ନିର୍ମାଣ ପାଇଁ ସେ କେନ୍ଦ୍ରମନ୍ତ୍ରୀଙ୍କୁ ମଧ ପତ୍ର ମାଧ୍ୟମରେ ଜଣାଇଛନ୍ତି। ଜିଲାରେ କପିଳାସ, ବିଶ୍ୱ ପ୍ରସିଦ୍ଧ ମହିମାଧର୍ମ ପୀଠ ମହିମାଗାଦି, ତପୋବନ, ଗଣେଶ ଖୋଲା, ସପ୍ତଶଯ୍ୟା ଓ କୁଆଁଳୋ ଅଷ୍ଟଶମ୍ଭୁକୁ ନେଇ ଏକ ଟୁରିଷ୍ଟ ସର୍କିଟ କରାଗଲେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେବା ସହିତ କଳା ସଂସ୍କୃତିର ପ୍ରଚାର ପ୍ରସାର ହୋଇପାରିବ ଓ ରାଜ୍ୟ ବାହାରୁ ପର୍ଯ୍ୟଟକଙ୍କ ସମାଗମ ହୋଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ଆର୍ଥିକ ମାନଦଣ୍ଡ ସୁଦୃଢ଼ ହୋଇପାରିବ ବୋଲି ପୂର୍ବତନ ବିଧାୟକ ତଥା ଢେଙ୍କାନାଳ ସ୍ୱାଭିମାନ ସୁରକ୍ଷା ମଞ୍ଚ ସଭାପତି ନବୀନ ନନ୍ଦ ଦର୍ଶାଇଛନ୍ତି।

# ନାରୀ ଯୁଗେ ଯୁଗେ ପରିବର୍ତ୍ତନର ସୂତ୍ରଧର



ଭାରତ ବିକାଶ ପରିଷଦ ପକ୍ଷରୁ ବିଶ୍ୱ ମହିଳା ଦିବସ ପାଳନ କରାଯାଉଛି।

**ଢେଙ୍କାନାଳ,୮।୩(ରତନ ନାୟାର)**

ଢେଙ୍କାନାଳ ସହର ଦକ୍ଷିଣକାଳୀ ରୋଡସ୍ଥିତ ଢେଙ୍କା ନୀଳୟମ୍ ସଭାଗୃହରେ ଭାରତ ବିକାଶ ପରିଷଦ ଶହୀଦ ବାଜି ରାଉତ ଶାଖା ସଭାପତି ପୂର୍ବତନ ପ୍ରାଧ୍ୟାପିକା ଡ. ସୁଚେତା ମିଶ୍ରଙ୍କ ସଭାପତିତ୍ୱରେ ମହିଳା ଦିବସ ପାଳନ କରାଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ଓ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷାବିତ୍ ସାନ୍ତ୍ୱନା ମିଶ୍ର, ମୁଖ୍ୟବକ୍ତା ଭାବେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ କବି ପ୍ରଭାସିନୀ ମହାକୁଡ଼ ଯୋଗଦାନ କରି ନାରୀ ସ୍ୱାଧୀନତା, ନାରୀ ସଶକ୍ତୀକରଣ, ନାରୀର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରି ନାରୀ ହିଁ ଯୁଗେ ଯୁଗେ ପରିବର୍ତ୍ତନର ସୂତ୍ରଧର ସାଜିବାରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିଛି ବୋଲି କହିଥିଲେ। ପୂର୍ବପ୍ରାନ୍ତ ଉପାଧ୍ୟକ୍ଷ (ପର୍ଯ୍ୟାବରଣ) ବାବୁଚାନ୍ଦ ମହାଲିକ, ମହିଳା ସହଭାଗିତା ପ୍ରମୁଖ ସବିତା ଧୀରଙ୍କ ଉପସ୍ଥିତିରେ ସଭା ସଞ୍ଚାଳକ ରାଜୀବ ଲୋଚନ ମାହୁନ୍ତ ସଂଯୋଜନା କରିଥିଲେ। ଏହି ଅବସରରେ କବି କାଦମ୍ବରୀ ମହାଖୁଡ଼ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ଶିକ୍ଷାବିତ୍ ଡ. ଦେବୀ ପ୍ରସାଦ ମିଶ୍ର, ନିର୍ମଳା ମହାପାତ୍ର, କବି କାଦମ୍ବରୀ ମହାଖୁଡ଼, ଡ.କବିତା ମହାନ୍ତି, ଡ.ଅନୁପମା ମିଶ୍ର, ରାଜୀବ ଲୋଚନ ମାହୁନ୍ତ, ସ୍ନିଗ୍ଧା ନନ୍ଦ, ମୋନାଲିସା ମାହୁନ୍ତ, ଶୀତଳ ପରିଡ଼ା, ପ୍ରତିମା ମିଶ୍ର, ଭାରତ ବିକାଶ ପରିଷଦ ଶହୀଦ ବାଜି ରାଉତ ଶାଖା ଢେଙ୍କାନାଳ ମହିଳା ସହଭାଗିତା ବିଭାଗର ସମସ୍ତ ସଦସ୍ୟା ସଦସ୍ୟ ଉପସ୍ଥିତ ଥିଲେ। ମହିଳା ସହଭାଗିତା ପ୍ରମୁଖ ସବିତା ଧୀର ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟ ଜୁନିୟର ରେଡ୍‌କ୍ରସ୍‌ରେ ଢେଙ୍କାନାଳ ପୁରସ୍କୃତ

**ଢେଙ୍କାନାଳ,୮।୩(ରତନ ନାୟାର)**

ରାଜ୍ୟ ଜୁନିୟର ରେଡ୍‌କ୍ରସ୍ ସଂସ୍ଥା ତରଫରୁ ୨୦୨୩–୨୪ ଶିକ୍ଷାବର୍ଷ ପାଇଁ ଢେଙ୍କାନାଳ ଜିଲାକୁ ଶ୍ରେଷ୍ଠ ଜିଲା ଭାବରେ ପୁରସ୍କୃତ କରାଯାଇଛି। ଜିଲା ଶିକ୍ଷା ଅଧିକାରୀ ତଥା ଜିଲା ଜୁନିୟର୍ ରେଡ୍‌କ୍ରସ୍‌ର ସଭାପତି ବିନୀତା ସେନାପତି ରାଜ୍ୟପାଳଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ସେହିପରି ଶ୍ରେଷ୍ଠ ବିଦ୍ୟାଳୟ ଭାବରେ ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟ କାନପୁରାର ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତ ରାଜ୍ୟପାଳଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିବାବେଳେ ବିଦ୍ୟାଳୟର ଛାତ୍ରୀ କୁମାରୀ ବୈଷ୍ଣବୀ ବଳ ୨୦୨୨–୨୩ ଶିକ୍ଷାବର୍ଷ ପାଇଁ ଶ୍ରେଷ୍ଠ ଜୁନିୟର୍ସ ଭାବେ ପୁରସ୍କୃତ ହୋଇଛନ୍ତି। ଏହି ପୁରସ୍କାର ବିତରଣ ସମାରୋହରେ ଢେଙ୍କାନାଳ ଜିଲା ଜୁନିୟର ରେଡ୍‌କ୍ରସ୍‌ର ସମ୍ପାଦକ ତଥା ଜିଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ବେହେରା ଓ ଜିଲା ଜୁନିୟର ରେଡ୍‌କ୍ରସ୍ ଅଧିକାରୀ ତଥା ଢେଙ୍କାନାଳ ଲକ୍ଷ୍ମୀଧର ମ୍ୟୁନିସିପାଲ ଉଚ୍ଚ ବିଦ୍ୟାଳୟ ଶାରୀରିକ ଶିକ୍ଷା ଶିକ୍ଷକ ସୁବ୍ରତ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଜିଲାର ଏହି ସଫଳତା ପାଇଁ ଢେଙ୍କାନାଳ ଜିଲାର ଜୁନିୟର୍ ରେଡ୍‌କ୍ରସ ପରିବାର ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି।



ରାଜ୍ୟ ଜୁନିୟର ରେଡ୍‌କ୍ରସରେ ଢେଙ୍କାନାଳ ଜିଲାକୁ ପୁରସ୍କୃତ କରାଯାଉଛି।

## ସମାଜ ଗଠନରେ ଦାୟିତ୍ୱ ତୁଲାଇବାକୁ ମାର୍ଗଦର୍ଶନ



**ଭୁବନ,୮।୩(ବିପିନ ବିହାରୀ ସେଠୀ)**

ଢେଙ୍କାନାଳ ଜିଲା ଭୁବନ ଏନ୍‌ଏଏସି କାର୍ଯ୍ୟାଳୟରେ ଶନିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଛି। ଏନ୍‌ଏଏସି ଉପାଧ୍ୟକ୍ଷା ମାନୀନୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମହିଳା କଲେଜ ଅଧ୍ୟାପିକା ଡ. ମମତା ପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ମହିଳାମାନେ କିପରି ସମାଜ ଗଠନ କରିବାରେ ମୁଖ୍ୟ ଭୂମିକା ତୁଲାଇବେ ସେ ସମ୍ପର୍କରେ ମାର୍ଗଦର୍ଶନ ଦେଇଥିଲେ। ଏନ୍‌ଏସି ନିର୍ବାହୀ ଅଧିକାରୀ ଲୋକନାଥ ବେଜ ସଭାପତିତ୍ୱ କରିଥିଲେ। ବସନ୍ତ କୁମାର ଦାସ ପରିଚାଳନା କରିଥିବାବେଳେ ବିଭିନ୍ନ ମହିଳା ପ୍ରତିଭା ଯଥା କ୍ରିକେଟ, ସଙ୍ଗୀତ, ନୃତ୍ୟ, ସମାଜସେବା, ଶିକ୍ଷା ଓ ପରିବେଶ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀ ଓ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭୁବନ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନର ମହିଳା ସ୍ୱୟଂସହାୟକ ଗୋଷ୍ଠୀର କର୍ମକର୍ତ୍ତା ଓ ଏନ୍‌ଏସି କର୍ମଚାରୀ ଉପସ୍ଥିତ ଥିଲେ।

# ଡାକମଣ୍ଡଳ ତରଫରୁ ନାରୀଶକ୍ତି ସପ୍ତାହ ପାଳନ

**ଢେଙ୍କାନାଳ,୮।୩(ରତନ ନାୟାର)**




ଡାକମଣ୍ଡଳ ତରଫରୁ ନାରୀଶକ୍ତି ସପ୍ତାହ ପାଳନ କରାଯାଉଛି।

ଭାରତୀୟ ଡାକ ବିଭାଗର ନିର୍ଦ୍ଦେଶ କ୍ରମେ ଢେଙ୍କାନାଳ ଡାକ ମଣ୍ଡଳ ତରଫରୁ ନାରୀଶକ୍ତି ସପ୍ତାହ ପାଳନ ଅବସରରେ ଢେଙ୍କାନାଳ ପ୍ରଧାନ ଡାକଘର ପରିସରରେ ଶନିବାର ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ଡାକ ଅଧୀକ୍ଷକ ଜଗଦୀଶ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମକ୍ଷେତ୍ରରେ ମହିଳାମାନଙ୍କ ସଫଳତା, ଡାକ ସେବାଗୁଡିକର ଅଭିବୃଦ୍ଧି ଏବଂ ସଫଳତାରେ ମହିଳାମାନଙ୍କ ଅପରିହାର୍ଯ୍ୟ ଭୂମିକା ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ଜିଲା ମିଶନଶକ୍ତି କାର୍ଯ୍ୟକ୍ରମ ସଂଯୋଜିକା ଶେଫାଳୀ ସ୍ୱାଗତିକା ସଞ୍ଚୟ ସହାୟକ ନିର୍ଦ୍ଦେଶକ ଏବଂ ଢେଙ୍କାନାଳ ବିତ୍ତୀୟସେବା ପ୍ରଜ୍ଞା ମିଶ୍ର, ସ୍ୱଳ୍ପ ସଞ୍ଚୟ ଏବଂ ଆର୍ଥିକ ଅନ୍ତର୍ଭୁକ୍ତି ଅଧିକାରୀ ଅଭିଲିପ୍ସା ବିଶ୍ୱାଳ ଏବଂ ଢେଙ୍କାନାଳ ଶାଖା ସହାୟକ ବିକ୍ରୟ ପ୍ରବନ୍ଧକ ଆଇପିପିବି ସୋନାଲୀ ପ୍ରିୟଦର୍ଶିନୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ସଭାରେ ଢେଙ୍କାନାଳ ଜିଲାର ସମସ୍ତ ଏମ୍‌ପିକେୱାଇ ଏଜେଣ୍ଟ, ମହିଳା ଏସ୍‌ଏଏସ୍ ଏଜେଣ୍ଟ, ବିଭାଗୀୟ ମହିଳା ଡାକ କର୍ମଚାରୀ, ଗ୍ରାମୀଣ ଡାକ ସେବକ ଏବଂ ମହିଳା ନିବେଶକ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଢେଙ୍କାନାଳ ଡାକ ମଣ୍ଡଳ ସହାୟକ ଡାକ ଅଧୀକ୍ଷକ ଅମୂଲ୍ୟ ପ୍ରସାଦ ପଣ୍ଡା ଏବଂ ଜନ ସମ୍ପର୍କ ନିରୀକ୍ଷକ ଜ୍ୟୋତି ରଞ୍ଜନ ସାହୁ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ଡାକସେବା ଏବଂ ଉତ୍ପାଦ କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ କରିଥିବା ମହିଳା କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଫିସ ସୁପରଭାଇଜର ବିଷ୍ଣୁ ପ୍ରସାଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ମନ୍ଦିର ପ୍ରତିଷ୍ଠା ପାଇଁ କଳସଯାତ୍ରା

**ପରଜଙ୍ଗ,୮।୩ (ନିଗମାନନ୍ଦ ଦଳବେହେରା)**

ପରଜଙ୍ଗ ବ୍ଲକ କୁଆଲୋ ପଞ୍ଚାୟତ ପରମହଂସପୁର ଗ୍ରାମରେ ରବିବାର ଶ୍ରୀମୁକ୍ତେଶର ବାବାଙ୍କ ନୂତନ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିପାଇଁ ଶନିବାର ସନ୍ଧ୍ୟାରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଶତାଧିକ ମହିଳା ପୋଖରୀରୁ ୧୦୮ କଳସରେ ପାଣି ଆଣି ବାଜା, ବାଣ, ସଙ୍କୀର୍ତ୍ତନରେ ଗ୍ରାମ ପରିକ୍ରମା କରି ମନ୍ଦିର ପ୍ରାଙ୍ଗଣରେ ସ୍ଥାପନ କରିଥିଲେ। ରବିବାର ନୂତନ ମନ୍ଦିର ପ୍ରତିଷ୍ଠା, ପାର୍ଶ୍ୱ ଦେବଦେବୀ ଓ ଠାକୁରଙ୍କ ପ୍ରାଣ ପ୍ରତିଷ୍ଠା, ସୂର୍ଯ୍ୟପୂଜା, ଯଜ୍ଞାଧିବାସ ମହାସ୍ନାନ ଏବଂ ପ୍ରସାଦ ସେବନର ବ୍ୟବସ୍ଥା ରହିଛି।



ମହିଳାମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି।

## ଖଣି ବିଭାଗର ଚଢ଼ାଉ

**ରାସୋଳ,୮।୩(ସରୋଜ ମିଶ୍ର)**

ଢେଙ୍କାନାଳ ଜିଲା ରାସୋଳ ଥାନା କାରନ୍ଦା ଅଞ୍ଚଳରେ ହିନ୍ଦୋଳ ତହସିଲଦାର ଓ ଢେଙ୍କାନାଳ ଖଣି ବିଭାଗ ପକ୍ଷରୁ ଶନିବାର ଚଢାଉ କରାଯାଇଥିଲା। ଏହି ସମୟରେ ଟିପ୍ପର ଦ୍ୱାରା କଳା ମୁଗୁନି ପଥର ଚାଲାଣ କରିବା ଏବଂ ବ୍ଲାଷ୍ଟିଂ କରିବା ଅଭିଯୋଗରେ ଡ୍ରାଇଭର ମୁନା ଦେହୁରୀ, ନରସିଂହ ବାରିକ୍, ସୁବ୍ରତ ସାହୁ, ଭିକାରୀ ପ୍ରଧାନଙ୍କୁ ଗିରଫ କରାଯାଇଥିଲା। ୨ଟି ଟିପ୍ପର, ଗୋଟିଏ କମ୍ପ୍ରେସର ମେଶିନକୁ ଜବତ କରାଯାଇଥିଲା। ହିନ୍ଦୋଳ ତହସିଲଦାର ଦିଲୀପ କୁମାର ସେଠୀ, ରାସୋଳ ଥାନା ଅଧିକାରୀ ବିଧୁଭୂଷଣ ମିଶ୍ର, ମାଇନ୍ସ ଅଧିକାରୀ ସୋମନାଥ ଚକ୍ରବର୍ତ୍ତୀ ଏବଂ ରାସୋଳ ଥାନାର କର୍ମଚାରୀମାନେ ଏହି ଚଢାଉରେ ସାମିଲ ଥିଲେ।

## ମହିଳାଙ୍କ ଅଧିକାର ସମ୍ପର୍କରେ ଆଲୋଚନା




ଜାଗୃତି ଗୃହରେ ମହିଳା ଦିବସ ପାଳନ କରାଯାଉଛି।

**ଢେଙ୍କାନାଳ,୮।୩(ରତନ ନାୟାର)**

ଢେଙ୍କାନାଳ ସହର ଉପକଣ୍ଠ ବୋରାପଦସ୍ଥିତ ଜାଗୃତି ଗୃହରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଜିଲା ଆଇନସେବା ପ୍ରାଧିକରଣ ସଚିବ ଶୁଭଙ୍କର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳାମାନଙ୍କ ଅଧିକାର ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଏସ୍‌ପି ପ୍ରଭାତ କୁମାର ବିଶ୍ୱାଳ ଯୋଗଦେଇ ପୋକ୍‌ସୋ ଅଇନର ବିଭିନ୍ନ ଦିଗ ଓ ଧାରା ଏବଂ ପୀଡିତାଙ୍କ କ୍ଷତିପୂରଣ ସମ୍ପର୍କରେ ଆଲୋକପାତ କରିଥିଲେ। ଡିଏସ୍‌ପି ସୁଷମା ପ୍ରଧାନ କନ୍ୟାଭ୍ରୂଣ ହତ୍ୟା ଓ ପାରିବାରିକ ହିଂସା ବିଷୟରେ ଆଲୋକପାତ କରିଥିଲେ। ପ୍ରଥମଶ୍ରେଣୀ ମାଜିଷ୍ଟ୍ରେଟ୍ ଶୁଦ୍ଧାଶ୍ରୀ ସୁରଝଳିଆ ଓ ସୁପ୍ରାଶ୍ରୀ ସୋନାଲି ମହାପାତ୍ର ଆଇନର ବିଭିନ୍ନ ଦିଗ ବିଷୟରେ ବାଖ୍ୟା କରିଥିଲେ। ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ରଞ୍ଜନ କୁମାର ସାମଲ ମହିଳା ଓ ଶିଶୁ ମାନଙ୍କ ରୋଗ ଓ ନିରାକାରଣ ବିଷୟରେ ମତପୋଷଣ କରିଥିଲେ। ଅନ୍ୟତମ ଅତିଥି ଭାବେ ଡା. ଆପୋଲୋ ଦାସ ଓ ଐରା ଅନୁଷ୍ଠାନର ଚେୟାରମ୍ୟାନ ଅନ୍ତର୍ଯ୍ୟାମୀ ରଥ ମଞ୍ଚାସୀନ ଥିଲେ। ସମାଜସେବୀ ପ୍ରଦ୍ୟୁମ୍ନ ପଣ୍ଡା, ଜାଗୃତି ଗୃହ ପରିଚାଳକ ଭାନୁମତି ପାଣି ଉପସ୍ଥିତ ଥିଲେ।

# ମହିଳା ଶିକ୍ଷିତ ହେଲେ ସମାଜରେ ପରିବର୍ତ୍ତନ ଆସିବ

### ଉଫୁନା ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ




ଉଫୁନା ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଉଛି।

**ଢେଙ୍କାନାଳ,୮।୩(ରତନ ନାୟାର)**

ଢେଙ୍କାନାଳସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଇଣ୍ଡିଆନ ଫେଡେରେଶନ ଅଫ୍ ୟୁନାଇଟେଡ୍ ନେଶନ୍ସ ଆସୋସିଏଶନ (ଇଫୁନା ) ଓ ଉତ୍କଳ ଫେଡେରେଶନ ଅଫ୍ ୟୁନାଇଟେଡ୍ ନେଶନ୍ସ ଆସୋସିଏଶନ୍ (ଉଫୁନା) ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ଶନିବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସଭାକୁ ଇଫୁନା ମହାସଚିବ ସୁରେଶ ଶ୍ରୀବାସ୍ତବ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ଉଫୁନାର ଜାତୀୟ ଉପ ସଭାପତି ତଥା ରାଜ୍ୟ ସଭାପତି ଆଡ୍‌ଭୋକେଟ୍ ମନୋରଞ୍ଜନ ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା ଯୋଗଦେଇ କହିଲେ, ୨୦୨୫ ମସିହା ମହିଳାମାନଙ୍କ ସର୍ବାଙ୍ଗୀନ ବିକାଶର ବର୍ଷ ହେଉ। ସମ୍ପ୍ରତି ମହିଳାମାନେ ପୁରୁଷମାନଙ୍କ ସହିତ ସମକକ୍ଷ ହେବା ଜରୁରୀ। ପୂର୍ବତନ ଏମ୍‌ପି ମହେଶ ସାହୁ ଅନ୍ୟତମ ବିଶିଷ୍ଟ ଅତିଥି ଭାବେ ଯୋଗଦାନ କରି ନାରୀ ଜାତିର ଉନ୍ନତିରେ ହିଁ ସମାଜର ପ୍ରଗତି ସମ୍ଭବ ବୋଲି ମତ ରଖିଥିଲେ। ଅନ୍ୟତମ ମୁଖ୍ୟବକ୍ତା ଭାବେ ବ୍ରହ୍ମାକୁମାରୀ ଉଷା ଭଉଣୀ ଯୋଗଦାନ କରି ମହିଳାମାନେ ଶିକ୍ଷିତ ହେଲେ ସମାଜରେ ବୈପ୍ଳବିକ ପରିବର୍ତ୍ତନ ଆସିପାରିବ ବୋଲି କହିଥିଲେ। ପୂର୍ବତନ ସିବିଆଇ ଜଜ୍ ଭିକାରୀ ଚରଣ ରାଉତ, ପୂର୍ବତନ ଚିଫ୍ ଇଞ୍ଜିନିୟର ଅକ୍ଷୟ କୁମାର ଶତପଥୀ, ଶିକ୍ଷାବିତ୍ ଡା. ଦେବୀ ପ୍ରସାଦ ମିଶ୍ର, ନାରୀନେତ୍ରୀ ସ୍ମିତାରାଣୀ ସାମଲ, ରୋମେନା ବେଗମ୍, ସମାଜସେବୀ ସରୋଜ ଶତପଥୀ, ପରିବେଶବିତ୍ ଉପେନ୍ଦ୍ର କୁମାର ରାଉତ ପ୍ରମୁଖ ନାରୀ ଜାତିର ସର୍ବାଙ୍ଗୀନ ଉନ୍ନତି ହିଁ ବିଶ୍ୱରେ ନାରୀଙ୍କ ପ୍ରତି ଉପଯୁକ୍ତ ସମ୍ମାନ ଆଣିପାରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଆଡଭୋକେଟ୍ ମନୋରଞ୍ଜନ ପଟ୍ଟନାୟକ କହିଲେ, ୨୦୧୦ ମସିହାରୁ ଜାତିସଂଘ ମହିଳା ଶାଖା ନାରୀ ସମାଜର କଲ୍ୟାଣ ଉଦ୍ଦେଶ୍ୟରେ ଅବିରତ ଏହାର କାର୍ଯ୍ୟକ୍ରମ ଜାରି ରଖିଛି। ସଭାରେ ନୂତନ ଭାବେ ୟୁନେସ୍କୋର ରାଜ୍ୟ ସଂଯୋଜକ ଭାବରେ ମନୋନୀତ ହୋଇ କାର୍ଯ୍ୟଭାର ଗ୍ରହଣ କରିଥିବା କବି ବାହାଦୂର ପାଟ୍ଟସାହାଣୀ ଉଫୁନା ନାରୀମାନଙ୍କ ପାଇଁ ନିରବଚ୍ଛିନ୍ନ ଭାବରେ କାର୍ଯ୍ୟକ୍ରମ ଅବ୍ୟାହତ ରଖିଥିବା କହିଥିଲେ। ଅନ୍ୟତମ ମଞ୍ଚାସୀନ ସମ୍ମାନିତ ଅତିଥିଙ୍କ ମଧ୍ୟରେ ଶିକ୍ଷାବିତ୍ ଡା. ଦେବୀ ପ୍ରସାଦ ମିଶ୍ର, ଡ.ପ୍ରମୋଦ ନାୟକ, ଡ. ସମୀର କୁମାର ସାହୁ, ସମାଜସେବୀ ସରୋଜ ଶତପଥୀ, ଓଡ଼ିଶା ଗୋପବନ୍ଧୁ ବିଚାର ମଞ୍ଚ ପକ୍ଷରୁ ବିନୋଦ ସେଠୀ, ରବିନାରାୟଣ ସେଠୀ, ବସନ୍ତ ବିଶ୍ୱାଳ, ପୀତବାସ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉଫୁନାର ମହାସଚିବ ଡ.ଦୀପାୟନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉପଲକ୍ଷେ ଡ.ଅନୁପମା ମିଶ୍ର, ଆଡ୍‌ଭୋକେଟ୍ ନିର୍ମଳା ମହାପାତ୍ର, କବି କାଦମ୍ବରୀ ମହାକୁଡ଼, ଡ.ମାନସୀ କର, ଡ. କବିତା ମହାନ୍ତି, ମୈତ୍ରେୟୀ ଶୁଭଦା, ଆଡ୍‌ଭୋକେଟ୍ ନିବେଦିତା ରଥ, ସୁକାନ୍ତି ସାହୁ, ଡ.ପ୍ରମୋଦ ପରିଡା, ଲିଙ୍କୁ ପତି, କାହ୍ନୁଚରଣ ବାରିକ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ପରିବେଶବିତ୍ ଉପେନ୍ଦ୍ର ରାଉତ୍, ଲଳିତ ବେହେରା, ପ୍ରେମାନନ୍ଦ ଶତପଥୀ, ସମାଜସେବୀ ଅନ୍ତର୍ଯ୍ୟାମୀ ରଥ, ଚନ୍ଦ୍ରମଣି ନାୟକ, ବସନ୍ତ ବିଶ୍ୱାଳ, ଚିତ ରଞ୍ଜନ ମହାନ୍ତି, ତରୁଣ କୁମାର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

# ତୃତୀୟ ଟାଇଟଲ ଲକ୍ଷ୍ୟରେ ଭାରତ



ନ୍ୟୁଜିଲାଣ୍ଡ ବିପକ୍ଷ ଫାଇନାଲ ମ୍ୟାଚ୍ ପାଇଁ ଅଭ୍ୟାସ ଅବସରରେ ଭାରତୀୟ ଦଳର ଖେଳାଳି।

**ଦୁବାଇ,୮।୩(ପି.ଟି.)**

ଆଇସିସି ଚାମ୍ପିୟନ୍ସ ଟ୍ରଫି ୨୦୦୨ ଓ ୨୦୧୩ ସଂସ୍କରଣର ଚାମ୍ପିୟନ ଭାରତ ଏଥର ତୃତୀୟ ଥର ପାଇଁ ଟାଇଟଲ ହାସଲ କରିବାକୁ ଲକ୍ଷ୍ୟ ରଖିଛି। ରବିବାର ଦୁବାଇରେ ଖେଳାଯିବାକୁ ଥିବା ଫାଇନାଲରେ ଭାରତ, ନ୍ୟୁଜିଲାଣ୍ଡକୁ ଭେଟିବାକୁ ଯାଉଛି। ଭାରତ ୨୦୦୨ ସଂସ୍କରଣରେ ଶ୍ରୀଲଙ୍କା ସହିତ ମିଳିତ ଚାମ୍ପିୟନ ହୋଇଥିଲା। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ ଦ୍ୱିତୀୟ ଥର ପାଇଁ ଏହି ଆଇସିସି ଟୁର୍ନାମେଣ୍ଟ ଜିତିବାକୁ ଲକ୍ଷ୍ୟରେ ରହିଛି। ନ୍ୟୁଜିଲାଣ୍ଡ ୨୦୦୦ ସଂସ୍କରଣରେ ଚାମ୍ପିୟନ ହୋଇଥିଲା। ସଂଯୋଗର ବିଷୟ ଯେ, ନ୍ୟୁଜିଲାଣ୍ଡ ସେଥର ଫାଇନାଲରେ ଭାରତକୁ ହରାଇଥିଲା। ଏପର୍ଯ୍ୟନ୍ତ ଆଇସିସି ଟୁର୍ନାମେଣ୍ଟରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ୧୬ଟି ମ୍ୟାଚ ଖେଳାଯାଇଛି। ଏଥିରୁ ନ୍ୟୁଜିଲାଣ୍ଡ ୧୦ ମ୍ୟାଚ ଜିତିଥିବା ବେଳେ ଭାରତକୁ ୬ ମ୍ୟାଚରେ ଜିତାପଟ ମିଳିଛି। ଆଇସିସି ଟୁର୍ନାମେଣ୍ଟର ନକଆଉଟ ପର୍ଯ୍ୟାୟରେ ମଧ୍ୟ ନ୍ୟୁଜିଲାଣ୍ଡର ପଲା ଭାରି ରହିଛି। ଦୁଇ ଦଳ ନକ୍ଆଉଟ ପର୍ଯ୍ୟାୟରେ ୪ ଥର ମୁହାଁମୁହିଁ ହୋଇଛନ୍ତି, ଯେଉଁଥିରୁ ନ୍ୟୁଜିଲାଣ୍ଡ ୩ ଥର ବାଜି ମାରିଥିବା ବେଳେ ଭାରତ କେବଳ ଥରେ ବିଜୟ ସ୍ୱାଦ ଚାଖିଛି। ଅନ୍ତିମ ଥର ୨୦୨୩ ବିଶ୍ୱକପ ସେମିଫାଇନାଲରେ ଦୁଇ ଦଳ ପରସ୍ପରକୁ ଭେଟିଥିଲେ। ଏହି ହାଇ ସ୍କୋରିଂ ମ୍ୟାଚରେ ଭାରତ ବିଜୟୀ ହୋଇଥିଲା। ଏଥିପୂର୍ବରୁ ୨୦୨୧ ଆଇସିସି ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ ଫାଇନାଲ, ୨୦୧୯ ଦିନିକିଆ ବିଶ୍ୱକପ ସେମିଫାଇନାଲ ଓ ୨୦୦୦ ଆଇସିସି ନକଆଉଟ ଟୁର୍ନାମେଣ୍ଟର ଫାଇନାଲରେ ନ୍ୟୁଜିଲାଣ୍ଡଠାରୁ ଭାରତ ପରାଜିତ ହୋଇଥିଲା।

ଗତ ବର୍ଷ ଟି୨୦ ବିଶ୍ୱକପ ଜିତିଥିବା ଭାରତ ଚଳିତବର୍ଷ ଆଉ ଏକ ଆଇସିସି ଟ୍ରଫି ଜିତିବାକୁ ଲକ୍ଷ୍ୟ ରଖିଛି। ଭାରତୀୟ ଦଳର ଦୁଇ କିମ୍ବଦନ୍ତୀ ରୋହିତ ଶର୍ମା ଓ ବିରାଟ କୋହଲି ଗତ ବର୍ଷ ବାର୍ବାଡୋସରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ। ସେମାନେ ଏବେ କ୍ୟାରିୟରର ଶେଷ ପର୍ଯ୍ୟାୟରେ ଥିବାରୁ ଲମ୍ବା ପାଳି ଖେଳିବା ଲକ୍ଷ୍ୟରେ ରହିବେ। ଯାହାଫଳରେ ମଧ୍ୟକ୍ରମ ଉପରୁ ଚାପ ହ୍ରାସ ପାଇବ। ଉଭୟ ସିନିୟର ବ୍ୟାଟରଙ୍କ ଲାଗି ଭଲ କଥା ହେଲା ଯେ, ସେମାନଙ୍କୁ ଗତ ମ୍ୟାଚରେ ସମସ୍ୟାରେ ପକାଇଥିବା ନ୍ୟୁଜିଲାଣ୍ଡ ପେସର ମ୍ୟାଟ ହେନରି ଆହତ ହୋଇଯାଇଛନ୍ତି। କିନ୍ତୁ ରୋହିତଙ୍କୁ ଦଳୀୟ ସ୍କୋରରେ ଅଧିକ ଅବଦାନ କରିବାକୁ ବାଟ ଖୋଜିବାକୁ ପଡ଼ିବ। ଅନ୍ୟପକ୍ଷରେ କୋହଲି ଚଳିତ ଟୁର୍ନାମେଣ୍ଟରେ ଜବରଦସ୍ତ ଫର୍ମରେ ରହିଛନ୍ତି। ସେ ଏପର୍ଯ୍ୟନ୍ତ ୪ ଇନିଂସରେ ଗୋଟିଏ ଶତକ ଓ ଦୁଇଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ଏହି ଦୁଇ ବ୍ୟାଟରଙ୍କ ସହିତ ଉପଅଧିନାୟକ ଶୁବମନ ଗିଲ, ଶ୍ରେୟସ ଆୟର, ଲୋକେଶ ରାହୁଲ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କଠାରୁ ଉପଯୁକ୍ତ ଯୋଗଦାନ ଦରକାର। ଗିଲ ଓ ଶ୍ରେୟସ ଲିଗ ମ୍ୟାଚରେ ତାଙ୍କ ଦକ୍ଷତା ପ୍ରଦର୍ଶିତ କରିଥିବା ବେଳେ ରାହୁଲ ଓ ପାଣ୍ଡ୍ୟା ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲ ମ୍ୟାଚରେ ପ୍ରଭାବୀ ଇନିଂସ ଖେଳିଥିଲେ। ଟାଇଟଲ ଜିତିବା ପାଇଁ ଭାରତୀୟ ଦଳକୁ ବର୍ତ୍ତମାନ ସମସ୍ତ ଖେଳାଳିଙ୍କଠାରୁ ମିଳିତ ଯୋଗଦାନ ଦରକାର।

**ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ), ଶୁବମନ ଗିଲ, ବିରାଟ କୋହଲି, ଶ୍ରେୟସ ଆୟର, ଲୋକେଶ ରାହୁଲ, ହାର୍ଦ୍ଦିକ ପାଣ୍ଡ୍ୟା, ଅକ୍ଷର ପଟେଲ, ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ, ମହମ୍ମଦ ଶାମି।

**ନ୍ୟୁଜିଲାଣ୍ଡ ଦଳ:** ମିଚେଲ ସାଣ୍ଟନର (ଅଧିନାୟକ), ମାଇକେଲ ବ୍ରେସୱେଲ, ଡେଭନ କନୱେ, ଟମ ଲାଥମ, ଡାରିଲ ମିଚେଲ, ୱିଲ ଓରାର୍କେ, ଗ୍ଲେନ ଫିଲିପ୍ସ, ରାଚିନ ରବୀନ୍ଦ୍ର, କେନ ୱିଲିୟମସନ, ୱିଲ ୟଙ୍ଗ, ଲୋକି ଫର୍ଗୁସନ/ଜ୍ୟାକବ ଡଫି।



ବରୁଣ ଚକ୍ରବର୍ତ୍ତୀ।




ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ଭାରତୀୟ ଦଳର ଶୁଭକାମନା କରି ପୁରୀ ବେଳାଭୂମିରେ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକାକଳା।

# ଭାରତ ଫେଭରାଇଟ: ଶାସ୍ତ୍ରୀ

**ଦୁବାଇ,୮।୩(ପି.ଟି.)**

ଭାରତୀୟ ଦଳର ପୂର୍ବତନ ମୁଖ୍ୟ କୋଚ ରବି ଶାସ୍ତ୍ରୀ ନ୍ୟୁଜିଲାଣ୍ଡ ବିପକ୍ଷରେ ରବିବାର ହେବାକୁ ଥିବା ଚାମ୍ପିୟନ୍ସ ଟ୍ରଫି ଫାଇନାଲ ମୁକାବିଲାରେ ଭାରତକୁ ଫେଭରାଇଟ ଭାବେ ବାଛିଛନ୍ତି। ତାଙ୍କ ମତରେ ନ୍ୟୁଜିଲାଣ୍ଡ ଏକ ଶକ୍ତିଶାଳୀ ଦଳ ହୋଇଥିବାରୁ ଭାରତକୁ ସମାନ ଗ୍ରାଉଣ୍ଡରେ ଖେଳିବାର ଖୁବ କମ ଫାଇଦା ମିଳିବ। ସମସ୍ତ ମ୍ୟାଚ ଦୁବାଇରେ ଖେଳିଥିବା ଭାରତ ଅପରାଜେୟ ରେକର୍ଡ ଓ ସେମିଫାଇନାଲରେ ଅଷ୍ଟ୍ରେଲିଆକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି।

ଯଦି କୌଣସି ଦଳ ଭାରତକୁ ହରାଇ ପାରିବ, ତେବେ ତାହା ହେଉଛି ନ୍ୟୁଜିଲାଣ୍ଡ। ଏଣୁ ମୋ ମତରେ ଭାରତ ଫେଭରାଇଟ ଭାବେ ଅଭିଯାନ ଆରମ୍ଭ କରିବ ବୋଲି



ଶାସ୍ତ୍ରୀ 'ଦି ଆଇସିସି ରିଭ୍ୟୁ'ରେ କହିଛନ୍ତି। ଏତଦ ବ୍ୟତୀତ ସେ ପ୍ରକାଶ କରିଛନ୍ତି ଯେ, ବର୍ତ୍ତମାନ ବିରାଟ କୋହଲି ଭଲ ଫର୍ମରେ ଅଛନ୍ତି। ଯଦି ଫର୍ମରେ ଥିବା ଏଭଳି ଖେଳାଳିଙ୍କୁ ପ୍ରଥମ ୧୦ ରନ କରିବାକୁ ଦିଆଯାଏ, ତେବେ ପ୍ରତିପକ୍ଷ ଦଳର ସମସ୍ୟା ବୃଦ୍ଧି ପାଇବ। ନ୍ୟୁଜିଲାଣ୍ଡ ଦଳର କେନ ୱିଲିୟମସନ ଭାରତକୁ ସମସ୍ୟା ପକାଇ ପାରନ୍ତି। ତାଙ୍କ ସହିତ ରାଚିନ ରବିନ୍ଦ୍ର ଅଛନ୍ତି, ଯିଏକି ଜଣେ ଚମତ୍କାର ଖେଳାଳି। ଏଭଳି ଖେଳାଳିଙ୍କୁ ପ୍ରଥମ ୧୦ରୁ ୧୫ ରନ କରିବାକୁ ଦେଲେ ସେମାନେ ଅତ୍ୟଧିକ ବିପଜ୍ଜନକ ହୋଇଯାଆନ୍ତି। ୨୫ ବର୍ଷୀୟ ରବୀନ୍ଦ୍ର ଏତେ ଛୋଟ ବୟସରେ ଆଇସିସି ଦିନିକିଆ ଟୁର୍ନାମେଣ୍ଟରେ ୫ ଶତକ ହାସଲ କରିସାରିଛନ୍ତି। ସେ ଯେଉଁ ଭଳି କ୍ରିଜରେ ଖେଳନ୍ତି, ତାହା ମୋତେ ଖୁବ ପସନ୍ଦ। ତାଙ୍କ ପାଖରେ ଫ୍ରଣ୍ଟ ଫୁଟ, ବ୍ୟାକ ଫୁଟ, କଟ ଓ ସ୍ୱିପ ଭଳି ଭଲ ଶଟ ରହିଛି। ନହେଲେ ବଡ଼ ଟୁର୍ନାମେଣ୍ଟରେ ଶତକ କରିବା ଏତେ ସହଜ ନୁହେଁ। ମୋ ମତରେ ସେ ଖୁବ ପ୍ରତିଭାବାନ ଖେଳାଳି।

# ଅଭ୍ୟାସ ବେଳେ କୋହଲି ଆହତ

**ଦୁବାଇ,୮।୩**

ନ୍ୟୁଜିଲାଣ୍ଡ ବିପକ୍ଷ ଆଇସିସି ଚାମ୍ପିୟନ୍ସ ଟ୍ରଫି ଫାଇନାଲ ମ୍ୟାଚ ଲାଗି ଅଭ୍ୟାସ କଲା ବେଳେ ଭାରତର ଷ୍ଟାର ବ୍ୟାଟର ବିରାଟ କୋହଲିଙ୍କ ଆଣ୍ଠୁରେ ବଲ ବାଜିଥିବା ସୂଚନା ମିଳିଛି। ଜିଓ ଟିଭିରେ ପ୍ରକାଶ ପାଇଥିବା ରିପୋର୍ଟ ମୁତାବକ, ଫାଷ୍ଟ ବୋଲରଙ୍କ ବଲ କୋହଲିଙ୍କ ଆଣ୍ଠୁରେ ବାଜିଛି। ଆଣ୍ଠୁରେ ଆଘାତ ଲାଗିବା ପରେ କୋହଲି ତୁରନ୍ତ ଟ୍ରେନିଂ ବନ୍ଦ କରିଦେଇଥିଲେ। ଫିଜିଓ ସ୍ପ୍ରେ ବ୍ୟବହାର କରିବା ସହ ଆଘାତ ହୋଇଥିବା ଅଞ୍ଚଳରେ ବ୍ୟାଣ୍ଡେଜ ଗୁଡ଼ାଇ ଦେଇଥିଲେ। ଏହାପରେ କୋହଲି ବ୍ୟାଟିଂ କରିନଥିଲେ। ତେବେ କୋହଲିଙ୍କ ଆହତ ସମସ୍ୟା ଗୁରୁତର ନଥିବା ଭାରତୀୟ କୋଚିଂ ଷ୍ଟାଫ ସ୍ପଷ୍ଟ କରିଛନ୍ତି।







Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ